# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୮/୨୦୨୨ (୧୬ ପୃଷ୍ଠା) | Bhubaneswar, Friday, November 18/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୩୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 352 | ମୂଲ୍ୟ ₹୭/-




## ଜୋକୋଭିଚ୍‌ଙ୍କୁ ଅଷ୍ଟ୍ରେଲିଆ ଭିଜା

ଅଷ୍ଟ୍ରେଲିଆନ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଖେଳିବା ଲାଗି ନୋଭାକ୍ ଜୋକୋଭିଚ୍‌ଙ୍କୁ ଭିଜା ମଞ୍ଜୁର ହୋଇଛି।

୧୬

୦୨

## ସନ୍ଧ୍ୟା ଦେବନାଥନ୍ ମେଟା ଇଣ୍ଡିଆ ମୁଖ୍ୟ

ମେଟା ଇଣ୍ଡିଆ ବିଜ୍‌ନେସ୍ ମୁଖ୍ୟ ଭାବେ ୪୬ ବର୍ଷୀୟା ସନ୍ଧ୍ୟା ଦେବନାଥନ୍‌ଙ୍କୁ ମାର୍କ ଜୁକରବର୍ଗଙ୍କ କମ୍ପାନୀ ପକ୍ଷରୁ ନିଯୁକ୍ତ କରାଯାଇଛି।











## ଆଜି କ୍ୟାବିନେଟ

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଶୁକ୍ରବାର ଲୋକସେବା ଭବନଠାରେ ଅପରାହ୍ନ ୫ଟା ୪୫ ମିନିଟରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏଥିରେ ୨୦୨୨-୨୩ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ ଅନୁମୋଦନ ହେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ, ନଗର ଉନ୍ନୟନ, କୃଷି, ଯୋଗାଣ, ସମବାୟ ବିଭାଗର ୧୦ରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଅନୁମୋଦନ ହେବା ସମ୍ଭାବନା ରହିଛି।

## ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆଙ୍କ ପରଲୋକ



ଅବସର ବେଉରିଆ

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ):** ଭାରତର ପୂର୍ବତନ ରାଷ୍ଟ୍ରଦୂତ, ବିଶିଷ୍ଟ କୂଟନୀତିଜ୍ଞ, ଲେଖକ ତଥା ସ୍ତମ୍ଭକାର ଅବସର ବେଉରିଆଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ବିଦେଶରେ ରହୁଥିବା ତାଙ୍କ ଦୁଇ ଝିଅ ଭୁବନେଶ୍ୱରରେ ପହଞ୍ଚିବା ପରେ ଆସନ୍ତା ୧୯ ତାରିଖରେ ଅବସର ବେଉରିଆଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱର୍ଗତ ବେଉରିଆ ଜାପାନ, ଯୁକ୍ତରାଷ୍ଟ୍ର ଆମେରିକା, ମ୍ୟାନ୍‌ମାର, ଶ୍ରୀଲଙ୍କା ଏବଂ ରୁଷିଆରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଥିଲେ। ସେ ଆଫ୍ରିକୀୟ ରାଷ୍ଟ୍ର ମାଡାଗାସ୍କାରରେ ୧୯୯୯ ସେପ୍ଟେମ୍ବରରୁ ୨୦୦୧ ନଭେମ୍ବର ପର୍ଯ୍ୟନ୍ତ ଭାରତର ରାଷ୍ଟ୍ରଦୂତ ଥିଲେ। ଅଧିକାଂଶ ସମୟରେ ବିଭିନ୍ନ ଦେଶ ସହ ଦ୍ୱିପାକ୍ଷିକ ଆଲୋଚନାବେଳେ ଅବସର ବେଉରିଆ ଭାରତୀୟ ପ୍ରତିନିଧି ଦଳ ସହ ସାମିଲ ହୋଇଥିଲେ। ରେଭେନ୍‌ଶା କଲେଜରୁ ସ୍ନାତକ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଭାରତୀୟ ବିଦେଶ ସେବାରେ ଯୋଗଦେବା ପୂର୍ବରୁ ସେ ବ୍ୟାଙ୍କ ଅଧିକାରୀ ଓ ଅଧ୍ୟାପକ ଭାବେ କାମ କରିଥିଲେ। ଅବସର ନେବା ପରେ ସେ ଓଡ଼ିଆ ଓ ଇଂଲିଶ ଖବରକାଗଜ ପାଇଁ ସ୍ତମ୍ଭକାର ଭାବେ କାମ କରୁଥିଲେ। ଏଥିସହିତ ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡିତ ଥିଲେ। ସଂସ୍କୃତି ସୁରକ୍ଷା ଦିଗରେ ମଧ ସେ ଅନେକ କାମ କରିଛନ୍ତି। ଭୁବନେଶ୍ୱର ଆଚାର୍ଯ୍ୟ ବିହାରରେ ଥିବା ରିଜିଓନାଲ ମ୍ୟୁଜିୟମ ଅଫ୍ ନାଚୁରାଲ ହିଷ୍ଟ୍ରି ପ୍ରତି ମଧ ତାଙ୍କର ବହୁତ ଅବଦାନ ରହିଛି। ଏଥିସହ ସେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓଡ଼ିଆ ଷ୍ଟଡିଜ୍ ଆଣ୍ଡ୍ ରିସର୍ଚ୍ଚର ଅଧକ୍ଷ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।



କଟକ ବାଲିଯାତ୍ରାର ଶେଷ ଦିନରେ ଗୁରୁବାର ଦର୍ଶକଙ୍କ ପ୍ରବଳ ଗହଳି।

# ଫସଲବୀମା ପ୍ରୟୋଗ ପ୍ରସଙ୍ଗ

## ପଦ୍ମପୁର ଉପନିର୍ବାଚନ

- ଚାଷୀଙ୍କ ସମର୍ଥନ ପାଇବାକୁ ଚାଲିଛି ବଳକଷା
- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ରାଜ୍ୟକୁ ଦୋଷ ଦେଲେ ତୋମାର
- ବିଜେଡି କହିଲା ଅର୍ଦ୍ଧସତ୍ୟ

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)**

ପଦ୍ମପୁର ଉପନିର୍ବାଚନକୁ ନେଇ ରାଜନୀତି ସରଗରମ ଥିବାବେଳେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଦୋଷ ଲଦାଲଦି ଜାରି ରହିଛି। ଚାଷୀଙ୍କୁ ବୀମା ରାଶି ନ ମିଳିବାକୁ ନେଇ ବିଜେଡି ଓ ଭାଜପା ନେତାମାନେ ମଧ ପରସ୍ପରକୁ ଦାୟୀକରି ନିଜକୁ ଠିକ୍ ବୋଲି ପ୍ରମାଣିତ କରିବାର ଚେଷ୍ଟା ଜାରି ରଖିଛନ୍ତି। କାରଣ ପଦ୍ମପୁର ଉପନିର୍ବାଚନରେ ଚାଷୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ। ତେଣୁ ଏଭଳି ସ୍ଥିତିରେ ଚାଷୀଙ୍କ ଆଗରେ ନିଜକୁ ଯଥାର୍ଥ ବୋଲି ପ୍ରମାଣିତ କରିବା ଉଭୟ ଦଳ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। ଅନ୍ୟପଟେ ବୁଧବାର ଫସଲବୀମା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା ପରେ ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗୁରୁବାର କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଚିଠି ଲେଖିଛନ୍ତି। ଚାଷୀଙ୍କୁ ଫସଲ ବୀମା ମିଳିବାରେ ବିଳମ୍ବ ଯୋଗୁ ସେ ରାଜ୍ୟ ସରକାରଙ୍କୁ ଏକ ପ୍ରକାର ଦାୟୀ କରିଛନ୍ତି। ସେହିପରି ବିଜେଡି ମଧ କେନ୍ଦ୍ରମନ୍ତ୍ରୀଙ୍କ ଚିଠିର ପାଲଟା ଜବାବ ରଖିବା ସହ କେନ୍ଦ୍ର ଏଥିପାଇଁ ଦାୟୀ ବୋଲି ଦର୍ଶାଇଛି। ଅନ୍ୟପଟେ ରାଜ୍ୟ ସରକାର ଚାଷୀ ବିରୋଧୀ କହି ଶୁକ୍ରବାରଠାରୁ ବିଧାନସଭା ସାମ୍ନାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବ ବୋଲି ଭାଜପା ଚେତାବନୀ ଦେଇଛି।



ନରେନ୍ଦ୍ର ସିଂ ତୋମାର



ନବୀନ ପଟ୍ଟନାୟକ

ତୋମାର ତାଙ୍କ ଚିଠିରେ ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରିବା ହେଉଛି ରାଜ୍ୟର ଦାୟିତ୍ୱ। ଏଥିପାଇଁ ଟେଣ୍ଡର ଜାରି କରିବା, ବୀମା କମ୍ପାନୀକୁ କ୍ଲଷ୍ଟର ଅଫ୍ ଡିଷ୍ଟ୍ରିକ୍ଟ ପ୍ରଦାନ କରିବା ଏବଂ ପ୍ରିମିୟମ ଦରର ଚୁକ୍ତି କରିବା ରାଜ୍ୟ ସରକାରଙ୍କ କାମ। ତେବେ ଏଥିଲାଗି ଥିବା ଠିକ୍ ନିୟମ ଓ ପ୍ରକ୍ରିୟାକୁ ରାଜ୍ୟ ସରକାର ଅନୁସରଣ କରିନାହାନ୍ତି। ରାଜ୍ୟ ସରକାର ନିୟମ ଭାଙ୍ଗିବା କାରଣରୁ ରାଜ୍ୟରେ କୃଷି ବୀମା ମିଳିବାରେ ବିଳମ୍ବ ହୋଇଛି ବୋଲି ସେ ଚିଠିରେ ଦର୍ଶାଇଛନ୍ତି। ଓଡ଼ିଶାର ଅନେକ ମରୁଡିଗ୍ରସ୍ତ ଅଞ୍ଚଳର ଚାଷୀଙ୍କୁ ଫସଲବୀମା ରାଶି ପ୍ରଦାନ ଲାଗି କେନ୍ଦ୍ର କୃଷି ମନ୍ତ୍ରଣାଳୟର ବୈଷୟିକ ପରାମର୍ଶଦାତା କମିଟି ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରିଥିଲା। ଏହାସତ୍ତ୍ୱେ ଚାଷୀଙ୍କୁ ବୀମା ରାଶି ମିଳି ନ ଥିଲା। ଏନେଇ ଦେଖାଦେଇଥିବା ବିବାଦର ତ୍ୱରିତ ସମାଧାନ ପାଇଁ ନିୟମାବଳୀ ନିର୍ଦ୍ଧାରଣ କରାଯାଇଛି। ଏହି ଆଧାରରେ ରାଜ୍ୟସ୍ତରରେ ବିବାଦଗୁଡ଼ିକର ସମାଧାନ ଲାଗି ରାଜ୍ୟସ୍ତରୀୟ ବୈଷୟିକ ପରାମର୍ଶଦାତା କମିଟି ରହିଛି। ସମସ୍ୟା ସମାଧାନ ହୋଇ ନ ପାରିଲେ କେନ୍ଦ୍ର ସରକାରଙ୍କ ବୈଷୟିକ ପରାମର୍ଶଦାତା କମିଟି ନିକଟରେ ଉପସ୍ଥାପନ କରିବାର ନିୟମ ରହିଛି ବୋଲି ସେ ଦର୍ଶାଇଛନ୍ତି।

ତୋମାର ଆହୁରି ଉଲ୍ଲେଖ କରିଛନ୍ତି, ୨୦୨୧ ଖରିଫ ଋତୁରେ ଫସଲ ଅମଳକୁ ନେଇ ଦେଖାଦେଇଥିବା କିଛି ବିବାଦକୁ ଏମ୍‌ଏନ୍‌ସିଏଫ୍‌ସିକୁ ଟେକ୍ନିକାଲ ଆନାଲିସିସ୍ ପାଇଁ କେନ୍ଦ୍ର ସରକାରଙ୍କ ବୈଷୟିକ ପରାମର୍ଶଦାତା କମିଟି ପଠାଇଥିଲା। ଗତ ୩ ତାରିଖରେ ବୈଷୟିକ ପରାମର୍ଶଦାତା କମିଟି ବୈଠକରେ ଏମ୍‌ଏନ୍‌ସିଏଫ୍‌ସି ରିପୋର୍ଟକୁ ଉପସ୍ଥାପନ କରାଯାଇଥିଲା। ୭ ତାରିଖରେ ଏହାକୁ ଅନୁମୋଦନ କରାଯାଇଥିଲା। ଏହି କ୍ରମରେ ବୀମା କମ୍ପାନୀଗୁଡିକ ପକ୍ଷରୁ ବୀମାରାଶି ପ୍ରଦାନ କରାଯାଉଥିବା ବେଳେ ଚଳିତ ସପ୍ତାହ ମଧ୍ୟରେ ସମସ୍ତ ବିବାଦ ସମାଧାନ କରାଯିବ ବୋଲି ଚିଠିରେ ଦର୍ଶାଯାଇଛି। ବିବାଦୀୟ ଜିଲାଗୁଡ଼ିକର ଅଧିକାଂଶ ବୀମା ଦାବି ସମାଧାନ ହୋଇସାରିଛି। ତେବେ ବାକି ୯ ଜିଲା ମଧ୍ୟରୁ ଦାବି କରାଯାଇଥିବା ୭୨୩ କୋଟି ଟଙ୍କା ମଧ୍ୟରୁ ୬୨୨ କୋଟି ଟଙ୍କା ପ୍ରଦାନ କରାଯାଇଥିବା ସେ କହିଛନ୍ତି।

ବିଜେଡି ଏମ୍‌ପି ସସ୍ମିତ୍ ପାତ୍ର କେନ୍ଦ୍ରମନ୍ତ୍ରୀଙ୍କ ଚିଠିର ଉତ୍ତରରେ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ତୋମାର ନେଇଥିବା ଭୁଲ୍ ପଦକ୍ଷେପ ସଂକ୍ରାନ୍ତରେ ବୁଧବାର ସନ୍ଧ୍ୟାରେ ବିଜେଡି ଯେଉଁ ଅଭିଯୋଗ ଆଣିଥିଲା ତାହା ବର୍ତ୍ତମାନ ଧରାପଡ଼ିଛି। ତୋମାରଙ୍କ ଚିଠିରୁ ଏହା ସ୍ପଷ୍ଟ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀଙ୍କ ଚିଠି ପ୍ରକୃତରେ ପଦ୍ମପୁର ☞ ପୃଷ୍ଠା-୪

## ଆଜିର ସମ୍ପାଦକୀୟ

### ଅର୍ଥ କିଏ ଦେବେ

### ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

ବିଧାୟକ କଲୋନି ପାଇଁ ଗଛ କଟା ମାମଲା

ପୃଷ୍ଠା-୩






# ବିତାଡ଼ିତ ହେଲେ ୧୨ ବିଦ୍ୟାର୍ଥୀ

## ଛାତ୍ରୀଙ୍କୁ ଅସଦାଚରଣ ଘଟଣା

- ପୀଡ଼ିତାଙ୍କୁ ସୁରକ୍ଷା ଦେବ ପୋଲିସ
- ଗଠନ ହେଲା ଆଣ୍ଟି ରାଗିଂ କମିଟି

**ବ୍ରହ୍ମପୁର ଅଫିସ, ୧୭।୧୧**

ଗଞ୍ଜାମ ଜିଲା ବ୍ରହ୍ମପୁର ସହରର ଏକ ଖ୍ୟାତିସମ୍ପନ୍ନ ପୁରାତନ ସରକାରୀ ମହାବିଦ୍ୟାଳୟ କ୍ୟାମ୍ପସରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରାଯିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ସମ୍ବେଦନଶୀଳ ଘଟଣାରେ ସମ୍ପୃକ୍ତ ଥିବା ୧୨ ବିଦ୍ୟାର୍ଥୀଙ୍କୁ କଲେଜରୁ ବିଦା କରାଯାଇଛି ବୋଲି ଏସ୍‌ପି ଡା. ଶ୍ରବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ଅନ୍ୟପଟେ ବୁଧବାର ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ବଡ଼ବଜାର ଥାନା ପୋଲିସ ୫ଜଣ ଛାତ୍ରଙ୍କୁ ଧରିଥିଲା। ସେମାନଙ୍କ ମଧ୍ୟରେ ୩ ସାବାଳକ ଓ ୨ ନାବାଳକ ରହିଥିଲେ। ହରିଡାଖଣ୍ଡି ଶାନ୍ତିନଗରର ଅଭିଷେକ ନାହାକ (୨୨), ଲକ୍ଷ୍ମୀନୃସିଂହ ସାହି ୧୧ନଂ. ଲେନ୍‌ର ଶ୍ରୀଧର ନାହାକ (୧୯) ଏବଂ ଲକ୍ଷ୍ମୀବିହାର ପ୍ରଥମ ଲେନ୍‌ର ଆଦିତ୍ୟ କୁମାର ସାହୁ (୨୦)ଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୩୦୮/୨୨ରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ଗୁରୁବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ୨ ନାବାଳକ ଛାତ୍ରଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ହାଜର କରାଯାଇ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ରେଶମ ସହରରେ ଘଟିଥିବା ଏହି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଏହାକୁ ଅତି ଗୁରୁତ୍ୱର ସହ ନିଆଯାଇଛି। ଗୁରୁବାର ଏସ୍‌ପି, ବଡ଼ବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି, ଅଧକ୍ଷା ପ୍ରମିଳା ଖାଡଙ୍ଗାଙ୍କୁ ନେଇ କଲେଜରେ ଏକ ଉଚ୍ଚସ୍ତରୀୟ ବୈଠକ ☞ ପୃଷ୍ଠା-୪

# ରାଜୀବ ହତ୍ୟାକାରୀଙ୍କ ମୁକ୍ତିକୁ କେନ୍ଦ୍ରର ଚ୍ୟାଲେଞ୍ଜ

## ନିଷ୍ପତ୍ତିର ପୁନର୍ବିଚାର ପାଇଁ ସୁପ୍ରିମକୋର୍ଟଙ୍କୁ ନିବେଦନ

**ନୂଆଦିଲ୍ଲୀ,୧୭।୧୧**

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ୬ ଅପରାଧୀଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜେଲରୁ ମୁକ୍ତ କରାଯାଇଛି। ଉକ୍ତ ନିଷ୍ପତ୍ତିର ପୁନର୍ବିଚାର ଲାଗି ଗୁରୁବାର କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି। ଏଥିପାଇଁ ସୁପ୍ରିମକୋର୍ଟରେ କେନ୍ଦ୍ର ପକ୍ଷରୁ ରିଭ୍ୟୁ ପିଟିଶନ ଦାଏର ହୋଇଛି। ପର୍ଯ୍ୟାପ୍ତ ଶୁଣାଣି ପାଇଁ ସୁଯୋଗ ଦିଆ ନ ଯାଇ ୬ ଅପରାଧୀଙ୍କୁ ମୁକ୍ତ କରିଦିଆଗଲା। ଏହା ସ୍ୱାଭାବିକ ନ୍ୟାୟ ସିଦ୍ଧାନ୍ତର ବିରୁଦ୍ଧାଚରଣ ଏବଂ ଏଭଳି ନିଷ୍ପତ୍ତିର ପରିଣାମ ନ୍ୟାୟର ବିଫଳତା ବୋଲି କେନ୍ଦ୍ର ସରକାର ପିଟିଶନରେ ଦର୍ଶାଇଛନ୍ତି। ଏଭଳି ଏକ ସମ୍ବେଦନଶୀଳ ନିଷ୍ପତ୍ତି, ଯାହା ଆଇନଶୃଙ୍ଖଳା, ଶାନ୍ତି ଏବଂ ଆପରାଧିକ ନ୍ୟାୟ ବ୍ୟବସ୍ଥା ଉପରେ ଗୁରୁତର ପ୍ରଭାବ ପକାଇବ, ତାହା ପୂର୍ବରୁ କେନ୍ଦ୍ର ସରକାରଙ୍କ ସହାୟତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କେନ୍ଦ୍ର କହିଛି। ମୁକ୍ତ କରାଯାଇଥିବା ୬ ଜଣଙ୍କ ମଧ୍ୟରୁ ୪ ଜଣ ଶ୍ରୀଲଙ୍କା ନାଗରିକ। ସେମାନଙ୍କୁ ଆତଙ୍କବାଦୀ ଭାବେ ଦୋଷୀସାବ୍ୟସ୍ତ କରାଯାଇଥିଲା। ଏହା ଅନ୍ତର୍ଜାତୀୟ ବିଷୟ ହୋଇଥିବାରୁ କ୍ଷମା ପ୍ରଦାନ ଭାରତ ସରକାରଙ୍କ ସାର୍ବଭୌମତ୍ୱ କ୍ଷମତା ପରିସରଭୁକ୍ତ ବୋଲି ପିଟିଶନରେ କୁହାଯାଇଛି।

# ସମ୍ପର୍କର ସେତୁ ହେଉ କଳା

## ମାଲାଲାଙ୍କ 'ଜୟଲ୍ୟାଣ୍ଡ' ଉପରୁ କଟକଣା ହଟାଇଲା ପାକିସ୍ତାନ

**ଇସ୍‌ଲାମାବାଦ,୧୭।୧୧**

'ଜୟଲ୍ୟାଣ୍ଡ' ହେଉଛି ପାକିସ୍ତାନୀ-ପଞ୍ଜାବୀ ଭାଷାରେ ମୁକ୍ତିଲାଭ କରିଥିବା ଏକ ସିନେମା। ସଇମ ସାଦିକ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଡ୍ରାମା ଫିଲ୍ମରେ ଅଲି ଜୁନେଓ, ରାସ୍ତି ଫାରୁକ୍, ଏଲିନା ଖାନ୍ ଓ ସରୱତ୍ ଗିଲାନିଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିଛି। ୨୦୨୨ ମାର୍ଚ୍ଚ ୨୩ରେ ୭୫ତମ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଏହାର ୱାର୍ଲ୍ଡ ପ୍ରିମିୟର ପ୍ରଦର୍ଶିତ ହୋଇଥିଲା। କିନ୍ତୁ ପାକିସ୍ତାନରେ ଏହାକୁ ବ୍ୟାନ୍ କରାଯାଇଥିଲା। ଫିଲ୍ମର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ମାଲାଲା ୟୁସୁଫ୍‌ଜାଇ ଏହି ପଦକ୍ଷେପକୁ କଡ଼ା ସମାଲୋଚନା କରିବା ପରେ ପାକିସ୍ତାନ ସରକାର ଦେଶରେ ଫିଲ୍ମ ପ୍ରଦର୍ଶନ ଉପରୁ କଟକଣା ଉଠାଇଦେଇଛନ୍ତି। କିଛି ସାମାନ୍ୟ କଟ୍ସ ସହ 'ଜୟଲ୍ୟାଣ୍ଡ'ର ରିଲିଜ୍‌କୁ ଅନୁମତି ଦିଆଯାଇଥିବା ନେଇ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ଷ୍ଟ୍ରାଟେଜିକ୍ ରିଫର୍ମ୍ସ ୟୁନିଟ୍ ମୁଖ୍ୟ ସଲମାନ ସୁଫି ଟୁଇଟ୍ କରିଛନ୍ତି। ଫିଲ୍ମଟି ଶୁକ୍ରବାର ମୁକ୍ତିଲାଭ କରିବ।



ମାଲାଲା ୟୁସୁଫ୍‌ଜାଇ




ଲାହୋରର ଏକ ମଧ୍ୟବିତ୍ତ ପରିବାର ଉପରେ ପର୍ଯ୍ୟବସିତ 'ଜୟଲ୍ୟାଣ୍ଡ'ରେ ହ୍ୱିଲ୍‌ଚେୟାର ଉପରେ ନିର୍ଭରଶୀଳ ଜଣେ ବରିଷ୍ଠ ନାଗରିକଙ୍କୁ ଦେଖିବାକୁ ମିଳୁଛି। ସେ ନିଜ ଦୁଇ ଝିଅ ଓ ବୋହୂଙ୍କ ଉପରେ ରୁଢ଼ିବାଦୀ ଚିନ୍ତାଧାରା ଲଦିଦେଉଛନ୍ତି। ସମ୍ପୃକ୍ତ ବୃଦ୍ଧଙ୍କ ମତରେ ପରିବାରର ଖୁସି ପାଇଁ ତାଙ୍କ ପୁଅବୋହୂ ପିଲା ଜନ୍ମ କରନ୍ତୁ। କିନ୍ତୁ ତାଙ୍କ ସାନପୁଅ ହାଇଦର (ଫିଲ୍ମର ମୁଖ୍ୟ ନାୟକ) ବିବା ନାମ୍ନୀ ଜଣେ ଟ୍ରାନ୍ସଜେଣ୍ଡର ନୃତ୍ୟାଙ୍ଗନାଙ୍କ ପ୍ରେମରେ ପଡ଼ି ଗୋପନରେ ଡ୍ୟାନ୍ସ କରିବା ପରେ ସବୁକିଛି ବଦଳିଯାଇଛି। ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ତଥା 'ଜୟଲ୍ୟାଣ୍ଡ' କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଆମେରିକାର ମିଡିଆ ମାଗାଜିନ୍ 'ଭେରାଇଟି'କୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ଫିଲ୍ମ ଉପରୁ କଟକଣା ହଟାଯାଇଛି। କିନ୍ତୁ କାହିଁକି ହଟାଗଲା ତାହା ବୁଝିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହି ଫିଲ୍ମ କଳାର ଏକ ନିଦର୍ଶନ, ଯହିଁରେ କାହାକୁ ବିରୋଧ କରାଯାଇନାହିଁ। ପାକିସ୍ତାନକୁ ଏହା ଏକ ପ୍ରେମ ପତ୍ର ଏବଂ ପୁରୁଷ ପ୍ରଧାନ ଆଭିମୁଖ୍ୟ ଲାଗି କ୍ଷତିଗ୍ରସ୍ତ ପାକିସ୍ତାନରେ ସ୍ୱାଧୀନତା ଖୋଜୁଥିବା ଲୋକଙ୍କ ପାଇଁ ଏକ ଦର୍ପଣ। ଫିଲ୍ମର ପ୍ରତ୍ୟେକ ଚରିତ୍ର ସମ୍ବେଦନଶୀଳ। ବୟସ୍କ ଅଜା ପରିବାର ଉପରେ ନିଜ ଇଚ୍ଛାକୁ ଲଦି ଦେଉଥିବାବେଳେ ଜଣେ ମହିଳା ତାଙ୍କ ଚାରିପଟେ ଥିବା ପୁରୁଷଙ୍କଠାରୁ ଅଧିକ କିଛି ପାଇବାକୁ ଆଶା କରୁଛନ୍ତି। ପୁରୁଷ ପ୍ରଧାନ ମାନସିକତା କିପରି ପୁରୁଷ, ମହିଳା ଓ ପିଲାମାନଙ୍କୁ ବ୍ୟଥିତ କରୁଛି, ତାହାକୁ ନେଇ ଫିଲ୍ମଟି ଗତିଶୀଳ ହୋଇଛି। ଏଥିରେ ପାକିସ୍ତାନୀ ସଂସ୍କୃତି, ☞ ପୃଷ୍ଠା-୪

# ସି.ଭି. ଆନନ୍ଦ ବୋଷ ପଶ୍ଚିମବଙ୍ଗ ରାଜ୍ୟପାଳ



ଡ. ସି.ଭି. ଆନନ୍ଦ ବୋଷ

**ନୂଆଦିଲ୍ଲୀ,୧୭।୧୧(ପି.ଟି.)**

ଡ. ସି.ଭି. ଆନନ୍ଦ ବୋଷଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ଭାବେ ଗୁରୁବାର ନିଯୁକ୍ତି ପ୍ରଦାନ କରାଯାଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୂର୍ବତନ ପ୍ରଶାସନିକ ଅଧିକାରୀ ଡ. ଆନନ୍ଦ ବୋଷଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ନିଯୁକ୍ତ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ଦିନରୁ ତାଙ୍କ ନିଯୁକ୍ତି କାର୍ଯ୍ୟକାରୀ ହେବ। ଜଗଦୀପ୍ ଧନ୍‌କର ଉପରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଜୁଲାଇରୁ ମଣିପୁର ରାଜ୍ୟପାଳ ☞ ପୃଷ୍ଠା-୪

## ସତ୍ୟେନ୍ଦ୍ର ଜୈନଙ୍କ ଜାମିନ ଆବେଦନ ଖାରଜ

ମନିଲଣ୍ଡରିଂ ମାମଲାରେ ଜେଲରେ ଥିବା ଦିଲ୍ଲୀ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ଜାମିନ ଆବେଦନକୁ ଦିଲ୍ଲୀର ଏକ ଅଦାଲତ ଗୁରୁବାର ଖାରଜ କରିଦେଇଛନ୍ତି। ସହଅଭିଯୁକ୍ତ ବୈଭବ ଏବଂ ଅଙ୍କୁଶ ଜୈନଙ୍କ ଜାମିନ ଆବେଦନକୁ ମଧ ସ୍ୱତନ୍ତ୍ର ବିଚାରପତି ବିକାଶ ଧୁଲେ ଅଗ୍ରାହ୍ୟ କରିଛନ୍ତି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍ଏଲ୍ଏ)ର ବ୍ୟବସ୍ଥା ବଳରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗତ ମେ' ୩୦ରେ ଜୈନଙ୍କୁ ଗିରଫ କରିଥିଲା। ସେ ଏବେ ତିହାର ଜେଲରେ ଅଛନ୍ତି।



ଟରଣ୍ଟୋ: ମହୁ ଖାଇବା ଦ୍ୱାରା ଏହା ଶରୀରରେ ରକ୍ତ ଶର୍କରା ଏବଂ କୋଲେଷ୍ଟରଲ ସ୍ତରରେ

## ରକ୍ତ ଶର୍କରା, କୋଲେଷ୍ଟରଲ କମାଇବ ମହୁ

ଉନ୍ନତି ଆଣିଥାଏ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଗୋଟିଏ ଫୁଲ ଉତ୍ସରୁ ସଂଗୃହୀତ ପ୍ରାକୃତିକ ମହୁ ରକ୍ତ ଶର୍କରା, କୋଲେଷ୍ଟରଲ ସ୍ତର ସମେତ କାର୍ଡିଓମେଟାବୋଲିକ ସ୍ୱାସ୍ଥ୍ୟକୁ ନିୟନ୍ତ୍ରଣରେ ରଖିଥାଏ ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି। ଟରଣ୍ଟୋ ବିଶ୍ୱବିଦ୍ୟାଳୟର ଗବେଷକମାନେ ମହୁର କ୍ଲିନିକାଲ ପରୀକ୍ଷାର ସୁନିୟୋଜିତ ସମୀକ୍ଷା ଏବଂ ମେଟାଆନାଲିସିସ୍ କରିଥିଲେ। ଏହା ଖାଇବା ପୂର୍ବର ରକ୍ତ ଶର୍କରା,ମୋଟ ରକ୍ତ ଶର୍କରା ଏବଂ ଏଲ୍‌ଡିଏଲ୍ ବା ଖରାପ କୋଲେଷ୍ଟରଲ, ଟ୍ରାଇଗ୍ଲିସେରାଇଡ୍‌କୁ କମାଉଥିବା ଜଣାପଡ଼ିଥିଲା। ଏତଦ୍‌ବ୍ୟତୀତ ମହୁ ଏଚ୍‌ଡିଏଲ୍ ବା ଭଲ କୋଲେଷ୍ଟରଲ ବଢ଼ାଉଥିବା ପରୀକ୍ଷାରୁ ଜଣାପଡ଼ିଥିଲା। ମହୁରେ ୮୦ ପ୍ରତିଶତ ଶର୍କରା ଥିଲେ ମଧ ଏହା ରକ୍ତ ଶର୍କରା କମାଉଥିବା ଆଶ୍ଚର୍ଯ୍ୟ କରିଛି ବୋଲି ଅଧ୍ୟୟନର ବରିଷ୍ଠ ଗବେଷକ ତୌସିଫ୍ ଖାନ୍ କହିଛନ୍ତି। ମହୁରେ ସାଧାରଣ ଏବଂ ବିରଳ ଶର୍କରା, ପ୍ରୋଟିନ୍, ଜୈବିକ ଅମ୍ଳ ଓ ଅନ୍ୟାନ୍ୟ ବାୟୋଆକ୍ଟିଭ୍ ଉପାଦାନ ରହୁଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ଖାନ୍ କହିଛନ୍ତି।



## ଦିନକୁ ଗୋଟିଏ ବିଟ୍‌କଏନ୍ କିଣିବ ଏଲ୍ ସାଲ୍‌ଭାଡର

**ସାନ୍ ସଲ୍‌ଭାଡର:** ଏଲ୍ ସାଲ୍‌ଭାଡର ଶୁକ୍ରବାରଠାରୁ ଦୈନିକ ଗୋଟିଏ ଲେଖାଏ ବିଟ୍‌କଏନ୍(ବିଟିସି) କିଣିବା ଆରମ୍ଭ କରିବ ବୋଲି ରାଷ୍ଟ୍ରପତି ନୟିବ୍ ବୁକେଲେ ଘୋଷଣା କରିଛନ୍ତି। ଏହି ସେଣ୍ଟ୍ରାଲ ଆମେରିକାନ୍ ରାଷ୍ଟ୍ର ୨୦୨୨ ଜୁଲାଇରେ ଶେଷ ବିଟ୍‌କଏନ୍ କିଣିଥିଲା। ଏଥିସହ ଏହାର ବିଟ୍‌କଏନ୍ ସଂଖ୍ୟା ୮୦ରେ ପହଞ୍ଚିଥିଲା। ସେତେବେଳେ ପ୍ରତି ବିଟିସିର ମୂଲ୍ୟ ୧୯,୦୦୦ ଡଲାର ଥିଲା। ଏହାର ସାଢ଼େ ୩ ମାସ ପରେ ନୂଆ ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। ବିଟ୍‌କଏନ୍‌କୁ ଆଇନଗତ ବୈଧତା ଦେବାରେ ଏଲ୍ ସାଲ୍‌ଭାଡର ହେଉଛି ପ୍ରଥମ ରାଷ୍ଟ୍ର।

ବାୟ ବିଟ୍‌କଏନ୍ ୱାର୍ଲ୍ଡୱାଇଡ୍‌ର ତଥ୍ୟାନୁସାରେ ଏଲ୍ ସାଲ୍‌ଭାଡର ନିକଟରେ ବର୍ତ୍ତମାନ ୨,୩୮୧ଟି ବିଟିସି ରହିଛି, ଯାହାର ହାରାହାରି କିଣା ମୂଲ୍ୟ ହେଉଛି ୪୩,୩୫୭ ଡଲାର। ଏହି ଦେଶ ଅଦ୍ୟାବଧି ବିଟିସି କିଣିବାରେ ପ୍ରାୟ ୧୦୩.୨୩ ନିୟୁତ ଡଲାର ଖର୍ଚ୍ଚ କରିସାରିଲାଣି। ଏହି ଲିଡିଂ କ୍ରିପ୍ଟୋକରେନ୍ସି ଏବେ ୧୬,୫୦୦ ଡଲାରରେ ଟ୍ରେଡିଂ ହେଉଥିବାରୁ ଏଲ୍ ସାଲ୍‌ଭାଡରର ମୋଟ ବିଟିସି ମୂଲ୍ୟ ୩୯.୪୭ ନିୟୁତ ଡଲାରକୁ ଖସିଆସିଛି। ଅର୍ଥାତ୍ ଏହି ବାବଦକୁ ଦେଶ ୬୩ ନିୟୁତ ଡଲାର କ୍ଷତି ସହିଲାଣି। କିନ୍ତୁ କିଣାଯାଇଥିବା ଗୋଟିଏ ହେଲେ ବିଟ୍‌କଏନ୍‌କୁ ଦେଶ ବିକ୍ରି କରିନାହିଁ। ବିଟିସି ଏଫ୍‌ଟିଏକ୍ସର ବିପରୀତ ବୋଲି ବୁକେଲେ ଟୁଇଟ୍ କରିଛନ୍ତି।

**ସଂକ୍ଷେପରେ**

### କ୍ଷମତାକୁ ନ ଫେରିଲେ ୨୦୨୪ ଶେଷ ନିର୍ବାଚନ ହେବ: ଚନ୍ଦ୍ରାବାବୁ

**କୁର୍ନୁଲ,୧୭।୧୧:** ଆନ୍ଧ୍ରପ୍ରଦେଶ ଜନସାଧାରଣ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)କୁ କ୍ଷମତାକୁ ନ ଆଣିଲେ ୨୦୨୪ ନିର୍ବାଚନ ତାଙ୍କର ଶେଷ ନିର୍ବାଚନ ହେବ ବୋଲି ଦଳ ଅଧକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁ କହିଛନ୍ତି। ବୁଧବାର ରାତିରେ କୁର୍ନୁଲ ଜିଲାରେ ଏକ ରୋଡ୍‌ଶୋ'ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ଭାବବିହ୍ୱଳ କଣ୍ଠରେ ଏଭଳି କହିଥିଲେ। ଟିଡିପି କ୍ଷମତାକୁ ନ ଫେରିଲେ ସେ ବିଧାନସଭା ଯିବେନାହିଁ ବୋଲି ଚନ୍ଦ୍ରାବାବୁ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ଦୋହରାଇଥିଲେ। ସେ ବିଧାନସଭାକୁ ଫେରିବା ସହ ରାଜନୀତିରେ ରହିବାକୁ ହେଲେ ଏବଂ ଆନ୍ଧ୍ରପ୍ରଦେଶକୁ ନ୍ୟାୟ ମିଳିବାକୁ ହେଲେ ଆଗାମୀ ନିର୍ବାଚନରେ ତାଙ୍କ ଦଳର ବିଜୟ ସୁନିଶ୍ଚିତ କରିବାକୁ ଚନ୍ଦ୍ରାବାବୁ ଅନୁରୋଧ କରିଛନ୍ତି, ନଚେତ୍ ଏହା ତାଙ୍କର ଶେଷ ନିର୍ବାଚନ ହେବ ବୋଲି କହିଛନ୍ତି।

### ବ୍ରିଟିଶକୁ ସହାୟତା କରୁଥିଲେ ସଭରକର

■ ରାହୁଲଙ୍କ ମନ୍ତବ୍ୟକୁ ଉଦ୍ଧବଙ୍କ ବିରୋଧ

**ଆକୋଲା/ମୁମ୍ବାଇ,୧୭।୧୧:** ହିନ୍ଦୁତ୍ୱବାଦୀ ନେତା ବିନାୟକ ଦାମୋଦର ସଭରକର ବ୍ରିଟିଶ ସରକାରଙ୍କୁ ସହାୟତା କରୁଥିଲେ। ସେତେବେଳେ ସେ ବ୍ରିଟିଶ ଶାସକଙ୍କୁ ଏକ କ୍ଷମା ଆବେଦନ କରିଥିଲେ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର କହିଛନ୍ତି। ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେବାବେଳେ ରାହୁଲ ସେତେବେଳେ ସଭରକର ଲେଖିଥିବା ଚିଠି ଦେଖାଇଥିଲେ। ଉକ୍ତ ଚିଠିର ଶେଷ ଧାଡ଼ିରେ ସଭରକର ଇଂରେଜ ସରକାରଙ୍କ ଅତ୍ୟନ୍ତ ଆଜ୍ଞାଧୀନ ଭୃତ୍ୟ ରହିବାକୁ ଅନୁରୋଧ କରି ଚିଠି ଲେଖିଥିବା ରାହୁଲ ଭାରତ ଯୋଡ଼ୋ ଯାତ୍ରା ଅବସରରେ ଗଣମାଧମକୁ କହିଛନ୍ତି। ସଭରକର ଭୟରେ ଏଭଳି ଚିଠିରେ ସ୍ୱାକ୍ଷର କରିଥାଇପାରନ୍ତି। ସେ ଏଭଳି ପତ୍ର ଲେଖି ମହାତ୍ମା ଗାନ୍ଧୀ,ସର୍ଦ୍ଦାର ପଟେଲ, ପଣ୍ଡିତ ଜବାହରଲାଲ ନେହେରୁ ଓ ସ୍ୱାଧୀନତା ସଂଗ୍ରାମର ଅନ୍ୟ ନେତାମାନଙ୍କ ପ୍ରତି ବିଶ୍ୱାସଘାତ କରିଥିବା ରାହୁଲ କହିଛନ୍ତି। ରାହୁଲଙ୍କ ଏଭଳି ଅଭିଯୋଗକୁ ନେଇ ବିବାଦ ଦେଖାଦେଇଛି। ସଭରକରଙ୍କ ଉପରେ ରାହୁଲଙ୍କ ମନ୍ତବ୍ୟ ସହ ଏକମତ ନୁହନ୍ତି ବୋଲି ଶିବସେନା ନେତା ଉଦ୍ଧବ ଠାକ୍‌ରେ କହିଛନ୍ତି। ରାହୁଲ ଭୁଲ୍ କହୁଛନ୍ତି। ଶିବସେନା ସଭରକରଙ୍କୁ ଭଲ ପାଏ ଓ ସମ୍ମାନ ଦିଏ ବୋଲି ଉଦ୍ଧବ କହିଛନ୍ତି। ଭାଜପା ୮ ବର୍ଷ ହେଲା କେନ୍ଦ୍ରରେ କ୍ଷମତାରେ ଥିଲେ ମଧ ସଭରକରଙ୍କୁ ଭାରତରତ୍ନ ପ୍ରଦାନ କରା ନ ଯିବା ନେଇ ଉଦ୍ଧବ ପ୍ରଶ୍ନ ଉଠାଇଥିଲେ। ରାହୁଲ ସଭରକରଙ୍କ ସମ୍ପର୍କରେ ନିର୍ଲଜ ଭାବେ ମିଛ କହୁଛନ୍ତି ବୋଲି ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ କହିଛନ୍ତି।

# ରୁଷିଆ ଖସାଇଥିଲା ଏମ୍ଏଚ୍୧୭

**ଆମ୍‌ଷ୍ଟରଡାମ,୧୭।୧୧**

୨୦୧୪ ଜୁଲାଇ ୧୭ରେ ମାଲେସିଆ ଏୟାରଲାଇନ୍ସର ଏମ୍ଏଚ୍୧୭ ବିମାନ ଆମ୍‌ଷ୍ଟରଡାମ୍‌ରୁ କୁଆଲାଲମ୍ପୁର ଯାତ୍ରା କରୁଥିବାବେଳେ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ଆକାଶରେ ରାଡାର ବାହାରକୁ ଚାଲିଯାଇଥିଲା। ବିମାନଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ୨୮୩ ଯାତ୍ରୀ ଓ ୧୫ କ୍ରିଉ ମେମ୍ବରଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ୮୦ ଶିଶୁ ଥିଲେ। ଏହି ବିମାନକୁ ରୁଷିଆ ନିର୍ମିତ ଏକ ବକ୍ ମିଶାଇଲ ଧକ୍କା ଦେବା ଫଳରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ନେଇ ଡଚ୍ ସେଫ୍ଟି ବୋର୍ଡ (ଡିଏସ୍‌ବି) ପକ୍ଷରୁ ୧୫ ମାସ ଧରି ତଦନ୍ତ କରାଯିବା ପରେ ୨୦୧୫ ଡିସେମ୍ବରରେ ଜଣାପଡ଼ିଥିଲା। ଉକ୍ତ କ୍ଷେପଣାସ୍ତ୍ରକୁ ରୁଷିଆରୁ କିଣାଯାଇଥିଲା ଏବଂ ମସ୍କୋ ସମର୍ଥିତ ବିଚ୍ଛିନ୍ନତାବାଦୀଙ୍କ ଦଖଲରେ ଥିବା ଏକ ପଡ଼ିଆରୁ ତାକୁ ଉତ୍‌କ୍ଷେପଣ କରାଯାଇଥିବା ନେଇ ୨୦୧୬ ସେପ୍ଟେମ୍ବରରେ ଆପରାଧିକ ତଦନ୍ତକାରୀଙ୍କ ଏକ ଅନ୍ତର୍ଜାତୀୟ ଟିମ୍ ସ୍ପଷ୍ଟ କରିଥିଲା। ଏହି ମାମଲାରେ ନେଦରଲାଣ୍ଡସ୍ଥିତ ଏକ କୋର୍ଟ ଗୁରୁବାର ୨ ରୁଷୀୟ ଏବଂ ଜଣେ ୟୁକ୍ରେନୀୟ ବିଚ୍ଛିନ୍ନତାବାଦୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୯୮ ଜଣଙ୍କୁ ହତ୍ୟା କରିବା ଅଭିଯୋଗରେ ଅଦାଲତ ୩ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ତେବେ ପ୍ରମାଣ ଅଭାବରୁ ଆଉ ଜଣେ ରୁଷୀୟଙ୍କୁ ଛାଡ଼ି ଦିଆଯାଇଛି।

ମାମଲାର ଶୁଣାଣି ପାଇଁ ହେଗ୍ ଡିଷ୍ଟ୍ରିକ୍ଟ କୋର୍ଟ ପକ୍ଷରୁ ସ୍କିଫୋଲ୍ ଏୟାରପୋର୍ଟରେ ହାଇ-ସିକ୍ୟୁରିଟି କୋର୍ଟରୁମ୍ ପ୍ରତିଷ୍ଠା କରାଯାଇଥିଲା। କୋର୍ଟଙ୍କ ରାୟ ଶୁଣିବା ପାଇଁ ସେଠାରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକମାନଙ୍କ ଶତାଧିକ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଶୁଣାଣି ବେଳେ ସମ୍ପର୍କୀୟଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି କୋର୍ଟ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଖଣ୍ଡପୀଠରେ ଅଧକ୍ଷତା କରୁଥିବା ବିଚାରପତି ହେଣ୍ଡ୍ରିକ୍ ଷ୍ଟିନ୍‌ହୁଇସ୍ କହିଛନ୍ତି, ଅଭିଯୋଜନକାରୀ ପକ୍ଷ ଉପସ୍ଥାପନ କରିଥିବା ତଥ୍ୟ ଅନୁସାରେ ବୋଇଂ ୭୭୭କୁ ବକ୍ ମିଶାଇଲ ଧକ୍କା ଦେଇଥିଲା। ଦୁର୍ଘଟଣାଗ୍ରସ୍ତ ବିମାନର ଭଗ୍ନାବଶେଷ ଓ ସେଥିରେ ଥିବା ଯାତ୍ରୀମାନଙ୍କ ଖଣ୍ଡବିଖଣ୍ଡିତ ମୃତଦେହଗୁଡ଼ିକ ଚାଷଜମି ଓ ପଡ଼ିଆରେ ବିଛାଡ଼ି ହୋଇପଡ଼ିଥିଲା। ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଶୁଣାଣିରେ ଏହା ପ୍ରମାଣିତ ହୋଇଛି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରିପ୍ରେକ୍ଷୀରେ ଗୋଟିଏ କଥା ସ୍ପଷ୍ଟ ହୋଇଛି। ତାହା ହେଲା ୟୁକ୍ରେନ୍‌ର ଡୋନେସ୍କ ଅଞ୍ଚଳକୁ ବିଚ୍ଛିନ୍ନତାବାଦୀଙ୍କ ଜରିଆରେ ମସ୍କୋ ଦଖଲ କରିଛି। ସେହି ଅଞ୍ଚଳର ଏକ ଚାଷଜମିରୁ ହିଁ ବକ୍ ମିଶାଇଲ୍ ଛଡ଼ାଯାଇଥିଲା। ୨୦୨୦ ମାର୍ଚ୍ଚରେ ଆରମ୍ଭ ହୋଇଥିବା ଶୁଣାଣି ବେଳେ ଅଭିଯୁକ୍ତମାନେ ହାଜର ହୋଇ ନ ଥିଲେ। ସେମାନଙ୍କ ଫୋନ୍ କଲ୍ ରେକର୍ଡ଼୍ସ ମାମଲାର ତଦନ୍ତରେ ସହାୟକ ହୋଇଥିଲା। ସେମାନେ ୟୁକ୍ରେନ୍‌ର ଏକ ଯୁଦ୍ଧବିମାନ ଭାବି ମାଲେସିଆର ଯାତ୍ରୀବାହୀ ବିମାନକୁ ଆକ୍ରମଣ କରିଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବା ଏହି ୩ ବ୍ୟକ୍ତି ହେଲେ ରୁଷୀୟ ଗୋଇନ୍ଦା ଏଜେଣ୍ଟ ଆଇଗୋର ଗିର୍କିନ୍ ଓ ସର୍ଗେଇ ଦୁବିନ୍‌ସ୍କି ଏବଂ ବିଚ୍ଛିନ୍ନତାବାଦୀ ନେତା ଲିଓନିଡ୍ ଖରଚେଙ୍କୋ। ହେଗ୍ କୋର୍ଟଙ୍କ ରାୟକୁ ଅନୁଧ୍ୟାନ ପରେ ନିଷ୍ପତ୍ତି ନିଆଯିବ ବୋଲି ରୁଷିଆର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନେଦରଲାଣ୍ଡ୍ସ ନେତୃତ୍ୱାଧୀନ ଏହି ବିମାନ ଦୁର୍ଘଟଣାର ତଦନ୍ତରେ ୟୁକ୍ରେନ୍, ମାଲେସିଆ, ଅଷ୍ଟ୍ରେଲିଆ ଓ ବେଲ୍‌ଜିୟମ୍‌ର ବିଶେଷଜ୍ଞମାନେ ସାମିଲ ଥିଲେ।

■ ବିମାନ ଦୁର୍ଘଟଣାରେ ୨୯୮ ଜଣଙ୍କ ମୃତ୍ୟୁ ଘଟିଥିଲା

■ ୨ ରୁଷୀୟ, ଜଣେ ୟୁକ୍ରେନୀୟ ବିଚ୍ଛିନ୍ନତାବାଦୀ ଦୋଷୀ



୨୦୨୧ ମେ' ୨୬ରେ ନେଦରଲାଣ୍ଡସର ରେଇଜେନ୍‌ରେ ଏମ୍ଏଚ୍୧୭ର ଭଗ୍ନାବଶେଷକୁ ନେଇ କରାଯାଇଥିବା ରିକନ୍‌ଷ୍ଟ୍ରକ୍ସନକୁ ଆଇନଜୀବୀମାନେ ଦେଖୁଛନ୍ତି।

## ନେପାଳରେ ଝୁଲା ପାର୍ଲାମେଣ୍ଟ ହୋଇପାରେ

**କାଠମାଣ୍ଡୁ,୧୭।୧୧**

ଆସନ୍ତା ୨୦ରେ ନେପାଳ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଝୁଲା ପାର୍ଲାମେଣ୍ଟ ହୋଇପାରେ ବୋଲି ରାଜନୈତିକ ବିଶ୍ଳେଷକ ପୂର୍ବାନୁମାନ କରିଛନ୍ତି। ଫଳରେ ଗଠନ ହେବାକୁ ଥିବା ସରକାର ରାଜନୈତିକ ସ୍ଥିରତା ଦେଇ ନ ପାରେ। ସାଧାରଣ ନିର୍ବାଚନରେ ନେପାଳୀ କଂଗ୍ରେସ ନେତୃତ୍ୱାଧୀନ ଗଣତାନ୍ତ୍ରିକ ଓ ବାମପନ୍ଥୀ ମେଣ୍ଟ ଏବଂ ସିପିଏନ୍-ୟୁଏମ୍ଏଲ୍ ନେତୃତ୍ୱାଧୀନ ହିନ୍ଦୁ ଓ ରାଜତନ୍ତ୍ର ସପକ୍ଷବାଦୀ ମେଣ୍ଟ ମଧ୍ୟରେ ଲଢ଼େଇ ହେଉଛି। ପ୍ରଧାନମନ୍ତ୍ରୀ ଶେର୍ ବାହାଦୁର ଦେଉବାଙ୍କ ନେତୃତ୍ୱାଧୀନ ଶାସକ ମେଣ୍ଟ ପାର୍ଲାମେଣ୍ଟ ନିର୍ବାଚନରେ ବିଜୟୀ ହେବା ଆଶା କରାଯାଉଛି। ନେପାଳୀ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ପୂର୍ବାନୁମାନ କରିଛନ୍ତି। ଅନ୍ୟପକ୍ଷରେ କେ.ପି. ଶର୍ମା ଓଲିଙ୍କ ନେତୃତ୍ୱାଧୀନ ସିପିଏନ୍-ୟୁଏମ୍ଏଲ୍ ମେଣ୍ଟ ଦ୍ୱିତୀୟ ସଂଖ୍ୟାଗରିଷ୍ଠ ଦଳ ହେଲେ ମଧ ପୂର୍ବାପେକ୍ଷା ଅଧିକ ଆସନ ପାଇବା ଆଶା କରାଯାଉଛି। ଏହା ବ୍ୟତୀତ ଅନେକ ଛୋଟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ହେଭିୱେଟ୍‌ମାନଙ୍କ ପାଇଁ କଡ଼ା ଚ୍ୟାଲେଞ୍ଜ ହେବ। ରାଜନୈତିକ ସ୍ଥିରତା ନେପାଳ ପାଇଁ ଅତି ଜରୁରୀ ହୋଇଥିବାବେଳେ ନିର୍ବାଚନ ପରେ ଗଠିତ ସରକାର ସ୍ଥିରତା ଦେବା ସମ୍ଭାବନା କମ୍ ବୋଲି ରାଜନୈତକ ବିଶ୍ଳେଷକ ଧ୍ରୁବ ଅଧିକାରୀ କହିଛନ୍ତି।

## ପଶ୍ଚିମବଙ୍ଗ ସରକାରଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**ରାଷ୍ଟ୍ରପତିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ**

**କୋଲକାତା,୧୭।୧୧**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ମାମଲାରେ ପଶ୍ଚିମବଙ୍ଗ ସରକାର ଏବଂ ଅଭିଯୁକ୍ତ ଟିଏମ୍‌ସି ମନ୍ତ୍ରୀ ଅଖିଳ ଗିରି ଅଲଗା ଅଲଗା ସତ୍ୟପାଠ ଦାଖଲ କରିବା ଲାଗି କାଲ୍‌କାଟା ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତି କିପରି ଦେଖାଯାଉଛନ୍ତି ବୋଲି ଗିରି ଅପମାନଜନକ ମନ୍ତବ୍ୟ ଦେଇଥିଲେ। ତାଙ୍କର ଏଭଳି ବିବାଦୀୟ ମନ୍ତବ୍ୟ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବା ପାଇଁ କାଲକାଟା ହାଇକୋର୍ଟର ମୁଖ୍ୟ ବିଚାରପତି ପ୍ରକାଶ ଶ୍ରୀବାସ୍ତବ ଏବଂ ଜଷ୍ଟିସ ରାଜର୍ଷି ଭରଦ୍ୱାଜଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଟିଏମ୍‌ସି ମନ୍ତ୍ରୀଙ୍କ ମନ୍ତବ୍ୟ ପାଇଁ ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କ୍ଷମା ମାଗିଥିଲେ। କ'ଣ ପାଇଁ ଗିରି ଏଭଳି ମନ୍ତବ୍ୟ ଦେଲେ ଅଲଗା ସତ୍ୟପାଠ ମାଧ୍ୟମରେ ଜଣାଇବା ପାଇଁ ଖଣ୍ଡପୀଠ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ଆଇନଜୀବୀ ସୁସ୍ମିତା ଶାହା ଏହି ଜନସ୍ୱାର୍ଥ ମାମଲା ଦାଏର କରିଥିବାବେଳେ ସେଥିରେ ମୁଖ୍ୟମନ୍ତ୍ରୀ ମମତାଙ୍କୁ ମଧ ପକ୍ଷଭୁକ୍ତ କରିଛନ୍ତି।

## ଆଫ୍‌ତାବଙ୍କ ହାଜତ ମିଆଦ ୫ ଦିନ ବଢ଼ିଲା

**ନୂଆଦିଲ୍ଲୀ,୧୭।୧୧**

ଲିଭ୍-ଇନ୍ ପାର୍ଟନର ସନ୍ଧ୍ୟା ୱାଲକରଙ୍କୁ ହତ୍ୟାକରି ଶରୀରକୁ ୩୫ ଖଣ୍ଡ କରିବା ଅଭିଯୋଗରେ ଗିରଫ ହୋଇଥିବା ଆଫତାବ ଅମିନ୍ ପୁନାୱାଲାଙ୍କ ପୋଲିସ ହାଜତ ମିଆଦକୁ ଗୁରୁବାର ଦିଲ୍ଲୀର ଏକ ଅଦାଲତ ଆଉ ୫ ଦିନ ବଢ଼ାଇଛନ୍ତି। ସାକେତ୍ ଜିଲା କୋର୍ଟରେ ତାଙ୍କୁ ଭର୍ଚୁଆଲି ହାଜର କରାଯାଇଥିବାବେଳେ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ହାଜତ ମିଆଦ ବଢ଼ାଇବାକୁ ଅଦାଲତ ନିଷ୍ପତ୍ତି ନେଇଥିଲେ। ଆଫତାବଙ୍କୁ ମୃତ୍ୟୁଦଣ୍ଡ ଦେବା ଦାବିରେ କୋର୍ଟ ବାହାରେ ଆଇନଜୀବୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତଦନ୍ତରେ ସହଯୋଗ କରୁ ନ ଥିବା ଆଫତାବଙ୍କ ନାର୍କୋ ଟେଷ୍ଟ ପାଇଁ ପୋଲିସ ପକ୍ଷରୁ କରାଯାଇଥିବା ଆବେଦନକୁ କୋର୍ଟ ବୁଧବାର ଅନୁମତି ପ୍ରଦାନ କରିଥିଲେ।

**ପାର୍ଟନରଙ୍କୁ ୩୫ ଖଣ୍ଡ କରିବା ମାମଲା**

ଦିନକ ପୂର୍ବରୁ ପୋଲିସ ଆଫତାବଙ୍କୁ ତାଙ୍କ ଘରକୁ ନେଇ ଯେଉଁଠି ସେ ସନ୍ଧ୍ୟାଙ୍କ ସହ ରହୁଥିଲେ, ସେଠାରେ ଅପରାଧ ଦୃଶ୍ୟ ଦୋହରାଇବାକୁ କହିଥିଲେ। ଗତ ୧୨ ତାରିଖରେ ଆଫତାବଙ୍କୁ ଗିରଫ କରାଯାଇଥିଲା। ଜେରା ବେଳେ ତାଙ୍କ ବୟାନରେ ତାଳମେଳ ରହୁ ନ ଥିବାରୁ ସେ ସତ ଲୁଚାଉଥିବା ପୋଲିସ ଜାଣିବାକୁ ପାଇଥିଲା।

## ସନ୍ଧ୍ୟା ଦେବନାଥନ୍ ମେଟା ଇଣ୍ଡିଆ ମୁଖ୍ୟ

**ନୂଆଦିଲ୍ଲୀ,୧୭।୧୧**




ଫେସ୍‌ବୁକ୍‌ର ପ୍ୟାରେଣ୍ଟ କମ୍ପାନୀ ମେଟା ଏହାର ଇଣ୍ଡିଆ ବିଜ୍‌ନେସ୍ ମୁଖ୍ୟ ଭାବେ ଗୁରୁବାର ସନ୍ଧ୍ୟା ଦେବନାଥନ୍‌ଙ୍କୁ ନିଯୁକ୍ତ କରିଛି। ସାରା ବିଶ୍ୱରେ ଥିବା ମେଟା ଅଫିସଗୁଡ଼ିକରୁ ଅନେକ ହାଇପ୍ରୋଫାଇଲ ଅଧିକାରୀ ବିଦାହେବା ପରେ ୨୨ ବର୍ଷର ଅଭିଜ୍ଞତା ସମ୍ପନ୍ନ ଗ୍ଲୋବାଲ ବିଜ୍‌ନେସ୍ ଲିଡର ସନ୍ଧ୍ୟାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଗତ ସପ୍ତାହରେ ଇସ୍ତଫା ଦେଇଥିବା ମେଟା ଇଣ୍ଡିଆ ମୁଖ୍ୟ ଅଜିତ୍ ମୋହନଙ୍କ ସ୍ଥାନରେ ସେ ଆସନ୍ତା ଜାନୁୟାରୀ ୧ରେ ନୂଆ ଦାୟିତ୍ୱ ଗ୍ରହଣ କରିବେ।

ବ୍ୟାଙ୍କିଙ୍ଗ୍, ପେମେଣ୍ଟସ୍ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ସନ୍ଧ୍ୟାଙ୍କ ୨ ଦଶନ୍ଧିର ଅନ୍ତର୍ଜାତୀୟ କ୍ୟାରିୟର ରହିଛି। ୧୯୯୮ରେ ସନ୍ଧ୍ୟା ଆନ୍ଧ୍ର ୟୁନିଭର୍ସିଟିରେ ଇଞ୍ଜିନିୟରିଂ ଶିକ୍ଷା ଶେଷ କରିଥିଲେ। ୨୦୦୦ ମସିହାରେ ସେ ଦିଲ୍ଲୀ ୟୁନିଭର୍ସିଟିରୁ ଏମ୍‌ବିଏରେ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ପଢ଼ିଥିଲେ। ଏଣ୍ଟରପ୍ରିନ୍ୟୁର ଅମିତ ରୟଙ୍କୁ ବିବାହ କରିଥିବାଙ୍କୁ ୪୬ ବର୍ଷ ହେଉଛି। ୨୦୧୬ରେ ମେଟାରେ ଯୋଗଦେବା ପରେ ସନ୍ଧ୍ୟା ସିଙ୍ଗାପୁର ଓ ଭିଏତ୍‌ନାମରେ କମ୍ପାନୀର ବ୍ୟବସାୟିକ ସାମ୍ରାଜ୍ୟ ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଦକ୍ଷିଣପୂର୍ବ ଏସିଆରେ ଟେକ୍ ଜାଏଣ୍ଟ ଇ-କମର୍ସ ବୃଦ୍ଧିରେ ବିଶେଷ ପଦକ୍ଷେପ ନେଇଥିଲେ। ୨୦୨୦ରେ ସେ ମେଟା ଏସିଆ-ପାସିଫିକ୍(ଏପିଏସି) ରିଜିଅନ୍‌ରେ ଯୋଗଦେଇ କମ୍ପାନୀର ଗେମିଂ ବର୍ଗର ନେତୃତ୍ୱ ନେଇଥିଲେ। ନିଜ ନୂଆ ଭୂମିକାରେ ସେ ଏପିଏସି ଭାଇସ୍-ପ୍ରେସିଡେଣ୍ଟ ଡାନ୍ ନିଅରିଙ୍କୁ ରିପୋର୍ଟ କରିବେ। ଅନ୍ତର୍ଜାତୀୟ ବିଜ୍‌ନେସ୍‌ରେ ମହିଳାଙ୍କ ନେତୃତ୍ୱର ଦୃଢ଼ ସମର୍ଥକ ସନ୍ଧ୍ୟା କାର୍ଯ୍ୟକ୍ଷେତ୍ରରେ ବିବିଧତାକୁ ପ୍ରୋତ୍ସାହିତ କରିଥାଆନ୍ତି। ସେ ଏପିଏସିରେ ଏକ୍‌ଜିକ୍ୟୁଟିଭ୍ ସ୍ପନ୍‌ସରର ଫର୍ ଓମେନ୍ ଏବଂ ସାରା ବିଶ୍ୱରେ ପ୍ଲେ ଫରୱାର୍ଡର ନେତୃତ୍ୱ ନେଉଛନ୍ତି। ସେହିପରି ପିପର ଫାଇନାନ୍ସିଆଲର ଗ୍ଲୋବାଲ ବୋର୍ଡରେ ମଧ ସନ୍ଧ୍ୟା କାର୍ଯ୍ୟ କରିଛନ୍ତି।

ପ୍ରକାଶ ଯେ, ମାର୍କ ଜୁକରବର୍ଗଙ୍କ ମେଟା ଅଧୀନରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଏବଂ ହ୍ୱାଟ୍ସଆପ୍‌ର ମାଲିକାନା ରହିଛି। ମେଟା ଇଣ୍ଡିଆ ମୁଖ୍ୟ ଭାବେ କମ୍ପାନୀର ବିଜ୍‌ନେସ ଅଫିସର ମାର୍ନେ ଲେଭାଇନ୍ ସ୍ୱାଗତ କରି କହିଛନ୍ତି, ଭାରତରେ ମେଟାର ନିରନ୍ତର ଅଭିବୃଦ୍ଧି କ୍ଷେତ୍ରରେ ସନ୍ଧ୍ୟାଙ୍କ ଉଦ୍ୟମ ଜାରି ରହିବ। ଏହା ପୂର୍ବରୁ ମେଟା ଇଣ୍ଡିଆ ମୁଖ୍ୟ ଥିବା ଅଜିତ ମୋହନ ବାର୍ଷିକ ୩୨ କୋଟି ଟଙ୍କା ଦରମା ପାଉଥିଲେ। ତେଣୁ ସନ୍ଧ୍ୟା ସମାନ କିମ୍ବା ତଦୂର୍ଦ୍ଧ୍ୱ ଦରମା ପାଇପାରନ୍ତି ବୋଲି କୁହାଯାଉଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୪,୧୭,୦୮,୮୦୬ | ୬୬,୨୦,୭୭୪ | ୬୨,୧୧,୭୭,୫୧୭ |
| ଭାରତ | ୪,୪୬,୬୮,୨୯୮ | ୫,୩୦,୫୪୬ | ୪,୪୧,୨୯,୫୯୦ |
| ଓଡ଼ିଶା | ୧୩,୩୬,୩୦୪ | ୯୨୦୪(+୫୩) | ୧୩,୨୬,୯୧୫ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଲ୍ୟାଣ୍ଡ ପୁଲିଂ ବ୍ୟବସ୍ଥାରେ ରହିବ ଜମି ମାଲିକଙ୍କ ଅଧିକାର

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

## ଆସିବ ନୂଆ ଶିଳ୍ପ ନୀତି-୨୦୨୨

ଚଳିତ ମାସ ୩୦ ତାରିଖରୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଅନୁଷ୍ଠିତ ହେବ। ଏହା ପୂର୍ବରୁ ରାଜ୍ୟ ସରକାର ନୂଆ ଶିଳ୍ପ ନୀତି-୨୦୨୨କୁ ଚୂଡ଼ାନ୍ତ ରୂପ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ରାଜ୍ୟ କ୍ୟାବିନେଟରେ ଏହି ଶିଳ୍ପ ନୀତିକୁ ମଞ୍ଜୁରୀ ମିଳିବା ସମ୍ଭାବନା ରହିଛି। ଚଳିତ ମାସ ୩୦ ତାରିଖରୁ ଡିସେମ୍ବର ୪ ଯାଏ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଅନୁଷ୍ଠିତ ହେବ। ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ଲାଗି ରାଜ୍ୟ ସରକାର ଏହି ନୂଆ ଶିଳ୍ପ ନୀତି ଉପରେ ବିଶେଷ ଗୁରୁତ୍ୱ ଦେବେ। ମିଳିଥିବା ସୂଚନା ଅନୁସାରେ, ପ୍ରସ୍ତାବିତ ଶିଳ୍ପ ନୀତିରେ ୨ଟି ନୂଆ ଆର୍ଥିକ କରିଡର ନିର୍ମାଣ ହେବ। ଏଥିସହିତ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ସମେତ ନୂଆ କରି 'ଲ୍ୟାଣ୍ଡ ପୁଲିଂ ସ୍କିମ' ମଧ୍ୟ ପ୍ରଚଳନ ହେବ। ଯେଉଁଥିରେ ଘରୋଇ ଜମି ମାଲିକଙ୍କ ଜମିକୁ ଇଡ୍‌କୋ ଆଣି ତାକୁ ଶିଳ୍ପାଞ୍ଚଳ ଭାବେ ବିକଶିତ କରିବ। ସେହି ଜମିରେ ଉଭୟ ଇଡ୍‌କୋ ଓ ସମ୍ପୃକ୍ତ ଜମି ମାଲିକଙ୍କର ଲିଜ୍ ଅଧିକାର ରହିବ।

ପ୍ରସ୍ତାବିତ ଶିଳ୍ପ ନୀତିରେ ରାଜ୍ୟରେ ପୂର୍ବ ଓ ପଶ୍ଚିମକୁ ଯୋଡ଼ିବା ପାଇଁ ନୂଆ ଆର୍ଥିକ କରିଡର ନିର୍ମାଣ ହେବ। ଖୋର୍ଦ୍ଧା-ଝାରସୁଗୁଡ଼ା ମଧ୍ୟରେ ନିର୍ମାଣ ହେବାକୁ ଥିବା ଓଡ଼ିଶା ଇଷ୍ଟ-ୱେଷ୍ଟ କରିଡର ଇକୋନୋମିକ କରିଡର ଖୋର୍ଦ୍ଧା, କଟକ, ଅନୁଗୋଳ, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲା ମଧ୍ୟଦେଇ ଅତିକ୍ରମ କରିବ। ସେହିପରି ଅନ୍ୟ ଏକ ଆର୍ଥିକ କରିଡର ୨ଟି ଭାଗରେ ବିଭକ୍ତ ହୋଇ ରାଜ୍ୟର ଉପକୂଳ ଅଞ୍ଚଳକୁ ସଂଯୋଗ କରିବ। ଓଡ଼ିଶା ଇଷ୍ଟକୋଷ୍ଟ ଇକୋନୋମିକ କରିଡର ଭାବେ ଗୋପାଳପୁର-ଭୁବନେଶ୍ୱର-କଳିଙ୍ଗନଗର (ଜିବିକେ) ଏବଂ ପାରାଦୀପ-କେନ୍ଦ୍ରାପଡ଼ା-ଧାମରା-ସୁବର୍ଣ୍ଣରେଖା (ପିକେଡିଏସ୍) ନିର୍ମାଣ ହେବ। ସେହିପରି ଲ୍ୟାଣ୍ଡ ପୁଲିଂ ସ୍କିମ୍ ଭଳି ନୂଆ ଯୋଜନା ମାଧ୍ୟମରେ ଘରୋଇ ଲୋକଙ୍କୁ ନିଜର ଜମି ଦେବା ନିମନ୍ତେ ପ୍ରୋତ୍ସାହିତ କରାଯିବ। ସେଥିରେ ଘରୋଇ ଲୋକମାନେ ନିଜର ଜମି ଇଡ୍‌କୋକୁ ଦେବେ। ଇଡ୍‌କୋ ସେହି ଜମିକୁ ଶିଳ୍ପାଞ୍ଚଳ ଭାବେ ବିକଶିତ କରିବ। ଯେଉଁଥିରୁ କିଛି ଅଂଶର ଲିଜ୍ ଅଧିକାର(ଜମିର ପରିମାଣ ଉପରେ ନିର୍ଭର କରେ) ଜମି ମାଲିକଙ୍କ ପାଖରେ ରହିବ ଓ ବାକି ଲିଜ୍ ଅଧିକାର ଇଡ୍‌କୋ ପାଖରେ ରହିବ। ଏହି ଶିଳ୍ପାଞ୍ଚଳରେ ଯିଏ ଶିଳ୍ପ ପ୍ରତିଷ୍ଠା କରିବ ସେ ଇଡ୍‌କୋ କିମ୍ବା ଜମି ମାଲିକଙ୍କଠୁ ତାହା ନେଇପାରିବ।

ଓଡ଼ିଶାକୁ ପୂର୍ବ ଭାରତର ଔଦ୍ୟୋଗିକ କେନ୍ଦ୍ର ଭାବେ ବିକଶିତ କରିବା ନିମନ୍ତେ ଏହି ପ୍ରସ୍ତାବିତ ନୂଆ ଶିଳ୍ପ ନୀତିରେ ଲକ୍ଷ୍ୟ ରଖାଯାଇଛି। ରାଜ୍ୟର ବିଭିନ୍ନ ଔଦ୍ୟୋଗିକ ସଂଘ, ପ୍ରତିନିଧି, ଉଦ୍ୟୋଗ ଜଗତର ବିଶିଷ୍ଟ ବ୍ୟକ୍ତି ଓ ବିଶେଷଜ୍ଞ, ସରକାରୀ ବିଭାଗ ଓ ହିତାଧିକାରୀଙ୍କ ସହ ବିଚାରବିମର୍ଶ ପରେ ରାଜ୍ୟ ସରକାର ଏହି ଶିଳ୍ପ ନୀତି-୨୦୨୨କୁ ଚୂଡ଼ାନ୍ତ ରୂପ ଦେଇଛନ୍ତି। ଏହି ନୂଆ ଶିଳ୍ପ ନୀତି ମାଧ୍ୟମରେ ଓଡ଼ିଶାକୁ ଦକ୍ଷିଣ ଓ ପୂର୍ବ ଏସିଆ ନିମନ୍ତେ ବାଣିଜ୍ୟ ଓ ବ୍ୟବସାୟ ପ୍ରବେଶ ଦ୍ୱାର କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

# ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

**କଟକ ଅଫିସ,୧୭।୧୧**

## ବିଧାୟକ କଲୋନି ପାଇଁ ଗଛ କଟା ମାମଲା

- ୧୦ଜଣିଆ ବିଶେଷଜ୍ଞ କମିଟି ଗଠନ ହେବା ଦର୍ଶାଇଲେ
- ୮୭୦ କଟାଗଛର ମୂଲ୍ୟ ନିର୍ଦ୍ଧାରଣ ପାଇଁ ୨ ମାସ ସମୟ ମାଗିଲେ



ଭୁବନେଶ୍ୱର ଲୋକସେବା ଭବନ ନିକଟ ଜମିରେ ବହୁତଳ ପ୍ରାସାଦ ବିଶିଷ୍ଟ ବିଧାୟକ କଲୋନି ନିର୍ମାଣ ପାଇଁ ବେଆଇନ ଭାବେ ଗଛ କଟା ନେଇ ହାଇକୋର୍ଟରେ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି ଗୁରୁବାର ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇ କଟା ହୋଇଥିବା ୮୭୦ ଗଛର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଥିବା ଦର୍ଶାଯାଇଛି। ଏଥିସହ ୮୭୦ ଗଛର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ୨ ମାସ ସମୟ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସରକାରଙ୍କୁ ସମୟ ଦେଇଛନ୍ତି। ଆସନ୍ତା ଫେବୃୟାରୀ ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସାମାଜିକ କର୍ମୀ ଜୟନ୍ତୀ ଦାସଙ୍କ ପକ୍ଷରୁ ଆଗତ ଏହି ମାମଲାର ସେପ୍ଟେମ୍ବର ୭ ତାରିଖ ଶୁଣାଣିରେ ହାଇକୋର୍ଟ ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏକ ବିଶେଷଜ୍ଞ କମିଟି ଗଠନ କରି କଟା ଯାଇଥିବା ଗଛଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ଲୋକସେବା ଭବନର ଉପନିର୍ଦ୍ଦେଶକ ଇତିଶ୍ରୀ ରାଉତ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଉପରୋକ୍ତ ତଥ୍ୟ ବାବଦରେ ଅବଗତ କରାଇଛନ୍ତି। କଟାଗଛର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ହୋଇଥିବା ବିଶେଷଜ୍ଞ କମିଟିରେ ଭୁବନେଶ୍ୱର ସିଟି ଫରେଷ୍ଟ ଡିଭିଜନର ଡିଭିଜନାଲ ଫରେଷ୍ଟ ଅଫିସର ଚେୟାରମ୍ୟାନ ଅଛନ୍ତି। ଏଥିସହ ମେମ୍ବର ଭାବେ ରାଜ୍ୟ ସରକାରଙ୍କ ପିଏ ଆଣ୍ଡ ପିଜି ଡିପାର୍ଟମେଣ୍ଟର ଅତିରିକ୍ତ ସଚିବ, ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକଶନ କର୍ପୋରେଶନ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର, ଓଏଫଡିସିର ଡିଭିଜନାଲ ମ୍ୟାନେଜର, ବିଡିଏର ଉଦ୍ୟାନ କୃଷିବିତ୍, ବିଏମ୍‌ସିର ଉଦ୍ୟାନକୃଷିବିତ୍, ରିଜିଓନାଲ ସେଣ୍ଟର ଫର୍ ଡେଭେଲପମେଣ୍ଟର କୋଅପରେଶନର ପ୍ରତିନିଧି, ଆମ ଅଧିକାର ସଙ୍ଗଠନର ମୁଖ୍ୟ ଏବଂ ଏକ୍ସପର୍ଟ ମେମ୍ବର ଭାବେ ଭୁବନେଶ୍ୱର ଉଦ୍ୟାନକୃଷି ବିଭାଗର ନିର୍ଦ୍ଦେଶକଙ୍କ ପ୍ରତିନିଧି ଓ ଭୁବନେଶ୍ୱର ରିଜିଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟରର ପ୍ରତିନିଧିଙ୍କୁ ଉକ୍ତ କମିଟିରେ ସାମିଲ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଜୟ କୁମାର ରଗଡ଼ ମାମଲା ପରିଚାଳନା କରୁଛନ୍ତି।

ଏହି ଜନସ୍ୱାର୍ଥ ମାମଲାରେ ଆବେଦନକାରୀ ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ବିଧାୟକ କଲୋନି ନିର୍ମାଣ ପାଇଁ ବେଆଇନ ଭାବେ କଟାଯାଇଛି ୮୭୦ଟି ପୁରୁଣା ଗଛ। ପ୍ରାୟ ୧୫୦ ବର୍ଷରୁ ଅଧିକ ପୁରୁଣା ଗଛଗୁଡ଼ିକୁ କଟାଯିବା ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡ଼ିବ। ରାଜ୍ୟ ବିଧାନସଭାର ୧୪୭ ଜଣ ବିଧାୟକଙ୍କ ପାଇଁ କଲୋନି ରହିଥିବାବେଳେ ତାହାକୁ ଭଙ୍ଗାଯାଇ ସେହି ଜାଗାରେ ନୂତନ ବହୁତଳ ବିଲ୍ଡିଂ ନିର୍ମାଣ କରାଯାଇପାରିଥାନ୍ତା। ମାତ୍ର ତାହା ନ କରି ଏତେ ସଂଖ୍ୟକ ପୁରୁଣା ଗଛ କଟାଯାଇ ପରିବେଶ ପ୍ରଦୂଷଣକୁ ଅଣଦେଖା କରାଯାଇଛି। ଏଥିସହ ସରକାର ୮୭୦ଟି ପୁରୁଣା ଗଛର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ କୌଣସି ବିଶେଷଜ୍ଞ କମିଟି ଗଠନ କରିନାହାନ୍ତି। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା ଯେ, କଟାଯାଇଥିବା ୮୭୦ଟି ପୁରୁଣା ଗଛ ବଦଳରେ ୧୦ ଗୁଣା ଅର୍ଥାତ୍ ୮୭୦୦ଟି ଗଛ ସହରର ଅନ୍ୟାନ୍ୟ ସ୍ଥାନରେ ଲଗାଇବା ନିମନ୍ତେ ଅର୍ଥ ଯୋଗାଇ ଦିଆଯାଇଛି। ପ୍ରାୟ ୬୭ ଲକ୍ଷ ଟଙ୍କା ବନୀକରଣ ଓ ରକ୍ଷଣାବେକ୍ଷଣ ବାବଦରେ ଖର୍ଚ୍ଚ କରାଯିବା ନିମନ୍ତେ ଅର୍ଥ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ସମସ୍ତ ପ୍ରକ୍ରିୟା ଆଇନ ଅନୁଯାୟୀ କରାଯାଇଥିବା ନେଇ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ମାତ୍ର ଗଛକଟା ଓ ବନୀକରଣ ନେଇ ରହିଥିବା ସୁପ୍ରିମକୋର୍ଟଙ୍କ ଗାଇଡ୍ ଲାଇନ ପାଳନ କରାଯାଇ ନ ଥିବା ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଏଥିସହ ବିଶେଷଜ୍ଞ କମିଟି ଦ୍ୱାରା କଟାଯାଇଥିବା ଗଛଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

# ୩୦ ସୁଦ୍ଧା ହକି ଷ୍ଟାଡିୟମ, ବିମାନବନ୍ଦର କାର୍ଯ୍ୟ ଶେଷକରି

**ରାଉରକେଲା ଅଫିସ,୧୭।୧୧**

## ଦିନିକିଆ ଗସ୍ତରେ ମୁଖ୍ୟ ଶାସନ ସଚିବ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁବାର ରାଉରକେଲାକୁ ଦିନିକିଆ ଗସ୍ତରେ ଆସି ବିପିୟୁଟି ପରିସରରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ଓ ରାଉରକେଲା ବିମାନବନ୍ଦର ସହିତ ବିଭିନ୍ନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଏହି ଉଚ୍ଚସ୍ତରୀୟ ଟିମ୍‌ରେ କ୍ରୀଡ଼ା ଓ ଯୁବ ସେବା ସଚିବ ଆର. ଭିନିଲକିଷ୍ଣା ଓ ଇଡକୋର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ଉପସ୍ଥିତ ଥିଲେ। ଏହି ଟିମ୍ ଅନ୍ତର୍ଜାତୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମକୁ ପରିଦର୍ଶନ କରି ଖେଳାଳିଙ୍କ ଡ୍ରେସିଂ ରୁମ, ଷ୍ଟାଡିୟମ୍‌ର ପ୍ୟାଭିଲିୟନ, ପାନୀୟ ଜଳ ବ୍ୟବସ୍ଥା, ପାର୍କିଂର ବ୍ୟବସ୍ଥା ଆଦି ବୁଲି ଦେଖିଥିଲେ। ଏଥିସହ ଷ୍ଟାଡିୟମ ପରିସରରେ ନିର୍ମାଣ ହେଉଥିବା ଖେଳାଳିଙ୍କ ରହିବା ପାଇଁ ୨୨୫ ବିଶିଷ୍ଟ କକ୍ଷକୁ ମଧ୍ୟ ମୁଖ୍ୟ ଶାସନ ସଚିବ ମହାପାତ୍ର ଯାଞ୍ଚ କରିଥିଲେ। ଏହା ପରେ ମୁଖ୍ୟ ଶାସନ ସଚିବ ରାଉରକେଲା ବିମାନବନ୍ଦରର ଚାଲିଥିବା ସମ୍ପ୍ରସାରଣ କାର୍ଯ୍ୟ ମଧ୍ୟ ସମୀକ୍ଷା କରିଥିଲେ। ନଭେମ୍ବର ୩୦ ତାରିଖ ସୁଦ୍ଧା ହକି ଷ୍ଟାଡିୟମ ଓ ବିମାନବନ୍ଦର କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ରାଉରକେଲା ବିମାନବନ୍ଦର ପ୍ରେକ୍ଷାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ ଶାସନ ସଚିବ ମହାପାତ୍ର କହିଥିଲେ, ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଅଭ୍ୟାସ ପଡ଼ିଆ ସହିତ ମୁଖ୍ୟ ଷ୍ଟାଡିୟମରେ ଟର୍ଫ ପଡିଯାଇଛି। ଦର୍ଶକ ଗ୍ୟାଲେରି ସହିତ ଖେଳାଳି ଓ ବିଭିନ୍ନ ଅଫିସିଆଲମାନଙ୍କ ପାଇଁ କରାଯାଇଥିବା ରହଣୀସ୍ଥଳ କାମ ମଧ୍ୟ ଖୁବଶୀଘ୍ର ଶେଷ ହେବାକୁ ଯାଉଛି। ଷ୍ଟାଡିୟମ କାମ ଶେଷ ହେବା ପରେ ସେଠାରେ ତୁରନ୍ତ ଅଭ୍ୟାସ ମ୍ୟାଚ କରାଯିବ। ରାଉରକେଲାରେ ପ୍ରଥମ ଥର ପାଇଁ ହକି ବିଶ୍ୱକପ ଆୟୋଜନ ହେଉଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ବିଭିନ୍ନ ଦର୍ଶକଙ୍କ ପାଇଁ ଆଧୁନିକ ପାର୍କିଂସ୍ଥଳ, ଶୌଚାଳୟ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା ଭଳି ବିଭିନ୍ନ ଦିଗରେ ବ୍ୟବସ୍ଥା କରାଯାଇଛି। ଏଥିସହ ବାହାରେ ରହି ଖେଳ ଦେଖିବା ପାଇଁ ଦର୍ଶକଙ୍କ ନିମନ୍ତେ ବିଭିନ୍ନ ସ୍ଥାନରେ ଏଲଇଡି ସ୍କ୍ରିନର ବ୍ୟବସ୍ଥା କରାଯିବ ବୋଲି ମହାପାତ୍ର କହିଥିଲେ। ସେହିଭଳି ବିମାନବନ୍ଦର ସମ୍ପ୍ରସାରଣ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ରାଉରକେଲାରେ ଖେଳା ହେବାକୁ ଥିବା ୨୦ଟି ମ୍ୟାଚର ଖେଳାଳିଙ୍କ ପାଇଁ ଭୁବନେଶ୍ୱରରୁ ରାଉରକେଲାକୁ ସିଧାସଳଖ ଚାର୍ଟର ବିମାନ ଚଳାଚଳ କରିବ। ଏଥିସହ ବିମାନ ବନ୍ଦରକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାର ଉନ୍ନତୀକରଣ କରାଯାଉଥିବା ମୁଖ୍ୟ ଶାସନ ସଚିବ କହିଥିଲେ। ଏହି ସମ୍ମିଳନୀରେ ସୁନ୍ଦରଗଡ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ରାଉରକେଲା ପୂର୍ତ୍ତ ବିଭାଗର ଅଧିକାରୀ ମନୋଜ ମହାନନ୍ଦଙ୍କ ସହ ଜିଲା ପ୍ରଶାସନ ଓ ଆରଏମ୍‌ସିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରାଉରକେଲା ବିପିୟୁଟି ପରିସରରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ଅନୁଧାନ କରୁଛନ୍ତି।

# ବାଘୁଣୀ ଅନିତା ଗୁରୁତର

**ବାରଙ୍ଗ,୧୭।୧୧(ଡି.ଏନ୍.ଏ.)**

ନନ୍ଦନକାନନରେ କଲରାପତରିଆ ବାଘୁଣୀ ଅନିତା ଅସୁସ୍ଥ ହୋଇପଡିଛି। ଅନିତା ଏବେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛି। ସେ କିଛିଦିନ ହେବ ଠିକ୍ ଭାବେ ଖାଦ୍ୟ ଗ୍ରହଣ ନ କରିବା ସହ ମଳତ୍ୟାଗ ମଧ୍ୟ କରୁ ନାହିଁ। ଯାହାକୁ ନେଇ ପ୍ରାଣୀ ଚିକିତ୍ସକଙ୍କ ଚିନ୍ତା ବଢିଯାଇଛି। ଫଳରେ ପ୍ରାଣୀ ଚିକିତ୍ସକମାନେ ତା'ର ଅଲଟ୍ରାସାଉଣ୍ଡ କରିବାରୁ ପେଟରେ ପାଣି ଜମିବା ସହ ଲିଭର୍ ସଂକ୍ରମଣ ହୋଇଥିବା ଜାଣିବାକୁ ପାଇଛନ୍ତି। ଅନିତାକୁ ବର୍ତ୍ତମାନ ଆଇସୋଲେଶନ ୱାର୍ଡରେ ରଖାଯାଇ ଚିକିତ୍ସା ଆରମ୍ଭ ହୋଇଛି।






# ହାଲୁକା ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

## ଲଘୁଚାପ



- ୨୩ ଯାଏ ଶୀତ କମିବ
- ୧୪ ଡିଗ୍ରୀ ତଳେ ୯ ସହର

ଦକ୍ଷିଣ ଆଣ୍ଡାମାନ ନିକଟରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟାରେ ଏହା ଲଘୁଚାପରେ ପରିଣତ ହେବ। ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତିକରି ପରବର୍ତ୍ତୀ ୪୮ ଘଣ୍ଟାରେ ଅବପାତ ରୂପନେବ। ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶରେ ଏହାର ପ୍ରଭାବ ଅଧିକ ରହିବ। ମାତ୍ର ଓଡ଼ିଶାରେ ଏହାର ପ୍ରଭାବ ସେତେଟା ରହିବ ନାହିଁ। ଉପକୂଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ହାଲୁକା ବର୍ଷା ହେବ। ଲଘୁଚାପ ଯୋଗୁ ଶୀତ ଶୁକ୍ରବାରଠାରୁ କମିବ। ସର୍ବନିମ୍ନ ପାରଦ ୨ରୁ ୩ ଡିଗ୍ରୀ ବଢ଼ିବ। ଆସନ୍ତା ୨୩ ତାରିଖ ଯାଏ ଏଭଳି ପାଗ ରହିବ। ୨୪ରୁ ପୁଣି ଶୀତ ବଢ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଉତ୍ତର ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ଓ ଥଣ୍ଡା ପବନ ପ୍ରବେଶ କରୁଥିବାରୁ ଗତ କିଛିଦିନ ହେବ ଅଧିକ ଥଣ୍ଡା ଅନୁଭୂତ ହେଉଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ଘନକୁହୁଡ଼ି ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରାଜ୍ୟର ୯ ସହରର ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି । ଶିମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୬.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଜି.ଉଦୟଗିରିରେ ୮ଡିଗ୍ରୀ, ଫୁଲବାଣୀ ୧୦ ଡିଗ୍ରୀ, କୋରାପୁଟ ୧୦ ଡିଗ୍ରୀ, ଦାରିଙ୍ଗବାଡ଼ି ୧୦.୫ ଡିଗ୍ରୀ, ଭବାନୀପାଟଣା ୧୨ ଡିଗ୍ରୀ, ବୌଦ୍ଧ ୧୨ ଡିଗ୍ରୀ, ଝାରସୁଗୁଡ଼ା ୧୩.୨ ଡିଗ୍ରୀ, କେନ୍ଦୁଝରରେ ୧୩.୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।




**ଆଜିର ମନ୍ତବ୍ୟ**

"ଭାରତର ନିର୍ବାଚନ କମିଶନ ଏକ ସ୍ୱାଧୀନ ସଂସ୍ଥା। ସରକାର ଏହାର ବୋଲ ମାନିବାକୁ କାହାକୁ ବାଧ୍ୟ କରୁନାହାନ୍ତି।
– କିରେନ୍ ରିଜିଜୁ, କେନ୍ଦ୍ର ଆଇନ ମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥାଉ ଚିରାକନା ଯାଉ ମାଠ**
**ଏଥିପାଇଁ କିଆଁ କାଠ କାଠ ?**

ମଣିଷର ଆଭିଜାତ୍ୟ ଟିକିଏ ବଞ୍ଚି ରହିଲେ ସିଏ ସେଇ ଅନୁଭବରେ ହିଁ ଆନନ୍ଦ ପାଇଥାଏ। ଚଳନ୍ତି ବହୁ ମୂଲ୍ୟର ସାମଗ୍ରୀ ସେଇ ସେତକ ଆନନ୍ଦ ତୁଳନାରେ କିଛି ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଥିଲା ଲୋକ ପାଇଁ ସଭିଏଁ ଧାଇଁ**
**ନ ଥିଲା ଲୋକକୁ ପୁଛନ୍ତି ନାହିଁ।**

ସାଧାରଣତଃ ଧନୀ ଲୋକକୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ସେମାନଙ୍କୁ ମାନ୍ୟତା ଦେବା ସହ ନିଜର କୃତଜ୍ଞତା ଜଣାଇଥାନ୍ତି। ଏପରି କି ଭଲ ମନ୍ଦରେ ସେମାନଙ୍କ ପଛେ ଛିଡ଼ା ହୋଇଥାନ୍ତି। ତେବେ ଦୀନହୀନ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ପୂରାପୂରି ଓଲଟା ଚିତ୍ର ଦେଖିବାକୁ ମିଳିଥାଏ। ସେମାନଙ୍କ ଭଲ ମନ୍ଦ ପଚାରିବା ତ ଦୂରର କଥା ତାଙ୍କୁ ଆଡ଼ ଆଖିରେ ମଧ୍ୟ ଚାହିଁ ନ ଥାନ୍ତି। ଏହା ହିଁ ସଂସାରର ରୀତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଗିରିଧାରୀ ମଠରୁ ୧୨ ଅଷ୍ଟଧାତୁ ମୂର୍ତ୍ତି ଚୋରି

**କଟକ ସଦର,୧୭।୧୧(ଡି.ଏନ୍.ଏ.)**



କଟକ ଜିଲା କିଶନ ନଗର ଥାନା ଅନ୍ତର୍ଗତ ଓଡ଼ପଡ଼ାସ୍ଥିତ ଗିରିଧାରୀ ମଠରୁ ବୁଧବାର ରାତିରେ ୧୨ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳେ ମଠର ପୂଜକ ସଚ୍ଚିଦାନନ୍ଦ ଦାସ ମହାରାଜ ପୂଜା ପାଇଁ ଆସିବାରୁ ମନ୍ଦିର କବାଟ ତାଲା ଭଙ୍ଗାଯାଇ ମୂର୍ତ୍ତି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ମନ୍ଦିର ପରିଚାଳନା କମିଟିକୁ ଖବର ଦିଆଯାଇଥିଲା। ପରେ କମିଟି ପକ୍ଷରୁ ଏ ନେଇ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ, ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୨୧୩/୨୨) ରୁଜୁ ହୋଇଛି। ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନ ଥିବାବେଳେ ଏହି ଚୋରି ପଛରେ ଅନ୍ତର୍ଜାତୀୟ ମୂର୍ତ୍ତି ଚୋର ର୍ୟାକେଟ୍‌ର ସମ୍ପୃକ୍ତି ଥିବା ପୋଲିସ ଅନୁମାନ କରିଛି। କାରଣ ମଠରେ ଥିବା ରୁପା ଓ ପିତଳ ଜିନିଷକୁ ଦୁର୍ବୃତ୍ତମାନେ ନେଇନାହାନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ୧୫୦୦ ଖ୍ରୀଷ୍ଟାବ୍ଦର ଏହି ମଠରେ ଶ୍ରୀକୃଷ୍ଣଙ୍କର ମୂର୍ତ୍ତି ରଖି ପୂଜା କରାଯାଉଥିଲା। ବିଭିନ୍ନ ଦିଗରୁ ଅନୁସନ୍ଧାନ କରାଯାଉଛି ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ସମ୍ପର୍କର ସେତୁ...

ଖାଦ୍ୟ, ଫ୍ୟାଶନ ଓ ସାଧାରଣ ଲୋକଙ୍କ କଥା ପ୍ରଦର୍ଶିତ ହୋଇଛି। ଏହା ଉପରେ ନିଷେଧାଦେଶ ଜାରି କରାଯିବା ଫଳରେ ଆମ ଦେଶକୁ ନେଇ ଏକ ନକାରାତ୍ମକ ଭାବମୂର୍ତ୍ତି ପ୍ରତିଷ୍ଠା ହୋଇଛି। ବାସ୍ତବରେ ସ୍ୱାଧୀନତାକାମୀ ପାକିସ୍ତାନୀମାନେ ଦୈନନ୍ଦିନ ଜୀବନରେ ଛୋଟ ଛୋଟ ଜିନିଷରେ କିପରି ନିଜ ଇଚ୍ଛା ପୂରଣ କରିବାକୁ ଚାହୁଁଛନ୍ତି, ତାହା ହିଁ ଫିଲ୍ମରେ ଦେଖାଯାଇଛି। ନାରୀ ଶିକ୍ଷା ଆକ୍ଟିଭିଷ୍ଟ ମାଲାଲା ଆହୁରି କହିଛନ୍ତି, କଳା ଲୋକସମ୍ପର୍କର ଏକ ମାଧ୍ୟମ ହେବା ଉଚିତ। ଫିଲ୍ମକୁ ଦେଖିବା ପରେ ପାକିସ୍ତାନ ପ୍ରତି ବିଶ୍ୱର ରହିଥିବା ନକାରାତ୍ମକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସିବା ଉଚିତ।

ପ୍ରକାଶ ଯେ, ଗତ ୧୩ ତାରିଖରେ ପାକିସ୍ତାନ ସରକାର ଓସ୍କାର ଦୌଡ଼ରେ ସାମିଲ ହୋଇଥିବା 'ଜୟଲ୍ୟାଣ୍ଡ' ଉପରେ କଟକଣା ଲଗାଇଥିଲେ। ଫିଲ୍ମରେ ପାକିସ୍ତାନୀ ସମାଜର ମୂଲ୍ୟବୋଧ ପରିପନ୍ଥୀ ତଥା ଅତ୍ୟନ୍ତ ଆପତ୍ତିଜନକ ବିଷୟବସ୍ତୁ ରହିଥିବା ନେଇ ଅଭିଯୋଗ ହେବା ପରେ ଦେଶର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଗତ ଅଗଷ୍ଟରେ ଦେଇଥିବା ଏହାର ପ୍ରଦର୍ଶନ ଲାଇସେନ୍ସକୁ ରଦ୍ଦ କରିଦେଇଥିଲା। ଏହାକୁ ନେଇ ଫିଲ୍ମର କଳାକାରଙ୍କ ସମେତ ଅନ୍ୟ ସେଲିବ୍ରିଟି ଏବଂ ନେଟିଜେନ୍ସଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଫଳରେ ପ୍ରଧାନମନ୍ତ୍ରୀ ଶରିଫ୍ 'ଜୟଲ୍ୟାଣ୍ଡ' ବିରୋଧରେ ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକର ମୂଲ୍ୟାଙ୍କନ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିଥିଲେ। ଫିଲ୍ମକୁ ମଞ୍ଜୁରୀ ମିଳିବା ପରେ ମଧ୍ୟ ପଞ୍ଜାବ ପ୍ରଦେଶ ସରକାର ଏହାକୁ ପ୍ରଦର୍ଶିତ କରାଇଦେବେ ନାହିଁ ବୋଲି ଘୋଷଣା କରିଛନ୍ତି।

## ଫସଲବୀମା ପ୍ରୟୋଗ...

ଏବଂ ରାଜ୍ୟର ଚାଷୀଙ୍କୁ ସତ୍ୟତା ଲୁଚାଇବାକୁ ଚାହୁଁଛି। ଏହି ଚିଠିଟି ତ୍ରୁଟିପୂର୍ଣ୍ଣ, ଭୁଲ୍ ଏବଂ ଅର୍ଦ୍ଧସତ୍ୟ ଉପରେ ଆଧାରିତ। ମୁଖ୍ୟମନ୍ତ୍ରୀ ୨୯ ଅଗଷ୍ଟ ୨୦୨୨ରେ ଚିଠି ଲେଖି ଦାବି କରିଥିଲେ ଯେ, ଓଡ଼ିଶା ଚାଷୀଙ୍କୁ ଦିଆଯାଉଥିବା ଫସଲ ବୀମା ରାଶି ଲୁଚାଯାଉଛି ଏବଂ ଏହାକୁ ଦର୍ଶାଯାଉ ନାହିଁ। ତୋମାରଙ୍କ ଚିଠି ଅନୁଯାୟୀ ଯଦି ବୈଷୟିକ ପରାମର୍ଶଦାତା କମିଟି (ଟିଏସି) ଦ୍ୱାରା ୭ ନଭେମ୍ବର ୨୦୨୨ରେ ଫସଲ ବୀମା ଅର୍ଥ ଅନୁମୋଦନ କରାଯାଇଛି ; ତେବେ କେନ୍ଦ୍ରମନ୍ତ୍ରୀ ୧୫ ନଭେମ୍ବର ୨୦୨୨ରେ ଟୁଇଟ୍ କରି ବର୍ତ୍ତମାନ ପଦ୍ମପୁର ଏବଂ ବରଗଡ଼ର ଚାଷୀଙ୍କୁ ଦେୟ ଦେବାକୁ ବୀମା କମ୍ପାନୀଗୁଡ଼ିକୁ କାହିଁକି ନିର୍ଦ୍ଦେଶ ଦେଇଛନ୍ତି ବୋଲି ସସ୍ମିତ ପ୍ରଶ୍ନ କରିଛନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଫସଲବୀମା ଉପରେ କେନ୍ଦ୍ରର ମିଥ୍ୟାକୁ ପଦ୍ମପୁର ଏବଂ ରାଜ୍ୟର କୃଷକମାନେ ଧରିଛନ୍ତି। ବର୍ତ୍ତମାନ ପଦ୍ମପୁର ଏବଂ ଓଡ଼ିଶାର କୃଷକମାନେ ଜାଣନ୍ତି ଯେ, ପିଏମ୍ଏଫ୍‌ବିୱାଇ ନାମଟି ସ୍ୱାଭାବିକ ଭାବେ କେନ୍ଦ୍ରର। ଫସଲ ବୀମା ଅର୍ଥ ଦେବାପାଇଁ ସେମାନେ କେବଳ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇପାରିବେ। ଚୂଡ଼ାନ୍ତ ନିଷ୍ପତ୍ତି କ୍ଷେତ୍ରରେ ରାଜ୍ୟର କୌଣସି ଭୂମିକା ନାହିଁ। ଆଗାମୀ ପଦ୍ମପୁର ଉପନିର୍ବାଚନରେ ଚାଷୀମାନେ ଏହାର ଉପଯୁକ୍ତ ଉତ୍ତର କେନ୍ଦ୍ରକୁ ଦେବାକୁ ଯାଉଥିବା ସସ୍ମିତ୍ କହିଛନ୍ତି।

## ବିତାଡ଼ିତ ହେଲେ...



ଗଞ୍ଜାମ ଜିଲା ବ୍ରହ୍ମପୁର ସହରର ଏକ ଖ୍ୟାତିସମ୍ପନ୍ନ ପୁରାତନ ସରକାରୀ ମହାବିଦ୍ୟାଳୟ କ୍ୟାମ୍ପସରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରାଯିବା ଘଟଣାରେ ଗିରଫ ଅଭିଯୁକ୍ତମାନେ।

ଅନୁଷ୍ଠିତ ହୋଇଥିଲା। କ୍ୟାମ୍ପସ୍‌କୁ ରାଗିଂ ମୁକ୍ତ କରିବାକୁ ଏକ ଆଣ୍ଟି ରାଗିଂ କମିଟି ଗଠନ କରାଯାଇଛି। ଅନ୍ୟପଟେ ପୀଡ଼ିତା ଛାତ୍ରୀଙ୍କୁ ବରିଷ୍ଠ ମହିଳା ପୋଲିସ ଅଧିକାରୀମାନେ କାଉନ୍‌ସେଲିଂ କରିଛନ୍ତି। ତାଙ୍କ ସୁରକ୍ଷା ଏବଂ ଶିକ୍ଷା ବ୍ୟବସ୍ଥା ଦାୟିତ୍ୱ ପୋଲିସ ବୁଝିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହି ଘଟଣାରେ କେବଳ ୧୨ ଜଣଙ୍କ ସମ୍ପୃକ୍ତି ଅଛି ନା ଅନ୍ୟ କେହି ଏଭଳି କାର୍ଯ୍ୟକୁ ପ୍ରୋତ୍ସାହିତ କରିଥିଲେ, ତାହାର ତନାଘନା କରାଯାଉଛି। ଅନ୍ୟ ଯେଉଁମାନଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବ, ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ ଛାତ୍ର ଅଭିଷେକ ଏବଂ ତାଙ୍କ ସହଯୋଗୀମାନେ ସମ୍ପୃକ୍ତା ଯୁକ୍ତ ୨ ବିଜ୍ଞାନ ବିଭାଗ ଛାତ୍ରୀଙ୍କୁ କଲେଜ ପରିସରରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଅଭିଷେକ ଏକ ପିଭିସି ପାଇପ୍ ଧରି ଛାତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବାବେଳେ ଅନ୍ୟ ଜଣେ ଛାତ୍ର ଅସଦାଚରଣ କରୁଥିବା ଦୃଶ୍ୟର ଭିଡିଓ ରେକର୍ଡିଂ କରିବାକୁ କହୁଥିଲେ। ସମ୍ପୃକ୍ତ ଛାତ୍ର ଜଣକ ଛାତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଦୃଶ୍ୟ ଉକ୍ତ ଭିଡିଓରୁ ଦେଖିବାକୁ ମିଳିଥିଲା।

## ସି.ଭି. ଆନନ୍ଦ ବୋଷ...

ଲା ଗଣେଶନ ପଶ୍ଚିମବଙ୍ଗ ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଡ. ଆନନ୍ଦ ବୋଷ୍ ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ସଚିବ, ମୁଖ୍ୟ ସଚିବ ଏବଂ ବିଶ୍ୱବିଦ୍ୟାଳୟର କୁଳପତି ଭାବେ କାର୍ଯ୍ୟ କରିଆସିଛନ୍ତି। ସେ ଜାତିସଂଘ ହାବିଟାଟ୍ ଗଭର୍ନିଂ କାଉନସିଲ୍ ସଦସ୍ୟ ଏବଂ ହାବିଟାଟ୍ ଆଲାଏନ୍ସର ଅଧକ୍ଷ ରହିଥିଲେ। ସେ ଶିକ୍ଷା, ଜଙ୍ଗଲ, ପରିବେଶ, ଶ୍ରମ ଓ ସାଧାରଣ ପ୍ରଶାସନ ଆଦି ମନ୍ତ୍ରଣାଳୟରେ ପ୍ରମୁଖ ସଚିବ ଓ ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟ ତୁଲାଇଥିଲେ।

# ଖଣି ଅଞ୍ଚଳରେ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା ହେବ

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)**



ଖଣିଜ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ଯୁବବର୍ଗଙ୍କୁ କୁଶଳୀ କରିବାକୁ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଏନେଇ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଗୁରୁବାର ଲୋକସେବା ଭବନରେ ଟାଟା ଗ୍ରୁପ୍‌ର ସ୍କିଲ କାଉନସିଲ୍ ଫର୍ ମାଇନିଂ ସେକ୍ଟର (ଏସ୍‌ସିଏମ୍ଏସ୍) ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଶାର ଅଧିକାଂଶ ଜିଲା ଖଣି ପ୍ରଭାବିତ ଅଞ୍ଚଳ। ସେଥିପାଇଁ ଜିଲାସ୍ତରରେ ଖଣି ପ୍ରଭାବିତ ଅଞ୍ଚଳରେ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଯୋଜନା ହେଉଛି। ଫଳରେ ସ୍ଥାନୀୟ ଯୁବପିଢ଼ିଙ୍କୁ ଟ୍ରେନିଂ ଦେଇ ଦକ୍ଷତା ବୃଦ୍ଧି କରାଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷାକୁ ଟ୍ରେନିଂ ପ୍ରଦାନର ମୁଖ୍ୟ ଅଂଶ ଭାବେ ଗ୍ରହଣ କରାଯିବ। ଏହାଦ୍ୱାରା ଖଣି ପ୍ରଭାବିତ ଅଞ୍ଚଳରେ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବା ସହ ପରିବେଶ ସୁରକ୍ଷିତ ରଖାଯାଇପାରିବ ବୋଲି ମନ୍ତ୍ରୀ ଘଡ଼େଇ କହିଛନ୍ତି। ତେବେ ସ୍ଥାନୀୟ ଖଣିଜ କେନ୍ଦ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ କରାଯିବ। ଏଥିଲାଗି ଆବଶ୍ୟକ ଭିତ୍ତିଭୂମି ରାଜ୍ୟ ସରକାର ଯୋଗାଇଦେବେ। ଖଣି ଅଞ୍ଚଳର ଯୁବପିଢ଼ିଙ୍କୁ କୁଶଳୀ କରିବାରେ ସଫଳ ହୋଇଥିବା ଏସ୍‌ସିଏମ୍ଏସ୍ ଖୁବ୍‌ଶୀଘ୍ର ଏକ ରାଜ୍ୟସ୍ତରୀୟ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିବ। ଏହି ବୈଠକରେ ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ରେଘୁଜୀ, ଏସ୍‌ସିଏମ୍ଏସ୍‌ର ଏମ୍‌ଡି ପଙ୍କଜ ସତେଜା, ସିଇଓ ସଞ୍ଜୟ ଶର୍ମା, ଅପରେଶନ ମୁଖ୍ୟ ନଭନୀତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟିଲ ସିଟିରେ ନକଲି ସସ୍ ଫ୍ୟାକ୍ଟ୍ରି ଠାବ

- ସିଲ୍ କଲା ଆର୍‌ଏମ୍‌ସି ସ୍ୱାସ୍ଥ୍ୟ ବିଭାଗ
- ଅଢ଼େଇ କୁଇଣ୍ଟାଲ ନକଲି ସସ୍ ଜବତ

**ରାଉରକେଲା ଅଫିସ,୧୭।୧୧**



ରାଉରକେଲା ମହାନଗର ନିଗମର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି।

ଷ୍ଟିଲସିଟି ରାଉରକେଲାରେ ବହୁ ଦିନ ଧରି ନକଲି ସସ୍ କାରବାର କରୁଥିବା କେତେଜଣ ବ୍ୟବସାୟୀଙ୍କ ଉପରେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି)ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ଏହି ଚଢାଉ ସମୟରେ ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମଧୁସୂଦନପାଲୀ ଅଞ୍ଚଳରେ ନକଲି ସସ୍ ଫ୍ୟାକ୍ଟ୍ରିକୁ ସ୍ୱାସ୍ଥ୍ୟ ବିଭାଗ ଠାବ କରିଛି। ଏହି ନକଲି ସସ୍ ଫ୍ୟାକ୍ଟ୍ରି ବିନା ଲାଇସେନ୍ସରେ ଚାଲିଥିଲା। ଏଠାରେ ତିଆରି ହେଉଥିବା ସମସ୍ତ ପ୍ରକାର ସସ୍ ଅତି ନିମ୍ନମାନର। ଫଳରେ ବିଭାଗୀୟ ଅଧିକାରୀ ଉକ୍ତ ସସ୍ ଫ୍ୟାକ୍ଟ୍ରିକୁ ଅତିରିକ୍ତ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ୍ କରିଛନ୍ତି। ସୂଚନାଯୋଗ୍ୟ, ମଧୁସୂଦନପାଲି ଅଞ୍ଚଳରେ ବଷ୍ଟୁ ସାହୁ ସପରିବାର ବାସ କରନ୍ତି। ସେ ଦୁର୍ଗାପୁର ପାହାଡ ତଳେ ଥିବା ଏକ ଅନାବାଦି ଜାଗାରେ ଆଜବେଷ୍ଟସ ପକାଇ ଏକ ସସ୍ ଫ୍ୟାକ୍ଟ୍ରି କରିଥିଲେ। ଏହି ସସ୍ ଫ୍ୟାକ୍ଟ୍ରିରେ ବଷ୍ଟୁ ପଚା ଟମାଟୋ, ଲାଉ, କଖାରୁ, ଆଳୁ ଭଳି ବିଭିନ୍ନ ଜିନିଷ ପକାଇ ସେଥିରେ କେମିକାଲ ଓ ରଙ୍ଗ ମିଶାଇ ସସ୍ ତିଆରି କରୁଥିଲେ। ଉକ୍ତ ସସ୍‌କୁ ବଷ୍ଟୁ ରାଉରକେଲା ବଜାରରେ ବୋତଲ ପିଛା ୩୦ ରୁ ୪୦ ଟଙ୍କା ଭିତରେ ବିଭିନ୍ନ ନାମୀଦାମୀ କମ୍ପାନୀର ଷ୍ଟିକର ମାରି ବିକ୍ରି କରୁଥିଲେ। ଏହି ବିଷୟରେ କୌଣସି ବିଶେଷ ସୂତ୍ରରୁ ଆର୍‌ଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏସ୍.କେ. ପରିଡ଼ା ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଚଢାଉ କରିଥିଲେ। ଏହି ଚଢାଉ ସମୟରେ ଉକ୍ତ ଫ୍ୟାକ୍ଟ୍ରିରୁ ନିମ୍ନମାନର ଅଢ଼େଇ କୁଇଣ୍ଟାଲ ସସ୍ ସହିତ ବିଭିନ୍ନ କମ୍ପାନୀର ଷ୍ଟିକରକୁ ଖାଦ୍ୟ ସୁରକ୍ଷା ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଜବତ କରିଥିଲେ। ପରେ ରାଉରକେଲା ଅତିରିକ୍ତ ମାଜିଷ୍ଟ୍ରେଟ ବବିତା ମୁର୍ମୁଙ୍କ ଉପସ୍ଥିତିରେ ଲାଇସେନ୍ସ ନ ଥିବା ନକଲି ଫ୍ୟାକ୍ଟ୍ରିକୁ ତାଲା ପକାଇ ସିଲ୍ କରିଥିଲେ। ଏଥିସହ ବିଭାଗୀୟ ଅଧିକାରୀମାନେ ଉକ୍ତ ଫ୍ୟାକ୍ଟ୍ରିରେ ତିଆରି ହୋଇଥିବା ନିମ୍ନମାନର କିଛି ସସ୍‌ର ନମୁନା ସଂଗ୍ରହ କରି ଭୁବନେଶ୍ୱରସ୍ଥିତ ଲ୍ୟାବକୁ ମଧ୍ୟ ପଠାଇଥିଲେ। ଏହି ଚଢ଼ାଉ ସମୟରେ ଆର୍‌ଏମ୍‌ସିର ଖାଦ୍ୟ ସୁରକ୍ଷା ଅଧିକାରୀ ସ୍ୱାଗତିକା ବେହେରା, ମୋନାଲିସା ଟପ୍ପୋ, ଦିଶା ଦେଙ୍କ ସହ ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ହକି ବିଶ୍ୱକପ ପୂର୍ବରୁ ଖାଦ୍ୟ ସୁରକ୍ଷା ନିମନ୍ତେ ଏଭଳି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ ସ୍ୱାଗତିକା ବେହେରା ସୂଚନା ଦେଇଛନ୍ତି।

# 'ପୁଣ୍ୟକାମ ବ୍ୟକ୍ତିଙ୍କୁ ସ୍ମରଣୀୟ କରିଥାଏ'




ଅତିଥିମାନେ ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

**ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୮୯ତମ ଜୟନ୍ତୀ**

ରାଜନୀତି କରୁଥିବା ଲୋକ ତ୍ୟାଗ ପାଇଁ ତତ୍ପର ରହିବା ଦରକାର। ସଂସ୍କାର ଓ ବିଦ୍ୟା ଅର୍ଜନ କରିବା ସହ ସମଦୃଷ୍ଟିରେ ସମସ୍ତଙ୍କୁ ଦେଖିବା ଆବଶ୍ୟକ। ନିଃସହାୟ, ଦରିଦ୍ର ଲୋକଙ୍କ ପାଇଁ ଏଭଳି ମନୋବୃତ୍ତି ରଖି ସେବାରେ ଲାଗିଥିଲେ ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍ସିପାତ୍ର। ଗୁରୁବାର ସୂଚନା ଭବନଠାରେ ଅନୁଷ୍ଠିତ ବକ୍ସିପାତ୍ରଙ୍କ ୮୯ତମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେରଳ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ଏହା କହିଛନ୍ତି। ସେ କହିଥିଲେ, ଫୁଲର ସୁଗନ୍ଧ ଯେଭଳି ସମସ୍ତଙ୍କୁ ଆକର୍ଷିତ କରିଥାଏ, ଜଣେ ବ୍ୟକ୍ତିର ପୁଣ୍ୟ କାମ ମଧ୍ୟ ତାଙ୍କୁ ସଦା ସ୍ମରଣୀୟ କରିଥାଏ। ହରିଶ୍ଚନ୍ଦ୍ର ବକ୍ସିପାତ୍ର ମଧ୍ୟ ସେଭଳି ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ ବୋଲି ସେ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଲେ, ବିଭିନ୍ନ ମତକୁ ସମ୍ମାନ ଦେବା ଗଣତନ୍ତ୍ର ମୂଲ୍ୟବୋଧ। ବର୍ତ୍ତମାନ ସମୟରେ ଭିନ୍ନମତକୁ ସମ୍ମାନ ଦେବା ସହ ନେତୃତ୍ୱ ନେବାରେ ମଧ୍ୟ ଅଭାବ ଦେଖିବାକୁ ମିଳିଛି। ଉତ୍ତରପିଢ଼ିଙ୍କ ନେତୃତ୍ୱକୁ ନେଇ କୌଣସି ଆଲୋଚନା ହେଉନାହିଁ। ଛାତ୍ର ନିର୍ବାଚନ ହେଉନାହିଁ। ଆଗାମୀ ଦିନରେ ନେତୃତ୍ୱ ଏକ ବଡ଼ ସମସ୍ୟା ସୃଷ୍ଟି କରିବ। କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ର ରାଜନୀତିର ନୂଆ ରୂପରେଖ ହେଉ ବୋଲି ସେ ଆହ୍ୱାନ କରିଥିଲେ।

ଉତ୍ସବରେ ସଭାପତିତ୍ୱ କରି ପୂର୍ବତନ ମନ୍ତ୍ରୀ ତଥା ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମୃତି କମିଟି ସଭାପତି ପଞ୍ଚାନନ କାନୁନ୍‌ଗୋ କହିଲେ, ଓଡ଼ିଆ ଭାଷାରେ ଜାତୀୟତା ସୃଷ୍ଟି କରିବାରେ ବକ୍ସିପାତ୍ର ଅଗ୍ରଣୀ ଥିଲେ। ଭାଷା ତଥା ଜାତିର ସୁରକ୍ଷା ପାଇଁ ସେ ସଂଗ୍ରାମ କରିଥିଲେ। ଭାଷାଭିତ୍ତିକ ଜାତୀୟତା ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ ବୋଲି କାନୁନ୍‌ଗୋ କହିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡା ଓ ସମାଜସେବୀ ହରିବନ୍ଧୁ କାର୍ଜୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ପାକ୍ଷିକ ଖବରକାଗଜ 'ଲୋକନୀତି'ର ବିଶେଷ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଲୋପାମୁଦ୍ରା ବକ୍ସିପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ଜଣେ ଦୂରାଗତ ବନ୍ଧୁ ସାହାଯ୍ୟ କରିବେ । ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେଇପାରନ୍ତି। ଯାନ୍ତ୍ରିକ ଶିଳ୍ପ, ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଅଶ୍ୱିନୀ ନକ୍ଷତ୍ର ସକାଶେ ଜମିଜମା କିଣାବିକା ଘଟଣାରେ ମନସ୍ତାପ କରିବାକୁ ପଡିବ ।

**ବୃଷ**
ଅନୁକୂଳ ଗ୍ରହ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ସାଙ୍ଗକୁ ପ୍ରଶଂସିତ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନବଳ ଟାଣ ରହିବ ଓ ଅଟକି ରହିଥିବା କାମ ଶେଷ କରିବେ। ପରିବାର ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ।

**ମିଥୁନ**
ସମସ୍ୟା ଲାଗି ରହିଥିଲେ ମଧ୍ୟ କାମ ସଫଳତାର ସହ ସମ୍ପନ୍ନ କରିବେ। ବିବାଦୀୟ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ବ୍ୟବସାୟରେ ସମସ୍ୟା ବଡ଼ ଆକାର ଧାରଣ କରିବାର ସମ୍ଭାବନା ରହିଛି । ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ସକାଶେ ଅନ୍ୟମାନଙ୍କର ପରାମର୍ଶକୁ ଶ୍ରେୟ ମନେକରିବେ।

**କର୍କଟ**
ଶନିଙ୍କ ଦୃଷ୍ଟିରେ ରାଶିଥିବାରୁ ସତର୍କତା ଅଭାବରୁ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିଛି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି କାମ କରିବା ଦ୍ୱାରା କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବେ। ବିନା କାରଣରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପାରିବାରିକ କଳହକୁ କେନ୍ଦ୍ରକରି ଭାବପ୍ରବଣ ହୋଇପାରନ୍ତି।

**ସିଂହ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆର୍ଥିକ ଅନଟନକୁ ଦୂରେଇବାରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଯାନବାହନ, କଳ କାରଖାନା, ହୋଟେଲ ଶିଳ୍ପ, ଲୌହ, ଷ୍ଟେସନେରି ବ୍ୟବସାୟରେ ଲାଭବାନ୍ ହେବେ। ମଘା ନକ୍ଷତ୍ର ସନ୍ତାନଙ୍କ କୃତିତ୍ୱରେ ଗର୍ବ ଅନୁଭବ କରିବେ।

**କନ୍ୟା**
ମଙ୍ଗଳ ନବମସ୍ଥ ଥିବାରୁ ଆଜି କୌଣସି ସମସ୍ୟା ଆପଣଙ୍କୁ ବିଚଳିତ କରି ପାରିବ ନାହିଁ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି । କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନ ସକାଶେ ସମର୍ଥ ହେବେ। କିଛି ଶୁଭ ଖବର ପାଇ ମନ ଭିତରେ ଲୁଚି ରହିଥିବା ଦୁଃଖ ଓ ନୈରାଶ୍ୟକୁ ପାସୋରି ଦେବେ ।

**ତୁଳା**
ସ୍ୱଗୃହୀ ଚତୁର୍ଥକେନ୍ଦ୍ରସ୍ଥ ଶନି ହେତୁ ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବାରେ ସଫଳତା ଅର୍ଜନ କରିବେ । ପରିବାରରେ ସାଧାରଣ କଥାରେ ତର୍କ କାରଣରୁ ମତ ପାର୍ଥକ୍ୟ ହୋଇପାରେ। ରଚନାତ୍ମକ କାମରେ,ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ, ଚୁକ୍ତିପତ୍ର କରିବାରେ ସଫଳ ହେବେ। ଦୀର୍ଘଦିନ ଉପରାନ୍ତେ ଆରୋଗ୍ୟ ଲାଭ କରି ଖୁସି ହେବେ।

**ବିଛା**
ପରୋକ୍ଷରେ ସୃଷ୍ଟି ହୋଇଥିବା ସମସ୍ୟାର ଆଜି ସହଜରେ ସମାଧାନ ହୋଇଯିବ। ଜ୍ୟେଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସାମାନ୍ୟ ପ୍ରତିବନ୍ଧକ ସାମୟିକ କାମଟିକୁ ଅଟକାଇ ଦେଇପାରେ।

**ଧନୁ**
ଗ୍ରହମାନଙ୍କ ଶୁଭାଶୁଭ ମିଶ୍ରିତ ଫଳ ଆଜିର ଜୀବନଚର୍ଯ୍ୟାକୁ ଭଲମନ୍ଦ ଦେଇ ଅତିବାହିତ କରାଇବ। ରଚନାତ୍ମକ କାର୍ଯ୍ୟ, ଆଲୋଚନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ଜଣେ ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିବେ।

**ମକର**
ପାପମଧ୍ୟସ୍ଥ ଗୁରୁ ହେତୁ ବନ୍ଧୁଙ୍କ ପରାମର୍ଶ କ୍ରମେ କୌଣସି ନୂତନ କାର୍ଯ୍ୟରେ ଯୋଗ ଦେବାକୁ ସ୍ଥିର କରିପାରନ୍ତି। ବିବାଦୀୟ ଘଟଣା ଅମୀମାଂସିତ ରହିବା କାରଣରୁ ମାନସିକ ଯନ୍ତ୍ରଣା ପାଇବେ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପିଲାମାନଙ୍କ ଶିକ୍ଷା ଓ କୃତିତ୍ୱରେ ଆନନ୍ଦ ଅନୁଭବ କରିବେ।

**କୁମ୍ଭ**
ପୂର୍ବଭାଦ୍ରପଦ ନକ୍ଷତ୍ରର ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରିବେ, ଯଦ୍ୱାରା କି ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବେ। କୌଣସି ଦୁଃଖାନ୍ତକ ବିଷୟରେ ପାଖ ପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ କରିପାରନ୍ତି। ପାରସ୍ପରିକ ସହାନୁଭୂତି ମାଧ୍ୟମରେ ପାରିବାରକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ।

**ମୀନ**
ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ଯୁକ୍ତିତର୍କ ଓ ମତାନ୍ତର ଜନିତ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି। କଠୋର ପରିଶ୍ରମ କରି କର୍ମକ୍ଷେତ୍ରର ସମସ୍ୟାଗୁଡ଼ିକର ସମାଧାନ କରିବାରେ ସଫଳ ହେବେ। ରେବତୀ ନକ୍ଷତ୍ର ଦୋକାନବାଡି, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ ।

ଆଜି ନଭେମ୍ବର ୧୮ ତାରିଖ, ମାର୍ଗଶିର କୃଷ୍ଣ ନବମୀ ଯୁକ୍ତ ଦଶମୀ ଶୁକ୍ରବାର, ରାଶିନକ୍ଷତ୍ର–ପୂର୍ବାଫାଲଗୁନୀ/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୦ ଗତେ ଘ.୦୬।୪୪ ମଧ୍ୟେ, ଘ.୦୭।୨୮ ଗତେ ଘ.୦୮।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୦।୦୮ ଗତେ ଘ.୧୧।୩୧ ମଧ୍ୟେ ରାହୁକାଳ।

## କ୍ଲାଇମେଟ୍ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍

# ଷ୍ଟାର୍ଟଅପ୍ ପ୍ରମୁଖ ଭୂମିକା ଗ୍ରହଣ କରିବ

**ଜଳବାୟୁପରିବର୍ତ୍ତନ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବାବେଳେ ଯୁବପିଢ଼ି କିପରି ଏ ଦିଗରେ ସଚେତନ ହେବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍-୨୦୨୨'। ନଭେମ୍ବର ୨୪ ତାରିଖ 'ଧରିତ୍ରୀ'ର ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜନ ହେବାକୁ ଥିବା ଏହି ଯୁବ ସମ୍ମିଳନୀରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ। ଏଥିସହିତ ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରୁ ଯୁବବକ୍ତା ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବେ। ଯୁବ ପରିବେଶବିତ୍‌ଙ୍କ ସମ୍ପର୍କରେ...**




**ନେହା ଶିବାଜୀ ନାଏକୱାଡ଼େ**



'ଧରିତ୍ରୀ' ପକ୍ଷରୁ ଆୟୋଜନ ହେବାକୁ ଥିବା ଯୁବ ସମ୍ମିଳନୀରେ ମହାରାଷ୍ଟ୍ରର ନେହା ଶିବାଜୀ ନାଏକୱାଡ଼େ ଯୁବ ପରିବେଶବିତ୍ ଭାବେ ଯୋଗଦେବେ। ନେହା ପେସାରେ ଜଣେ ମେକାନିକାଲ ଇଞ୍ଜିନିୟର। କିନ୍ତୁ ପରିବେଶ ସୁରକ୍ଷା ପାଇଁ ନିଜକୁ ସମର୍ପିତ କରିଛନ୍ତି। ବିଶେଷ କରି ଶୂନ୍ୟ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ନେହାଙ୍କୁ ମିଳିତ ଜାତିସଂଘ ୟୁଥ୍ କ୍ଲାଇମେଟ୍ ଲିଡର ଭାବେ ମନୋନୀତ କରିଛି। ଯୁବ ଉଦ୍ୟୋଗୀ ନେହା ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ମେକାନିକାଲ ଇଞ୍ଜିନିୟରିଂ କରିଛନ୍ତି। ଶୂନ୍ୟ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ କାର୍ଯ୍ୟ କରୁଥିବା 'ପରୱାହ' ଯୁବ ସଂସ୍ଥାର ସେ ସହ ପ୍ରତିଷ୍ଠାତା(କୋ-ଫାଉଣ୍ଡର) ଅଛନ୍ତି। ନେହା ଏକ କ୍ଲାଇମେଟ୍ ଡାଟା ପ୍ରୋଗ୍ରାମ୍ ନିର୍ମାଣ କରିଛନ୍ତି, ଯାହାକି ଏଆଇ-ଏମ୍‌ଏଲ୍, ବିଗ୍ ଡାଟା ଏବଂ ଆଡ୍‌ଭାନ୍ସଡ୍ କ୍ଲାଇମେଟ୍ ମଡେଲିଂ ଭଳି ଡାଟା ଟେକ୍ନୋଲୋଜି ସହିତ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରୁଥିବା ଷ୍ଟାର୍ଟଅପ୍‌ଗୁଡ଼ିକୁ ସମର୍ଥନ କରିବା ଏହି ପ୍ରୋଗ୍ରାମର ଲକ୍ଷ୍ୟ ରହିଛି। ୟଙ୍ଗ୍ ଲିଡର୍ସ ଫର୍ ଆକ୍ଟିଭ ସିଟିଜେନଶିପ୍ (ୱାଇଏଲ୍ଏସି)ରେ ଆକ୍ସନ ଫେଲୋ ଭାବେ ନୀତି ନିର୍ଣ୍ଣୟ ଏବଂ ସିଏସ୍ଆର୍ ପଦକ୍ଷେପ ଉପରେ ସେ ବ୍ୟାପକ କାର୍ଯ୍ୟ କରିଛନ୍ତି। ସେ ବର୍ତ୍ତମାନ କ୍ଲାଇମେଟ୍ କଲେକ୍ଟିଭ୍ ଫାଉଣ୍ଡେଶନର ପ୍ରୋଜେକ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ଯେଉଁଠି ସେ ଜଳବାୟୁ ଭିତ୍ତିକ ଷ୍ଟାର୍ଟଅପ୍‌କୁ ସୁଦୃଢ଼ କରିବା ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ଜଳବାୟୁ-ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରୁଛନ୍ତି। ନେହା ୟୁନାଇଟେଡ୍ ନେସନ୍ସ ଡେଭଲପମେଣ୍ଟ ପ୍ରୋଗ୍ରାମ(ୟୁଏନ୍‌ଡିପି) ୟୁଥ୍ କୋ-ଲ୍ୟାବ୍‌ର ଅନ୍ୟତମ ସଦସ୍ୟ ରହିଛନ୍ତି। ନେହା କୁହନ୍ତି, ଜଳବାୟୁ ବିପଦକୁ ବୁଝିବା ଏବଂ ପରିଚାଳନା ପାଇଁ ଅଭିନବତ୍ୱକୁ ବ୍ୟାପକ ଏବଂ ପ୍ରଯୁକ୍ତିର ବ୍ୟବହାର କରିବା ଜରୁରୀ ଅଟେ। ଏହି ନୂତନ ପ୍ରଯୁକ୍ତି ଏବଂ ସମାଧାନର ବିକାଶ ପାଇଁ ଷ୍ଟାର୍ଟଅପ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

## ତାଳଚେରକୁ ଜିଲା ଘୋଷଣା ଦାବି

ତାଳଚେର,୧୭।୧୧ (ନି.ପ୍ର.)

ଓଡ଼ିଶାରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅଧିକ ରାଜସ୍ୱ ଦେଉଥିବା ଏବଂ ଦେଶର ସବୁଠାରୁ ଅଧିକ କୋଇଲା ଉତ୍ପାଦନ ସହିତ ଏସିଆର ସର୍ବବୃହତ୍ ବିଦ୍ୟୁତ କାରଖାନା ଥିବା ଅନୁଗୋଳ ଜିଲାର ତାଳଚେରର ଗୁରୁତ୍ୱକୁ ଉପଲବ୍ଧ କରି ଏହାକୁ ସ୍ୱତନ୍ତ୍ର ଜିଲା ଘୋଷଣା କରିବାକୁ ଦାବି ଉଠିଛି। ତାଳଚେର ଓ ପାଲଲହଡ଼ାକୁ ମିଶାଇ ତାଳଚେରକୁ ସ୍ୱତନ୍ତ୍ର ଜିଲା ଭାବେ ରାଜ୍ୟ ସରକାର ଘୋଷଣା କରନ୍ତୁ ବୋଲି ଗୁରୁବାର ପୂର୍ବତନ ନଗରପାଳ କେଶବ ଭୂତିଆ ଦାବି କରିଛନ୍ତି। ସେ କହିଛନ୍ତି, ଭୌଗୋଳିକ ଓ ଜନସଂଖ୍ୟା ଦୃଷ୍ଟିରୁ କଣିହାଁ ବ୍ଲକକୁ ସ୍ୱତନ୍ତ୍ର ଉପଖଣ୍ଡ କରାଯାଉ। ଏଥିସହିତ ଖମାର ଓ ପବିତ୍ରନଗର ଅଞ୍ଚଳକୁ ମିଶାଇ ନୂତନ ବ୍ଲକ ଗଠନ ହେଉ। ଯଦି ସରକାର ତାଳଚେରବାସୀଙ୍କ ନ୍ୟାଯ୍ୟ ଦାବି ପ୍ରତି ଆନ୍ତରିକତା ନ ଦେଖାନ୍ତି, ତା'ହେଲେ ଆଗାମୀ ଦିନରେ ତାଳଚେରବାସୀ ଆନ୍ଦୋଳନକୁ ଓହ୍ଲାଇବେ। ଏହି ସମୟରେ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଭୂତିଆ ଚେତାବନୀ ଦେଇଛନ୍ତି।

# କୃଷି ଅଫିସ ଆଗରେ ଆତ୍ମହତ୍ୟା ଉଦ୍ୟମ

## ବୀମା ଟଙ୍କା ପାଇଁ ଚାଷୀଙ୍କ ଚରମ ନିଷ୍ପତ୍ତି

ସମ୍ବଲପୁର,୧୭।୧୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କାକୁ ନେଇ ଭାଜପା ଓ ବିଜେଡି ଦୋଷ ଲଦାଲଦି ହେବାରେ ଲାଗିଛନ୍ତି। ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଥିବା ବେଳେ ସମ୍ବଲପୁର ଜିଲାରେ ଏକ ଭିନ୍ନ ଚିତ୍ର ସାମନାକୁ ଆସିଛି। ଯୁଯୁମୁରା ତହସିଲ ଅନ୍ତର୍ଗତ ୪ ପଞ୍ଚାୟତର ଚାଷୀ ବୀମା ଟଙ୍କା ପାଇଁ ଚରମ ନିଷ୍ପତ୍ତି ନେଇଛନ୍ତି। ହାତରେ କୀଟନାଶକ ବୋତଲ ଧରି ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ କୀଟନାଶକ ବୋତଲ ଛଡ଼ାଇନେବା ସହ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ କହିଥିଲା। ପରେ ଜିଲା ମୁଖ୍ୟ କୃଷି ଅଧିକାରୀ ଟଙ୍କଧର ସାହୁ, ଡିଆର୍‌ସିଏସ୍ ଲିଙ୍ଗରାଜ ନାୟକ, ଉପଜିଲାପାଳ ପ୍ରଭାସ ଡନ୍‌ସେନା ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଚାଷୀମାନେ ବୀମା ଟଙ୍କା ନ ମିଳିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ୨୦୧୮ରେ ଯୁଯୁମୁରା ବ୍ଲକରେ ଧାନଫସଲ ନଷ୍ଟ ହୋଇ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଜସ୍ୱ, ପରିସଂଖ୍ୟାନ ଓ କୃଷି ବିଭାଗ ମିଳିତ ଭାବେ ସର୍ଭେ କରିଥିଲେ। ବୀମା ଟଙ୍କା ପ୍ରଦାନ କରାଯିବ ବୋଲି ତାଲିକା ପ୍ରକାଶ ପାଇଥିଲା। ହେଲେ ଗଡଲୁଇସିଂ, ଲିପିଣ୍ଡା, କେଶାପାଲି ଆଦି ପଞ୍ଚାୟତରେ ଫସଲ ବୀମା ଟଙ୍କା ପ୍ରଦାନ କରାଯାଇ ନାହିଁ। ବ୍ଲକର ଅନ୍ୟ ପଞ୍ଚାୟତରେ ଚାଷୀମାନଙ୍କୁ ୭୨ ପ୍ରତିଶତ କ୍ଷତିପୂରଣ ଟଙ୍କା ପ୍ରଦାନ କରାଯାଇଛି। ସରକାରଙ୍କ ରିପୋର୍ଟରେ ଏହି ପଞ୍ଚାୟତର ଚାଷୀମାନଙ୍କୁ ବୀମା ଟଙ୍କା ଦେବାକୁ ତାଲିକା ପ୍ରସ୍ତୁତ କରାଯାଇଥିଲା। ହେଲେ ଶେଷ ସମୟରେ ଟଙ୍କା ଦିଆଗଲା ନାହିଁ। ୪ବର୍ଷ ହେଲା ବୀମା ଟଙ୍କା ପାଇଁ ଲଢ଼େଇ ଜାରି ରହିଛି। ଜାତୀୟ ରାଜପଥ ଅବରୋଧ, ବ୍ଲକଅଫିସ ଓ କୃଷି ବିଭାଗ ଅଫିସ ଘେରାଉ କରାଯାଉଛି। ଜିଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ କୌଣସି ସମାଧାନର ବାଟ ବାହାରିପାରି ନାହିଁ। ଶେଷରେ ଆତ୍ମହତ୍ୟା ଭଳି ଚରମ ପନ୍ଥା ଆପଣେଇଛୁ। ଜୀବନ ହାରିଦେଲେ ବକେୟା ଥିବା ଋଣ ପରିଶୋଧ କରିବାକୁ ପଡ଼ିବ ନାହିଁ ବୋଲି ଚାଷୀମାନେ କହିଥିଲେ। ସସ୍ମିତା ଦେହୁରି, ଅଶ୍ୱିନୀ କୁମୁରାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ଅଧିକାରୀମାନେ ଜିଲା ଓ ବ୍ଲକସ୍ତରୀୟ ରିପୋର୍ଟ ଚାଷୀମାନଙ୍କୁ ଦେଖାଇଥିଲେ। ହେଲେ ସେମାନେ ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ତାଲିକା ମାଗିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହୃତ ହୋଇ ନ ଥିଲା।



କୃଷି ଅଧିକାରୀଙ୍କ ଅଫିସ ସମ୍ମୁଖରେ ଚାଷୀମାନେ କୀଟନାଶକ ବୋତଲ ଧରି ଧାରଣାରେ ବସିଛନ୍ତି।

# ଠିକ୍ ସମୟରେ ପହଞ୍ଚିଲାନି ଆମ୍ବୁଲାନ୍ସ, ଘରେ ପ୍ରସବ

## ଶିଶୁପୁତ୍ର ମୃତ, ପ୍ରସୂତି ଗୁରୁତର

ଟିଙ୍କିରି(ଡି.ଏନ୍.ଏ.)/ ଭବାନୀପାଟଣା(ସ୍ୱ.ପ୍ର.),୧୭।୧୧

କଳାହାଣ୍ଡି ଜିଲାର ଅନେକ ଦୁର୍ଗମ ଅଞ୍ଚଳକୁ ଏବେବି ପକ୍କାରାସ୍ତା ହୋଇପାରି ନାହିଁ। ଫଳରେ ଅନେକ ସମୟରେ ରୋଗୀ ଏବଂ ଗର୍ଭବତୀଙ୍କୁ ଖଟିଆ, ଭାର ଏବଂ ଷ୍ଟ୍ରେଚରରେ ବୋହି ଡାକ୍ତରଖାନା ନେବାକୁ ପଡୁଛି। ବିଭିନ୍ନ ସମୟରେ ଲୋକଙ୍କୁ ଠିକ୍ ସମୟରେ ଆମ୍ବୁଲାନ୍ସ ସେବା ମଧ୍ୟ ମିଳୁନାହିଁ। ଫଳରେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ଗର୍ଭବତୀ ଏବଂ ଶିଶୁଙ୍କ ମୃତ୍ୟୁ ମଧ୍ୟ ଘଟୁଛି। ଥୁଆମୂଳରାମପୁର ବ୍ଲକ ସିଲେଟ ପଞ୍ଚାୟତ ଅନ୍ତର୍ଗତ ଦାଣ୍ଡପଦର ଗ୍ରାମରେ ଗୁରୁବାର ଏଭଳି ଅଭାବନୀୟ ଘଟଣା ଘଟିଛି। ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ନ ପାରିବାରୁ ଦାଣ୍ଡପଦର ଗ୍ରାମର ଦାନସିଂ ମାଝିଙ୍କ ସ୍ତ୍ରୀ ଜୀବନଦେଈ ଘରେ ପ୍ରସବ କରିଛନ୍ତି। ପରେ ଶିଶୁପୁତ୍ରର ମୃତ୍ୟୁ ଘଟିବା ସହ ପ୍ରସୂତି ଗୁରୁତର ହୋଇଛନ୍ତି। ଥୁଆମୂଳରାମପୁରରେ ସମସ୍ତ ୧୦୮ ଆମ୍ବୁଲାନ୍ସ ଅନ୍ୟ କାମରେ ଯାଇଥିବାରୁ ପଡ଼ୋଶୀ ରାୟଗଡ଼ା ଜିଲା କାଶୀପୁର ବ୍ଲକରୁ ଆମ୍ବୁଲାନ୍ସ ଯାଇ ୬ କି.ମି. ରାସ୍ତା ଯାଇ ଜୀବନଦେଈଙ୍କୁ ଷ୍ଟ୍ରେଚରରେ ବୋହି ଆଣିବା ପରେ କାଶୀପୁର ଓ ପରେ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

କାଶୀପୁର ବ୍ଲକର ଆମ୍ବୁଲାନ୍ସ ଡ୍ରାଇଭର ପରିକ୍ଷିତ ନାୟକ କହିଛନ୍ତି, ଦାଣ୍ଡପଦର ଗାଁକୁ ଯିବାପାଇଁ ଭଲ ରାସ୍ତା ନ ଥିଲା। ଷ୍ଟ୍ରେଚର ନେଇ ୬ କି.ମି. ଚାଲିଚାଲି ଯିବା ବେଳକୁ ଶିଶୁପୁତ୍ରର ମୃତ୍ୟୁ ଘଟିସାରିଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ପ୍ରସୂତି ଜୀବନଦେଈ ମଧ୍ୟ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ଗାଁ ଲୋକେ ଡାକ୍ତରଖାନା ନେବା ପାଇଁ କିମ୍ବା ସାହାଯ୍ୟ କରିବାକୁ ରାଜିହୋଇ ନ ଥିଲେ। ପରିକ୍ଷିତ ନିଜେ ଗାଁର କେତେଜଣ ଲୋକଙ୍କୁ ୩୦୦ ଟଙ୍କା ଦେଇ ସେମାନଙ୍କ ସହାୟତାରେ ମହିଳାଙ୍କୁ ୬ କି.ମି. ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ସେଠାରୁ ତାଙ୍କୁ ରାୟଗଡ଼ା ଜିଲାକୁ ଆଣିଥିଲେ ବୋଲି ସେ କହିଛନ୍ତି। ପରିକ୍ଷିତଙ୍କ ଭଳି କେତେଜଣ ଆମ୍ବୁଲାନ୍ସ ଚାଳକଙ୍କ ମହତ କାର୍ଯ୍ୟ ଯୋଗୁ ଅନେକ ସମୟରେ ଅଞ୍ଚଳର ଗର୍ଭବତୀଙ୍କ ଜୀବନ ମଧ୍ୟ ବଞ୍ଚିଯାଉଥିବା ଜଣାପଡ଼ିଛି।



ରାୟଗଡ଼ା ଜିଲାରୁ ଯାଇଥିବା ଆମ୍ବୁଲାନ୍ସ ଚାଳକ ଗ୍ରାମବାସୀଙ୍କ ସହଯୋଗରେ ପ୍ରସୂତିଙ୍କୁ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଉଛନ୍ତି।

## ବଢ଼ିବ ବିଧାୟକଙ୍କ ଦରମା

### ଶୀତ ଅଧିବେଶନରେ କମିଟି ଦେବ ଚୂଡ଼ାନ୍ତ ରିପୋର୍ଟ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ବିଧାୟକମାନଙ୍କର ଦରମା, ଭତ୍ତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗରେ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏନେଇ ଗଠିତ କମିଟି ଆସନ୍ତା ୨୪ ତାରିଖରେ ହେବାକୁ ଥିବା ଶୀତ ଅଧିବେଶନରେ ବାଚସ୍ପତିଙ୍କୁ ରିପୋର୍ଟ ପ୍ରଦାନ କରିବ। ବିଭିନ୍ନ ରାଜ୍ୟରେ ବିଧାୟକମାନଙ୍କୁ ମିଳୁଥିବା ଦରମା,ଭତ୍ତା ଓ ସୁବିଧା ସୁଯୋଗକୁ ଅନୁଧ୍ୟାନ କରିବା ପରେ କମିଟି ଓଡ଼ିଶାରେ ବିଧାୟକମାନଙ୍କ ଦରମା ଓ ଅନ୍ୟାନ୍ୟ ସୁବିଧାରେ ବୃଦ୍ଧି ହେବା ସପକ୍ଷରେ ମତ ଦେଇଛି। ବାଚସ୍ପତିଙ୍କ ନିର୍ଦ୍ଦେଶରେ ବରିଷ୍ଠ ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଗଠିତ ପରାମର୍ଶଦାତା କମିଟିର ଚତୁର୍ଥ ବୈଠକ ଗୁରୁବାର ବିଧାନସଭା ପରିସରରେ ଅନୁଷ୍ଠିତ ହୋଇଛି। ଏ ସମ୍ପର୍କରେ ଅମର କହିଛନ୍ତି ଯେ, ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ଦାବି ଉପରେ କମିଟି ବିଚାରବିମର୍ଶ କରିଛି। ଆସନ୍ତା ଶୀତ ଅଧିବେଶନରେ କମିଟି ବାଚସ୍ପତିଙ୍କୁ ରିପୋର୍ଟ ପ୍ରଦାନ କରିବ। ବୈଠକରେ କମିଟିର ସଦସ୍ୟ ଥିବା ଭାଜପା ମୁଖ୍ୟ ସଚେତକ ମୋହନ ମାଝି ଓ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଅନୁପସ୍ଥିତ ଥିବାରୁ କମିଟି ପୁଣିଥରେ ବୈଠକ କରି ଦରମା ଓ ଭତ୍ତା ଆଦିର ଚୂଡ଼ାନ୍ତ କରିବ। ତେବେ ବୈଠକରେ ରାଜ୍ୟର ବିଧାୟକମାନେ ଏବେ ପାଉଥିବା ଦରମା,ଭତ୍ତା ଓ ସୁବିଧାସୁଯୋଗ ସହ ଅନ୍ୟ ରାଜ୍ୟରେ ବିଧାୟକମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ଆଦିର ସମୀକ୍ଷା କରାଯାଇଥିଲା ବୋଲି ସେ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଦଳଗତ ନିର୍ବିଶେଷରେ ବିଧାୟକମାନେ ସେମାନଙ୍କର ଦରମା ଓ ଅନ୍ୟାନ୍ୟ ଭତ୍ତା ବୃଦ୍ଧି କରିବାକୁ ବିଧାନସଭାରେ ବହୁବାର ଦାବି କରିଛନ୍ତି। ଏହି ଦାବିକୁ ଦୃଷ୍ଟିରେ ରଖି ବାଚସ୍ପତି ଏକ କମିଟି ଗଠନ କରିଥିଲେ।




**SUIIT**
**SAMBALPUR UNIVERSITY INSTITUTE OF INFORMATION TECHNOLOGY**

Advt. No.: 1401/SUIIT — Date: 17.11.2022

| SPOT ADMISSION | Date |
|---|---|
| • B. Tech CSE<br>• B. Tech CSE with specialization in Information and Cyber Security<br>• B. Tech ECE<br>• B. Tech EEE | 19th and 22nd November, 2022 |

**INSTRUCTIONS**

The following category candidates will be allowed to participate in the Spot Admission Process;

1. The candidates, who have not participated in earlier rounds of OJEE Counseling/ who have withdrawn from the OJEE counseling process.
2. The candidates who have participated in earlier rounds of OJEE counseling but not allotted any seat/allotted a seat but not considered further due to any reason.
3. The candidates who have been issued final allotment letter after final round of OJEE counseling but did not report at their allotted institution.

Interested candidates for spot admission should report to the Administrative Officer, SUIIT during 10.00 A.M. to 1.00 P.M. on 19th and 22nd November, 2022. Admission will be done on the same day, as per SUIIT admission guidelines.

**CONTACT NUMBERS: 9938983624 / 9438074077 / 9337347538**

Email: admin.office@suiit.ac.in — Sd./- Director, SUIIT

**DIRECTORATE OF MEDICAL EDUCATION AND TRAINING**
**COMBINED COUNSELLING AND ADMISSION FOR PARAMEDICAL AND ALLIED MEDICAL SCIENCE COURSES**

Notification No. METI/GA/19/2022/14230 — Date: 17.11.2022

No. E-641: Online applications are being invited from the eligible candidates through **www.dmetodisha.gov.in** for combined admission to the following different paramedical and allied medical science courses at different Government and Private Institutions for the Academic Session 2022-23. The last date for Online application is extended upto Dt.29.11.2022.

| Sl. No. | Name of Course | Duration of Course |
|---|---|---|
| | **Under - Graduation Courses** | |
| 1 | Bachelor Degree in Physiotherapy (BPT) | 4½ Years |
| 2 | Bachelor Degree in Occupational Therapy (BOT) | 4½ Years |
| 3 | B.Sc. Optometry (BO) | 4 Years |
| 4 | B.Sc. in Medical Laboratory Technology (BMLT) | 3 Years |
| 5 | B.Sc. in Medical Radiation Technology (BMRT) | 3 Years |
| 6 | B.Sc. in Operation Theatre Technology (BOTT) | 3 Years |
| 7 | B.Sc. in Anaesthesia Technology (BAT) | 3 Years |
| 8 | B.Sc. in Emergency Medicine Technology (BEMT) | 3 Years |
| | **Diploma Courses** | |
| 9 | Diploma in Pharmacy (D Pharma) | 2 Years |
| 10 | Diploma in Medical Laboratory Technology (DMLT) | 2 Years |
| 11 | Diploma in Medical Radiation Technology (DMRT) | 2 Years |
| 12 | Diploma in Perfusion Technology (DPT) | 2 Years |
| 13 | Diploma in Radiation Therapy Technology (DRTT) | 2 Years |
| | **Certificate Courses** | |
| 14 | Certified Ophthalmic Assistant (COA) | 2 Years |
| 15 | Certified Ophthalmic Surgical Assistant (COSA) | 2 Years |
| 16 | Certified Cath Lab Technician (CCLT) | 2 Years |
| 17 | Certified OT Technicians (COTT) | 1 Year |
| 18 | Certified Dialysis Technician (CDT) | 1 Year |
| 19 | Certified Neuro Technician (CNT) | 1 Year |
| 20 | Certified Respiratory Therapist (CRT) | 1 Year |
| 21 | Certified ECG Technicians (CECGT) | 6 Months |
| 22 | Certified EEG Technicians (CEEGT) | 6 Months |
| 23 | Certified EMG Technicians (CEMGT)) | 6 Months |
| 24 | Certified Ward Technician (CWT) | 6 Months |
| 25 | Certified Blood Collection Assistant (CBCA) | 6 Months |
| 26 | Certified Course in First Aid (CCFA) | 6 Months |

The details of Courses, Eligibility Criteria, Schedule for Centralised Admission and Procedure of Selection can be obtained from the Guidelines for Combined Counselling for Paramedical and Allied Medical Science Courses available on the above website.

OIPR-10016/11/0030/2223 — Sd./- Chairman, Selection Committee

**ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ**

**ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା**

**ଭୁବନେଶ୍ୱର/କଟକ-ଆଖୁଆପଦା-ଭଦ୍ରକ-ସୋର-ବାଲେଶ୍ୱର-ବାରିପଦା ମାର୍ଗରେ ଚୂଡ଼ାନ୍ତ ସଂଶୋଧିତ ସୁବ୍ୟବସ୍ଥାକରଣ ସମୟସାରଣୀ (Final Rationalized Timing)**

No. JJ-23: ଏତଦ୍ୱାରା ଭୁବନେଶ୍ୱର/କଟକ-ଆଖୁଆପଦା-ଭଦ୍ରକ-ସୋର-ବାଲେଶ୍ୱର-ବାରିପଦା ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସମସ୍ତ ଯାତ୍ରୀବାହୀ ଯାନମାନଙ୍କର ଚୂଡ଼ାନ୍ତ ପରିବର୍ତ୍ତିତ ସୁବ୍ୟବସ୍ଥାକରଣ ସମୟସାରଣୀ (Final Rationalized Timing, Version - 10.1) ପ୍ରସ୍ତୁତ କରାଯାଇ ତା୨୦।୦୯।୨୦୨୧ରିଖରୁ ଲାଗୁ କରାଯାଇଅଛି। Slot ପରିବର୍ତ୍ତନ ପାଇଁ ଆହ୍ୱାନ କରାଯାଇଥିବା ବିଜ୍ଞପ୍ତି ଅନୁସାରେ ମିଳିଥିବା ୮୦ଗୋଟି ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯାଇ A, B, C, D & E Category ଦରଖାସ୍ତ ଫଇସଲା କରାଯାଇ ସୁବ୍ୟବସ୍ଥାକରଣ ସମୟସାରଣୀ (Final Rationalized Timing, Version - 12.4) STA Website: **http://odishatransport.gov.in**ରେ ଉପଲବ୍ଧ କରାଗଲା।

ପ୍ରକାଶ ଥାଉକି ଏହି ମାର୍ଗରେ ଖାଲିଥିବା ସମସ୍ତ Category ସ୍ଲଟ୍ (Vacant Slot) ଗୁଡ଼ିକ Website (Version - 12.4)ରେ ପ୍ରକାଶିତ କରାଯାଇଅଛି। ଇଚ୍ଛୁକ ବସ୍ ମାଲିକମାନେ ଉକ୍ତ ଖାଲିଥିବା ସ୍ଲଟ୍‌ରେ ନୂତନ ଅସ୍ଥାୟୀ ପରମିଟ୍ ପାଇଁ Onlineରେ OPTICS Website ମାଧ୍ୟମରେ ତା୨୨।୧୧।୨୦୨୨ରିଖ ସୁଦ୍ଧା ଦରଖାସ୍ତ କରିପାରିବେ।

ସ୍ୱା./- ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ
ଓଡ଼ିଶା, କଟକ

OIPR-38003/11/0029/2223

ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। –ଶ୍ରୀମା

# ଅର୍ଥ କିଏ ଦେବେ



ଗେର୍‌ନଟ ୱାଗ୍‌ନର

ଚଳିତବର୍ଷ ଇଜିପ୍ଟରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ସମ୍ମିଳନୀ (କପ୍‌୨୭)ରେ ଅର୍ଥ ହିଁ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ଉକ୍ତ ସମ୍ମିଳନୀରେ ଅନେକ ଦେଶର ପ୍ରତିନିଧି, ଜଳବାୟୁ କର୍ମୀ ଏବଂ ପ୍ରାଇଭେଟ ସେକ୍ଟର ସହଭାଗୀମାନେ ଯୋଗ ଦେଇ ଜଳବାୟୁ ପରିବର୍ତ୍ତନ ପାଇଁ କିଏ ଅର୍ଥ ଦେବେ ସେ ସମ୍ପର୍କରେ ଆଲୋଚନା କରୁଛନ୍ତି। ଅତୀତରେ ମଧ୍ୟ ଅର୍ଥ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରି ଏକ କାର୍ବନ ଶୂନ୍ୟ ଅର୍ଥ ବ୍ୟବସ୍ଥା ଆଣିବା ପାଇଁ ପ୍ରଚୁର ଅର୍ଥ ଆବଶ୍ୟକ। ବୃଦ୍ଧି ପାଉଥିବା ହାରାହାରି ତାପମାତ୍ରା ଓ ସମୁଦ୍ର ସ୍ତର, ଲଗାତର ତୀବ୍ର ହେଉଥିବା ଜଳବାୟୁ ଘଟଣା ଏବଂ ଜୀବାଶ୍ମ ଇନ୍ଧନ ଦହନର କ୍ଷତିକାରକ ପ୍ରଭାବକୁ ମୁକାବିଲା କରିବାରେ ଏହି ଅର୍ଥ ଉପଯୋଗୀ ହେବ।

୨୦୦୯ରେ କୋପେନ୍‌ହାଗେନରେ କପ୍‌୨୬ ଅନୁଷ୍ଠିତ ହୋଇଥିଲା। ସେବେଠାରୁ ୧୦୦ ବିଲିୟନ ଆମେରିକୀୟ ଡଲାର ପ୍ରଦାନ କରିବା ବିତର୍କର ମୁଖ୍ୟ ବିଷୟ ହୋଇଆସିଛି। ୨୦୨୦ ସୁଦ୍ଧା ପ୍ରତିବର୍ଷ ବିକାଶଶୀଳ ଦେଶସବୁକୁ ଏହି ପରିମାଣ ଅର୍ଥ ଦେବାକୁ ବିଶ୍ୱର ଧନୀ ଦେଶଗୁଡ଼ିକ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। କିନ୍ତୁ ଏହି ଅର୍ଥ କେବଳ ସରକାରଗୁଡ଼ିକ ଦେବେ ନା ମିଳିତ ଭାବେ ଏହା ସରକାରୀ ଓ ଘରୋଇ କ୍ଷେତ୍ରରୁ ଆସିବ ତାହା କେବେ ବି ସ୍ପଷ୍ଟ କରାଗଲା ନାହିଁ। ୨୦୦୯ ସଙ୍କଳ୍ପର ୧୩ ବର୍ଷ ପରେ ଶକ୍ତି କ୍ଷେତ୍ରରେ ବୈଶ୍ୱିକ ପରିବର୍ତ୍ତନ ପାଇଁ ପ୍ରତିବର୍ଷ ବିଲିୟନ ନୁହେଁ ବରଂ ଟ୍ରିଲିୟନ ଡଲାର ଦରକାର ବୋଲି ସମସ୍ତେ ସ୍ୱୀକାର କରୁଛନ୍ତି। ଗତବର୍ଷ ଗ୍ଲାସ୍‌ଗୋରେ କପ୍‌୨୬ ଆଲୋଚନା ପୂର୍ବରୁ କ୍ଲାଇମେଟ ଆକ୍ସନ ଓ ଫାଇନାନ୍ସ ପାଇଁ ଜାତିସଂଘର ସ୍ୱତନ୍ତ୍ର ପ୍ରତିନିଧି ମାର୍କ କାର୍ନେ କହିଥିଲେ ଯେ, ଆସନ୍ତା ତିନି ବର୍ଷରେ ପ୍ରଭାବଶାଳୀ ଭାବେ ପାରମ୍ପରିକ ଶକ୍ତି ଉତ୍ପାଦନ ଓ ସଞ୍ଚାଳନ ପାଇଁ ଅତିକମ୍‌ରେ ୧୦୦ ଟ୍ରିଲିୟନ ଡଲାର ଦରକାର ହେବ। ଅନ୍ତର୍ଜାତୀୟ ସଂସ୍ଥା, ବିଶେଷଜ୍ଞ ପରାମର୍ଶଦାତା ସଂସ୍ଥା ଓ ବ୍ୟାଙ୍କଗୁଡ଼ିକର ଏହା ଉପରେ ସହମତି ରହିଛି। ସିଧାସଳଖ ଜୀବାଶ୍ମ ଇନ୍ଧନ ନିବେଶରୁ ଦୂରେଇଯିବା ଏବଂ କମ୍ କାର୍ବନ ନିର୍ଗମନ କରୁଥିବା ଭିତ୍ତିଭୂମି, ଶକ୍ତି ଏବଂ ପରିବହନ ପାଇଁ ବ୍ୟୟ କରିବାକୁ ଘରୋଇ କ୍ଷେତ୍ରରୁ ଅତ୍ୟଧିକ ଅର୍ଥ ଆବଶ୍ୟକ ହେବ। ତେବେ ପ୍ରଦାନ କରାଯାଉଥିବା ସରକାରୀ ପାଣ୍ଠିଗୁଡ଼ିକ ଆବଶ୍ୟକ ପରିମାଣରେ ଘରୋଇ ଅର୍ଥ ପ୍ରବାହକୁ ବାଧ କରିବ। ନିକଟରେ ଆମେରିକାରେ ପାସ୍ କରାଯାଇଥିବା ମୁଦ୍ରାସ୍ଫୀତି ହ୍ରାସ ଆଇନ, ଦ୍ୱିଦଳୀୟ ଭିତ୍ତିଭୂମି ଆଇନ୍ ଏବଂ ସିଏଚ୍‌ଆଇଏସ୍ ଓ ସାଇନ୍ସ ଆକ୍ଟ ସବୁ ଘରୋଇ କ୍ଷେତ୍ରକୁ ଅର୍ଥ ପ୍ରଦାନ କରିବା ଲାଗି ଚାପ ପକାଇବାରେ ଭଲ ଦୃଷ୍ଟାନ୍ତ। ସେଠାରେ ପାଖାପାଖି ୫୦୦ ବିଲିୟନ ଡଲାର ସରକାରୀ ନିବେଶ ହିଁ ଘରୋଇ କ୍ଷେତ୍ରକୁ ଅନେକ ଶହ ବିଲିୟନ ପ୍ରଦାନ କରିବା ଲାଗି ପ୍ରେରିତ କରିବ। ଏହି ପରିମାଣ ଅର୍ଥ ବିଶ୍ୱ ସ୍ତରରେ କାର୍ବନ ନିର୍ଗମନ ଶୂନ୍ୟ ଶକ୍ତି ପ୍ରତିଯୋଗିତା ଆରମ୍ଭ କରିପାରେ। ଏହି ଧାରାକୁ ଅନ୍ୟ ଧନୀ ଦେଶମାନେ ଗ୍ରହଣ କରିବେ।

ସମାନ ପ୍ରକାର ଢାଞ୍ଚା ସାରା ବିଶ୍ୱ ପାଇଁ ଉପଯୁକ୍ତ ହେବ। କାର୍ବନ ଡାଇଅକ୍ସାଇଡ, ମିଥେନ ଏବଂ ଅନ୍ୟ ସବୁଜଗୃହ ବାଷ୍ପଜନିତ ପ୍ରଦୂଷଣ କମ୍ କରିବା ପାଇଁ ଘରୋଇ ଉତ୍ସଗୁଡ଼ିକରୁ ଅତ୍ୟଧିକ ଅର୍ଥ ଆସିବ। ଉକ୍ତ ଫଣ୍ଡଗୁଡ଼ିକର ଧାରାବାହିକ ପ୍ରବାହ ପାଇଁ ନୂତନ ବାଟ ଦରକାର। କିନ୍ତୁ ଜଣେ ଚାହିଁଲେ ଏହା ପ୍ରଦାନ କରିପାରିବ ନାହିଁ; ଏଥିପାଇଁ ବୈଶ୍ୱିକ ସହଯୋଗ ଲୋଡ଼ା। କପ୍‌୨୭ ସମ୍ମିଳନୀକୁ ଆମେରିକାର ଜଳବାୟୁ ପ୍ରତିନିଧି ଜନ୍ କେରୀ ଅର୍ଥ ପ୍ରଦାନରେ ରହିଥିବା ପ୍ରଭେଦ ଦୂର କାର୍ବନ କ୍ରେଡିଟ୍ ଉପଯୋଗ କରିବା ପାଇଁ ପ୍ରସ୍ତାବ ଆଣିଥିଲେ। ଏହି ବ୍ୟବସ୍ଥାରେ ଧନୀଦେଶ ଓ କମ୍ପାନୀଗୁଡ଼ିକ ସେମାନଙ୍କ ପ୍ରଦୂଷଣ କମ୍ କରିବା ସହ ଅନ୍ୟକୁ ଏହା କରିବା ଲାଗି ଟଙ୍କା ଦେଲେ କ୍ଲାଇମେଟ ଫାଇନାନ୍ସରୁ ଲାଭ ପାଇପାରିବେ। ଏହି ଚିନ୍ତା ନୂଆ ନୁହେଁ। ୧୯୯୭ରେ କିଟୋରେ ଅନୁଷ୍ଠିତ କପ୍‌୩ ପୂର୍ବରୁ ଆମେରିକା ସମାନ ବ୍ୟବସ୍ଥାର ପ୍ରସ୍ତାବ ଆଣିଥିଲା। ୟୁରୋପୀୟ ସଂଘ (ଇୟୁ) ସମେତ ବିଶ୍ୱର ଅନ୍ୟସବୁ ଦେଶ ଏହି ଯୋଜନାକୁ ବିରୋଧ କରିଥିଲେ। ବିଡ଼ମ୍ବନା ଯେ, ଏବେ ଇୟୁ ବିଶ୍ୱର ସବୁଠୁ ବଡ଼ କାର୍ବନ ମାର୍କେଟ ହୋଇଛି। କାଲିଫର୍ନିଆ ଓ କେତେକ ଉତ୍ତରପୂର୍ବ ରାଜ୍ୟକୁ ବାଦ୍ ଦେଲେ ଆମେରିକାରେ ଏହା ନାହିଁ।

ଅଦ୍ୟାବଧି କାର୍ବନ ପ୍ରଦୂଷଣ ପାଇଁ ଦେଶୀୟ ସ୍ତରରେ ପ୍ରଦୂଷଣକାରୀଙ୍କୁ କ୍ଷତି ପୂରଣ ଦେବା ଲାଗି ବାଧ କରାଯିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇଛି। ସେଥିପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଦେଶରେ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ନିଜେ ଅର୍ଥ ବ୍ୟୟ କରିବା ପରିବର୍ତ୍ତେ ଆର୍ଥିକ ସହାୟତା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ କେରୀ ଏକ ସ୍ୱେଚ୍ଛାକୃତ କାର୍ବନ କ୍ରେଡିଟ୍ ସିଷ୍ଟମର ପ୍ରସ୍ତାବ ରଖୁଛନ୍ତି। କାର୍ବନ କ୍ରେଡିଟ୍ ସମ୍ପୂର୍ଣ୍ଣ ଭାବେ ସ୍ୱେଚ୍ଛାକୃତ



ହେବା ଦରକାର ବୋଲି କହିଛନ୍ତି। କମ୍ପାନୀ ଏବଂ ଦେଶଗୁଡ଼ିକ ସେମାନଙ୍କ କାର୍ବନ ପ୍ରଦୂଷଣ ହ୍ରାସ କରିବାକୁ ନେଉଥିବା ପଦକ୍ଷେପ ଲାଗି କାର୍ବନ କ୍ରେଡିଟ୍ ଏକମାତ୍ର ବିକଳ୍ପ ନୁହେଁ। ଏହି ସିଷ୍ଟମରେ ବହୁ ସମସ୍ୟା ରହୁଛି। କାଲିଫର୍ନିଆର କାର୍ବନ ମାର୍କେଟ ପ୍ରତିବର୍ଷ ଅନେକ ବିଲିୟନ ମୂଲ୍ୟର ଡଲାର କାରବାର କରିଥାଏ। ଏହା ମଧ୍ୟ ଅବୈଧ ଭାବେ କାର୍ବନ ନିର୍ଗମନ ହ୍ରାସ କରିବାରେ ଜଙ୍ଗଲ ସୃଷ୍ଟି କରିବା ପଦ୍ଧତି ଦର୍ଶାଇ ପାଖାପାଖି ୪୦୦ ମିଲିୟନ ଡଲାର କାରବାରକୁ ଅନୁମତି ଦେଇଥିବା ଅଭିଯୋଗ ଉଠୁଛି। ଯଦି କାଲିଫର୍ନିଆର ବୈଧ ମାର୍କେଟ ଏଭଳି ଅଭିଯୋଗର ସମ୍ମୁଖୀନ ହେଉଛି, ତେବେ ବିଶ୍ୱ ସ୍ତରରେ ଏହି ସିଷ୍ଟମରେ କେତେ ଯେ ସମସ୍ୟା ଆସିବ ତାହା ଚିନ୍ତା କରନ୍ତୁ।

ଆମେରିକା ଏବଂ ଅନ୍ୟ ଧନୀ ଓ ବୃହତ୍ ପ୍ରଦୂଷଣକାରୀମାନେ ଏବେ ଦେଉଥିବା ଅର୍ଥ ତୁଳନାରେ ସିଧାସଳଖ ସହାୟତା ଲାଗି ଅଧିକ ଅର୍ଥ ଦେବାର ଉତ୍ତରଦାୟିତ୍ୱ ରହିଛି। କିନ୍ତୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ କରିବାକୁ ଆର୍ଥିକ ସହାୟତା ନିଃସର୍ତ୍ତ ହେବା ଆବଶ୍ୟକ। ଅଧିକ ବିପଦରେ ଥିବା ଦେଶଗୁଡ଼ିକ ପାଇଁ ଆର୍ଥିକ ସହାୟତା ସକାଶେ ଜର୍ମାନୀ ଓ ଅଷ୍ଟ୍ରିଆ ଯଥାକ୍ରମେ ୧୭୦ ମିଲିୟନ ଓ ୫୦ ମିଲିୟନ ଡଲାର ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିବାରୁ ସେମାନେ ଶ୍ରେୟର ପାତ୍ର। ଆମେରିକା, ଇୟୁ ଏବଂ ଜର୍ମାନୀ ଅକ୍ଷୟ ଶକ୍ତି ନିମନ୍ତେ ଇଜିପ୍ଟରେ ୫୦୦ ମିଲିୟନ ଡଲାର ନିବେଶ କରିବା ପାଇଁ ଦେଇଥିବା ନୂଆ ପ୍ରତିଶ୍ରୁତି ଏକ ଉତ୍ତମ ପଦକ୍ଷେପ। କିନ୍ତୁ ଦେଖିବାକୁ ଗଲେ ଏହି ପରିମାଣ ଏବେ ମିଲିୟନରେ ସୀମିତ। ସେମାନେ ଏବେସୁଦ୍ଧା ବିଲିୟନ ପରିମାଣରୁ ଦୂରେଇ ରହିଛନ୍ତି। ସମସ୍ୟାର ସମାଧାନ ପାଇଁ ଗ୍ଲୋବାଲ ସାଉଥ୍‌ରେ ଟ୍ରିଲିୟନ ପରିମାଣ ଘରୋଇ ନିବେଶକୁ ବାଟ କଢ଼ାଇ ନେବା ଲାଗି ପ୍ରଥମେ ବ୍ୟବସ୍ଥା କରିବା ଦରକାର। ଘରୋଇ ନିବେଶକାରୀଙ୍କ ସକାଶେ ଋଣ କରିବା ଏବଂ ନିବେଶକୁ ବିପଦଶୂନ୍ୟ କରିବା ଉପରେ ସେମାନେ ଗୁରୁତ୍ୱ ଦେବା ଆବଶ୍ୟକ।

ଆବଶ୍ୟକ ନିବେଶ ବୃଦ୍ଧି କରିବାରେ କାର୍ବନ କ୍ରେଡିଟ ସମାନ ପ୍ରକାର ଭୂମିକା ନେଇପାରେ। ପ୍ରଦୂଷଣକାରୀମାନେ ସେମାନଙ୍କ ପ୍ରଦୂଷଣ କମ୍ କରିବା ଲାଗି ନିଜେ ଅର୍ଥ ଦେବା ବ୍ୟବସ୍ଥାକୁ ସ୍ୱେଚ୍ଛାକୃତ କାର୍ବନ କ୍ରେଡିଟର ପ୍ରଥମ ପ୍ରୟାସ ଭାବେ ଦେଖାଯିବା ଦରକାର। ବାସ୍ତବରେ ବିଶ୍ୱରେ କାର୍ବନ ନିର୍ଗମନ ମୁକ୍ତ ଶକ୍ତି (କ୍ଲିନ ଏନର୍ଜି) ଲାଗି ଅଧିକ ଅଭିଯାନ ଚଳାଇବା ଏକ ବଡ଼ କଥା। ଧନୀ କମ୍ପାନୀଗୁଡ଼ିକ ଗ୍ଲୋବାଲ ସାଉଥ୍‌କୁ କ୍ଲିନ୍ ଏନର୍ଜି ପାଇଁ ଅଧିକ ପାଣ୍ଠି ଯୋଗାଇ ଦେବା ଦରକାର। ଅର୍ଥ ଦେବାରେ କିଏ ଶ୍ରେୟ ନେବ ତାହା ପ୍ରତି ଧ୍ୟାନ ନ ଦେଇ ନିଜର ପ୍ରତିଶ୍ରୁତି ମୁତାବକ ଅର୍ଥ ଯୋଗାଇ ଦେବା ସବୁଠୁ ଭଲ ଉପାୟ।

– ଜଳବାୟୁ ଅର୍ଥନୀତିଜ୍ଞ, କଲମ୍ବିଆ ବିଜ୍‌ନେସ ସ୍କୁଲ

# ଧର୍ମୀୟ ପରମ୍ପରାରେ ମାଗଣା ଯୋଜନା



ହରିଶଙ୍କର ମିଶ୍ର

ରାଜନୈତିକ ସ୍ୱାର୍ଥ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ମାଗଣା ଯୋଜନା କରୁଛନ୍ତି। କିନ୍ତୁ ଜନହିତକର ଯୋଜନା ନାମରେ ଯଦି ସାମାଜିକ ସଂସ୍କୃତି, ଧର୍ମ, ପରମ୍ପରାକୁ ବିପଥଗାମୀ କରାଯାଏ ତାହା ଦେଶ ଏବଂ ରାଜ୍ୟର ଗୌରବମୟ ଐତିହ୍ୟକୁ କଳଙ୍କିତ କରିଥାଏ। ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟରେ ପ୍ରଚଳିତ ହରିଶ୍ଚନ୍ଦ୍ର ଯୋଜନା ଓ କାର୍ତ୍ତିକ ହବିଷ୍ୟ ଯୋଜନାର ବାସ୍ତବତା ଯଦି ତର୍ଜମା କରାଯାଏ ତେବେ ତାହା ଆମ ଧର୍ମ, ସଂହତି ଓ ସାମାଜିକ କର୍ତ୍ତବ୍ୟକୁ ପ୍ରଭାବିତ କରୁଥିବା ନିଃସନ୍ଦେହ। ଆମ ରାଜ୍ୟର ଚଳଣି ଓ ସଂସ୍କୃତିରେ କାହାର ମୃତ୍ୟୁ ହେଲେ ପାରମ୍ପରିକ ରୀତିରେ ସଂସ୍କାର କରାଯାଏ। କିଛି ସମ୍ପ୍ରଦାୟ ମୃତକଙ୍କୁ ସମାଧି ଦେଉଥିବା ସ୍ଥଳେ ପ୍ରାୟତଃ ଶବଦାହ ପ୍ରଥା ରହିଛି। ଓଡ଼ିଶା ଏକ ଗ୍ରାମବହୁଳ ରାଜ୍ୟ। ଗ୍ରାମରେ କାହାର ମୃତ୍ୟୁ ହେଲେ ଶ୍ମଶାନକୁ ନ ଯିବା ପର୍ଯ୍ୟନ୍ତ ସମଗ୍ର ଗ୍ରାମରେ ପାକ, ଭୋଜନ ଏପରିକି ଗ୍ରାମ ଦେବତୀଙ୍କ ନୀତି ମଧ୍ୟ ବନ୍ଦ ରହେ। ସେତେବେଳେ ଗ୍ରାମରେ ଶତ୍ରୁମିତ୍ର ଭାବନା ନ ଥାଏ। ମୃତକଙ୍କ ଘରର ଶୋକ ପ୍ରଶମନଠାରୁ ଶବଦାହର ସମସ୍ତ ବ୍ୟବସ୍ଥାରେ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗ ରହିଥାଏ। ପାରମ୍ପରିକ କ୍ରିୟା କର୍ମସହ ଶବଦାହ ପାଇଁ ଆବଶ୍ୟକ ଦ୍ରବ୍ୟ ସଂଗ୍ରହ ଓ କ୍ରିୟା କର୍ମ ସମ୍ପାଦନା ପାଇଁ ଗ୍ରାମ ମଧ୍ୟରେ ବିବିଧ ବର୍ଗର ବ୍ୟକ୍ତିଙ୍କ ନିର୍ଦ୍ଦିଷ୍ଟ ଦାୟିତ୍ୱ ରହିଥାଏ। ମୃତକଙ୍କ ପରିବାର ଆର୍ଥିକ ଦୁର୍ବଳ ଥିଲେ ଶୁଦ୍ଧିକ୍ରିୟାରେ ମଧ୍ୟ ଗ୍ରାମବାସୀ ଓ ବନ୍ଧୁବାନ୍ଧବମାନେ ସହଯୋଗ କରିଥା'ନ୍ତି। ସହରଗୁଡ଼ିକରେ ରହୁଥିବା ଅପେକ୍ଷାକୃତ ଆର୍ଥିକ ସ୍ୱଚ୍ଛଳ ବର୍ଗର ବ୍ୟକ୍ତି ଅର୍ଥ ବିନିମୟରେ ଏହି କାର୍ଯ୍ୟ କରିଥା'ନ୍ତି। ଅନେକ ସ୍ୱେଚ୍ଛାସେବୀ ସଂସ୍ଥା ମଧ୍ୟ କୌଣସି ଗରିବ ବା ଅପରିଚିତ ବ୍ୟକ୍ତିଙ୍କ ଶବଦାହ ପାଇଁ ପୂର୍ଣ୍ଣ ଓ ସକ୍ରିୟ ସହଯୋଗ କରିଥା'ନ୍ତି। ଏବେ ସରକାରଙ୍କର ହରିଶ୍ଚନ୍ଦ୍ର ଯୋଜନା ପରେ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ହୋଇଛି। ଗ୍ରାମଗୁଡ଼ିକରେ ଏହି ସୁଯୋଗର ଦୁରୁପଯୋଗ କରାଯାଇ ଜଣେ ମୃତକଙ୍କୁ ଏକାଧିକବାର ମୃତ ଦର୍ଶାଯାଇ ଅର୍ଥପ୍ରଦାନ ଅଭିଯୋଗ ରହୁଥିବା ବେଳେ ଅନେକ ସ୍ଥଳରେ ଶବଦାହ ପାଇଁ ଦାହକମାନେ ଅର୍ଥ ବା ମାଦକ ଦ୍ରବ୍ୟ ଦାବି କରୁଛନ୍ତି। ଏହା ଗ୍ରାମ୍ୟ ସଂହତି ଓ ଭାଇଚାରାକୁ ବ୍ୟାହତ କରାଉଛି। ପୁରୀ ସ୍ୱର୍ଗଦ୍ୱାରରେ ଏହି ବ୍ୟବସ୍ଥା ମଧ୍ୟ ବାଟବଣା ହେଉଛି। ବହୁ ଅର୍ଥ ବ୍ୟୟରେ ଏକାଧିକ ଗାଡ଼ିରେ ମୃତଶରୀର ଓ ଆତ୍ମୀୟଙ୍କୁ ଆଣୁଥିବା ସ୍ୱଚ୍ଛଳ ବର୍ଗ ବ୍ୟକ୍ତି ନିଜକୁ ଆର୍ଥିକ ଅକ୍ଷମ ଦର୍ଶାଇ ଏହି ଯୋଜନାର ସୁଯୋଗ ନେଉଛନ୍ତି। ଅନ୍ୟ ପକ୍ଷରେ ଏଥିପାଇଁ ଉଦ୍ଦିଷ୍ଟ ତିନି ହଜାର ଟଙ୍କାରୁ ଦାୟିତ୍ୱରେ ଥିବା ସଂସ୍ଥା ଉନ୍ନତୀକରଣ ନାମରେ ୮ଶହରୁ ଅଧିକ ଟଙ୍କା କାଟି ରଖୁଛି। ମୁଖାଗ୍ନି ସାମଗ୍ରୀ ଚଢ଼ା ମୂଲ୍ୟରେ ନିଆଯାଉଛି। ମୃତକଙ୍କ ଆତ୍ମୀୟ ଶବଦାହ କଲେ ବି ସଂସ୍ଥା ଦ୍ୱାରା ନିଯୁକ୍ତ ଦାହକାରୀଙ୍କ ପାଇଁ ୩୫୦ ଟଙ୍କା ଆଦାୟ ହେଉଛି। ବ୍ୟବସ୍ଥାରେ ସୁଧାର ପାଇଁ ଏହା ବାରମ୍ବାର ଜିଲାପାଳଙ୍କ ଦୃଷ୍ଟିକୁ ଅଣାଯାଇଥିଲେ ବି ତାଙ୍କ ନୀରବତା ଭିନ୍ନ ପ୍ରଶ୍ନ ସୂଚାଉଛି। ଆତ୍ମୀୟଙ୍କ ଶବଦାହ ଓ ଶୁଦ୍ଧିକ୍ରିୟା ଆମର ଧର୍ମୀୟ କର୍ତ୍ତବ୍ୟ ହୋଇଥିବାରୁ ଏହି ଯୋଜନା ପ୍ରକାରାନ୍ତରେ ଧର୍ମହାନି କାରକ ହେଉଥିବା ସନ୍ଦେହ ନାହିଁ।

କାର୍ତ୍ତିକ ମାସରେ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ତ୍ତିକ ହବିଷ୍ୟ ଯୋଜନା ପ୍ରଚଳନ ପରେ ହବିଷିଆଳିଙ୍କୁ ବିଭିନ୍ନ ସ୍ଥାନରେ ରଖାଗଲା। କରୋନା ସଂକ୍ରମଣ ପାଇଁ ୨ବର୍ଷ ଏହା ବନ୍ଦ ଥିଲା। ବହୁ ଅର୍ଥ ବିନିମୟରେ ନୂତନ ଗୃହ ନିର୍ମାଣ ସତ୍ତ୍ୱେ ଏବର୍ଷ ସ୍ଥାନାଭାବ ଯୋଗୁ ଅନେକ ବ୍ରତାଚାରୀଙ୍କୁ ଅନ୍ୟତ୍ର ରଖାଯାଇଛି। ସେମାନଙ୍କ ରହଣି, ଚଳଣି, ମହାପ୍ରସାଦ ସେବନ, ଶ୍ରୀମନ୍ଦିର ଯାତାୟାତ ସହ ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ଆନୁଷଙ୍ଗିକ ବ୍ୟବସ୍ଥାରେ ଅନେକ ଅର୍ଥ ବ୍ୟତୀତ ଯଥେଷ୍ଟ ମାନବ ସମ୍ବଳ ବିନିଯୋଗ ହେଉଛି। ରାଜ୍ୟ ବା ଦେଶକୁ ନ୍ୟାୟ ଓ ଧର୍ମମାର୍ଗରେ ପରିଚାଳନା କରିବା ଶାସକଙ୍କର କର୍ତ୍ତବ୍ୟ ବୋଲି ଆମ ପୁରାଣ ଓ ଧର୍ମଶାସ୍ତ୍ରରେ ବର୍ଣ୍ଣନା ହୋଇଅଛି। ଗଣତନ୍ତ୍ର ଶାସନ ଦ୍ୱାହି ଦେଇ ରାଜନୈତିକ ଉଦ୍ଦେଶ୍ୟରେ ଯଦି ରାଜସ୍ୱ ବିନିଯୋଗ କରାଯାଏ ତାହା ହୁଏତ ତତ୍କାଳ ସ୍ୱାର୍ଥ ସାଧନରେ ସହାୟତା କରିପାରେ। ମାତ୍ର ଏହାଦ୍ୱାରା ଉପଭୋକ୍ତାମାନେ ଜ୍ଞାତ ବା ଅଜ୍ଞାତରେ ଅର୍ଜନ କରୁଥିବା ପାପ ପାଇଁ "ରାଜ୍ୟର ପାପ ରାଜା ମୁଣ୍ଡରେ" ବୋଲି ନୀତିବାକ୍ୟ ରହିଛି। ଏହି ଯୋଜନା ବନ୍ଦ କରାଯାଇ ଏ ବାବଦ ବ୍ୟୟ ହେଉଥିବା ଅର୍ଥ ସାମୂହିକ ଉନ୍ନତିରେ ବ୍ୟୟ କରାଗଲେ ତାହା ରାଜ୍ୟ ଓ ରାଜ୍ୟ ଶାସକଙ୍କ ପାଇଁ ମଙ୍ଗଳକର ହେବ।

୧୧୩ ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

## ଏଇ ଭାରତରେ

ଖତ କିମ୍ବା ରନ୍ଧନ ଗ୍ୟାସ୍ ଉତ୍ପାଦନରେ ଗୋବରକୁ ସୀମିତ ନ ରଖି ସେଥିରୁ ରିସାଇକେଲ ଯୋଗ୍ୟ ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ତାମିଲନାଡୁର କୃଷକ ପି. ଗଣେଶନ। ମଦୁରାଇର ପେରୁଗମନାଲୁର ଗାଁରେ ରହୁଛନ୍ତି ଗଣେଶନ। ସେ ୫ ଏକର ଜମିରେ ଜୈବିକ ଚାଷ କରିବା ସହ ଗୋ ପାଳନ କରୁଛନ୍ତି। ଗୋମୂତ୍ର ଓ ଗୋବରରୁ ଜୀବାମୃତ ଓ ପଞ୍ଚଗବ୍ୟ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ଏହା ବ୍ୟତୀତ ସେ ୫ ବର୍ଷ ପୂର୍ବେ ପ୍ରଥମେ ଗୋବରରେ ଗଣେଶ ମୂର୍ତ୍ତି କରିଥିଲେ ଏବଂ ୬୦ଟି ମୂର୍ତ୍ତି ବିକ୍ରି କରି ପାଇଥିଲେ ୧୨,୦୦୦ ଟଙ୍କା। ପରେ ଗଣେଶ ମୂର୍ତ୍ତିରୁ ସେ ଦ୍ୱିତୀୟ ବର୍ଷ ୨୫,୦୦୦ ଟଙ୍କା ଓ ତୃତୀୟ ବର୍ଷ ୭୫,୦୦୦ ଟଙ୍କା ରୋଜଗାର କରବା ପରେ ଅନ୍ୟ ସାମଗ୍ରୀ ତିଆରି କରିବା ଆରମ୍ଭ କରିଥିଲେ। ସେ କୁଙ୍କୁମ ବକ୍ସ, ମସଲା ବକ୍ସ, ପେନ୍ ଷ୍ଟାଣ୍ଡ, ଫ୍ରୁଟ୍ ଷ୍ଟାଣ୍ଡ, ୱାଲ ହ୍ୟାଙ୍ଗିଙ୍ଗ, ଡୋର ହ୍ୟାଙ୍ଗିଙ୍ଗ, ଧର୍ମୀୟ ସଙ୍କେତ, ଦେବୀଦେବଙ୍କ ମୂର୍ତ୍ତି ଓ ମୁଖା ଆଦି ୧୫୦ ପ୍ରକାର ଉତ୍ପାଦ ତିଆରି କରୁଛନ୍ତି। ଏବେ ସେ ୩୦ ଫୁଟ୍ ଉଚ୍ଚର ବୁଦ୍ଧମୂର୍ତ୍ତି ତିଆରି କରିଛନ୍ତି। ଏସବୁ କଳାକୃତି ୧୦ ବର୍ଷ ଯାଏ ରହିପାରିବ ବୋଲି କହନ୍ତି ଗଣେଶନ। ଏଗୁଡ଼ିକୁ ସେ ୩ ଟଙ୍କାରୁ ଆରମ୍ଭ କରି ୩,୦୦୦ ଟଙ୍କା ମୂଲ୍ୟରେ ବିକ୍ରି କରୁଛନ୍ତି। ଆଶ୍ଚର୍ଯ୍ୟର କଥା ସେ ଏହିସବୁ ସାମଗ୍ରୀ ତିଆରି କରିବା ଲାଗି କେବଳ ଗୋମୂତ୍ର ଓ ଗୋବର ହିଁ ବ୍ୟବହାର କରୁଛନ୍ତି। ଅନ୍ୟ କିଛି ଉପାଦାନ ସେ ଏଥିରେ ମିଶାଉ ନାହାନ୍ତି। ସଜ ଗୋବର ସଂଗ୍ରହ କରି ୧-୨ ଘଣ୍ଟା ମଧ୍ୟରେ ସେଥିରୁ ଏସବୁ ସାମଗ୍ରୀ ନିର୍ମାଣ କରାଯାଉଛି ଓ ୨୦ ଦିନ ପରେ ବିକ୍ରି ଯୋଗ୍ୟ ହୋଇପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ନଭେମ୍ବର ୧୯୯୭

- ଅବସରବିନୋଦନ ପାଇଁ ଇଜିପ୍ଟ ଆସିଥିବା ୬୯ଜଣ ପର୍ଯ୍ୟଟକଙ୍କୁ ମୁସଲିମ୍ ମୌଳବାଦୀମାନେ ଅତି ନିକଟରୁ ଗୁଳି କରି ହତ୍ୟା କରିଛନ୍ତି।
- ନେପାଳ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ବାହାଦୂର ଥାପ୍ପା ପୁନଶ୍ଚ ୫ ବର୍ଷ ପାଇଁ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟିର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।
- ଓସ୍କାର ପୁରସ୍କାର ପ୍ରତିଯୋଗିତା ପାଇଁ ପ୍ରଥମ ମାଲାୟାଲମ ଚଳଚ୍ଚିତ୍ର ଭାବେ "ଗୁରୁ" ମନୋନୀତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | 9 | | 6 | | 3 | |
| | | 6 | | | 3 | | | |
| | | | | | 5 | | 9 | 7 |
| 2 | | 1 | | | | | 4 | 9 |
| | | | 7 | | | | | 8 |
| 7 | | | | 9 | | | | |
| 4 | | | 5 | | | 8 | | 2 |
| | | | 4 | | | 1 | | |
| 8 | | 7 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 8 | 2 | 6 | 7 | 4 | 5 | 3 |
| 4 | 2 | 7 | 5 | 8 | 3 | 9 | 6 | 1 |
| 6 | 5 | 3 | 4 | 1 | 9 | 8 | 7 | 2 |
| 5 | 7 | 9 | 8 | 3 | 2 | 1 | 4 | 6 |
| 3 | 6 | 2 | 7 | 4 | 1 | 5 | 8 | 9 |
| 1 | 8 | 4 | 9 | 5 | 6 | 2 | 3 | 7 |
| 7 | 9 | 5 | 6 | 2 | 4 | 3 | 1 | 8 |
| 2 | 4 | 1 | 3 | 7 | 8 | 6 | 9 | 5 |
| 8 | 3 | 6 | 1 | 9 | 5 | 7 | 2 | 4 |

ଗତକାଲିର ଉତ୍ତର

# ଜଳୁଚି ଯିଏ ଜଳୁ



ରଞ୍ଜନ କୁମାର ଦାସ

ଏ ସଂସାରରେ ଅଜାତଶତ୍ରୁ କେହି ନାହିଁ। ଜଣେ ଲୋକ ଯେତେ ମିଷ୍ଟଭାଷୀ, ଯେତେ ପରୋପକାରୀ, ଯେତେ ନମ୍ର ହେଲେ ମଧ୍ୟ ତା' ଅଜାଣତରେ କେଉଁଠି ନା କେଉଁଠି ଶତ୍ରୁ ସୃଷ୍ଟି ହୋଇଯାଆନ୍ତି। ଆମ ପ୍ରତିଦିନର କାର୍ଯ୍ୟ ଭିତରେ କିଛି ଲୋକ ଅନିଚ୍ଛାକୃତ ଭାବେ ମଧ୍ୟ ପ୍ରଭାବିତ ହୁଅନ୍ତି। ସେମାନଙ୍କ ଭିତରୁ ଯାହାର କିଛି ପାଇବାର ଆଶା ଥାଏ ହେଲେ ସେ ପାଇପାରେନା, ଶତ୍ରୁ ହୋଇଯାଏ। ସେଇଭଳି ଯଦି କେହି ଲୋକ କିଛି ହରେଇବାର ନାହିଁ ବୋଲି ମନେମନେ ଧରିନେଇଥାଏ ଅଥଚ ଆପଣଙ୍କ ନିୟମିତ କାର୍ଯ୍ୟପ୍ରଣାଳୀ ମଧ୍ୟରେ ସେ ଯଦି କିଛି ଆଇନତଃ ହରେଇବସେ, ସେ ବି ଶତ୍ରୁ ହୋଇଯାଏ। ବେଳେବେଳେ କିଛି ଅଚିହ୍ନା ଲୋକ ବି ବିନା କାରଣରେ ଶତ୍ରୁ ହୋଇଯାଆନ୍ତି। କିଛି ଲୋକ ଅନ୍ୟ କେହି ଭଲରେ ରହିବାଟା ସହିପାରନ୍ତିନି। ତେଣୁ ଆପଣ ଯଦି ଭଲରେ ରହିଲେ ସେମାନେ ସହିପାରିବେନି ଶତ୍ରୁ ହେଇଯିବେ। ଆପଣ ନୂଆ କାର୍‌ଟେ କିଣିଲେ ସେମାନେ ସହିପାରିବେନି, ଗାଡ଼ି ବାହାରେ ଥୁଆ ହୋଇଥିଲାବେଳେ ଗାଡ଼ିକୁ ରାମ୍ପିଦେବେ, ଚକାରେ କଣ୍ଟା ଫୁଟେଇଦେବେ। ଝରକାରେ ଆପଣ କାଚ ଲଗାଇଲେ ସେମାନେ ଟେକା ମାରି ତାକୁ ଭାଙ୍ଗିବେ। ଭଲ ବଗିଚାଟେ କଲେ ଷଣ୍ଢ ପୂରେଇଦେବେ। କିଛି ଲୋକ ଅଛନ୍ତି ସେମାନେ ନିଜେ କିଛି କରିପାରିବେନି ଅଥଚ ଆପଣ ଯଦି କିଛି କଲେ ବା ହାସଲ କଲେ ତାଙ୍କର ଗାତ୍ରଦାହ ହେବ। ସେମାନେ ନିଜକୁ ଅସୁରକ୍ଷିତ ବା ନ୍ୟୂନ ମଣିବେ ଓ ଭିତରେ ଭିତରେ ଶତ୍ରୁତା ଆରମ୍ଭ କରିବେ। ଆପଣ ଯଦି ଭଲ ଖାଇଲେ, ଭଲ ପିନ୍ଧିଲେ, ଭଲ ଦିଶିଲେ, ଭଲ ଭାଷଣ ଦେଲେ କି ଆଉ କିଛି କରି ଭଲ ନାଁ କମାଇଲେ, ସେମାନଙ୍କର ପୋଡ଼ିବ। ଆଉ ଏପରି କିଛି ଲୋକ ଅଛନ୍ତି ଯେଉଁମାନଙ୍କୁ ଆପଣଙ୍କ ଧର୍ମ, ଜାତି, ଗୋତ୍ର, ଜନ୍ମସ୍ଥାନ, କୃତୀ, ପ୍ରକୃତି ବା ମୁହଁ ଭଲ ଲାଗିବନାହିଁ। ଆପଣ ତାଙ୍କର କିଛି କ୍ଷତି କରି ନ ଥିଲେ ବି ସେମାନେ ଆପଣଙ୍କ ସହ ଶତ୍ରୁତୁଲ୍ୟ ଆଚରଣ କରିବେ।

ଅସହିଷ୍ଣୁତା ଆମ ସମୟର ଏକ ବଡ଼ ବ୍ୟାଧି। ଏହି ବ୍ୟାଧିର କୌଣସି ଔଷଧ ନାହିଁ। ବେଳେବେଳେ ଗୋଟେ ଗୋଟେ ବହି ବା ଚଳଚ୍ଚିତ୍ର ଲୋକାର୍ପିତ ହେବା ଆଗରୁ ତା' ବିରୋଧରେ ପ୍ରଦର୍ଶନ ଆରମ୍ଭ ହୋଇଯାଏ। ତା' ଭିତରେ କ'ଣ ଥାଏ କେହି ତ ଜାଣି ନ ଥା'ନ୍ତି। ତଥାପି ପ୍ରତିବାଦ ହୁଏ। ଏ ରୂଢ଼ିବାଦୀ ଅନ୍ଧ ସମାଜ କୌଣସି ନୂତନ ମତ ବା ମତାନ୍ତରକୁ ଗ୍ରହଣ କରିପାରିନି। ଫଳସ୍ୱରୂପ, କେବେ ଫତୱା ଜାରି ହୁଏ ତ କେବେ ପଥରମାଡ଼ ହୁଏ। ବିଚରା ଲେଖକ ବା ନିର୍ଦ୍ଦେଶକଙ୍କୁ ବର୍ଷବର୍ଷ ଧରି ଲୁଚିଲୁଚି ରହିବାକୁ ପଡ଼େ। ବାହାରକୁ ବାହାରିଲେ ଜୀବନକୁ ଭୟ। ନିକଟରେ ସଲମାନ ରସଡିଙ୍କ କ୍ଷେତ୍ରରେ ଯାହା ହେଲା ବା ତସଲିମା ନାସରିନଙ୍କ କ୍ଷେତ୍ରରେ ଯାହା ହୋଇଆସିଛି ତାହା ଦେଖିଲେ ବାସ୍ତବରେ ଦୁଃଖ ଲାଗେ। ଅତୀତରେ ଦା ଭିନସି କୋଡ୍ ଚଳଚ୍ଚିତ୍ର ହେଉ, ବ୍ୟାଣ୍ଡିଟ କୁଇନ ହେଉ ବା ବିଶ୍ୱରୂପମ୍ ବେଳେ ଯେଉଁଭଳି ବୌଦ୍ଧିକ ଅସହିଷ୍ଣୁତାର ପରିପ୍ରକାଶ ଦେଖାଯାଇଥିଲା ତାହା ମାତ୍ରାଧିକ ବୋଲି ଯେ କେହି ଅନାୟାସରେ ଅନୁଭବ କରିବ। ତେଣୁ ଅନେକତ୍ର ଏ ଅସହିଷ୍ଣୁତା ମଣିଷର ସୃଜନଶୀଳତା ବ୍ୟକ୍ତି ସ୍ୱାଧୀନତା ଓ ବିକାଶର ଗତିରୋଧ କରେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ମାତ୍ର ବ୍ୟାଧି ତ ବ୍ୟାଧି। ତା'ର ନିରାକରଣ ହେବ କେମିତି? ମତେ କେହି ଜଣେ ଘୃଣା କରୁଛି, ଅସହିଷ୍ଣୁ ହଉଛି ବା ପରୋକ୍ଷରେ ଶତ୍ରୁତା କରୁଛି



ଏକଥା ଜାଣିଲା ମାତ୍ରେ ହିଁ ମଣିଷର ମନଟା ତିକ୍ତ ହୋଇଉଠେ। ଏହି ବିଷକ୍ରିୟାର ପ୍ରଭାବରେ ଶରୀର ଓ ମନରେ ନାନାପ୍ରକାର ପ୍ରତିକ୍ରିୟା ସୃଷ୍ଟି ହୁଏ, ଯାହା ଆମକୁ ଅନେକ ଅକଥନୀୟ ଦୁଃଖ ଓ କଷ୍ଟ ଦିଏ। ଏମିତି ଏକ ବିଷକ୍ରିୟାରେ ପୀଡ଼ିତ ହୋଇ ଥରେ ଜଣେ ବନ୍ଧୁ ସୁଦୂର ତୀର୍ଥରେ ଥିବା ଜଣେ ସଦ୍‌ଗୁରୁଙ୍କ ଶରଣାଗତ ହେଲେ। ଗଲାବେଳେ ମୁଁ ମଧ୍ୟ ତାଙ୍କ ସାଙ୍ଗରେ ଯାଇଥିଲି। ସଦ୍‌ଗୁରୁଙ୍କ ଆଗରେ ବନ୍ଧୁ ତାଙ୍କର ସମସ୍ୟା ସବୁ କହିଲେ। ସାଧୁ ହସିଲେ ଏବଂ କହିଲେ ଆପଣଙ୍କୁ ଘୃଣା କରୁଥିବା ବା ଈର୍ଷା କରୁଥିବା ଲୋକମାନେ ହିଁ ଆପଣଙ୍କର ସବୁଠୁ ବଡ଼ ଚିନ୍ତକ। ଆପଣ ଅହର୍ନିଶ ତାଙ୍କ ଚିନ୍ତା ଓ ଚେତନାରେ ଭରି ରହିଛନ୍ତି। ସେମାନେ ଆପଣଙ୍କୁ ଈର୍ଷା ବା ଘୃଣା କରନ୍ତି ଏଇଥିପାଇଁ ଯେ ଆପଣ ଯାହା ହୋଇପାରିଛନ୍ତି ସେମାନେ ତାହା ତାଙ୍କ ଜୀବନକାଳ ଭିତରେ ହୋଇପାରିଲେ ନାହିଁ। ଆପଣ ତାଙ୍କଠାରୁ ଢେର ଉର୍ଦ୍ଧ୍ୱରେ ବା ଆଗରେ ଅଛନ୍ତି ଏକଥା ସେମାନେ ସ୍ୱୀକାର କରୁଛନ୍ତି ଅଥଚ ସହ୍ୟ କରିପାରୁ ନାହାନ୍ତି। ସେମାନେ ଭାବୁଛନ୍ତି ଆପଣ ତାଙ୍କ ଅସ୍ତିତ୍ୱ ପ୍ରତି ବିପଦ। ସେମାନେ ଆପଣଙ୍କୁ ଅତିକ୍ରମ କରିପାରିବେ ନାହିଁ। ତେଣୁ ସେମାନେ ଆପଣଙ୍କର ଗତିରୋଧ କରି ଆପଣଙ୍କୁ ତାଙ୍କ ସ୍ତରରେ ଅଟକେଇ ରଖିବାକୁ ଚାହାନ୍ତି। ତାଙ୍କୁ ଅତିକ୍ରମ କରି ଆପଣ ଆଗକୁ ବଢ଼ିଯିବେ ଏକଥା ସେମାନେ ସହିପାରୁନାହାନ୍ତି। ତଥାପି ଏସବୁ ସତ୍ତ୍ୱେ ଆପଣ ଆଶ୍ୱସ୍ତ ରୁହନ୍ତୁ ଯେ ଏଇମାନେ ଆପଣଙ୍କର ଗୁଣକୁ ଚିହ୍ନିସାରିଛନ୍ତି ଏବଂ ଆପଣଙ୍କୁ ଅନତିକ୍ରମ୍ୟ ବୋଲି ଭାବୁଛନ୍ତି। ସେମାନଙ୍କୁ ସମ୍ମାନ ଦିଅନ୍ତୁ। ଯେଉଁ ବହି ସମାଲୋଚିତ, ସମୀକ୍ଷିତ ହୁଏ ନାହିଁ ତାହା ଚର୍ଚ୍ଚାକୁ ଆସେନାହିଁ। ଆପଣ ବୋଧହୁଏ ସେଇଭଳି ଏକ ସମ୍ଭାବନାମୟ ବହି ଯାହାକୁ ସମାଲୋଚନା କରିବାକୁ ଲୋକେ ଅଣ୍ଟା ଭିଡ଼ୁଛନ୍ତି।

ବନ୍ଧୁ କ'ଣ କରିବେ ଚିନ୍ତା କରିପାରିଲେ ନାହିଁ। ଗୁରୁଦେବ ତହୁଁ କହିଲେ, ସେମାନେ ଚାହାନ୍ତି ଆପଣଙ୍କୁ ନିନ୍ଦା କରି, ଘୃଣା କରି, ଈର୍ଷା କରି ଆପଣଙ୍କ ବାବଦରେ ଏଠି ସେଠି ନାନା କଥା କହି ଓ ଲେଖି ଆପଣଙ୍କୁ ମାନସିକ ଭାବେ ବିବ୍ରତ କରି ଧ୍ୟାନଚ୍ୟୁତ କରେଇବେ। ଥରେ ଆପଣ ଧ୍ୟାନଚ୍ୟୁତ ହେଲେ ଆଉ ଆଗକୁ ବଢ଼ିପାରିବେ ନାହିଁ ଏବଂ ତାଙ୍କର ଲକ୍ଷ୍ୟ ସାଧନ ହୋଇଯିବ। ଯଦି ଆପଣ ତାଙ୍କ ସହ ଲଢ଼ିବେ ତେବେ ଆଗକୁ ବଢ଼ିବା କଥା ଭୁଲି ଜୀବନସାରା ତାଙ୍କ ସହ ନିଜକୁ ଲଢ଼େଇରେ ଲିପ୍ତ ରଖିବାକୁ ପଡ଼ିବ। ସେମାନେ ତ ସେତିକି ଚାହାନ୍ତି, ଆପଣ ଆଗକୁ ନ ବଢ଼ନ୍ତୁ। ସେମାନଙ୍କ ଭଳି ଆପଣ ବି ନ୍ୟୂନତର ସ୍ତରରେ ଧୂଳିଧୂସରିତ କର୍ଦ୍ଦମାକ୍ତ ହୋଇ ପଡ଼ିରହନ୍ତୁ। ତେଣୁ ଏଭଳି ନିନ୍ଦୁକ ଓ ଈର୍ଷାଳୁଙ୍କ କଥାରେ ଧ୍ୟାନ ନ ଦେଇ ଆଗକୁ ବଢ଼ିଚାଲନ୍ତୁ। ଆପଣଙ୍କ ଉନ୍ନତିରେ ଯଦି କେହି ଜଳୁଛି, ତାକୁ ଜଳିବାକୁ ଛାଡ଼ିଦେଇ ଆପଣ ଆଗକୁ ବଢ଼ନ୍ତୁ। ସେ ଅଗ୍ନିକୁ ନିର୍ବାପିତ କରିବାକୁ ତା' ଉପରେ ପାଣି ଢାଳିବାର ପ୍ରୟାସ କରି ଲାଭନାହିଁ। ବରଂ ବାୟୁମଣ୍ଡଳକୁ ଅଧିକ ଅମ୍ଳଯାନରେ ଭରିଦିଅନ୍ତୁ ଯେମିତି ତାଙ୍କ ଜଳିବାର ପ୍ରକ୍ରିୟାଟି ଅଧିକ ତ୍ୱରାନ୍ୱିତ ହୋଇପାରିବ। ତାଙ୍କୁ ଦେଖିଲେ କୃତଜ୍ଞତା ଜଣେଇ କୁହନ୍ତୁ ଆପଣଙ୍କ ଈର୍ଷା ଓ ଘୃଣା ମତେ ଆହୁରି ଉନ୍ନତ ହେବା ପାଇଁ ପ୍ରେରଣା ଯୋଗାଇଛି, ଆହୁରି ଦୁଃଖ ସହିବାର ସାମର୍ଥ୍ୟ ଯୋଗାଇ ମତେ କରିଛି ଅଦମ୍ୟ ଓ ସଶକ୍ତ। ନିଜ ଅପାରଗତା ଓ ବିଫଳତାର ଅନୁଶୋଚନାରେ ସେମାନେ ଆହୁରି ଜଳି ମରିବେ। ଆପଣ ତାଙ୍କ ସହ ନିଜେ ନ ଲଢ଼ି ଛାଡ଼ିଦିଅନ୍ତୁ ତାଙ୍କୁ ତାଙ୍କ ନିଜ ସହ ଲଢ଼ିବାକୁ। ଲୁହାକୁ କାଟିବାକୁ ଚେଷ୍ଟା ନ କରି ତାକୁ କଳଙ୍କିତ ହେବାକୁ ଛାଡ଼ିଦିଅନ୍ତୁ। ତା' ନିଜର କଳଙ୍କ ତାକୁ ଖାଇଯିବ। ସେ ଗୁଣ୍ଡହୋଇ ମାଟିରେ ମିଶିଯିବ।

ନିର୍ଦ୍ଦେଶକ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ମୋ: ୯୪୩୭୨୮୬୫୧୨

## ଚିରନ୍ତନୀ

କେତେ ସୁକୁମାର ପରଶ ଜାଗିଲା ମରମେ
ହରଷାଇ
କେତେ ଫଗୁଣର ଅବିର ଲାଗିଲା ଚରମେ
ମନେ ନାହିଁ।

(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାନସିକ ରୋଗୀଙ୍କ ପ୍ରତି ଦରଦ ଲୋକଦେଖାଣିଆ

ମହାଶୟ,

ବିଶ୍ୱ ମାନସିକ ରୋଗ ଦିବସ ଅବସରରେ ଓଡ଼ିଶା ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗ ଖବରକାଗଜରେ ବିଜ୍ଞାପନ ଛାପିଥିଲେ ଯେ, ଓଡ଼ିଶାର ସମସ୍ତ ସରକାରୀ ଡାକ୍ତରଖାନାରେ ମାନସିକ ରୋଗୀଙ୍କ ନିମନ୍ତେ ସେବା ଓ ଔଷଧ ମାଗଣାରେ ଉପଲବ୍ଧ ହେବ। ହେଲେ ତାହା କେତେଦୂର ପୂରଣ ହେଉଛି ତାହା କହିବା ମୁସ୍କିଲ। ଏଇଠି ମୋର ଗୋଟିଏ ପ୍ରଶ୍ନ, ରାସ୍ତାରେ ଇତସ୍ତତଃ ଭାବେ ଶହ ଶହ ମାନସିକ ରୋଗୀ ବୁଲୁଛନ୍ତି କାହିଁକି? ବାଲେଶ୍ୱର ସହରର କେତୋଟି ଔଷଧ ଦୋକାନୀ ତାଙ୍କର କ୍ଲିନିକ୍‌ରେ କଟକ ଓ ଭୁବନେଶ୍ୱରରୁ ମାନସିକ ରୋଗର ଡାକ୍ତରଙ୍କୁ ଆଣି ପ୍ରତ୍ୟେକ ରବିବାର ବସାଉଛନ୍ତି। ପ୍ରେସ୍କ୍ରିପ୍‌ଶନ ଫି' ୪୦୦ ଟଙ୍କା ନେଉଛନ୍ତି। ଏପରି ଓଡ଼ିଶାର ପ୍ରତ୍ୟେକ ସହରର ଔଷଧ ଦୋକାନରେ ଦେଖିବାକୁ ମିଳୁଛି। ତେବେ ସରକାରଙ୍କର ମାଗଣା ସେବା ଓ ଔଷଧ ଯୋଗାଇବା କେବଳ ଘୋଷଣାରେ ରହିଯାଇଛି।

–କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)







ପଦ୍ମପୁର ଉପନିର୍ବାଚନ ଲାଗି ଗୁରୁବାର ରିଟର୍ନିଂ ଅଫିସର ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା (ଉପର), ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଓ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ।

# ଆଜିଠୁ ବିଧାନସଭା ସମ୍ମୁଖରେ ସତ୍ୟାଗ୍ରହ କରିବ ଭାଜପା

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)**

ମୁଣ୍ଡ ଉପରେ ପଦ୍ମପୁର ଉପନିର୍ବାଚନ। ଏହି ନିର୍ବାଚନମଣ୍ଡଳୀରେ ଚାଷୀଙ୍କ ସଂଖ୍ୟା ଅଧିକ ଥିବାବେଳେ ଭୋଟିଂରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି କୁହାଯାଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଏବେ ସବୁ ଦଳ ଚାଷୀଙ୍କ ସପକ୍ଷରେ ଥିବା ଦେଖେଇବାକୁ ଚେଷ୍ଟା କରୁଛନ୍ତି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବୀମା ରାଶି ନ ମିଳିବାକୁ ନେଇ ଚାଷୀମାନେ ପଦ୍ମପୁରରେ ଧାରଣା ଦେଇଥିବା ବେଳେ ଏଥିପାଇଁ ପରସ୍ପର ବିରୋଧରେ ବିଜେଡି ଓ ଭାଜପା ଦୋଷ ଲଦାଲଦି ହେଉଛନ୍ତି। ରାଜ୍ୟ ସରକାର ଚାଷୀ ବିରୋଧୀ ବୋଲି ଦର୍ଶାଇ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବିଧାନସଭା ଆଗରେ ଭାଜପା ପକ୍ଷରୁ ଧାରଣା ଦିଆଯିବା ନେଇ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ଖବରଦାତା ସମ୍ମିଳନୀରେ କହିଛନ୍ତି।

## ବିଧାନସଭା ପରିବର୍ତ୍ତେ ପାର୍ଲାମେଣ୍ଟ ଆଗରେ ଧାରଣା ଦିଅନ୍ତୁ: ବିଜେଡି

ଅପରପକ୍ଷେ ଭାଜପା ଅଭିଯୋଗ ଏବଂ ଧାରଣା ଦେବା କଥାକୁ ଟାର୍ଗେଟ କରି ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର କହିଛନ୍ତି, ଚାଷୀଙ୍କ ପାଇଁ ବିଧାନସଭା ଆଗରେ ଧାରଣା ଦେବାକୁ ସେମାନେ ଯେଉଁ ଘୋଷଣା କରିଛନ୍ତି ତାହା ହାସ୍ୟାସ୍ପଦ । ବିଧାନସଭା ସମ୍ମୁଖରେ ଧାରଣା ଦେବା ପରିବର୍ତ୍ତେ ସେମାନେ ପାର୍ଲାମେଣ୍ଟ ସାମ୍ନାରେ ଧାରଣା ଦେବା ଆବଶ୍ୟକ । ଓଡ଼ିଶାର କୃଷକମାନେ ଭାଜପାର ଚାଷୀ ବିରୋଧୀ ମନୋଭାବକୁ ଦେଖୁଛନ୍ତି। ଭାଜପା ଆଉ କୌଣସି ପ୍ରକାରେ ଓଡ଼ିଶାର ଚାଷୀଙ୍କୁ ବିଭ୍ରାନ୍ତ କରିପାରିବ ନାହିଁ ବୋଲି ସସ୍ମିତ୍ କହିଛନ୍ତି ।

# ବିଜେଡିରେ ଯୋଗଦେଲେ ମହେନ୍ଦ୍ର ବଢ଼େଇ

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)**



ସ୍ୱେଚ୍ଛାକୃତ ଅବସର ନେଇଥିବା ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ବଢ଼େଇ ଗୁରୁବାର ବିଜେଡିରେ ଯୋଗଦେଇଛନ୍ତି। ପୂର୍ବାହ୍ନରେ ନବୀନ ନିବାସରେ ଶତାଧିକ ସମର୍ଥକଙ୍କ ସହ ସେ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଢ଼େଇଙ୍କ ସମେତ ତାଙ୍କ ସମର୍ଥକମାନଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ସ୍ୱେଚ୍ଛାକୃତ ଅବସର ନେଇଥିବା ମହେନ୍ଦ୍ର ବରଗଡ଼ ପଦ୍ମପୁର ଅଞ୍ଚଳରେ ଜଣେ ଭଲ ସଙ୍ଗଠକ ଭାବେ ମଧ୍ୟ ଜଣାଶୁଣା। ବିଜେଡିରେ ଯୋଗଦେବା ପରେ ମହେନ୍ଦ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ଯାହା ନିର୍ଦ୍ଦେଶ ଦେବେ କର୍ମୀ ହିସାବରେ ତାହା ପାଳନ କରିବେ। ସୂଚନାଯୋଗ୍ୟ, ପଦ୍ମପୁର ଉପନିର୍ବାଚନରେ ପ୍ରାର୍ଥୀ ହେବା ତାଲିକାରେ ବଢ଼େଇଙ୍କ ନାଁ ଥିବା ନେଇ ଜୋର୍‌ଦାର ଚର୍ଚ୍ଚା ହୋଇଥିଲା।

# ୧୩ଜଣ ଦାଖଲ କଲେ ପ୍ରାର୍ଥିପତ୍ର

**ପଦ୍ମପୁର ଉପନିର୍ବାଚନ**

**ପଦ୍ମପୁର, ୧୭।୧୧(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ଗୁରୁବାର ଥିଲା ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସ। ଅନ୍ତିମ ଦିବସରେ ୧୩ଜଣ ଆଶାୟୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୫ଜଣ ଦଳୀୟ ଥିବାବେଳେ ଅନ୍ୟ ୮ଜଣ ସ୍ୱାଧୀନ ପ୍ରାର୍ଥୀ। ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡିର ବର୍ଷାସିଂ ବରିହା, ଭାଜପାର ପ୍ରଦୀପ ପୁରୋହିତ, କଂଗ୍ରେସର ସତ୍ୟଭୂଷଣ ସାହୁ, ଓଜେପିର ମୁକ୍ତେଶ୍ୱର ଦାଶ, ଅଖିଳ ଭାରତ ହିନ୍ଦୁ ମହାସଭାର ବିଦ୍ୟାଧର ପାଣ୍ଡବ ରହିଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀଭାବେ ଜୟନ୍ତ ଥପା, ଶେଷଦେବ ସାହୁ, ବୃନ୍ଦାବନ ପୁରୋହିତ, ରେବତୀ ଗିରି, ଉଦିଦ ବନ୍ଧିଆ, ଦେବାର୍ଚ୍ଚନ ନାୟକ, ଗଙ୍ଗାଧର ଶାହା ଏବଂ ଦେବବ୍ରତ ସୁନାନୀ ନାମାଙ୍କନ ଭରିଛନ୍ତି। ଗତ ୧୦ତାରିଖରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ କେହି ଦାଖଲ କରି ନ ଥିଲେ। ପ୍ରଧାନମନ୍ତ୍ରୀ ଫସଲବୀମା ସହାୟତା, ଇନପୁଟ୍ ସବ୍‌ସିଡି ଦାବିରେ ପଦ୍ମପୁର ଉପଜିଲାପାଳ ତଥା ଉପନିର୍ବାଚନର ରିଟର୍ନିଂ ଅଫିସର ତ୍ରିଲୋଚନ ପାତ୍ରଙ୍କ ଅଫିସ ସମ୍ମୁଖରେ ରାଜବୋଡ଼ାସମ୍ବର କୃଷକ ସଂଗଠନ ନେତୃତ୍ୱରେ ଧାରଣାରତ ଚାଷୀମାନେ ବୀମା ଏବଂ ଇନପୁଟ୍ ସବ୍‌ସିଡି ସହାୟତା ନ ମିଳିବା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ନ କରିବାକୁ ନିବେଦନ କରିବା ଫଳରେ ନାମାଙ୍କନ ଦାଖଲ ସବୁଦଳ ପାଇଁ ଅଡୁଆ ସାଜିଥିଲା। ଗତ ୧୪ତାରିଖରେ ୨କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟ ନେତୃବୃନ୍ଦଙ୍କ ସହ ଏକ ବିଶାଳ ପଟୁଆରରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ନାମାଙ୍କନ ଦାଖଲ ପାଇଁ ବାହାରିଥିଲେ। ମାତ୍ର ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଚାଷୀଙ୍କୁ ସମ୍ମାନ ଜଣା ନାମାଙ୍କନ ଦାଖଲ ନ କରି ଫେରି ଯାଇଥିବା ପ୍ରଦୀପ କହିଥିଲେ। ତେବେ ଗୁରୁବାର ସ୍ୱାଧୀନ ପ୍ରାର୍ଥୀ ଜୟନ୍ତ ଥପା ପ୍ରଥମେ ପ୍ରାର୍ଥିପତ୍ର ଦାଖଲ କରିବା ପରେ ଅନ୍ୟ ଦଳୀୟ ଏବଂ ନିର୍ଦ୍ଦଳୀୟ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିବାକୁ ଆସିଥିଲେ।

ବିଜେଡିପ୍ରାର୍ଥିନୀ ବର୍ଷା ସିଂ ବରିହା ମାଣ୍ଡୋସିଲ ବୁଢ଼ାରଜା ମନ୍ଦିରରେ ପୂଜାର୍ଚ୍ଚନା ପରେ ଦଳୀୟ ନେତୃବୃନ୍ଦଙ୍କ ଗହଣରେ ଉପଜିଲାପାଳ ଅଫିସକୁ ଆସିଥିଲେ। ପ୍ରାର୍ଥିପତ୍ର ଦାଖଲ ସମୟରେ ତାଙ୍କ ସହିତ ଦଳର ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର, ମନ୍ତ୍ରୀ ରୀତା ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ରାଜ୍ୟ ବିଜେଡି ମହିଳା ସଭାପତି ସ୍ନେହାଙ୍ଗିନୀ ଛୁରିଆ, ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ଏମ୍‌ପି ଡ. ପ୍ରଭାସ ସିଂ, ଶ୍ରୀମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଏକ ବିଶାଳ ଶୋଭାଯାତ୍ରାରେ ଆସି ପଦ୍ମପୁର ରିକ୍ରେଶନ ସେଣ୍ଟରରେ ଏକ ସଭା କରିଥିଲେ। ସଭାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିଧାୟକ ଅଧିରାଜ ପାଣିଗ୍ରାହୀ, ସନ୍ତୋଷ ସିଂ ସାଲୁଜା, ଜିଲା କଂଗ୍ରେସ ସଭାପତି ନୀହାର ରଞ୍ଜନ ମହାନନ୍ଦ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହାପରେ ଦଳୀୟ ପ୍ରାର୍ଥୀ ସାହୁ ନେତୃମଣ୍ଡଳୀଙ୍କ ଗହଣରେ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ।

ସେହିପରି ପୂର୍ବତନ ବିଧାୟକ ତଥା ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୁରୋହିତଙ୍କ ପ୍ରାର୍ଥିପତ୍ର ଦାଖଲ ସମୟରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବିଧାନସଭାରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, କନକବର୍ଦ୍ଧନ ସିଂଦେଓ, ମୁଖପାତ୍ର ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

---

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-KUR-292, ତା: 11.11.2022

**କାର୍ଯ୍ୟର ନାମ :** ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସଂକେତ/ଦକ୍ଷିଣ/ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସଂକେତ ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** ₹ 61,59,755.80, EMD (ଟଙ୍କାରେ) : ₹ 1,23,200/-

ବିଡ୍ ଆରମ୍ଭ ହେବା ତାରିଖ : ତା.21.11.2022 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.12.2022 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-710/N/22-23

---

## ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୩୧-୨୨ ତାରିଖ: ୧୬।୧୧।୨୦୨୨

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୨ (ଦୁଇ) ବର୍ଷ ଅବଧି ଲାଗି ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତି ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୩୧-୨୨ | ୦୧।୧୨।୨୦୨୨ | ୧୨.୦୦ ଘଟିକା | ୧୨.୪୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-802) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

---

## INSTITUTE OF MATHEMATICS AND APPLICATIONS

Science and Technology Department, Govt. of Odisha
Andharua, Bhubaneswar -751029

No.:CAD-
Ref: No. IMA/79/999/2022 Date: 17/11/2022

### P. G. MERITORIOUS SCHOLARSHIP IN SCIENCE, MATHEMATICS AND BIOTECHNOLOGY

In order to promote and encourage meritorious students to pursue Post Graduate studies in Physical Science, Chemical Science, Biological Science, Mathematical Science, Earth & Geological Science, Computer Science and Biotechnology/Bio-informatics Govt. of Odisha have introduced a scholarship programme under the aegis of the State Council on Science & Technology, Science & Technology Department, Odisha.

**1. Eligibility:**
(i) Applicant for the scholarship should be a permanent resident or domicile of Odisha.
(ii) Applicant who has **passed the regular full time Bachelor's Degree Examination** with **first class Honours** or its equivalent from an University/College/Institute recognized by Government, in any branch of Physical Science, Chemical Science, Mathematical Science, Earth & Geological Science, Computer Science and Biological Science including Biotechnology/Bio-Informatics is eligible to apply for the scholarship. **The candidate should be in the 1st year of the concerned P. G. regular course for the session 2022-23.**
(iii) The applicant must be pursuing two years full time/regular mode of Post-Graduation studies in any branch of Physical Science, Chemical Science, Mathematical Science, Earth & Geological Science, Computer Science and Biological Science including Biotechnology/Bio-Informatics in any Government University/College/Institution including Government aided and Autonomous Colleges.
(iv) The scholarship will be the single scholarship which she/he can avail during the Post-Graduate course. Scholarship is not admissible for a candidate who is in receipt of any other financial assistance from any other source.
(v) Applicants admitted to self-financing Post Graduate courses in any of the Government recognized colleges/institutions/universities in the State will be allowed to avail the P. G. Scholarship subject to the condition that, **parent's income from all sources not exceeding Rs. 6.00 lakh per annum.**

**2. Number of Scholarships:** Total number of Scholarship is 232(Two hundred thirty-two).

**3. Amount and tenure of P.G Scholarship:**
Rs. 2000/- (Two thousand) per month for a period of two years or till completion of Post Graduate studies, whichever is earlier.

**4. Selection Procedure:**
(a) For selection, there shall be a written test comprising of (a) subjects (60%) from Physical Science, Chemical Science, Mathematical Science, Earth & Geological Science, Computer Science, Biological Science including Biotechnology. (b) English comprehension skill (20%) and Reasoning/ Analytical Aptitude (20%).
(c) The written test shall be of 2 hours duration. There will be total 60 questions comprising of 36 from subjects, 12 from English Comprehension skill and 12 from reasoning/ analytical aptitudes. Each question shall carry 4 (four) marks. One (1) mark would be deducted for each wrong answer.
(d)The criterion for awarding this scholarship shall be strictly on the merit assessed through the written test.

**5. How to apply:**
**(a)** Candidates are required to apply in the prescribed application form (Appendix-I) to be downloaded by applicant from the website https://www.iomaorissa.ac.in/ or portal of S&T Deptt., Govt. of Odisha. Formats other than prescribed shall not be considered for the purpose. The filled in applications need reach the Director, Institute of Mathematics and Applications, Bhubaneswar-751029 by registered post or speed post (not by courier) **at the latest by Friday, December 30, 2022**
**(b) Documents to be attached with the application form:-**
(i) Two passport size self-attested photographs. (ii) Valid Permanent Residential Certificate/ Domicile Certificate from the competent authority. (iii) Self-attested copy of the HSC or equivalent Certificate as an evidence of date of birth, (iv) Self-attested copy of pass certificate and mark sheet of Bachelor's Degree or equivalent, (v) Certificate from the Head of the Institution showing bonafide of studentship in Post Graduate studies.

**6. Date of Written Test:** The written test will held on **Sunday, February 05, 2023 from 10 AM - 12 Noon.** at different Examination Centers.

7. For details of the scheme and to download forms please visit the website https://www.iomaorissa.ac.in/ or web portal of Sc. & Tech. Deptt., Govt. of Odisha.

sd/-
REGISTRAR

OIPR-28010/11/0016/2223

---

No.D-218

## ODISHA PUBLIC SERVICE COMMISSION
### CUTTACK
**NOTICE**
No.10363/PSC, Dt.16.11.2022

It is informed to all concerned that:-

- OPSC is a Constitutional body with a mandate to recruit meritorious and suitable candidates for different Group-A and B jobs for the Government.
- OPSC follows a robust, fair and transparent methods in all its recruitment processes.
- All aspirants are advised not to fall prey to the misinformation campaign and false promises given by unscrupulous element for assuring position in the merit list in exchange of illegal gratification.
- Merit and merit alone is the only criteria for selection of candidates by the OPSC.
- Candidates are requested not to be influenced by such unscrupulous element and report any such matters to the OPSC for appropriate measures.

Please inform to the following numbers
0671-2301107, 0671-2304090
opsc@nic.in

By order of the Commission
Sd./- Secretary
Odisha Public Service Commission

## ଓଡ଼ିଶା ଲୋକସେବା ଆୟୋଗ, କଟକ
**ବିଜ୍ଞପ୍ତି**
No.10363/PSC, Dt.16.11.2022

ଏତଦ୍ୱାରା ସମସ୍ତ ପ୍ରାର୍ଥୀମାନଙ୍କୁ ସୂଚିତ କରାଯାଉଛି ଯେ:-

୧. ଓଡ଼ିଶା ଲୋକ ସେବା ଆୟୋଗ ହେଉଛି ଏକ ସାମ୍ବିଧାନିକ ଅନୁଷ୍ଠାନ, ଯାହା ସରକାରଙ୍କ ପାଇଁ ବିଭିନ୍ନ ଗ୍ରୁପ୍- 'ଏ' ଏବଂ 'ବି' ଚାକିରି ପାଇଁ ମେଧାବୀ ଏବଂ ଉପଯୁକ୍ତ ପ୍ରାର୍ଥୀ ଚୟନ କରନ୍ତି ।
୨. ଓଡ଼ିଶା ଲୋକ ସେବା ଆୟୋଗ ଏହାର ସମସ୍ତ ନିଯୁକ୍ତି ପ୍ରକ୍ରିୟାରେ ଏକ ଦୃଢ଼, ନିରପେକ୍ଷ ଏବଂ ସ୍ୱଚ୍ଛ ପଦ୍ଧତି ଅନୁସରଣ କରନ୍ତି ।
୩. ବେଆଇନ ଅର୍ଥ ପ୍ରଲୋଭନ ବଦଳରେ ଯୋଗ୍ୟତା ତାଲିକାରେ ସ୍ଥାନ ନିଶ୍ଚିତ କରିବା ପାଇଁ ଅସାଧୁ ତତ୍ତ୍ୱଙ୍କ ଦ୍ୱାରା ଦିଆଯାଉଥିବା ଭୁଲ ସୂଚନା ଏବଂ ମିଥ୍ୟା ପ୍ରତିଶ୍ରୁତିର ଶିକାର ନ ହେବାକୁ ସମସ୍ତ ଆଶାୟୀଙ୍କୁ ପରାମର୍ଶ ଦିଆଯାଉଛି ।
୪. ଯୋଗ୍ୟତା ଏବଂ କେବଳ ଯୋଗ୍ୟତା ହେଉଛି ଓଡ଼ିଶା ଲୋକ ସେବା ଆୟୋଗ ଦ୍ୱାରା ପ୍ରାର୍ଥୀ ଚୟନ ପାଇଁ ଏକମାତ୍ର ମାନଦଣ୍ଡ ।
୫. ପ୍ରାର୍ଥୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଏହିପରି ଅସାଧୁ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରଭାବିତ ନ ହୁଅନ୍ତୁ ଏବଂ ଏହିପରି ଘଟଣାର ଉପଯୁକ୍ତ ପ୍ରତିକାର ପାଇଁ ସମସ୍ତ ପ୍ରାର୍ଥୀ ଲୋକ ସେବା ଆୟୋଗର ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରାଯାଉଅଛି ।

ଦୟାକରି ନିମ୍ନଲିଖିତ ନମ୍ବର କିମ୍ବା ଇ-ମେଲରେ ଯୋଗାଯୋଗ କରନ୍ତୁ ।
0671-2301107, 0671-2304090
opsc@nic.in

ଆୟୋଗଙ୍କ ଆଦେଶ ଅନୁସାରେ
ସ୍ୱା./- ସଚିବ
ଓଡ଼ିଶା ଲୋକ ସେବା ଆୟୋଗ

OIPR-12002/11/0200/2223

---



## ସାପ୍ତାହିକ ବୌଦ୍ଧ ବୁଣାକାର ବଜାର

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ହସ୍ତତନ୍ତ ସମାହାର

ଆସନ୍ତା ତା.୨୦.୧୧.୨୦୨୨(ରବିବାର) ଦ୍ୱିତୀୟ ପାଳିରେ ଓଡ଼ିଶାର ସମସ୍ତ କ୍ରେତା ଓ ବିକ୍ରେତା ବିଶେଷ କରି ଗଞ୍ଜାମ, ଅନୁଗୋଳ, କଟକ, ସମ୍ବଲପୁର, ନୟାଗଡ଼ ଓ କନ୍ଧମାଳ ଜିଲ୍ଲାରୁ ବହୁସଂଖ୍ୟାରେ ଅଂଶଗ୍ରହଣ କରି ପାଇକାରୀ ଓ ଖୁଚୁରା ବ୍ୟବସାୟର ସୁଯୋଗ ନିଅନ୍ତୁ ।

ବିଶେଷତ୍ୱ :
- ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ : ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ଶୌଚାଳୟ ଓ ବିଶ୍ରାମଗାର,ଖାଦ୍ୟପେୟର ସୁବ୍ୟବସ୍ଥା ।
- ବ୍ୟବସାୟୀମାନଙ୍କ ପାଇଁ ଉତ୍କୃଷ୍ଟ କେନ୍ଦ୍ର
- ବ୍ୟବସାୟୀ ମାନଙ୍କ ମଧ୍ୟରେ ବିଚାର ବିନିମୟ ପାଇଁ ପର୍ଯ୍ୟାପ୍ତ ସୁଯୋଗ
- ହସ୍ତତନ୍ତ ବ୍ୟବସାୟ ପାଇଁ ଉତ୍ତମ ଭିତ୍ତିଭୂମି
- ଅତ୍ୟାଧୁନିକ ଡ଼ିଜାଇନ୍‌ର ହସ୍ତତନ୍ତ ବସ୍ତ୍ର ସୁଲଭ ମୂଲ୍ୟରେ ଉପଲବ୍ଧ
- ଦୁଇମାସ ପର୍ଯ୍ୟନ୍ତ ମାଗଣା ପିଣ୍ଡିର ବ୍ୟବସ୍ଥା ରହିବ

ପ୍ରତ୍ୟେକ ରବିବାର ଦିବା ୬.୦୦ ଘଟିକା ଠାରୁ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ

ସ୍ଥାନ - ବିଜୁ ପଟ୍ଟନାୟକ ଆଦର୍ଶ କୃଷି ବଜାର ପ୍ରାଙ୍ଗଣ, ବୌଦ୍ଧ

ଯୋଗାଯୋଗ : ମୋ. 9437305355/8658057195

## ସଂକ୍ଷେପରେ

### ଅବକାରୀ ବିଭାଗର ରେକର୍ଡ ସଂଖ୍ୟକ ମାମଲା ରୁଜୁ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ): ନିଶା କାରବାରର ଅବୈଧ ବ୍ୟାପାରକୁ ପ୍ରତିହତ କରିବା ପାଇଁ ଜୋର୍ ଉଦ୍ୟମ ଚଳାଇଛି ଅବକାରୀ ବିଭାଗ । ଆର୍ଥିକ ବର୍ଷ ୨୦୨୧-୨୨ ରେ ୨୧ ହଜାର ୯୬୦ଟି ମାମଲା ରୁଜୁ କରାଯାଇଥିବା ବେଳେ ଏହା ୨୦୨୨-୨୩ ରେ ଅକ୍ଟୋବର ପର୍ଯ୍ୟନ୍ତ ୩୪ ହଜାର ୪୮ ଟି ରେକର୍ଡ ସଂଖ୍ୟା ମାମଲା ରୁଜୁ କରାଯାଇଛି । ଯାହା ଗତ ବର୍ଷ ତୁଳନାରେ ଏ ବର୍ଷ ୫୭ ପ୍ରତିଶତ ବୃଦ୍ଧି ପାଇଛି । ଏନେଇ ଗୁରୁବାର ଭାରପ୍ରାପ୍ତ ଅବକାରୀ ଆୟୁକ୍ତ ରାମଚନ୍ଦ୍ର ପାଲଟାଙ୍କ ଅଧକ୍ଷତାରେ ଭର୍ଚୁଆଲ୍ ମାଧମରେ ଅନୁଷ୍ଠିତ ବୈଠକ କାର୍ଯ୍ୟକ୍ରମରେ ଏହା ଦର୍ଶାଯାଇଛି । ଏଥିରେ ଡ. ଦିବ୍ୟ ଲୋଚନ୍ ମହନ୍ତ, ଶରତ ଚନ୍ଦ୍ର ମହାପାତ୍ର, ଯୁଗ୍ମ ଅବକାରୀ ଆୟୁକ୍ତ, ରାମଚନ୍ଦ୍ର ମିଶ୍ର, ରଜତ କୁମାର ପ୍ରହରାଜ, ଦଣ୍ଡପାଣି ବେହେରା, ଡମ୍ବରୁଧର ଖଣ୍ଡା ଉପ ଅବକାରୀ ଆୟୁକ୍ତ ଏବଂ ସମସ୍ତ ଅଧୀକ୍ଷକ ଉପସ୍ଥିତ ଥିଲେ। ସେହିପରି ଅକ୍ଟୋବର ସୁଦ୍ଧା ନାର୍କୋଟିକ୍ସ ଡ୍ରଗ୍ ଏବଂ ସାଇକୋଟ୍ରୋପିକ୍ ପଦାର୍ଥ ଅଧିନିୟମ ଅନୁଯାୟୀ ୧୦୩୨ଟି ମାମଲାରେ ୧୧୯୧ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୯୪ଟି ମାମଲାରେ ଗତ ବର୍ଷ ୪୭୦ ଜଣଙ୍କୁ ଗିରଫ କରାଯାଇଥିଲା। ଗତ ବର୍ଷ ତୁଳନାରେ ଏ ବର୍ଷ ୧୬୧.୯୩ ପ୍ରତିଶତ ବୃଦ୍ଧି ପାଇଛି। ଅପରପକ୍ଷେ ଏ ବର୍ଷ ୧୮୩୦୬ ଗ୍ରାମ୍ ହେରୋଇନ୍ ଜବତ୍ କରାଯାଇ ଥିବାବେଳେ, ଗତ ବର୍ଷ ସେପ୍ଟେମ୍ବର ପର୍ଯ୍ୟନ୍ତ ୮୮୫୬ ଗ୍ରାମ ହେରୋଇନ୍ ଜବତ ହୋଇଥିଲା। ସେହିଭଳି ଗତ ବର୍ଷ ୧୫୯୩୭ କେଜି ଗଞ୍ଜେଇ ଜବତ୍ ହୋଇଥଲା ବେଳେ ଏ ବର୍ଷ ୨୬୬୭୪ କେଜି ଗଞ୍ଜେଇ ଜବତ କରାଯାଇଅଛି। ସେପ୍ଟେମ୍ବର ୨୦୨୧-୨୩ ପର୍ଯ୍ୟନ୍ତ ଅବକାରୀ ଅଧିକାରୀଙ୍କ କାର୍ଯ୍ୟରେ ଭାରପ୍ରାପ୍ତ ଅବକାରୀ ଆୟୁକ୍ତ ସନ୍ତୋଷ ପ୍ରକାଶ କରିଥିଲେ। ସେ ସମସ୍ତ ଅଧୀକ୍ଷକଙ୍କୁ ଆଗାମୀ ଦିନରେ ବେଆଇନ ମଦ ରନ୍ଧା ଓ ବିକ୍ରୟ, ନକଲି ମଦ, ଗଞ୍ଜେଇ, ହେରୋଇନ୍ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ପଦ୍ମପୁର ଉପନିର୍ବାଚନ ପାଇଁ ବେଆଇନ କାରବାର ଉପରେ ନଜର ରଖିବା ସହ ଚଢାଉ କରିବା ପାଇଁ ଓ ଗଞ୍ଜେଇ ଚାଷର ଖବର ନେଇ ଆଗାମୀ ଦିନରେ ମାମଲା ରୁଜୁ କରିବା ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି।

### 'ସଂସ୍କୃତି ଓ ପ୍ରଗତିର ମିଳନ ସ୍ଥଳ ବାଲିଯାତ୍ରା'
#### କଟକ ବାଲିଯାତ୍ରା ଉଦ୍‌ଯାପିତ

କଟକ ଅଫିସ,୧୭।୧୧- ବାଲିଯାତ୍ରାର ଐତିହ୍ୟ ଓ ପରମ୍ପରା ଅତ୍ୟନ୍ତ ଗୌରବମୟ। ଓଡ଼ିଶାର ସମୃଦ୍ଧ ଅତୀତ ଓ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନର ପ୍ରେରଣା ରହିଛି ଏହି ଯାତ୍ରା ପଛରେ। ବାଲିଯାତ୍ରା ହେଉଛି ସଂସ୍କୃତି ଓ ପ୍ରଗତିର ଅନନ୍ୟ ମିଳନ ସ୍ଥଳ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ବାଲିଯାତ୍ରା ତଳପଡ଼ିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ବାଲିଯାତ୍ରା ଉଦ୍‌ଯାପନୀ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ସେହିପରି ମୁଖ୍ୟବକ୍ତା ଆଧାତ୍ମିକ ଗୁରୁ ସ୍ୱାମୀ ମୁକୁନ୍ଦାନନ୍ଦ ଜୀ କହିଥିଲେ, ଭାରତବର୍ଷର ସବୁଠାରୁ ବଡ଼ ବାଣିଜ୍ୟ ମେଳା ହେଉଛି ବାଲିଯାତ୍ରା। ଏହି ଯାତ୍ରାର ସମ୍ବନ୍ଧ କଟକ ଓ ଓଡ଼ିଶା ପ୍ରାନ୍ତର ଇତିହାସରେ ରହିଛି। ଏହି ଅବସରରେ ବାଲିଯାତ୍ରାର ମୁଖ୍ୟ ପୃଷ୍ଠପୋଷକ ତଥା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ତାଇଅନ ଗ୍ରୁପର ମନୋଜ କୁମାର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ, କମିଶନର ନିଖିଳ ପଵନ କଲ୍ୟାଣ, ଡିସିପି ପିନାକ ମିଶ୍ର, ସିଡିଏ ଅଧକ୍ଷ ଅନିଲ ସାମଲ ମଞ୍ଚାସୀନ ଥିଲେ।

# ଜରୁରୀ ସେବାକୁ ଆସୁଛି ଫେକ୍ କଲ୍

- ଅଯଥା ଗପିବା ସହ ଗାଳିଗୁଲଜ କରୁଛନ୍ତି
- ବ୍ୟାଘାତ ହେଉଛି କଲ୍ କ୍ୟୁ' ସେବା
- ପ୍ରତିଦିନ ୭ଶହ ଫେକ୍ କଲ୍

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ଲୋକଙ୍କୁ ଜରୁରିକାଳୀନ ଆମ୍ବୁଲାନ୍ସ ଓ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାରଙ୍କ ୨୪ଘଣ୍ଟିଆ ମାଗଣା ୧୦୮ ଓ ୧୦୪ କଲ୍ ସୁବିଧା ରହିଛି। ହେଲେ କେତେଜଣ ଅସାମାଜିକ ବ୍ୟକ୍ତି ସରକାରଙ୍କ ଏହି ମାଗଣା ସେବାର ଫାଇଦା ଉଠାଇ ବିନା କାରଣରେ ୧୦୮ ଓ ୧୦୪କୁ ଫେକ୍ କଲ୍ କରୁଥିବା ଅଭିଯୋଗ ହୋଇଛି। ଫଳରେ ଏହି ଫେକ୍ କଲ୍ ପାଇଁ ୧୦୮, ୧୦୪ କଲ୍ ସେଣ୍ଟର ପାଇଁ ସମସ୍ୟା ବଢ଼ାଇଛି। କଲ୍ ସେଣ୍ଟର କର୍ମଚାରୀଙ୍କୁ ଫେକ୍ କଲ୍ କରି ଅଯଥା ଗପିବା ସହ ଅଶ୍ଲୀଳ ଭାଷାରେ ଗାଳିଗୁଲଜ ଦେଇ ସମୟ ନଷ୍ଟ କରୁଛନ୍ତି। ଏଥିଯୋଗୁ କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଜରୁରୀ ସେବା ଆଶାରେ କଲ୍ କରୁଥିବା ବ୍ୟକ୍ତି ଯୋଗାଯୋଗ କରି ଲାଇନ୍ ରହିବାରେ ଜରୁରୀ ସେବା ପ୍ରଦାନରେ ବ୍ୟାଘାତ ସୃଷ୍ଟି ହେଉଛି। ଅନେକ ଲୋକ ଜରୁରୀ କଲ୍ କ୍ୟୁରେ ରହି ଜରୁରୀ ସେବା ପାଇବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫେକ୍ କଲ୍ କରି କିଏ ପ୍ରେମ ନିବେଦନ କରୁଛି ତ କିଏ ବିଦେଶ ବୁଲିବା ପାଇଁ ଟିକେଟର ଦର ପଚାରୁଛି। ଆଉ କିଏ ଫାଙ୍କା ଥିବା ମ୍ୟାଡାମକୁ କଲ ଟ୍ରାନ୍ସଫର କରିବାକୁ କହୁଛି। ଏହାଦ୍ୱାରା ସେଠାରେ କାର୍ଯ୍ୟାରତ ଯୁବତୀଯୁବକ ମାନସିକ ଭାବେ ଭାଙ୍ଗି ପଡୁଥିବା ବେଳେ ଏଥିପ୍ରତି ପୋଲିସ ଆଖିଦୃଶିଆ ପଦକ୍ଷେପ ନେବାକୁ ସଂସ୍ଥାର ମୁଖ୍ୟଙ୍କ ସମେତ କର୍ମଚାରୀ ଅନୁରୋଧ କରିଛନ୍ତି। ଫେକ୍ କଲ୍ କରୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଫଳରେ ଅନ୍ୟମାନେ ମଧ୍ୟ ସତର୍କ ଓ ସଚେତନ ହେବେ। ଏ ନେଇ କଲ୍ ସଂସ୍ଥାର ମୁଖ୍ୟ କହିଛନ୍ତି, ପ୍ରତିଦିନ ୧୦୮ ନମ୍ବରକୁ ମୋଟ ୧୦ ହଜାରରୁ ଅଧିକ କଲ୍ ଆସୁଛି। ସେଥିମଧ୍ୟରୁ କେବଳ ୭ ଶହ ଫେକ୍ କଲ୍ ଆସୁଛି, ଯାହାକି ଜରୁରୀ ସେବା ଚାହୁଁଥିବା ଲୋକ କଲ କରି ଲାଇନରେ ଅପେକ୍ଷା କରି ରହିବାରୁ ରୋଗୀଙ୍କୁ ଜରୁରୀ ଚିକିତ୍ସାରେ ସମସ୍ୟା ସୃଷ୍ଟି ହେଉଛି। ଅନେକ ଛୋଟ ପିଲା ମଧ୍ୟ ଏହି ନମ୍ବରକୁ କଲ କରୁଥିବାରୁ ଅଭିଭାବକମାନେ ଏଥିପ୍ରତି ଗୁରୁତ୍ୱ ଦେବାକୁ ଅନୁରୋଧ କରିଛନ୍ତି। ଏପରି ବିକୃତ ମାନସିକତାର ଲୋକେ ଏପରି କାର୍ଯ୍ୟାରୁ ନିବୃତ୍ତ ରୁହନ୍ତୁ। ନଚେତ୍ ଜରୁରିକାଳୀନ ସେବା ପ୍ରଦାନରେ ଅନାବଶ୍ୟକ ଭାବେ ସମସ୍ୟା ସୃଷ୍ଟି ହେଉଛି।

# ଫୁଲ ଚାଷ ବୁଲି ଦେଖିଲେ ଜିଲାପାଳ




ବାଲିପାଟଣା,୧୭।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଗୁରୁବାର ପୂର୍ବାହ୍ନରେ ପଞ୍ଚାୟତ ବିଭାଗ, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ତଦାରଖ କରିବା ପାଇଁ ବାଲିପାଟଣାରେ ପହଞ୍ଚିଥିଲେ। ପ୍ରଥମେ ପମ୍ପାଲୋ ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘର ତରବୋଇ ଆଞ୍ଚଳିକ ମଞ୍ଚ ଦ୍ୱାରା କରାଯାଇଥିବା ଫୁଲ ଚାଷକୁ ବୁଲି ଦେଖିବା ସହ ଆଗକୁ ଆହୁରି ଅଧିକରୁ ଅଧିକ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଏହା ପରେ କତା ଶିଳ୍ପ, ମାଛ ଚାଷ ପ୍ରକଳ୍ପ ବୁଲି ଦେଖିବା ସହ ଉନ୍ନତମାନର ଓ ଉଚ୍ଚ କ୍ଷମତା ସମ୍ପନ୍ନ ମେଶିନ ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଥିଲେ। କୁରୁଞ୍ଜିପୁର ଠାରେ ଥିବା ମିଶନ ଶକ୍ତି ଘର ଦେଖିଥିଲେ। ରୂପାନ୍ତରିତ ହେବାକୁ ଥିବା ତିନୋଟି ସରକାରୀ ଉଚ୍ଚ ବିଦ୍ୟାଳୟ ନରିଶୋ, ପୁବାଗଡ ଓ କୁରୁଞ୍ଜିପୁର ପରିଦର୍ଶନ କରିଥିଲେ। ଖୁବ୍‌ଶୀଘ୍ର କାମ ଆରମ୍ଭ କରିବାକୁ ବିଡିଓ ଆଦିକନ୍ଦ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡିଡିଆରଡିଏ ଦିଗନ୍ତ ରାଉତରାୟ, ଡିପିସି ବିବେକ ବେହୁରିଆ, ବିପିଏମ୍ ରାଜଲକ୍ଷ୍ମୀ ପଣ୍ଡା, ଡିପିସି ଆଶାରାଣୀ ପଣ୍ଡା, ବିଜୟଲକ୍ଷ୍ମୀ ବେହେରା, ସାଗରିକା ମହାରଣା, ନିରୁପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।






ସିନେ କ୍ରିଟିକ୍ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଅନୁଷ୍ଠିତ '୨୪ତମ ସ୍ମୃତି ତୁମେ ଅକ୍ଷୟ'ରେ ଯୋଗଦେଇଥିବା ଅତିଥି। ଜଣେ କଣ୍ଠଶିଳ୍ପୀ ଅକ୍ଷୟ ସଙ୍ଗୀତ ଗାନ କରୁଛନ୍ତି।

# ଭୀମ ପୃଷ୍ଟିଙ୍କୁ ଅକ୍ଷୟ ସାହିତ୍ୟ, ବିଚିତ୍ରାନନ୍ଦ ଦେଓଙ୍କୁ ଅକ୍ଷୟ ସଙ୍ଗୀତ ସମ୍ମାନ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ଓଡ଼ିଆ ସଙ୍ଗୀତ ଜଗତର ମୁକୁଟ ବିହୀନ ସମ୍ରାଟ ଥିଲେ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି। ସାହିତ୍ୟ କ୍ଷେତ୍ରକୁ ମଧ ତାଙ୍କ ଅବଦାନ ଅତୁଳନୀୟ। ସ୍ୱର୍ଗତ ମହାନ୍ତିଙ୍କ ୨୦ତମ ଶ୍ରାଦ୍ଧବାର୍ଷିକ ଅବସରରେ ଅନୁଷ୍ଠାନ ସଂସ୍କୃତି ଓ ସଂସ୍କୃତି, ଓଡ଼ିଶା ସିନେକ୍ରିଏଟିକ୍ ଆଶୋସିଏଶନ୍ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଗୁରୁବାର ଅକ୍ଷୟ ସଙ୍ଗୀତ ଓ ସମ୍ମାନ ଉତ୍ସବ-୨୦୨୨ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ, ସମ୍ମାନିତ ଅତିଥି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇଥିଲେ। ଉତ୍ସବରେ ଗାଳ୍ପିକ ଭୀମ ପୃଷ୍ଟିଙ୍କୁ ଅକ୍ଷୟ ସାହିତ୍ୟ ସମ୍ମାନ ଓ ଇଞ୍ଜିନିୟର ବିଚିତ୍ରାନନ୍ଦ ଦେଓଙ୍କୁ ଅକ୍ଷୟ ସଙ୍ଗୀତ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାଦମ୍ବିନୀ ମିଡିଆ ପକ୍ଷରୁ ଡ. ଇତି ସାମନ୍ତଙ୍କ ସମ୍ପାଦନରେ ପ୍ରକାଶିତ ଅକ୍ଷୟ ମହାନ୍ତିଙ୍କ ସ୍ମୃତି ଆଧାରିତ ସଂକଳନ ଅମର ଅକ୍ଷୟ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ଦିଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ କଣ୍ଠଶିଳ୍ପୀ ବିଚିତ୍ରାନନ୍ଦ ଦେଓ, ସୌରଭ ନାୟକ, ଛନ୍ଦା ମିଶ୍ର, ଶୈଳଭାମା ମିଶ୍ର, ପ୍ରୀତିନନ୍ଦା ରାଉତରାୟ, ଯଶସ୍ୱିନୀ, ସଞ୍ଜୟ ମିଶ୍ର ପ୍ରମୁଖଙ୍କ ସଙ୍ଗୀତରେ ଶ୍ରୋତାମାନେ ଝୁମି ଉଠିଥିଲେ। କାର୍ଯ୍ୟକ୍ରମକୁ ଅବନ୍ତୀକାନ୍ତ ଦାସ ପରିଚଳାନା କରିଥିବା ବେଳେ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ। ରବି ବିଶ୍ୱାଳ, ଲିଟୁ ମହାନ୍ତି, ଶ୍ରୀଧର ମାର୍ଥା ପ୍ରମୁଖ ସହଯୋଗ କରିଥିଲେ।

## ଚତୁର୍ମାସ୍ୟା ବ୍ରତ ଉଦ୍‌ଯାପିତ

ପୁରୁଣା ଭୁବନେଶ୍ୱର,୧୭।୧୧(ଡି.ଏନ୍.ଏ.)

ସ୍ଥାନୀୟ ହାଟସାହି ସ୍ଥିତ ଶ୍ୟାମଶଙ୍କର ମଠରେ ୧୫ଦିନ ଧରି ଚାଲିଥିବା ଚତୁର୍ମାସ୍ୟା ବ୍ରତ ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକଦିନ ମଠ ପରିସରରେ ନାମ ସଂକୀର୍ତ୍ତନ, ଆଧାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। କଲକତା ମେଦିନିପୁରରୁ ପୂର୍ଣ୍ଣ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପ୍ରତିନିଧିଦଳ ଏଥିରେ ସାମିଲ ହୋଇଥିଲେ। ଗୋବିନ୍ଦ ପାତ୍ର, ଶ୍ରୀମନ୍ତ ପାତ୍ର, ସୁବୀର ବାନାର୍ଜୀ, କମଲ ଆଚାର୍ଯ୍ୟ, ସନ୍ଧ୍ୟା ଦାସ, ଲକ୍ଷ୍ମୀ ମା, କାଜଲ ରାଣୀ ଦାସ, ସେହି ମହାମିଳନ ମଠର ତାପସ ପୋରେଲ, ପ୍ରତିମା ପୋରେଲ, ବିଜୁଳୀ ମାଇତି, ପ୍ରମୁଖ ନାମ ସଂକୀର୍ତ୍ତନକାରୀ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ। ମଠର ମୁଖ୍ୟ ପରିଚାଳକ ଅରୁଣ କୁମାର ଗାଙ୍ଗୁଲିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଜୟଦେବ ପଣ୍ଡା, ସତ୍ୟବ୍ରତ ସରକାର, ପ୍ରଶାନ୍ତ ପରିଡ଼ା, ତ୍ରିବେଣୀ ଗାଙ୍ଗୁଲି, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୨ ପେସାଦାର ଲୁଟେରାଙ୍କ ସମେତ ୩ ଗିରଫ

**ସୁନାଚେନ, କାନ ଫୁଲ, ବାଇକ୍ ଜବତ**

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ରାତି ହେଉ ବା ସକାଳ ଏକୁଟିଆ ଯାଉଥିବା ଲୋକଙ୍କୁ ଟାର୍ଗେଟ କରୁଥିଲେ। କିଛି ବାଟ ପିଛା କରିବା ପରେ ସୁଯୋଗ ଦେଖି ସୁନା ଅଳଙ୍କାର ଓ ବାଇକ୍ ଲୁଟି ନେଇ ଫେରାର ହୋଇଯାଉଥିଲେ। କମିଶନରେଟ ପୋଲିସର ନିଦ ହଜାଇଥିବା ଏହି ଲୁଟେରା ଗ୍ୟାଙ୍ଗ ଶେଷରେ ଧରାପଡିଛି। ୨ ପେସାଦାର ଲୁଟେରାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୋଲିସ। ସେମାନେ ହେଲେ ଏୟାରପୋର୍ଟ ଥାନା ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ଜିଲାର ମଦନ ମୋହନ ମହାରଣା ଓରଫ ଶିବା (୩୦), ଶ୍ୱଶୁର ଘର ପୁରୀରେ ରହୁଥିବା ନୂଆପଡାର ଅଶୋକ କୁମାର ମିଶ୍ର (୩୦) ଏବଂ ଲୁଟ୍ ବା ଚୋରି ସୁନା ଅଳଙ୍କାର କିଣିଥିବା ବଣିଆ ଡୁମୁଡୁମା ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗର ସାଇରବ ମୁଲ୍ଲା (୬୫)। ସେମାନଙ୍କଠାରୁ ୪ଟି ସୁନା ଚେନ, ୨ ହଳ କାନଫୁଲ, ଗୋଟିଏ ମୋବାଇଲ ଫୋନ୍ ଓ ଲୁଟ୍‌ପାଟ ସମୟରେ ବ୍ୟବହୃତ ପଲସର ବାଇକକୁ ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ. ୪୨୪/୨୨) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତଦନ୍ତ ବେଳେ ଅଭିଯୁକ୍ତ ମଦନଙ୍କ ନାମରେ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଥାନାରେ ସର୍ବାଧିକ ୧୧ଟି ଆପରାଧିକ ମାମଲା ରହିଥିବାବେଳେ ଅଶୋକଙ୍କ ନାମରେ ୩ଟି ଓ ଅଭିଯୁକ୍ତ ସାଇରବଙ୍କ ନାମରେ ୨ଟି ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

ସୂଚନାନୁସାରେ, ଗତ ଅଗଷ୍ଟ ୧୫ରେ ବବିତା ନାମକ ଜଣେ ମହିଳା ପୋଖରିପୁଟଠାରେ ଏକ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାମୀଙ୍କ ସହିତ ଘରକୁ ଫେରୁଥିଲେ। ଶିରିପୁର ଛକ ନିକଟରେ ଅଭିଯୁକ୍ତଦ୍ୱୟ ଏକ ନାଲି ରଙ୍ଗର ପଲସରରେ ପଛ ପଟୁ ଆସି ବବିତା ପିନ୍ଧିଥିବା ଏକ ସୁନା ଚେନକୁ ଛିଣ୍ଡାଇ ନେଇ ଚମ୍ପଟ ମାରିଥିଲେ। ଅଭିଯୋଗ ପରେ ଖଣ୍ଡଗିରି ଥାନା ପୋଲିସ ଆଖ ପାଖରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଏହାପରେ ଯଦୁପୁର ଫୁଟବଲ ପଡିଆ ନିକଟରେ ଚଢାଉ କରି ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରା ସମୟରେ ସେମାନେ ଛିନ୍‌ତାଇ କରିଥିବା କଥା ସ୍ୱୀକାର କରିବା ସହିତ ସହରର ବିଭିନ୍ନ ସ୍ଥାନରୁ ଏହିଭଳି ଅନେକ ଲୁଟ୍ ମାମଲାରେ ସେମାନଙ୍କ ସମ୍ପୃକ୍ତି ଥିବା କଥା କହିଥିଲେ।

# ରାୟ ସଂରକ୍ଷିତ, ଏନ୍‌ଏଚ୍‌ଆଇକୁ ଇଡିର ରିପୋର୍ଟ ତଲବ

**ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗଙ୍କ ବ୍ଲାକ୍‌ମେଲିଂ ମାମଲା**

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)



ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ଅର୍ଚ୍ଚନା ନାଗଙ୍କ ୩ୟଥର ଜାମିନ ଆବେଦନର ଶୁଣାଣି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ସଂରକ୍ଷିତ ରହିଛି। ଗୁରୁବାର ମାମଲାର ଶୁଣାଣିବେଳେ ଆଇନଜୀବୀ ଦେବାଶିଷ ମହାପାତ୍ର ଯୁକ୍ତି ରଖିବା ସହ ଅର୍ଚ୍ଚନାଙ୍କୁ ଜାମିନ ପ୍ରଦାନ ପାଇଁ ନିବେଦନ କରିଥିଲେ। ସେହିଭଳି ପ୍ରତିପକ୍ଷ ଓକିଲ ଜାମିନ ନ ଦେବାକୁ ଯୁକ୍ତି ରଖିଥିଲେ। ତେବେ ବିଚାରପତି ଉଭୟଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖବଛନ୍ତି। ଶୁକ୍ରବାର ଏହାର ରାୟ ପ୍ରକାଶ ପାଇବ ବୋଲି ଆଇନଜୀବୀ ଦେବାଶିଷ ସୂଚନା ଦେଇଛନ୍ତି। ତେବେ ବିଚାରପତି ଅର୍ଚ୍ଚନାଙ୍କୁ ଜାମିନ ଦେବେ ନା ସେ ସେମିତି ଝାରପଡ଼ା ଜେଲରେ ରହିବେ, ତାହାକୁ ନେଇ ଉତ୍କଣ୍ଠା ଲାଗି ରହିଛି। ଅପରପକ୍ଷରେ ଅର୍ଚ୍ଚନାଙ୍କ ବେଆଇନ ଆର୍ଥିକ କାରବାର ମାମଲାର ତନାଘନା କରୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି)। ଏବେ ବି ଅର୍ଚ୍ଚନାଙ୍କ ଚର୍ଚ୍ଚିତ ତଥା ବିଳାସମୟ କାର୍‌ର ପତ୍ତା ମିଳୁନାହିଁ। ବ୍ଲାକ୍‌ମେଲିଂ ଟଙ୍କାରେ କିଣାଯାଇଥିବା ଉକ୍ତ କାର୍‌ଟି ବର୍ତ୍ତମାନ କେଉଁଠି, ଶେଷଥର ପାଇଁ ଜାତୀୟ ରାଜପଥର କେଉଁ ରାସ୍ତା ଦେଇ ଯାଇଛି, ସେ ନେଇ ସବିଶେଷ ତଥ୍ୟ ଜାଣିବା ନିମନ୍ତେ ଇଡ଼ି କର୍ତ୍ତୃପକ୍ଷ ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ତଲବ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହାକୁ ଯାଞ୍ଚ କଲେ ସେଥିରୁ ମଧ କିଛି କାଗଜପତ୍ର ମିଳିବା ସମ୍ଭାବନା ରହିଛି। ତେଣୁ କାରଟିକୁ ଖୋଜିବା ଲାଗି ଇଡ଼ି ଅଧିକାରୀମାନେ ତନାଘନା ଜୋରଦାର କରିଥିବା ଜଣାପଡ଼ିଛି । ଏପଟେ ଅର୍ଚ୍ଚନାଙ୍କ କଳା ଟଙ୍କାର ଗୁମର ଖୋଲିବା ଲାଗି ତାଙ୍କ ବିଜ୍‌ନେସ୍ ପାର୍ଟନର ଖଗେଶ୍ୱର ପାତ୍ରଙ୍କୁ ୧୦ ଦିନିଆ ରିମାଣ୍ଡରେ ନେଇ ମାରାଥନ ଜେରା କରୁଛି ଇଡି। ଇତିମଧ୍ୟରେ ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଆସନ୍ତା ୨୧ ତାରିଖରେ ରିମାଣ୍ଡ ଅବଧି ସରୁଥିବାବେଳେ ଆହୁରି ବହୁ ଗୁମର ଖୋଲିବାକୁ ଉଦ୍ୟମ ଚାଲିଛି। ହନିଟ୍ରାପ ଘଟଣାର ମାଷ୍ଟରମାଇଣ୍ଡ୍ ଅର୍ଚ୍ଚନା ନାଗଙ୍କ ସହଯୋଗୀ ଶ୍ରଦ୍ଧାଞ୍ଜଳି ବେହେରା ଏବେ ଫେରାର ଥିବାରୁ ତାଙ୍କୁ ଧରି ଗୋଲାପୀ ସାମ୍ରାଜ୍ୟର କଳାକାହାଣୀ ପାଇବାକୁ ଇଡି ଆଶା ରଖିଛି।

# ଚାଷୀଙ୍କ ଚକରାସ୍ତାରେ ବିଦ୍ୟୁତ୍‌ଖୁଣ୍ଟ ପୋତିବା ନେଇ ଉତ୍ତେଜନା

**ବିନା ଲେ ଆଉଟରେ ପ୍ଲଟିଂ ବ୍ୟବସାୟ**

ପୁରୁଣା ଭୁବନେଶ୍ୱର,୧୭।୧୧(ଡି.ଏନ୍.ଏ)

ସରକାରଙ୍କ ବିଭିନ୍ନ ବିଭାଗ ଗୋଟିଏ ପରେ ଗୋଟିଏ ଗେଜେଟ ନୋଟିଫିକେଶନ ଓ ନିୟମ ପ୍ରଣୟନ କରୁଥିବାବେଳେ ତୃଣମୂଳ ସ୍ତରରେ ଅଧିକାରୀମାନେ ଏସବୁ ନିୟମକୁ ଅଣଦେଖା କରିବାରୁ ଏବେ ବିସ୍ତୀର୍ଣ୍ଣ ଚାଷଜମି ଲୋପପାଇବାକୁ ବସିଛି। ଚାଷଜମିକୁ ଯାଇଥିବା ଚକ ନାଳୀ, କାଡ଼ା ନାଳୀ, ଚକରାସ୍ତା ମଧ ଉଭାନ ହୋଇଯାଉଛି। ୫୦୦ବର୍ଗ ମିଟରରୁ ଅଧିକ ଜମିର ଲେ ଆଉଟ ଅନୁମୋଦନକ୍ରମେ ଓଡ଼ିଶା ରିଅଲ ଇଷ୍ଟେଟ ରେଗୁଲେଟାରୀ ଅଥୋରିଟି (ଓରେରା) ନିୟମ ଅନୁଯାୟୀ ପଞ୍ଜୀକରଣ ପରେ ଯେକୌଣସି ବ୍ୟକ୍ତି ଅବା ବିଲଡର ପ୍ଲଟିଂ କରି ଜମି ବିକିପାରିବେ। ଲେ ଆଉଟ ଅନୁମୋଦନ ସମୟରେ ଜମିକୁ ପ୍ରକୃତ ରାସ୍ତା ସଂଯୋଗ ରହିଛି କି ନାହିଁ ଏସବୁ ଅଧିକାରୀ ଦେଖିଥାନ୍ତି। ମାତ୍ର କେତେକ ଜମି ମାଲିକ ଓ ବ୍ୟବସାୟୀ ଅଧିକାରୀଙ୍କୁ ହାତ କରି ପାଣି ନାଳ ଓ ଚକନାଳ ଜବରଦଖଲ କରି ଏହା ଉପରେ ରାସ୍ତା ନିର୍ମାଣ କରି ବେଆଇନ ପ୍ଲଟିଂ କରୁଛନ୍ତି। ଏହି କ୍ରମରେ ଉତ୍ତରା ଫାଣ୍ଡି ଅଧୀନ ଲକ୍ଷ୍ମୀ ନାରାୟଣପୁର, ବିଳିପଡ଼ା ମୌଜାରେ ବେଆଇନ ପ୍ଲଟିଂ ହେଉଛି। ଏଠାରେ ବିଲଡରମାନେ ଚାଷଜମିକୁ ଘରବାରି କିସମ କରି ପ୍ଲଟିଂ କରୁଛନ୍ତି। ଫଳରେ ପ୍ଲଟିଂ ପାର୍ଶ୍ୱରେ ଥିବା ଅନେକ ଚାଷ ଜମିକୁ ପାଣି ଆସିପାରୁ ନାହିଁ। ନିଜ ୫୦ ଏକରରୁ ଊର୍ଦ୍ଧ୍ୱ ଜମିକୁ ବିଲଡର ୩୦ଫୁଟିଆ ରାସ୍ତା ନେଇଥିବାବେଳେ ୧୧ କେଭି ବିଦ୍ୟୁତ୍‌ଖୁଣ୍ଟ ଚାଷୀଙ୍କ ଚକରାସ୍ତାରେ ନେବା ପାଇଁ ଯୋଜନା କରୁଛନ୍ତି। ମାତ୍ର ଏହାକୁ କେତେକ ଚାଷୀ ବିରୋଧ କରିବା ସହ ବଡ଼ଗଡ଼ ବିଦ୍ୟୁତ ବିଭାଗ ଏବଂ ଉତ୍ତରା ବିଦ୍ୟୁତ ଉପଖଣ୍ଡରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କେହି ଶୁଣୁ ନାହାନ୍ତି। ଗୁରୁବାର ହଠାତ୍ ୧୫ଜଣ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ତାର ଭିଡ଼ିବାକୁ ଉଦ୍ୟମ କରିବାରୁ ଚାଷୀମାନେ ମନା କରିଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳର ଜମି ଦଲାଲ, କେତେଜଣ ଯୁବକ ଆସି ଚାଷୀଙ୍କୁ ନାଲି ଆଖି ଦେଖାଇଥିଲେ। ଖବରପାଇ ଉତ୍ତର ଫାଣ୍ଡି ପୋଲିସ ମଧ ସେଠାରେ ପହଞ୍ଚିଥିଲେ। କିନ୍ତୁ ପୋଲିସ ସେଠାରେ ନୀରବ ରହିବାରୁ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା। ତେବେ ବିଲଡରମାନେ ବିନା ଲେ ଆଉଟରେ ପ୍ଲଟ ବ୍ୟବସାୟ କରୁଥିବା ବେଳେ ପୋଲିସ ମଧ ଶୁଣୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଉତ୍ତରା ଫାଣ୍ଡି ଇନଚାର୍ଜ ସୌମ୍ୟରଞ୍ଜନ ଜେନା କୁହନ୍ତି, ଉଭୟ ପକ୍ଷଙ୍କୁ ଡାକି ସମାଧାନ ପାଇଁ ଚେଷ୍ଟା ଜାରି ରହିଛି।




ଇଣ୍ଡିଆନ ଡେଣ୍ଟାଲ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଗୁରୁବାର ଅନୁଷ୍ଠିତ 'ଆଇକନ୍ ଆୱାର୍ଡ ୨୦୨୨'ରେ ଯୋଗଦେଇଥିବା ଅତିଥିମାନେ।

# ମନ୍ତ୍ରୀଙ୍କ ପିଏ କହି ୧.୫ ଲକ୍ଷ ଠକେଇ

- କିନ୍ନରଙ୍କ ସମେତ ୩ ଗିରଫ
- ୬ ମୋବାଇଲ୍, ୫୦ ହଜାର ଟଙ୍କା ଜବତ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ସାଇବର ଠକମାନେ ନୂଆ ନୂଆ ତରିକା ଆପଣାଇ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ଏଭଳି ଜଣେ ସାଇବର ଠକ ନିଜକୁ ବଡ଼ ମନ୍ତ୍ରୀଙ୍କ ପିଏ କହି ଜଣେ ବ୍ୟବସାୟୀଙ୍କ ସମେତ ୩ ଜଣଙ୍କଠାରୁ ପ୍ରାୟ ଦେଢ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି। ଏ ନେଇ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଠକେଇରେ ସମ୍ପୃକ୍ତ ଥିବା ଜଣେ କିନ୍ନରଙ୍କ ସମେତ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ବୌଦ୍ଧ ଜିଲାର ଦେବଗଡ଼ରେ ରହୁଥିବା ଅନୁଗୋଳର ଲକି ଓରଫ୍ ମନୀଷ ଓରଫ ସୌମ୍ୟରଞ୍ଜନ ପ୍ରଧାନ(କିନ୍ନର) ଏବଂ ତାଙ୍କର ୨ ସହଯୋଗୀ ଗଞ୍ଜାମ ଜିଲାର ସୁନୀଲ୍ ସାମନ୍ତରା, ଯାଜପୁରର ସନ୍ତୁ ଓରଫ୍ ତୁଷାରକାନ୍ତି ବାଇ। ସେମାନଙ୍କଠାରୁ ୬ ମୋବାଇଲ୍ ଓ ୫୦ ହଜାର ଟଙ୍କା ଜବତ ହୋଇଛି। ସୌମ୍ୟଙ୍କ ନାମରେ ପୂର୍ବରୁ ୭ଟି ଆପରାଧିକ ମାମଲା ରହିଛି। ସୂଚନାନୁସାରେ ଗତ ୧୨ ତାରିଖରେ ଭୁବନେଶ୍ୱରର ବ୍ୟବସାୟୀ ବିକାଶ ସେହେଗଲଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ନିଜକୁ ଜଣେ ମନ୍ତ୍ରୀଙ୍କ ପିଏ ବୋଲି ପରିଚୟ ଦେଇ ତାଙ୍କ ସହ କଥା ହୋଇଥିଲେ। ମନ୍ତ୍ରୀ ତାଙ୍କୁ ଜାଣିଥିବା କହିବା ସହ ନାନା କଥା କହି ବିଶ୍ୱାସ ଜନ୍ମାଇଥିଲେ। ପରେ କଳାହାଣ୍ଡି ଜିଲାରେ ମନ୍ତ୍ରୀ ଏକ ଯଜ୍ଞର ଆୟୋଜନ କରିଥିବା ଏବଂ ଜରୁରୀ ଦରକାର ଥିବା କହି ୪୦ହଜାର ଟଙ୍କା ପଠାଇବା ଲାଗି ଅନୁରୋଧ କରିଥିଲେ। ଯୋଗାଯୋଗ ନିମନ୍ତେ ଅନ୍ୟ ଏକ ଫୋନ ନମ୍ବର ଦେଇଥିଲେ, ଯେଉଁ ନମ୍ବରକୁ ମା' ନାମକ ଜଣେ ପୂଜକ ବ୍ୟବହାର କରୁଥିଲେ। ତେବେ ବିକାଶ ଠକଙ୍କ କଥାରେ ବିଶ୍ୱାସ ଓ ଭରସା କରି ୩୧ ହଜାର ୫୦୦ ଟଙ୍କା ଫୋନ-ପେ କରିଥିଲେ। କିଛି ସମୟ ପରେ ସେ ଉପରୋକ୍ତ ନମ୍ବରରେ ଯୋଗାଯୋଗ କରିବାରୁ ତାହା ସୁଇଚ୍ ଅଫ୍ ଥିଲା। ଫଳରେ ଠକାମିର ଶିକାର ହୋଇଥିବା ଜାଣିପାରି ବିକାଶ ସାଇବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଥାନାରେ ସେହିଭଳି ସମାନ ଢଙ୍ଗରେ ଆଉ ୨ଜଣଙ୍କଠାରୁ ମଧ ପ୍ରାୟ ଲକ୍ଷେ ୨୦ହଜାର ଟଙ୍କା ଠକିଥିବା ତଦନ୍ତ ବେଳେ ଜଣାପଡିଥିଲା। ଅଭିଯୋଗ ପରେ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରି ଉକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ସଂକ୍ଷେପରେ

### ଜମି ବ୍ୟବସାୟ ନାଁରେ ୧୮ ଲକ୍ଷ ଠକେଇ
#### ବିହାରରୁ ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ) - ଜମି ବ୍ୟବସାୟରେ ବିନିଯୋଗ କଲେ ଡବଲ ଲାଭର ଲୋଭ ଦେଖାଇ ଜଣେ ବ୍ୟବସାୟୀଙ୍କଠାରୁ ୧୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ବିହାରରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାର ବାର୍ଡ ଥାନା ଅନ୍ତର୍ଗତ ପାଟଣାର ବିମଳ କୁମାର ଓ ମନୋଜ କୁମାର। ତେବେ ଚଢ଼ାଉ ସମୟରେ ଅଭିଯୁକ୍ତମାନେ ପୋଲିସ ଟିମ୍ ଉପରକୁ ଠେକାପଥର ମାଡ କରି ଖସି ଯିବାକୁ ଚେଷ୍ଟା କରିଥିଲେ। ଗିରଫ ପରେ ଉଭୟଙ୍କୁ ଓଡ଼ିଶା ଅଣାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗଜପତି ନଗରରେ ସୁବାଷ ଚନ୍ଦ୍ର ରୁହନ୍ତି। ଦୁଇବର୍ଷ ତଳେ ବିମଳ ଓ ମନୋଜ ତାଙ୍କ ଘରେ ଭଡାରେ ରହିଥିଲେ। କିଛିଦିନ ମିଳାମିଶା କରିବା ପରେ ସମ୍ପର୍କ ବଢ଼ାଇଥିଲେ। ସେମାନେ ନିଜକୁ ବିଲ୍ଡର ବୋଲି ପରିଚୟ ଦେଇଥିଲେ। ତାଙ୍କ ବ୍ୟବସାୟରେ ଟଙ୍କା ବିନିଯୋଗ କଲେ କମ୍ ଦିନରେ ଦୁଇଗୁଣ ଲାଭ ହେବ ବୋଲି କହିଥିଲେ। ଏଭଳି ଲୋଭନୀୟ ପ୍ରତିଶ୍ରୁତି ଦେଇ ସୁବାଷଙ୍କଠାରୁ ୨୦ ଲକ୍ଷ ଟଙ୍କା ନେଇଥିଲେ। ବାରମ୍ବାର ମାଗିବା ପରେ ଅଭିଯୁକ୍ତଦ୍ୱୟ ମାତ୍ର ୨ଲକ୍ଷ ଟଙ୍କା ଦେଇ ବିହାରକୁ ଚାଲି ଯାଇଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ସୁବାଷ ଥାନାରେ ଅଭିଯୋଗ କରିଥିଲେ।

### ବାପୁଜୀ ନଗର ମାର୍କେଟ୍ ଆସୋସିଏଶନ - ବିଏମ୍‌ସି ଆଲୋଚନା

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)- ବିଏମ୍‌ସି କାର୍ଯ୍ୟାଳୟରେ ବାପୁଜୀ ନଗର ମାର୍କେଟ୍ ଆସୋସିଏଶନର ୩୦ଜଣ ପ୍ରତିନିଧିଙ୍କ ଉପସ୍ଥିତିରେ ବର୍ଜ୍ୟ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରତ୍ୟେକ ଦିନ ବ୍ୟବସାୟ ପ୍ରତିଷ୍ଠାନରୁ ବାହାରୁଥିବା ବର୍ଜ୍ୟର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ବାପୁଜୀ ନଗର ସହରର ସବୁଠାରୁ ପୁରୁଣା ବ୍ୟବସାୟିକ ପେଣ୍ଠସ୍ଥଳି ଭାବେ ପରିଚିତ ଥିବାବେଳେ ଏହାକୁ ସ୍ୱଚ୍ଛ ରଖିବା ପ୍ରତ୍ୟେକ ବ୍ୟବସାୟୀଙ୍କ ଦାୟିତ୍ୱ। ଦୋକାନରୁ ବାହାରୁଥିବା ବର୍ଜ୍ୟକୁ ବାହାରେ ଏଣେତେଣେ ନ ପକାଇ ଡଷ୍ଟବିନ୍‌ରେ ନିଜ ନିଜ ଦୋକାନରେ ରଖି ସଫେଇ ଗାଡ଼ିକୁ ହସ୍ତାନ୍ତର କରିବା ପାଇଁ କମିଶନର ପରାମର୍ଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ବିଏମ୍‌ସି ପକ୍ଷରୁ ଦିନକୁ ଦୁଇଥର ଆବର୍ଜନା ସଂଗ୍ରହ ସେବା ପ୍ରଦାନ କରାଯିବ ବୋଲି ସେ କହିଥିଲେ। ବୈଠକରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ ଏବଂ ଡେପୁଟି କମିଶନର (ଦକ୍ଷିଣ-ପୂର୍ବ ଜୋନ୍) ପ୍ରିୟବ୍ରତ ପାଢ଼ୀ, କର୍ପୋରେଟର ନିହାର ରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ।

### ଅକ୍ଷୟ ମହାନ୍ତିଙ୍କ ସଂଗୀତରେ ଓଡ଼ିଆ ଜାତିର ପ୍ରାଣ ଭରି ରହିଛି

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରବୀଣ କଳାକାର, ସଂଗୀତକାର, ଔପନ୍ୟାସିକ ତଥା ବହୁ ପ୍ରତିଭାର ଅଧିକାରୀ ଅକ୍ଷୟ ମହାନ୍ତିଙ୍କ ୨୦ତମ ଶ୍ରାଦ୍ଧୋତ୍ସବ ବୁଧବାର ଆଇଆରସି ଭିଲେଜ୍ ଅକ୍ଷୟ ମହାନ୍ତି ପାର୍କସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ବକ୍ତାମାନେ କହିଥିଲେ, ଅକ୍ଷୟ ମହାନ୍ତିଙ୍କ କାଳଜୟୀ ସଂଗୀତରେ ଓଡ଼ିଆ ଜାତିର ପ୍ରାଣ ଭରି ରହିଛି। କଟକ ବାଲିଯାତ୍ରା ହେଉ ବା ମହାନଦୀର ନୌକାଗୀତ, ପ୍ରତ୍ୟେକରେ ଏକ ସ୍ୱତନ୍ତ୍ର ପରିଚୟ ଥିଲା। ଭଜନ, ଜଣାଣ, ଆଧୁନିକ ସଂଗୀତ, ପଲ୍ଲୀଗୀତ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ସଂଗୀତକୁ ସମସ୍ତ ବର୍ଗର ବ୍ୟକ୍ତିବିଶେଷ ଉତ୍କଣ୍ଠାର ସହ ଶୁଣି ମନ୍ତ୍ରମୁଗ୍ଧ ହେଉଥିଲେ। ନିଜେ ଗୀତ ଲେଖିବା ସହ ସ୍ୱର ଦେଇ ନିଜେ ଗାଇ ଓଡ଼ିଆ ଚଳଚ୍ଚିତ୍ର ସଂଗୀତର ମାନ ବୃଦ୍ଧି କରିଥିଲେ। ବିଭିନ୍ନ ପର୍ବପର୍ବାଣୀ ଓ ଉତ୍ସବ ଅନୁଷ୍ଠାନରେ ମଞ୍ଚରେ ସଂଗୀତ ଗାୟନ କରି ଶ୍ରୋତାମଣ୍ଡଳୀକୁ ବାନ୍ଧି ରଖୁଥିଲେ। ରାଜ୍ୟର ପୁରପଲ୍ଲୀରେ ପୂର୍ବରୁ, ଏବେ ଓ ଭବିଷ୍ୟତରେ ଅକ୍ଷୟ ସଂଗୀତର ଆଦର ରହିଛି ଓ ସଦାକାଳ ରହିବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ଆବାହକ ପ୍ରବୀର ମହାନ୍ତି, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ପ୍ରାଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ସଂଜୟ କୁମାର ପରିଡ଼ା, ଉଚ୍ଚ ଫର ଭୁବନେଶ୍ୱରର ସଭ୍ୟବୃନ୍ଦ, ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ମିତ୍ରଭାନୁ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ମହେନ୍ଦ୍ର ଆଚାର୍ଯ୍ୟ, ଆଶାମୁକୁଳ ବାରିକ, ସାମ୍ବାଦିକ ଗିରିଜା ଶଙ୍କର ଦାସ ଓ ନୂଆପଲ୍ଲୀ ଦୁର୍ଗାପୂଜା କମିଟିର ସଭାପତି ପବିତ୍ର ମୋହନ ବେହେରାଙ୍କୁ 'ଅକ୍ଷୟ ମହାନ୍ତି ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଜୀବଜନ୍ତୁ ପାଳିବା ଉପରେ ଲାଗିବ କଟକଣା




ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଗୋବିନ୍ଦ ପ୍ରସାଦ ମୌଜାର ସରକାରୀ ପ୍ଲଟରେ ଉଚ୍ଛେଦ ପୂର୍ବରୁ ଜବତ କୁକୁର ।

ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ମନଇଚ୍ଛା ଯେ କେହି ବି ଘରେ ପୋଷା କୁକୁର ଓ ଜୀବଜନ୍ତୁ ରଖିପାରିବେ ନାହିଁ। ଏଥିପାଇଁ ପଞ୍ଜୀକରଣ ସହ କେତେକ କଟକଣାକୁ ବାଧ୍ୟତାମୂଳକ କରାଯିବ। ରାଜଧାନୀରେ କୁକୁର କାମୁଡା କଳି କୋର୍ଟକୁ ଯିବାପରେ ଏନେଇ ତତ୍ପରତା ଦେଖାଇଛି ବିଏମ୍‌ସି। ଖୁବ୍‌ଶୀଘ୍ର ପେଟ୍ ଆନିମାଲ ଗାଇଡ୍‌ଲାଇନ୍ ଜାରି କରାଯିବ। ଦେଶର ଦିଲ୍ଲୀ, ବେଙ୍ଗାଲୁର, ବାଙ୍ଗାଲୋର ଭଳି ଅନ୍ୟ ମେଟ୍ରୋ ସିଟି ପରେ ଏବେ ଭୁବନେଶ୍ୱରରେ ଗାଇଡ୍‌ଲାଇନ୍ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଲୋକମାନେ ଗାଈ, କୁକୁରକୁ କେମିତି ପାଳିବେ, ବାହାରକୁ ନେବା ସମୟରେ କେଉଁଭଳି ସତର୍କତା ଅବଲମ୍ବନ କରିବେ, ତାହାର ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ପ୍ରସ୍ତୁତ ହେବ।

**ଖୁବ୍‌ଶୀଘ୍ର ବିଏମ୍‌ସି ଆଣିବ ପେଟ୍ ଆନିମଲ୍ ଗାଇଡ୍‌ଲାଇନ୍**

ନିଜ ସଉକ ପାଇଁ ଲୋକମାନେ କୁକୁର ପାଳିଥିବାବେଳେ ସେମାନଙ୍କର ଟିକିଏ ଅସାବଧାନତା ଲୋକଙ୍କ ଜୀବନ ନେଇପାରେ। ବୁଧବାର ଇନ୍‌ଫୋସିଟି ଥାନା ଅଞ୍ଚଳରେ ଘଟିଥିବା ଏଭଳି ଏକ ଘଟଣା ପରେ ଚେତିଛି ବିଏମ୍‌ସି। ଏ ସମ୍ପର୍କରେ କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଏମ୍‌ସି ଗାଇଡ୍‌ଲାଇନ୍ କରିବାକୁ ଯାଉଥିବାବେଳେ ଯେଉଁମାନେ ଏହାକୁ ନ ମାନିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଏନେଇ ବୈଠକ ହୋଇଛି ଓ ଗାଇଡ୍‌ଲାଇନ୍ ପ୍ରସ୍ତୁତି ଚାଲିଛି। ଯେଉଁମାନେ ଘରେ ଗୃହପାଳିତ ପଶୁ ରଖିବାକୁ ଚାହିଁବେ ସେମାନଙ୍କ ଘରେ ଆନିମଲ ରହିବା ସୁବିଧା ଅଛି ନା ନାହିଁ ଏବଂ ସେଥିପାଇଁ ଯେପରି ଅନ୍ୟ ଲୋକଙ୍କୁ ଅସୁବିଧା ନ ହେବ ସେ ନେଇ ଗାଇଡ୍‌ଲାଇନରେ ଗୁରୁତ୍ୱ ଦିଆଯିବ। ପ୍ରଥମେ କୌଣସି ଅଭିଯୋଗ ଆସିଲେ ତା'ର ବିଚାର କରାଯିବ। ବିଏମ୍‌ସି ମଧ୍ୟ ରେଗୁଲାର ମନିଟରିଂ କରିବ। ଯେଉଁମାନେ ପେଟ୍ ରଖିବେ ସେମାନେ ପ୍ରଥମେ ସେମାନଙ୍କ ତଥ୍ୟ ଦେବେ। ଅନ୍ୟ ସହରଗୁଡିକରେ ଥିବା ପେଟ୍ ଆନିମଲ୍ ଗାଇଡ୍‌ଲାଇନ୍‌କୁ ଅନୁଧ୍ୟାନ କରାଯାଉଛି। ଖୁବ୍‌ଶୀଘ୍ର ଏହା ଆସିଯିବ ବୋଲି କମିଶନର ସୂଚନା ଦେଇଛନ୍ତି। ଅପରପକ୍ଷେ ଯେଉଁମାନେ କୁକୁର ପାଳୁଛନ୍ତି ସେମାନେ ତାଙ୍କର ଠିକ ଯତ୍ନ ନିଅନ୍ତୁ ଓ ସେମାନେ କିଭଳି କାହାକୁ ଆଘାତ ନ କରିବେ ସେଥିପାଇଁ ମାଲିକମାନଙ୍କୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସତର୍କତା ଅବଲମ୍ବନ କରି ସଚେତନତା ସହ ସେମାନଙ୍କୁ ପାଳିବାକୁ କମିଶନର ପରାମର୍ଶ ଦେଇଛନ୍ତି।

## ଜବରଦଖଲ ପ୍ଲଟ୍‌ରେ ଚାଲିଥିଲା କୁକୁର ବେପାର

- ୫୬କୁକୁର ଓ ଅନ୍ୟ ଗୃହପାଳିତ ପ୍ରାଣୀ ଉଦ୍ଧାର
- ମାଟିରେ ମିଶିଲା ୫ ବଖରା ଘର

ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ସରକାରୀ ଜମି ଜବରଦଖଲ କରି ଅନେକ ଲୋକ ବେଆଇନ ଭାବେ ବାସଗୃହ ଓ ଦୋକାନ ଘର କରି ରହିବା ସହ ବ୍ୟବସାୟ ଓ ଭଡ଼ାରେ ଲଗାଉଛନ୍ତି। ଏପରିକି ନିଶା କାରବାର ସହ ଆପରାଧିକ କାର୍ଯ୍ୟ ଚାଲୁଥିବା ନଜିର ରହିଛି। ବିଡିଏ ପକ୍ଷରୁ ଏସବୁ ଜବରଦଖଲ ଉଚ୍ଛେଦ ଜାରି ରହିଥିବାବେଳେ ଗୁରୁବାର କୁକୁର ପାଇଁ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଗୋବିନ୍ଦ ପ୍ରସାଦ ମୌଜାର ପ୍ଲଟ ନଂ. ୧୩୩୬/୩୧୭୩ରେ ବୁଲ୍‌ଡୋଜର ବୁଲିଛି। ବିଡିଏ ପକ୍ଷରୁ ସମ୍ପୃକ୍ତ ସ୍ଥାନରେ ଥିବା ବେଆଇନ ଘରକୁ ଭଙ୍ଗା ଯାଇଛି। ଜବରଦଖଲରେ ଥିବା ରମେଶ ଚନ୍ଦ୍ର ଦାସ ସମ୍ପୃକ୍ତ ପ୍ଲଟ୍‌ରେ କୁକୁର ବେପାର କରୁଥିଲେ। ତେବେ କୁକୁର ପାଇଁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ପୂର୍ବରୁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଏମସିରେ ଅଭିଯୋଗ କରାଯାଇଥିଲା। ବିଏମ୍‌ସି ତାଙ୍କୁ ଅନେକଥର ଉଚ୍ଛେଦ ନୋଟିସ କରିଥିଲେ ମଧ୍ୟ ସେ ଗୁରୁତ୍ୱ ଦେଉ ନ ଥିଲେ। ଜଣେ ନାବାଳକଙ୍କୁ ଏକ ପୋଷା କୁକୁର କାମୁଡିବା ଘଟଣାକୁ ନେଇ ବୁଧବାର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ତପସ୍ୱିନୀ କଲୋନୀରେ ଉତ୍ତେଜନା ସୃଷ୍ଟି



ହେବା ପରେ ବିଏମ୍‌ସିର ନିଦ ଭାଙ୍ଗିଥିଲା। ଗୁରୁବାର ବିଡିଏ, ବିଏମ୍‌ସି ଓ ପୋଲିସ ମିଳିତ ଭାବେ ଘଟଣାସ୍ଥଳରେ ଉପସ୍ଥିତ ରହି ଡଗ୍ କ୍ୟାଚରଙ୍କ ଦ୍ୱାରା ବେପାର ପାଇଁ ରହିଥିବା ୫୬ଟି କୁକୁର ସହ ରମେଶ ପାଳିଥିବା ଠେକୁଆ ଓ ବିଭିନ୍ନ ପଶୁପକ୍ଷୀଙ୍କୁ ଉଦ୍ଧାର କରାଯାଇଛି। ଏଥିସହ ସମ୍ପୃକ୍ତ ଘରକୁ ଖାଲି କରିବା ପରେ ସମ୍ପୂର୍ଣ୍ଣ ୫ ବଖରାକୁ ଭାଙ୍ଗି ଦିଆଯାଇଛି। ଏହି ଜମି ଜଳସେଚନ ବିଭାଗର ବୋଲି ଜଣାପଡିଛି। ଉଚ୍ଛେଦବେଳେ ବିଡ଼ିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ବିଡ଼ିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏ ସହକାରୀ ନିର୍ଦ୍ଦେଶକ ଅମୀୟ କୁମାର ଦାଶ ଓ ଲକ୍ଷ୍ମୀସାଗର ଆଇଆଇସି ଓମ୍ ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଜାଗା ମିଶନ୍ ଅଧୀନରେ ଡ୍ରୋନ୍ ସର୍ଭେ ଆରମ୍ଭ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଓଡ଼ିଶା ସରକାରଙ୍କର ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ଜାଗା ମିଶନ୍' ଅଧୀନରେ ହିତାଧିକାରୀମାନଙ୍କୁ ରାଜ୍ୟର ବିଭିନ୍ନ ମହାନଗର ନିଗମ ତଥା ସହରାଞ୍ଚଳରେ ଭୂମି ଅଧିକାର ପ୍ରମାଣପତ୍ର ଯୋଗାଇ ଦିଆଯିବ। ଏ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି )ପକ୍ଷରୁ ଏଥିପାଇଁ ତତ୍ପରତା ପ୍ରକାଶ ପାଇଛି। ଡ୍ରୋନ୍ ସର୍ଭେ ଜନିତ କ୍ଷେତ୍ରକର୍ମୀଙ୍କ ପ୍ରଶିକ୍ଷଣ ପରେ ସର୍ଭେ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ମହାନଗର ନିଗମର ୱାର୍ଡ ନଂ.୧ ଓ ୨୮ରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ସ୍ଥାନୀୟ କର୍ପୋରେଟର, ସମସ୍ତ ୱାର୍ଡ ଅଫିସର, କମ୍ୟୁନିଟି ଅର୍ଗାନାଇଜର୍, ଜୋନାଲ୍ କମ୍ୟୁନିଟି ଅର୍‌ଗାନାଇଜର୍, ଅମିନ, ଜାଗା କୋର୍ଡ଼ିନେଟର୍ ଆଦିଙ୍କ ଉପସ୍ଥିତିରେ ଏହି ସର୍ଭେ ଆରମ୍ଭ ହୋଇଛି। ସୂଚନା ଥାଉକି, ସହରାଞ୍ଚଳ ବସ୍ତିରେ 'ଉଷା' ସର୍ଭେ କରିବା ପୂର୍ବରୁ ପ୍ରତ୍ୟେକ ବସ୍ତିରେ ଡ୍ରୋନ୍ ସର୍ଭେ କରିବାର ବ୍ୟବସ୍ଥା କରାଯାଇଛି। ଏହାକୁ ଭିତ୍ତି କରି ଓଡ଼ିଶା ସରକାରଙ୍କ ତରଫରୁ ଟାଟା ସ୍କିଲ୍ ଫାଉଣ୍ଡେଶନ୍ ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଅଛି। ତେଣୁ ପ୍ରତ୍ୟେକ ବସ୍ତିରେ ଡ୍ରୋନ୍ ସର୍ଭେ ହୋଇ ଚୁକ୍ତିଗତ ଘରଗୁଡ଼ିକର ନକ୍ସା ଚିତ୍ର ଉତ୍ତୋଳନ କରାଯିବ। ନିୟମ ଅନୁଯାୟୀ, ଏହାକୁ ଭିତ୍ତି କରି ହିତାଧିକାରୀମାନଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ନିମନ୍ତେ ଉଷା ସର୍ଭେ କରାଯିବ। ଏହି ସର୍ଭେର ନିୟମ ଅନୁସାରେ ନିର୍ଦ୍ଦିଷ୍ଟ ବସ୍ତିର ସ୍ଲମ୍ ଡୁଏଲର୍ସ ଆସୋସିଏଶନ୍ (ଏସ୍‌ଡିଏ)ର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ଆଗକୁ ବଢ଼ିବ।

## 'ଗମନାଗମନ ଓ ଗତିଶୀଳତା' କ୍ଷେତ୍ରରେ କ୍ରୁଟ୍ ସମ୍ମାନିତ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଭାରତରେ ଏକ ଅଭିନବ ବସ୍ ସେବା 'ମୋ ବସ୍'କୁ ପରିଚାଳନା କରୁଥିବା ଓଡ଼ିଶାର କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍)କୁ ପୁନଃ ସମ୍ମାନିତ କରାଯାଇଛି। ଅର୍ବାନ ଇନ୍‌ଫ୍ରା ଗ୍ରୁପ୍ ଦ୍ୱାରା ଆୟୋଜିତ ସେକେଣ୍ଡ ଅର୍ବାନ୍ ଇନ୍‌ଫ୍ରା ବିଜ୍‌ନେସ୍ ସମ୍ମିଟ୍ ଆଣ୍ଡ୍ ଆୱାର୍ଡସରେ କ୍ରୁଟ୍ 'ଗମନାଗମନ ଓ ଗତିଶୀଳତା' ବିଭାଗରେ ଏହି ସମ୍ମାନ ଲାଭ କରିଛି। ସ୍ମାର୍ଟ ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପରେ କାର୍ଯ୍ୟ କରି ସକାରାତ୍ମକ ପରିବର୍ତ୍ତନ ଏବଂ ବିକାଶ ଆଣୁଥିବା ଅନୁଷ୍ଠାନମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟରେ 'ମୋ ବସ୍' ସେବା ପ୍ରଦାନ କରାଯାଉଛି। ସହରାଞ୍ଚଳ ପରିବହନ କ୍ଷେତ୍ରରେ ମୋ ବସ୍ ସେବା ଯୋଗାଉଥିବା କ୍ରୁଟ୍‌ର ସକାରାତ୍ମକ ପରିବର୍ତ୍ତନ ଓ ଉଲ୍ଲେଖନୀୟ ଅବଦାନ




ଅର୍ବାନ୍ ଇନ୍‌ଫ୍ରା ବିଜ୍‌ନେସ୍ ସମ୍ମିଟ୍‌ରେ କ୍ରୁଟ୍ ମହାପ୍ରବନ୍ଧକ ଦୀପ୍ତି ମହାପାତ୍ର ସମ୍ମାନ ଗ୍ରହଣ କରୁଛନ୍ତି।

ପାଇଁ ପ୍ରୟାସ ଜାରି ରଖିଛି। ଏ ସମ୍ପର୍କରେ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ରାଜ୍ୟ ପାଇଁ ସମ୍ମାନ ଆଣିବା ଗର୍ବର ବିଷୟ। ଆମେ ଏହିଭଳି ଉତ୍ତମ ଧରଣର କାର୍ଯ୍ୟକୁ ବଜାୟ ରଖି ରାଜ୍ୟରେ ଗଣପରିବହନ କ୍ଷେତ୍ରରେ ନୂତନ ଉଦ୍ଭାବନ ଆଣିବୁ ବୋଲି ସେ ମତ ଦେଇଛନ୍ତି। କ୍ରୁଟ୍ ମହାପ୍ରବନ୍ଧକ ଦୀପ୍ତି ମହାପାତ୍ର କହିଛନ୍ତି, ଯାତ୍ରୀଙ୍କୁ ସର୍ବୋତ୍ତମ ଅଭିଜ୍ଞତା ପ୍ରଦାନ କରିବା ସହିତ ଉତ୍ତମ ସେବା ଯୋଗାଇଦେବାକୁ ଆମେ ପ୍ରଚେଷ୍ଟା ଜାରି ରଖିଛୁ। କ୍ରୁଟ୍ ଟିମ୍ ଦ୍ୱାରା କରାଯାଇଥିବା ଉତ୍ତମ କାର୍ଯ୍ୟ ଯୋଗୁ ମିଳିଥିବା ଏହି ସମ୍ମାନ ଆମକୁ ଏକ ନୂତନ ପଦକ୍ଷେପ ପାଇଁ ପ୍ରେରଣା ଯୋଗାଉଛି।

## ଶିଶୁ ଅଧିକାର ସମ୍ମିଳନୀ ସପ୍ତାହ, ସଚେତନତା ଅଭିଯାନ

ବାରଙ୍ଗ, ୧୭।୧୧(ଡି.ଏନ୍.ଏ):

ମିଳିତ ଜାତିସଂଘର ଶିଶୁ ଅଧିକାର ସମ୍ମିଳନୀ ସପ୍ତାହ ଅବସରରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ତରଫରୁ ଏକ ସଚେତନତା ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଡିବାରି, ଅନ୍ଧାରୁଆ, ଚନ୍ଦକା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସୁରକ୍ଷା ସମ୍ପର୍କିତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କର ଅଧିକାର ସାବ୍ୟସ୍ତ କରିବା ଓ ଏହାକୁ ଅକ୍ଷୁଣ୍ଣ ରଖିବା ପାଇଁ ମିଳିତ ଜାତିସଂଘ ରାଜିନାମା ଉପରେ ଆଲୋଚନା କରାଯାଇଥିଲା। ଶିଶୁ ଅଧିକାର ଦିବସର ଉଦ୍ଦେଶ୍ୟ ଏବଂ ପିଲାମାନଙ୍କ ପ୍ରତି ନାଗରିକମାନଙ୍କର କର୍ତ୍ତବ୍ୟବୋଧ ଉପରେ ଆଲୋକପାତ କରାଯାଇଥିଲା। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କର, ଉପଦେଷ୍ଟା ସୁମିତ୍ରା ଜେନା, ପ୍ରଭାତ କୁମାର ପରିଡା, ସ୍ୱର୍ଣ୍ଣଲତା ବଳିଆରସିଂହ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ କିପରି ଶିଶୁମିତ୍ର ଅନୁକୂଳ ପରିବେଶ ଓ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରିବ ଏହା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଚିବ ପ୍ରଭାତ କୁମାର ସାହୁ, ଧର୍ମାନନ୍ଦ ସୁନ୍ଦରରାୟ ଏବଂ ଅନ୍ୟ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସାମାଜିକ କର୍ମୀ ଦେବସ୍ମିତା ଦାସ ଧନ୍ୟବାଦ ଦେଇଥିଲେ।

## ଅଭିଯୁକ୍ତ ବାପାଙ୍କୁ ୧୪ ବର୍ଷ ଜେଲଦଣ୍ଡାଦେଶ

**ନାବାଳିକା ଝିଅକୁ ବଳାତ୍କାର ଉଦ୍ୟମ ମାମଲା**

- ୨ ବର୍ଷ ପରେ ରାୟ ଶୁଣାଇଲେ ଭୁବନେଶ୍ୱର ପୋକ୍‌ସୋ ଫାଷ୍ଟଟ୍ରାକ୍ କୋର୍ଟ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ):

ନାବାଳିକା ଝିଅକୁ ବାପାଙ୍କ ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ଘଟଣାର ୨ ବର୍ଷ ପରେ ଭୁବନେଶ୍ୱର ପୋକ୍‌ସୋ ଫାଷ୍ଟଟ୍ରାକ୍ କୋର୍ଟ ଗୁରୁବାର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୧୩ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟକୁ ଆଧାର କରି ବିଚାରପତି ଭିକାରୀ ଚରଣ ରାଉତ ଅଭିଯୁକ୍ତ ୪୬ ବର୍ଷୀୟ ବାପାଙ୍କୁ ୧୪ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୧୧ ହଜାର ଟଙ୍କା ଜରିମାନା ଦେବାକୁ କୁହାଯାଇଛି। ଆଇପିସି ଦଫା ୩୭୬/୫୧୧ ଆଧାରରେ ପ୍ରଥମେ ୮ବର୍ଷ, ଦଫା ୩୫୪ ଓ ୫୦୬ରେ ତିନି ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ହୋଇଥିବାବେଳେ ସମସ୍ତ ଦଣ୍ଡ ଅଲଗା ଭୋଗିବାକୁ ପଡିବ। ସରକାରୀ ଓକିଲ ରାଜୀବ ସାସମଲ ଏହି ମାମଲାର ପରିଚାଳନ କରୁଥିଲେ। ଗତ ଜାନୁୟାରୀ ୧୭ରେ ଅଭିଯୁକ୍ତ ବାପା ଜାମିନରେ ଆସିଥିଲେ। ତେବେ ଗୁରୁବାର ଦଣ୍ଡାଦେଶ ପରେ ତାଙ୍କୁ ପୁଣି ଜେଲକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, କଟକ ଜିଲା ଲାଲବାଗ ଥାନା ଅଞ୍ଚଳର ଅଭିଯୁକ୍ତ ଜଣକ ଭୁବନେଶ୍ୱରର ଖଣ୍ଡଗିରି ଥାନା ଅନ୍ତର୍ଗତ ଯଦୁପୁରରେ ଏକ ଗ୍ୟାରେଜ କରି ପରିବାର ଚଳାନ୍ତି। ୨୦୨୦ ସେପ୍ଟେମ୍ବର ୧୭ରେ ସେ ନିଜ ନାବାଳିକା ଝିଅକୁ ରାତିରେ ଶୋଇଥିବା ସମୟରେ ବଳାତ୍କାର ଉଦ୍ୟମ କରିଥିଲେ। ଏହା ପୂର୍ବରୁ ମଧ୍ୟ ସେ ୨ଥର ବଳାତ୍କାର ଉଦ୍ୟମ କରିଥିଲେ। ତେଣୁ ପୀଡିତାଙ୍କ ମା' ଓ ବଡ ଭଉଣୀ ଜାଣିବା ପରେ ପୀଡିତାଙ୍କ ସହ ସେମାନେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସେମାନଙ୍କୁ ମହିଳା ଥାନାକୁ ପଠାଇ ଦେଇଥିଲା। ମହିଳା ଥାନା ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ପୋକ୍‌ସୋ ଆକ୍ଟରେ ମାମଲା (ନଂ.୫୭/୨୦) ରୁଜୁ କରି ଅଭିଯୁକ୍ତ ବାପାକୁ ସେହିଦିନ ଗିରଫ କରିଥିଲା।

## ସାମ୍ବାଦିକଙ୍କ ସୁରକ୍ଷା ଉପରେ ଆଲୋଚନା

ବାରଙ୍ଗ, ୧୭।୧୧(ଡି.ଏନ୍.ଏ):

ଆନନ୍ଦ ବଜାରସ୍ଥିତ ବାରଙ୍ଗ ପ୍ରେସ୍ କ୍ଲବ ପରିସରରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। କ୍ଲବର ସଭାପତି ଲିଙ୍ଗରାଜ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମ୍ବାଦିକତା ଓ ସାମ୍ବାଦିକଙ୍କ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ସମ୍ପାଦକ ରୁଦ୍ର ନାରାୟଣ ଷଡଙ୍ଗୀ ପରିଚାଳନା କରିଥିବା ବେଳେ ପ୍ରକାଶ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସ୍ୱାଇଁ, କମଳାକାନ୍ତ ନାୟକ, ତୁଷାରକାନ୍ତ ବେହେରା, ତାପସ କୁମାର ଜେନା, ଦୁଷ୍ମନ୍ତ କୁମାର ଜେନା, ଗୌତମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ନକଲି ଚା' ପତି ଜବତ

ନିଶ୍ଚିନ୍ତକୋଇଲି, ୧୭।୧୧(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟିକଟା ବଜାରରୁ ଗୁରୁବାର ୧୨୭ ପ୍ୟାକେଟ୍ ନକଲି ଚା' ପତି ଜବତ ହୋଇଛି। ଏକ ବଡ ବ୍ରାଣ୍ଡ ନାଁରେ ଏସବୁ ଚା'ପତି ବିକ୍ରି କରାଯାଉଥିବା ଜଣାପଡ଼ିଛି। ଏସବୁ ଚା'ପତି ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା ବଜାରର ସେକ ରିଜୁଆନଙ୍କ ଗ୍ରୋସେରି ଦୋକାନୀରୁ ମିଳିଛି। ଏନେଇ ଥାନାରେ ମାମଲା (ନଂ. ୧୯୬/୨୨) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚାରଉତୁରା କରାଯାଉଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ କହିଛନ୍ତି। ସମ୍ପୃକ୍ତ ବ୍ରାଣ୍ଡ ନାଁରେ ନକଲି ସାମଗ୍ରୀ ବିକ୍ରି କରାଯାଉଥିବା ନେଇ କମ୍ପାନୀ ପକ୍ଷରୁ ପ୍ରଦୀପ୍ତ ଘୋଷ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନିଶ୍ଚିନ୍ତକୋଇଲି ଓ କଟିକଟା ବଜାରର କିଛି ଦୋକାନ ଉପରେ ଚଢ଼ାଉ କରି ଉପରୋକ୍ତ ନକଲି ସାମଗ୍ରୀ ଜବତ କରିଛି।

## ପିସିଆର୍ ଗାଡ଼ିକୁ ଧକ୍କାଦେଲା ଅଟୋ

ବାରଙ୍ଗ, ୧୭।୧୧(ଡି.ଏନ୍.ଏ.)

ଗୁରୁବାର ରାତି ସାଢେ ୧୦ଟା ରାତିରେ ଏକ ଚଳନ୍ତା ପିସିଆର ଗାଡ଼ିକୁ ପଛପଟୁ ଧକ୍କାଦେଲା ଏକ ଅଟୋ। ଫଳରେ ଅଟୋ ଚାଳକ ଗୁରୁତର ହୋଇଥିବା ବେଳେ ନନ୍ଦନକାନନ ଥାନା ପୋଲିସ ୧୦୮ ଗାଡ଼ି ଯୋଗେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ପୋଲିସ ସୂଚନା ମୁତାବକ, ରାତିରେ ନନ୍ଦନକାନନ ଥାନା ପିସିଆର୍ ଗାଡି ପେଟ୍ରୋଲିଂ କରି ରଘୁନାଥପୁର ପଟୁ ନନ୍ଦନକାନନ ଆଡକୁ ଆସୁଥିଲେ। ହେଲେ ନନ୍ଦନକାନନ ପଟିଆ ମୁଖ୍ୟରାସ୍ତା ପୁରୁଣା ହିନ୍ଦୁସ୍ଥାନୀ ହୋଟେଲ ନିକଟରେ ପିସିଆର୍ ଗାଡିକୁ ପଛପଟୁ ପଟିଆ ପଟୁ ଦ୍ରୁତଗତିରେ ଆସୁଥିବା ଏକ ଓଡି ୦୫ ଏଆର୍ ୧୧୧୮ ନମ୍ବର ଅଟୋଟି ଧକ୍କା ଦେଇଥିଲା। ଫଳରେ ପିସିଆର୍ ଗାଡିର ପଛପଟେ ବସିଥିବା ପୋଲିସ କର୍ମଚାରୀମାନେ ସାମାନ୍ୟ ଆହତ ହୋଇଛନ୍ତି। ଅନ୍ୟପଟେ କଣ୍ଟିଲୋ ନୀଳମାଧବ ଅଞ୍ଚଳର ଅଟୋ ଚାଳକ ସନ୍ତୋଷ ମଲ୍ଲିକଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହିତ ରକ୍ତସ୍ରାବ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଅଟୋକୁ ଜବତ କରିବା ସହିତ ଗୁରୁତର ଅଟୋ ଚାଳକଙ୍କୁ ହସ୍ପିଟାଲ ପଠାଇଛନ୍ତି।

## ଉତ୍କଳ ସମ୍ମିଳନୀ ସମାଚାର ଉନ୍ମୋଚିତ



ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)

କମିଶନରେଟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଗୁରୁବାର ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚିତ ହୋଇଯାଇଛି। ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ପତ୍ରିକାକୁ ଉନ୍ମୋଚନ କରି କହିଲେ, ପିଲାମାନଙ୍କୁ ଓଡିଆ ଭାଷାରେ ପୁସ୍ତକ ପଢାଇବା ପାଇଁ ଭିତ୍ତିଭୂମିର ଆବଶ୍ୟକତା ରହିଛି। ଶିଶୁ ସାହିତ୍ୟର ଉନ୍ନତି ନ ହେଲେ ସାହିତ୍ୟର ଉନ୍ନତି ଅସମ୍ଭବ। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ତଥା ସମାଚାର ପତ୍ରିକାର ମୁଖ୍ୟ ସମ୍ପାଦକ ଦିଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୋଲିସ କମିଶନରଙ୍କୁ ସମ୍ମିଳନୀର ଫଳକ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଉପଦେଷ୍ଟା ଡ. ଦ୍ୱାରୀକାନାଥ ମହାନ୍ତି ଓ ନିମାଇଁ ଚରଣ ଦାସ, ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦେବ ଦୀପାବଳିରେ ଜଳିବ ୨୦୦୦ ଦୀପ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ବିଶ୍ୱ କଲ୍ୟାଣ ଓ ବିଶ୍ୱଶାନ୍ତି ପାଇଁ ଆସନ୍ତା ୨୩ ତାରିଖ ପବିତ୍ର ଦେବ ଦୀପାବଳିରେ ଶ୍ରୀରାମ ମନ୍ଦିରରେ ୨୦୦୦ ଘିଅଦୀପ ପ୍ରଜ୍ୱଳନ କରାଯିବ। ବୁଦ୍ଧ ମନ୍ଦିରଠାରେ ହାପି ଲିଭିଙ୍ଗ୍ ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଲେ, ଆମ ସଂସ୍କୃତି ଓ ପରମ୍ପରାରେ ଶ୍ରୀମନ୍ଦିର ଏବଂ ଶ୍ରୀ ଜଗନ୍ନାଥଙ୍କୁ ସମସ୍ତ କାର୍ଯ୍ୟରେ ସମ୍ପୃକ୍ତ କରାଯାଇଛି। ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିନିଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରାଦ୍ଧ ବେଶ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଚତୁର୍ଦ୍ଦଶୀ ଦିନ ମା, ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ କରାଯାଉଥିବାବେଳେ ଅମାବାସ୍ୟା ଦିନ ଦଶରଥ, କୌଶଲ୍ୟା ଓ ଶୁକ୍ଳ, ପ୍ରତିପଦାରେ ନନ୍ଦ, ଯଶୋଦା, ଦେବକୀ, ବାସୁଦେବ ଓ ଇନ୍ଦ୍ରଦ୍ୟୁମ୍ନ ଗୁଣ୍ଡିଚା ମା'ଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ କରାଯିବାର ପରମ୍ପରା ଚଳି ଆସୁଛି। ସେହି ପବିତ୍ର କାର୍ଯ୍ୟକ୍ରମକୁ ସ୍ମରଣ କରି ଗତ ୫ବର୍ଷ ହେବ ହାପି ଲିଭିଂ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱଶାନ୍ତି ପାଇଁ ଦୀପଦାନ କରାଯାଉଛି। ଅନୁଷ୍ଠାନ ଅଧ୍ୟକ୍ଷ ବାସ୍ତୁବିତ ଡ. ମନୋଜ ଲେଙ୍କା କହିଲେ, ଦେବ ଦୀପାବଳିରେ ପରିବାରର ମଙ୍ଗଳ ପାଇଁ ପ୍ରତ୍ୟେକ ଗୃହସ୍ଥ ଦୀପଟିଏ ଜାଳିଲେ ମାନସିକ ଶାନ୍ତି ପାଇବା ସହ ପରିବାରର ମଙ୍ଗଳ ହେବ। ପ୍ରୟାସର ସଭାପତି ଆଡ୍‌ଭୋକେଟ ବନ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥଙ୍କ ସହ ନାସାର ବୈଜ୍ଞାନିକ ଡ. ଓମ୍ ପ୍ରକାଶ ପାଣ୍ଡେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବୁଦ୍ଧ ମନ୍ଦିର ସମ୍ପାଦକ ଡ. ସୌରେନ୍ଦ୍ର କୁମାର ମହାପାତ୍ର ସୂଚନା ଦେଇଥିଲେ।




ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଛି ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶାର ଶିଶୁ ପୁଷ୍ଟିହୀନତା ଦୂରୀକରଣ ପାଇଁ କର୍ମଶାଳା, ହୋଟେଲ ଏକ୍ସିଲେନ୍ସି, ଅଶୋକ ନଗର, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ଭାଷା, ସଂସ୍କୃତି ସମାବେଶ ଆନୁକୂଲ୍ୟରେ ଆୟୋଜିତ ଶିଶିର ଆସର, ଗୋଦାବରୀଶ ସାହିତ୍ୟ ସଂସଦ, ଜନପଥ, ୟୁନିଟ୍-୩, ଅପରାହ୍ନ ୫ଟା।
- ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ 'ପଦ୍ମ ପୋଖରୀ'ର ଲୋକାର୍ପଣ ଉତ୍ସବ, ବୁଦ୍ଧ ମନ୍ଦିର, ଅପରାହ୍ନ ୫ଟା।
- ଓଡ଼ିଆ ବିଭବର ପଞ୍ଚମ ଜନ୍ମଦିନ ଉତ୍ସବ ଅବସରରେ ସୃଜନିକାର ଆଲୋଚନାଚକ୍ର, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା ୩୦।

**କଟକ**

- ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ସୁରକ୍ଷା ସମାଜ ପକ୍ଷରୁ ସାରସ୍ୱତ ଆସର ଓ ସମ୍ବର୍ଦ୍ଧନା ଉତ୍ସବ, ନଳିନୀ ମଣ୍ଡପ, ଶତାବ୍ଦୀ ବିହାର, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ସାପ କାମୁଡ଼ା ମୃତ୍ୟୁ ରୋକିବାକୁ କୋର୍ କମିଟି ଗଠିତ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ): ଓଡ଼ିଶାରେ ପ୍ରତିବର୍ଷ ସାପ କାମୁଡ଼ା ଏବଂ ତଜ୍ଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ଏଥିରେ ରୋକ୍ ଲଗାଇବା ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓସ୍‌ଡମା) ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଓସ୍‌ଡମା ପରିଚାଳନା ନିର୍ଦ୍ଦେଶକଙ୍କ ସମ୍ପୂର୍ଣ୍ଣ ତତ୍ତ୍ୱାବଧାନରେ 'ସ୍ନେକ୍‌ବାଇଟ୍ ରିଡକ୍ସନ ପ୍ରୋଗ୍ରାମ' ବା 'ସର୍ପାଘାତ ହ୍ରାସ କାର୍ଯ୍ୟକ୍ରମ' ହାତକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମର ସୁପରିଚାଳନାକୁ ତଦାରଖ କରିବା ପାଇଁ ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଅଧକ୍ଷତାରେ ଏକ କୋର୍ କମିଟି ଗଠନ କରାଯାଇଛି। ଏଥିସହ ଏ ନେଇ ଏକ ନିର୍ଦ୍ଦେଶାନାମା ଜାରି ହୋଇଛି। ଏହି କୋର୍ କମିଟିରେ ମୋଟ ୭ଜଣ ସଦସ୍ୟ ରହିଛନ୍ତି। ଜନସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶକ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ପ୍ରତିନିଧି, କୋଲକାତା ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ବୈଜ୍ଞାନିକ ଡ. ପ୍ରତ୍ୟୁଷ ମହାପାତ୍ର, ବିଶ୍ୱ ବ୍ୟାଙ୍କ ପ୍ରତିନିଧି ପୀୟୂଷ ରାମୱତର୍ ସେଖସରିଆ, ସ୍ନେକ ହେଲ୍ପ ଲାଇନର ମୁଖ୍ୟ ଶୁଭେନ୍ଦୁ ମଲ୍ଲିକ ସଦସ୍ୟ ଥିବା ବେଳେ ଓସ୍‌ଡମାର ଚିଫ୍ ଜେନେରାଲ ମ୍ୟାନେଜର ସଦସ୍ୟ ସହଯୋଜକ ରହିଛନ୍ତି।

### ଶ୍ରୀପଦ କରମଲକର ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ

ଜଟଣୀ,୧୭।୧୧(ଡି.ଏନ୍.ଏ.): ଜଟଣୀ ଆରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱର ନୂତନ



ନିର୍ଦ୍ଦେଶକ ଭାବେ ପ୍ରଫେସର ଶ୍ରୀପଦ କରମଲକର ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇଆଇଆଟି ଖଡଗପୁରର ନିର୍ଦ୍ଦେଶକ ପ୍ରଫେସର ଭି.କେ. ତିୱାରୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ପ୍ରଫେସର କରମଲକର ମାଡ୍ରାସ ଆଇଆଇଟି ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ଓ ଏଜୁକେଶନାଲ ଟେକ୍ନୋଲୋଜି ସେଲ ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ। ଫ୍ରଫେସର କରମଲକର ୧୯୮୩ ଏବଂ ୮୯ରେ ଆଇଆଇଟି ମାଡ୍ରାସରୁ ବି.ଟେକ ଏବଂ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ପିଏଚଡି ହାସଲ କରିଛନ୍ତି। ଦାୟିତ୍ୱ ଗ୍ରହଣ ବେଳେ କୁଳସଚିବ, ଡିନ୍ ଓ ଅଧାପକ ଉପସ୍ଥିତ ଥିଲେ।

# ସରିଲା ଐତିହାସିକ କଟକ ବାଲିଯାତ୍ରା

## ୨୦୦ କୋଟିର ବ୍ୟବସାୟ

**କଟକ ଅଫିସ,୧୭।୧୧:**

ଦୀର୍ଘ ୧୦ ଦିନ ଧରି ପ୍ରବଳ ଜନ ସମାଗମ ମଧ୍ୟରେ ଚାଲିଥିବା ଐତିହାସିକ କଟକ ବାଲିଯାତ୍ରା ଗୁରୁବାର ଶେଷ ହୋଇଛି। ଏଥିସହ ବ୍ୟବସାୟ ଓ ସ୍ୱତନ୍ତ୍ର ଆୟୋଜନ ବିଗତ ବର୍ଷଗୁଡ଼ିକର ରେକର୍ଡ ଭାଙ୍ଗିଛି। ରାଜ୍ୟ ସରକାରଙ୍କ ସହଯୋଗରେ ବାଲିଯାତ୍ରା ଏକ ନୂତନ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିବାର ସୌଭାଗ୍ୟ ଅର୍ଜନ କରିଛି। କଟକ ଜିଲା ପ୍ରଶାସନ ଓ କଟକ ମହାନଗର ନିଗମ(ସିଏମ୍‌ସି) ମିଳିତ ଭାବେ ଆୟୋଜନ କରିଥିବା ଏହି ଐତିହାସିକ ପୃଷ୍ଠଭୂମିର ମହାନ୍ ପର୍ବକୁ ଶାନ୍ତି, ଶୃଙ୍ଖଳାର ସହ ପରିଚାଳନା କରିବାରେ କମିଶନରେଟ୍ ପୋଲିସ ଭୂମିକା ମଧ୍ୟ ଉଲ୍ଲେଖନୀୟ। ବାଲିଯାତ୍ରା ଅବସରରେ ରେକର୍ଡ ସଂଖ୍ୟକ କାଗଜ ଡଙ୍ଗା ତିଆରି କରି କଟକ ଗିନିଜ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇବା ଯେତିକି ଗୌରବର ବିଷୟ, ସେହି ସମାନ ଦିନରେ ଭାରତର ପ୍ରଧାନମନ୍ତ୍ରୀ ବାଲିଦ୍ୱୀପରେ କଟକ ବାଲିଯାତ୍ରାର କଥା ଉଲ୍ଲେଖ କରି ଓଡ଼ିଶା ଓ ବାଲିର ସମ୍ପର୍କକୁ ଉଜ୍ଜୀବିତ କରିବା ଅଧିକ ସ୍ମରଣୀୟ ହୋଇପାରିଛି। ଯାହା କଟକବାସୀଙ୍କ ଆନନ୍ଦ ଓ ଗର୍ବକୁ ଦ୍ୱିଗୁଣିତ କରିପାରିଛି। ତେବେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ନାନା ରକମର ସାମଗ୍ରୀ ଧରି ବାଲିଯାତ୍ରାକୁ ରୋଜଗାର କରିବାର ଲକ୍ଷ୍ୟ ନେଇ ଆସିଥିବା ବ୍ୟବସାୟୀମାନେ ସରିବା ବେଳେ ଭଲ କାରବାର କରିଥାନ୍ତି, ଯାହା ଗୁରୁବାର ଦେଖିବାକୁ ମିଳିଛି। ୧୦ ଦିନରେ ମୋଟ ୨୦୦ କୋଟିର ବ୍ୟବସାୟ ହୋଇଛି। କେବଳ ଓରମାସ୍ ଷ୍ଟଲରେ ୨୫ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଜଣାପଡିଛି। ପ୍ରଶାସନ ଆନୁଷ୍ଠାନିକ ଭାବେ ବାଲିଯାତ୍ରାର ଉଦ୍‌ଯାପନ କରିଥିଲେ ବି ପରଦିନ ଅର୍ଥାତ୍ ଶୁକ୍ରବାର ରାତି ଯାଏ ରାସ୍ତାକଡ଼ରେ ଭଲ ବେପାର ଜମିବ। ପ୍ରତିବର୍ଷ ଏହା ହିଁ ହୁଏ। ଲୋକେ କମ୍ ପଇସାରେ ଘରକରଣା ସାମଗ୍ରୀକିଣି ନେଇଥାନ୍ତି। ଗୁରୁବାର ଶେଷ ଦିନରେ ଲୋକଙ୍କ ଗହଳି ବି ପୂର୍ବବତ୍ ଲାଗି ରହିଥିଲା। ଫୁଡ୍‌ଷ୍ଟଲରେ ନାନା ରକମର ଖାଦ୍ୟ ଖାଇବାକୁ ବେଶ୍ ଭିଡ଼ ହୋଇଥିଲା। ସେହିପରି ପଲ୍ଲିଶ୍ରୀ ମେଳା, ଗାନ୍ଧୀ ଶିଳ୍ପ ବଜାରରେ ଭଳିକି ଭଳି ହାତ ତିଆରି ସାମଗ୍ରୀ କିଣିନେବା ଲାଗି ଲୋକଙ୍କ ଗହଳି ଲାଗିଥିଲା। ମହାନଦୀ ଜଳରାଶିରେ ପାୱାରବୋଟ୍ ଦ୍ୱାରା ଭ୍ରମଣ ସାଙ୍ଗକୁ ଲେଜର ଲାଇଟ୍ ଶୋ'ର ଧମାକା ଲୋକଙ୍କୁ ଆନମନା କରିଥିଲା। ଶେଷ ଦିନରେ ରାଜ୍ୟପାଳ ଗଣେଶୀ ଲାଲଙ୍କ ଉପସ୍ଥିତି ପୁରା ମାହୋଲକୁ ଉଷ୍ମତାରେ ଭରି ଦେଇଥିଲା। ରାଜ୍ୟପାଳ ମହାନଦୀ ଆଳତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ବିଭିନ୍ନ ଷ୍ଟଲ ସାଙ୍ଗକୁ ହାଇକୋର୍ଟ ପାଭିଲିୟନକୁ ବୁଲି ଦେଖିଥିଲେ। ବାଲିଯାତ୍ରା ଏମିତି ପ୍ରତିବର୍ଷ ଆସିବ ନୂଆ ରଙ୍ଗରେ, ନୂଆ ରୂପରେ ଆଉ ଲୋକଙ୍କୁ ଝୁମେଇ ଯିବ ନୂଆ ଢଙ୍ଗରେ। ଛାଡ଼ିଯିବ ବର୍ଷକ ପାଇଁ ଅଭୁଲା ସ୍ମୃତି।



ମହାନଦୀ ଆଳତି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।




ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଗୁରୁବାର ଅନୁଷ୍ଠିତ ସଙ୍ଗୀତ ସନ୍ଧ୍ୟାରେ ଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

### ଲିଙ୍ଗରାଜ ମନ୍ଦିରରୁ ସୁନାଚେନ୍ ଚୋରି, ୨ ମହିଳା ଗିରଫ

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ):** ଲିଙ୍ଗରାଜ ମନ୍ଦିର ଗର୍ଭଗୃହରେ ଜଣେ ମହିଳାଙ୍କ ସୁନା ଚେନ୍ ଚୋରି ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ୨ ମହିଳାଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଜିଲାର କବିତା(୫୨) ଓ ଦେବୀ(୪୦)। ବୁଧବାର ମହିଳା ଜଣକ ପରିବାର ସହ ଠାକୁରଙ୍କୁ ଦର୍ଶନ ସମୟରେ ଏହି ଘଟଣା ଘଟିଥିଲା। ପୋଲିସ ଗର୍ଭ ଗୃହର ସିସି ଟିଭି ଫୁଟେଜ ଯାଞ୍ଚବେଳେ ମହିଳାଦ୍ୱୟ ଚେନ ଚୋରି କରିଥିବା ଜଣାପଡିଥିଲା। ଏହାପରେ ବିଏମ୍‌ସି ମାର୍କେଟ କମ୍ପ୍ଲେକ୍ସ ନିକଟରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ଉକ୍ତ ଚେନ୍ କିଣିଥିବା ଅଜଣା ବ୍ୟକ୍ତିଙ୍କୁ ଚିହ୍ନଟ ପାଇଁ ପୋଲିସ ତଦନ୍ତ ଚଳାଇଛି।

# ମାଟି ତଳୁ ମିଳିଲା ଅଚିହ୍ନା ମୃତଦେହ

**ଖୋର୍ଦ୍ଧା ଅଫିସ,୧୭।୧୧:**

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବେଙ୍ଗଟାଙ୍ଗୀ ଆମ୍ବତୋଟାରେ ପୋତାଯାଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଗୁରୁବାର ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବୟସ ଆନୁମାନିକ ୪୦ରୁ ୪୫ବର୍ଷ ହେବ। ତାଙ୍କୁ ହତ୍ୟା ପରେ ମାଟିରେ ପୋତି ଦିଆଯାଇଥିବା ପୋଲିସ ସନ୍ଦେହ କରୁଛି। ଉକ୍ତ ସ୍ଥାନରେ ଦାନାଦାର, ଲୁଣ ପ୍ୟାକେଟ, ରାସାୟନିକ ପଦାର୍ଥ ପଡିଥିବା ବେଳେ ଅନତି ଦୂରରେ ମଦ ବୋତଲ ଗଡୁଥିବା ଦେଖିବାକୁ ମିଳିଛି। ପ୍ରମାଣ ନଷ୍ଟ କରିବା ପାଇଁ ଏହାକୁ ବ୍ୟବହାର କରାଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ସୂଚନା ମୁତାବକ, ବୁଧବାର ଅପରାହ୍ନରେ ଆମ୍ବତୋଟାରେ କେତେଜଣ ଗ୍ରାମବାସୀ ବୁଲାବୁଲି କରୁଥିବା ବେଳେ ମାଟି ଉପରେ ଏକ ହାତ ପାପୁଲି ଦେଖିବାକୁ ପାଇଥିଲେ। ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ। ପରେ ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲା। ଉକ୍ତ ସ୍ଥାନର ଚାରିପଟେ ଦୌଡି ବାନ୍ଧି ବ୍ୟାରିକେଡ କରିଥିଲା। ପୋଲିସ ରାତିରେ ମୃତଦେହକୁ ଜଗି ରହିଥିଲା। ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ସଦର ଏସ୍‌ଡିପିଓ ଦିଲୀପ ଦାସ, ଟାଉନ ଥାନା ଅଧିକାରୀ ତାରିକ୍ ଅହମ୍ମଦ, ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ସହ ମାଜିଷ୍ଟ୍ରେଟ ତଥା ତହସିଲଦାର ଈପସିତ୍ ସାହୁଙ୍କ ଉପସ୍ଥିତିରେ ସ୍ଥାନୀୟ ଲୋକଙ୍କ ସହାୟତାରେ ମାଟି ଖୋଳାଯାଇଥିଲା। ୩ ଘଣ୍ଟାର ପରିଶ୍ରମ ପରେ ୪ଫୁଟ ତଳୁ ମୃତଦେହକୁ ପୋଲିସ ବାହାର କରିଥିଲା। ଏସ୍‌ପି ସିଦ୍ଧାର୍ଥ କଟାରିଆ ପହଞ୍ଚି ଘଟଣାର ଛାନଭିନ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ଦାନାଦାର ଓ କେମିକାଲଯୁକ୍ତ ମାଟି ସଂଗ୍ରହ କରିଛି। ଏ ସମ୍ପର୍କରେ ଏସ୍‌ପି କଟାରିଆ କହିଛନ୍ତି, ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ମାଟି ଖୋଳିବା ବେଳେ ମୃତଦେହ ଜବତ କରାଯାଇଛି। ତାଙ୍କୁ ହତ୍ୟା ପରେ ଏଠାରେ ପୋତି ଦିଆଯାଇଥିବା ସନ୍ଦେହ କରାଯାଉଛି। ଘଟଣାର ତଦନ୍ତ ଜାରି ରହିଛି। ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ୪ଟି ଟିମ୍ ଗଠନ କରାଯାଇଛି। ଏନେଇ ସମସ୍ତ ଥାନାକୁ ଆଲର୍ଟ କରାଯାଇଛି। ସବୁ ଦିଗକୁ ଅନୁଧ୍ୟାନ କରି ତଦନ୍ତ କରାଯିବ। ମୃତଦେହକୁ ଏଫ୍‌ଏମ୍‌ଟି ପାଇଁ ଭୁବନେଶ୍ୱର ଏମ୍ସ ପଠାଯିବ ବୋଲି ସେ କହିଛନ୍ତି।



ପୋଲିସ ଉପସ୍ଥିତିରେ ମାଟିତଳୁ ମୃତଦେହକୁ ବାହାର କରାଯାଉଛି।

**ହତ୍ୟା ପରେ ପୋତାଯାଇଥିବା ସନ୍ଦେହ**

- ୪ ପୋଲିସ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ
- ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ
- ଏଫ୍‌ଏମ୍‌ଟି ପାଇଁ ଏମ୍ସ ପଠାଯିବ

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିଶାନ୍ତ



@ ଓମ୍‌ଶକ୍ତି



@ ପ୍ରଶାନ୍ତ



@ ରାକେଶ



@ ସୁନିଲ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଡିଜିଟାଲ ପେମେଣ୍ଟ ଦ୍ୱାରା ମହାପ୍ରଭୁଙ୍କୁ ଦାନ ଦେଇହେବ

**ପୁରୀ ଅଫିସ ୧୭।୧୧:**

ଶ୍ରୀମନ୍ଦିର ପରିସରକୁ ଯାଇପାରୁ ନ ଥିବା ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦାନ ଦେଇପାରିବେ। ଏଥିପାଇଁ ପୁରୀ ଜିଲା ପ୍ରଶାସନ ଏବଂ ଭାରତୀୟ ଟେଷ୍ଟ ବ୍ୟାଙ୍କ (ଏସ୍‌ବିଆଇ)ର ମିଳିତ ଉଦ୍ୟମରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ଓ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଭକ୍ତଙ୍କ ଦାନ ପାଇଁ ଡିଜିଟାଲ ବ୍ୟବସ୍ଥାର ଶୁଭାରମ୍ଭ ହେବ। ସେଠାରେ କ୍ୟୁଆର୍ ସ୍କାନର ଲଗାଯିବ। ଭକ୍ତମାନେ ସ୍କାନ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅର୍ଥରାଶି ଦାନ ଦେଇପାରିବେ। ଏବେ ଅଧିକାଂଶ କ୍ଷେତ୍ରରେ ଡିଜିଟାଲ ପେମେଣ୍ଟ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି। ଜିଲାପାଳ ସମର୍ଥ ବର୍ମା ଏହି ଡିଜିଟାଲ ବ୍ୟବସ୍ଥାକୁ ଶୁକ୍ରବାର ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି।




ଗ୍ରାଜୁଏଟ୍ ଆପ୍ଟିଚ୍ୟୁଡ୍ ଟେଷ୍ଟ ଇନ୍ ଇଞ୍ଜିନିୟରିଂ (ଗେଟ୍) ପଦ୍ଧତିରେ ଜଳ ସମ୍ପଦ ବିଭାଗର ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ କରି ଅନ୍‌ଏମ୍ପ୍ଲଏଡ୍ ଡିଗ୍ରୀ ସିଭିଲ୍ ଇଞ୍ଜିନିୟର୍ସ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଓ ବିକ୍ଷୋଭ।



ସିଜିଏଲ୍ ମେନ୍ ପେପର-୨ ପରୀକ୍ଷାରେ ସିବିଆର୍‌ଇ ପଦ୍ଧତିରେ ଏମ୍‌ସିକ୍ୟୁ ରଖିବା ସହ ବିଭିନ୍ନ ଦାବି ନେଇ ପରୀକ୍ଷା ଆଶାୟୀଙ୍କ ଓଡିଶା ଷ୍ଟାଫ୍ ସିଲେକ୍ସନ କମିଶନ ଅଫିସ୍ ସମ୍ମୁଖରେ ବିକ୍ଷୋଭ।

**ଖସିଲା ଶେୟାର ବଜାର**

**ନୂଆଦିଲ୍ଲୀ:** କ୍ରମାଗତ ୨ ଦିନର ଭଲ ଫଳାଫଳ ପରେ ଗୁରୁବାର ଷ୍ଟକ୍ ବଜାରର କାରବାର ଖସିଥିବା ଜଣାପଡ଼ିଛି। ଏପରିକି ଚଳିତ ସପ୍ତାହର ୪ର୍ଥ ଦିନର ବଜାର କାରବାର ମଧ୍ୟ ହ୍ରାସ ଘଟିଛି। ଗୁରୁବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୨୩୦(୨୩୦.୧୨) ପଏଣ୍ଟ ଖସି ୬୧,୭୫୧ (୬୧,୬୭୫.୬୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୬୬ (୬୫.୭୫) ପଏଣ୍ଟ ହ୍ରାସ ଘଟି ୧୮,୩୪୪ (୧୮,୩୪୩.୯୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# 'ଉତ୍କୃଷ୍ଟ ଗ୍ରାହକ ସେବା ଓଡ଼ିଶା ଡିସ୍କମ୍‌ର ମୂଳ ଲକ୍ଷ୍ୟ'

**ଭୁବନେଶ୍ୱର,୧୭।୧୧**

ସ୍ୱଳ୍ପ ସମୟ ଭିତରେ ରାଜ୍ୟର ବିଦ୍ୟୁତ୍ ବିତରଣରେ ପ୍ରଶଂସନୀୟ ରୂପାନ୍ତରଣ ହୋଇଥିବାରୁ ଓଡ଼ିଶାର ବିଦ୍ୟୁତ୍ ଗ୍ରାହକମାନେ ଉନ୍ନତ ଓ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ଉପଭୋଗ କରିପାରିବେ। ରାଜ୍ୟର ଡିସ୍କମ୍‌ଗୁଡ଼ିକ କେବଳ ଏଟି ଆଣ୍ଡ ସି କ୍ଷତିକୁ କମାଇବାରେ ସଫଳ ହୋଇନାହାନ୍ତି ବରଂ ଭରସାଯୋଗ୍ୟତା ଓ ଗ୍ରାହକ ସଂଯୋଗରେ ମଧ୍ୟ ଉନ୍ନତି ହୋଇପାରିଛି। ଦୀର୍ଘଦିନ ଧରି ଗ୍ରାହକମାନେ ସାମ୍ନା କରୁଥିବା ବହୁ ସମସ୍ୟାର ସମାଧାନ ହୋଇପାରିଛି। ଟାଟା ପାୱାର ନେତୃତ୍ୱାଧୀନ ଡିସ୍କମ୍‌ଗୁଡ଼ିକ ଦ୍ୱାରା ପ୍ରାୟ ୨୦ ଲକ୍ଷ କାମ କରୁ ନ ଥିବା ମିଟରକୁ ପରିବର୍ତ୍ତନ କରାଯାଇଛି। ଓଡ଼ିଶାରେ ଚାରିଟି ଡିସ୍କମ୍- ଟିପିସିଓଡିଏଲ୍, ଟିପିଏନ୍ଓଡିଏଲ୍, ଟିପିଏସ୍ଓଡିଏଲ୍ ଏବଂ ଟିପିଡବ୍ଲ୍ୟୁଓଡିଏଲ୍



୯.୫ ନିୟୁତରୁ ଅଧିକ ଗ୍ରାହକଙ୍କୁ ବିଦ୍ୟୁତ୍ ଶକ୍ତି ଯୋଗାଣ କରୁଛନ୍ତି। ଟାଟା ପାୱାର ପକ୍ଷରୁ ଡିସ୍କମ୍‌ଗୁଡ଼ିକରେ ସ୍ମାର୍ଟ ଗ୍ରୀଡ୍ ପ୍ରଯୁକ୍ତିର ମୁତୟନ ଏବଂ କାର୍ଯ୍ୟକାରିତା ଯୋଗୁ ସବୁ କ୍ଷେତ୍ରରେ ଗ୍ରାହକ ସନ୍ତୁଷ୍ଟିରେ ଉନ୍ନତି ହୋଇଛି। ବିଦ୍ୟୁତ୍ ସଂଯୋଗ ହାସଲ କରିବାଠାରୁ ମିଟରିଂରୁ ବିଲିଂ ଏବଂ ଅଭିଯୋଗ ସମାଧାନରୁ ସହଜ ବିଲ୍ ପଇଠ ଭଳି ଗ୍ରାହକଙ୍କ ସମ୍ପୂର୍ଣ୍ଣ ଯାତ୍ରା ଉପରେ ଡିସ୍କମ୍‌ଗୁଡ଼ିକ ଗୁରୁତ୍ୱାରୋପ କରୁଛନ୍ତି। ଗ୍ରାହକମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବା ଲାଗି ଡିସ୍କମ୍‌ଗୁଡ଼ିକ ସେମାନଙ୍କ ସେବା ସହ ପ୍ରଯୁକ୍ତିର ସମନ୍ୱୟ କରିଛନ୍ତି।

ଏ ସମ୍ପର୍କରେ ଟାଟା ପାୱାରର ସିଇଓ ଓ ଏମ୍‌ଡି ଡ. ପ୍ରବୀର ସିହ୍ନା କହିଛନ୍ତି, ଗତ ୨ ବର୍ଷରେ ପ୍ରଗତିଶୀଳ ଭାବେ ଅଧିଗ୍ରହଣ କରିଥିବା ଆମ ବିତରଣ ବ୍ୟବସାୟ ବହୁତ ଭଲ ପ୍ରଦର୍ଶନ କରୁଛି। ଟାଟା ପାୱାରର ସମସ୍ତ ୪ ଡିସ୍କମ୍ ଗ୍ରାହକମାନଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ କରୁଛନ୍ତି। ଘରୋଇ ସରକାରୀ ସହଭାଗିତା (ପିପିପି) ପାଇଁ ଓଡ଼ିଶା ହେଉଛି ଶ୍ରେଷ୍ଠ ମଡେଲ ଯାହା ରାଜ୍ୟର ଗ୍ରାହକମାନଙ୍କ ପାଇଁ ଉତ୍ତମ ଫଳ ପ୍ରଦାନ କରିଛି। ସ୍ୱଳ୍ପ ସମୟ ଭିତରେ ଓଡ଼ିଶାର ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ପ୍ରଶଂସନୀୟ ରୂପାନ୍ତରଣ ହୋଇପାରିଛି ବୋଲି ସିହ୍ନା ମତ ବ୍ୟକ୍ତ କରିଛନ୍ତି।

ସେହିପରି ଡିସ୍କମ୍‌ଗୁଡ଼ିକ ପକ୍ଷରୁ ନେଟ୍‌ୱର୍କରେ ବଡ଼ଧରଣର ଉନ୍ନତି ଏବଂ ବିଦ୍ୟୁତ୍ ଯୋଗାଣ ନେଟ୍‌ୱର୍କର ପ୍ରତ୍ୟକ୍ଷ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇଥିବାରୁ ଫିଡର ଟ୍ରିପିଂରେ ୩୦-୪୦% ହ୍ରାସ ହେବା ସହ ଭରସାଯୋଗ୍ୟତାରେ ଉନ୍ନତି ହୋଇପାରିଛି ବୋଲି ଟାଟା ପାୱାର ପକ୍ଷରୁ କୁହାଯାଇଛି।

# ୪ଜି ସ୍ପିଡ୍‌ରେ ଜିଓ ୧ନମ୍ବର

**ମୁମ୍ବାଇ,୧୭।୧୧**

ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ଚଳିତ ବର୍ଷ ଅକ୍ଟୋବର ମାସ ପାଇଁ ଜାରି କରାଯାଇଥିବା ୪ଜି ସ୍ପିଡ୍ ଟେଷ୍ଟ ରିପୋର୍ଟ ଅନୁସାରେ ଉଭୟ ୪ଜି ଡାଉନ୍‌ଲୋଡ୍ ଓ ଅପ୍‌ଲୋଡ୍ ସ୍ପିଡ୍‌ରେ ଜିଓ ଏକ ନମ୍ବର ସ୍ଥାନରେ ରହିଛି। ଟ୍ରାଇର ରିପୋର୍ଟ ଅନୁଯାୟୀ ଜିଓର ହାରାହାରି ୪ଜି ଡାଉନ୍‌ଲୋଡ୍ ସ୍ପିଡ୍ ଅକ୍ଟୋବରରେ ୧.୨ ଏମ୍‌ବିପିଏସ୍ ବୃଦ୍ଧି ପାଇ ୨୦.୩ ଏମ୍‌ବିପିଏସ୍‌ରେ ପହଞ୍ଚିଛି। ଗତ ସେପ୍ଟେମ୍ବରରେ କମ୍ପାନୀର ୪ଜି ଡାଉନ୍‌ଲୋଡ୍ ସ୍ପିଡ୍ ୧୯.୧ଏମ୍‌ବିପିଏସ୍ ଥିଲା। ୨୦୨୨ ଅକ୍ଟୋବରରେ ଭାରତୀ ଏୟାରଟେଲ୍‌ର ହାରାହାରି ୪ଜି ଡାଉନ୍‌ଲୋଡ୍ ସ୍ପିଡ୍ ୧୫ଏମ୍‌ବିପିଏସ୍ ରହିଥିବା ବେଳେ ଭୋଡାଫୋନ୍ ଆଇଡିଆ ଲିମିଟେଡ୍‌ର ହାରାହାରି ୪ଜି ଡାଉନ୍‌ଲୋଡ୍ ସ୍ପିଡ୍ ୧୪.୫ ଏମ୍‌ବିପିଏସ୍ ଥିଲା ବୋଲି ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟରୁ ଜଣାପଡ଼ିଛି।

# ହେଲ୍‌ଥଭିଲେର ମଧୁମେହ ସଚେତନତା ଶିବିର



**ଭୁବନେଶ୍ୱର,୧୭।୧୧**

ରାଜ୍ୟର ପ୍ରମୁଖ ଯୋଗ ଏବଂ ନେଚରକେୟାର ସେଣ୍ଟର ହେଲ୍‌ଥଭିଲେ ପକ୍ଷରୁ ନିକଟରେ ବିଶ୍ୱ ମଧୁମେହ ସଚେତନତା ଦିବସ ପାଳିତ ହୋଇଯାଇଛି। ଏପରିକି ସ୍ଥାନୀୟ ଭାଲୁଙ୍କାସ୍ଥିତ ହେଲ୍‌ଥଭିଲେରେ ସପ୍ତାହ ବ୍ୟାପୀ ଏକ ଚିକିତ୍ସା ଓ ସଚେତନତା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହେଲ୍‌ଥଭିଲେର ଚେୟାରମ୍ୟାନ ଡା. ସତ୍ୟବ୍ରତ ମୀନକେତନ ସମ୍ମାନିତ ଅତିଥି ଭାବେ ଏହାର ଉଦ୍‌ଘାଟନ କରିଥିଲେ। ଏପରିକି ହେଲ୍‌ଥଭିଲେରେ ମଧୁମେହ ରୋଗରେ ପୀଡ଼ିତ ସମସ୍ତ ରୋଗୀଙ୍କୁ ମାଗଣା ଡାକ୍ତରଙ୍କ ପରାମର୍ଶ ନେବାକୁ ଏବଂ ୭ ଦିନିଆ ନାତୁରୋପାଥି ଚିକିତ୍ସାର ଲାଭ ପାଇବାକୁ ଅନୁରୋଧ କରିଥିଲେ।

ଏ ସମ୍ପର୍କରେ ଡ. ମୀନକେତନ କହିଛନ୍ତି, ଏଭଳି ଏକ ମାରାତ୍ମକ ରୋଗ ବିଷୟରେ ଲୋକମାନଙ୍କ ଚରମ ଅବହେଳା, ତମାଖୁ ସେବନ, ମଦ୍ୟପାନ, ଜଙ୍କ୍ ଫୁଡ୍ ଏବଂ ଅସ୍ୱାସ୍ଥ୍ୟକର ଭୋଜନ, କ୍ଷତିକାରକ ଜୀବନଶୈଳୀ ଏବଂ ଖାଦ୍ୟ ଅଭ୍ୟାସ ତଥା ମଧୁମେହ ପ୍ରତିରୋଧ ଏବଂ ପ୍ରତିକାର ବିଷୟରେ ସାଧାରଣ ଲୋକମାନଙ୍କର ଅଜ୍ଞତା ହିଁ ଉକ୍ତ ରୋଗର ପ୍ରମୁଖ କାରଣ ବୋଲି ସେ ମତପ୍ରକାଶ କରିଥିଲେ। ଅପରପକ୍ଷରେ ଏହି ଦିବସ ପରିପ୍ରେକ୍ଷୀରେ ପ୍ରତିଷ୍ଠାନ ପକ୍ଷରୁ ଏକ ଆଲୋଚନାଚକ୍ରର ମଧ୍ୟ ଆୟୋଜନ କରାଯାଇଥିଲା। ଉକ୍ତ ଆଲୋଚନାର ବିଷୟବସ୍ତୁ 'ସ୍ୱାସ୍ଥ୍ୟକର ଜୀବନ ଯାପନ ହିଁ ମଧୁମେହ ରୋଗର ନିଦାନ' ଉପରେ ସମ୍ ହସ୍ପିଟାଲର ଡା. ଗୁରୁପ୍ରସାଦ ମହାପାତ୍ର ଓ ଏମ୍ସର ନ୍ୟୁଟ୍ରିସନ କୋଚ୍ ଓ ସ୍ପୋର୍ଟସ୍ ମେଡିସିନ ଫିଜିସିଆନ୍ ଡା. ସମୀର ଶେଖର ପାତ୍ର ଉପସ୍ଥିତ ରୋଗୀମାନଙ୍କ ସହ ଏ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ।

# କେୟାର ହସ୍ପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା

**ଭୁବନେଶ୍ୱର,୧୭।୧୧**

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ 'କେୟାର ହସ୍ପିଟାଲ' ପକ୍ଷରୁ ଏକ ନିଆରା ଢଙ୍ଗରେ ବିଶ୍ୱ ମଧୁମେହ ଦିବସ ପାଳନ କରାଯାଇଛି। ବିଶେଷ କରି ସାଧାରଣ ଜନତାଙ୍କୁ ଡାଇବେଟିସ୍ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଭୁବନେଶ୍ୱରର ବିଭିନ୍ନ ସ୍ଥାନ (ପାର୍କ)ରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିରର ଆୟୋଜନ କରାଯାଇଥିଲା। ଏପରିକି ଉକ୍ତ ଶିବିରରେ ସବୁ ବର୍ଗର ଲୋକେ ସମ୍ପୂର୍ଣ୍ଣ ମାଗଣାରେ ରକ୍ତ ଶର୍କରା ପରୀକ୍ଷା କରିବା ସହ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇଥିଲେ। ସେହିଭଳି ମଧୁମେହ ଦିବସ ପରିପ୍ରେକ୍ଷୀରେ କେୟାର ଗ୍ରୁପ୍ ଅଫ୍ ହସ୍ପିଟାଲ ପକ୍ଷରୁ ଦେଶର ବିଭିନ୍ନ ସ୍ଥାନରେ ମଧ ଏଭଳି ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ପ୍ରମୁଖ ପାର୍କ ଯଥା ବୁଦ୍ଧ ପାର୍କ, ଫରେଷ୍ଟ ପାର୍କ, ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କ, ମଧୁସୂଦନ ପାର୍କ ଓ ଖାରବେଳ ପାର୍କଠାରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିର ଜରିଆରେ ପ୍ରାୟ ୨୦୦୦ରୁ ଅଧିକ ଲୋକ ମାଗଣାରେ ରକ୍ତ ଶର୍କରା ପରୀକ୍ଷା କରିବା ସହ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ସୂଚନାଯୋଗ୍ୟ, ଉକ୍ତ ଶିବିର ଜରିଆରେ ମୋଟ ୧ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଅଂଶ ଗ୍ରହଣ କରିଥିଲେ।

# ସୁପ୍ରିମୋର ଏକ୍ସକ୍ଲୁସିଭ ଶୋ'ରୁମ୍ ଉଦ୍‌ଘାଟିତ



**ଭୁବନେଶ୍ୱର,୧୭।୧୧**

ଦେଶର ପ୍ରମୁଖ ମଡ୍ୟୁଲ୍‌ଡ ଫର୍ନିଚର ଇଣ୍ଡଷ୍ଟ୍ରିଜ୍ 'ସୁପ୍ରିମୋ ଫର୍ନିଚର'ର ୬ଷ୍ଠ ଏକ୍ସକ୍ଲୁସିଭ ଶୋ'ରୁମ୍ ଓଡ଼ିଶା ବଜାରରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ସ୍ୱୀକୃତିପ୍ରାପ୍ତ ଡିଲର ସ୍ଥାନୀୟ ବାପୁଜୀନଗର ଏମ୍ଏସ୍ ଫର୍ନିଚର ହାଉସ ଜରିଆରେ କମ୍ପାନୀର ଏହି ନୂତନ ଆଉଟ୍‌ଲେଟ୍ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସୁପ୍ରିମୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଫର୍ନିଚର ଡିଭିଜନ)ର ବରିଷ୍ଠ ସାଧାରଣ ପରିଚାଳକ ମୁକେଶ କୌଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ଓଡ଼ିଶା ମୁଖ୍ୟ ତ୍ରିନାଥ ମହାନ୍ତି, ଏରିଆ ମ୍ୟାନେଜର ସାଇଶଙ୍କର ମହାନ୍ତିଙ୍କ ସମେତ ଏମ୍ଏସ୍ ଫର୍ନିଚର ହାଉସ୍‌ର ବରିଷ୍ଠ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଏଏମ୍-ଏନ୍ଏସ୍ ଦ୍ୱାରା 'ରିଇମାଜିନିୟରିଂ' ଅଭିଯାନ

**ନୂଆଦିଲ୍ଲୀ,୧୭।୧୧**

ଦେଶର ପ୍ରମୁଖ ଇସ୍ପାତ କମ୍ପାନୀ 'ଆର୍ସେଲର ମିତ୍ତଲ ଏବଂ ନିପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍-ଏନ୍ଏସ୍ ଇଣ୍ଡିଆ)ର ପ୍ରଥମ କର୍ପୋରେଟ୍ ବ୍ରାଣ୍ଡ କ୍ୟାମ୍ପେନ୍ 'ରିଇମାଜିନିୟରିଂ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି 'ରିଇମାଜିନିୟରିଂ'ପୁନଃ ଚିତ୍ରଣ ଏବଂ ଇଞ୍ଜିନିୟରିଂ ଶବ୍ଦର ଏକ ମିଶ୍ରଣ ଯାହା ଆଗାମୀ ଦଶନ୍ଧିରେ ଭାରତର ଅଭିବୃଦ୍ଧି ଏବଂ ବିକାଶରେ ସାହାଯ୍ୟ କରିବ। ଏଏମ୍-ଏନ୍ଏସ୍ ଇଣ୍ଡିଆ ବ୍ରାଣ୍ଡକୁ ଭାରତର ଅଭିଳାଷ ସହ ସମାନ୍ତର ଭାବେ ରଖି ରଣନୀତିକ ଭାବେ କାର୍ଯ୍ୟ କରିବା ଉକ୍ତ ଅଭିଯାନର ମୂଳ ଲକ୍ଷ୍ୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଏଏମ୍-ଏନ୍ଏସ୍ ଇଣ୍ଡିଆର ସିଇଓ ଦିଲୀପ୍ ଓମେନ୍ କହିଛନ୍ତି,ଭାରତୀୟ ଇସ୍ପାତ ଶିଳ୍ପରେ ଅପେକ୍ଷାକୃତ ନୂତନ ପ୍ରବେଶକାରୀ ଭାବେ ଏହି କ୍ୟାମ୍ପେନ୍ ଆମର ଶକ୍ତି ଏବଂ କ୍ଷେତ୍ର ପାଇଁ ଥିବା ସମ୍ଭାବନା ପ୍ରତି ପ୍ରତିବଦ୍ଧତାର ଉତ୍ସାହକୁ ପ୍ରତିଫଳିତ କରିଥାଏ। ଏଏମ୍-ଏନ୍ଏସ୍ ଇଣ୍ଡିଆ ନୂତନ ଏବଂ ପରିବର୍ତ୍ତନ ଦିଗରେ କାର୍ଯ୍ୟ କରୁଛି। ବ୍ୟବସାୟ ଯୋଜନା ଏବଂ କାର୍ଯ୍ୟକାରିତା ଉପରେ ଏହାର ତୀକ୍ଷ୍ଣ ଧ୍ୟାନ ମଧ୍ୟ ରହିଛି। ସର୍ବୋପରି ଆମେ ଏକ ଦାୟିତ୍ୱପୂର୍ଣ୍ଣ ଇସ୍ପାତ ଉତ୍ପାଦକ, ନିରାପଦ, ସ୍ଥାୟୀ ଏବଂ ନୈତିକ ବ୍ୟବସାୟ ଅଭ୍ୟାସ ପାଇଁ ପ୍ରତିବଦ୍ଧ। ଏଏମ୍-ଏନ୍ଏସ୍ ଇଣ୍ଡିଆ ଆମର ଗୋଷ୍ଠୀ, କର୍ମଚାରୀ, ଗ୍ରାହକ ଏବଂ ଭାରତ ପାଇଁ ମୂଲ୍ୟ ସୃଷ୍ଟି କରୁଛି। ଆମର ଏହି କ୍ୟାମ୍ପେନ୍ ଗୁଡିକର ଗୁଣବତା ଦେଖି ମୁଁ ବହୁତ ଖୁସି।

# କଳିଙ୍ଗ ହସ୍ପିଟାଲରେ ଆର୍ଥୋସ୍କୋପି ଶଲ୍ୟ ଚିକିତ୍ସାର ସିଧା ପ୍ରସାରଣ ସମ୍ମିଳନୀ



**ଭୁବନେଶ୍ୱର,୧୭।୧୧**

ଗତ ୨ଦିନ ଧରି ଓଆସ୍କନ୍ ୨୦୨୨ ଆର୍ଥୋସ୍କୋପି ଚିକିତ୍ସକ ସମ୍ମିଳନୀକୁ କଳିଙ୍ଗ ହସ୍ପିଟାଲ ଆର୍ଥୋସ୍କୋପି ଶଲ୍ୟ ଚିକିତ୍ସାର ସିଧା ପ୍ରସାରଣ କରାଯାଇଥିଲା। ଏହି ସମ୍ମିଳନୀରେ ରାଜ୍ୟର ୨୦୦ଜଣ ଆର୍ଥୋସ୍କୋପି ଶଲ୍ୟ ଚିକିତ୍ସକ ଓଡ଼ିଶାରେ ପ୍ରଥମଥର ପାଇଁ ୨ଦିନ ଧରି କ୍ରମାଗତଭାବେ ଉକ୍ତ ସମ୍ମିଳନୀରେ ୬ଟି ଆଣ୍ଠୁ ଏବଂ କାନ୍ଧ ତନ୍ତୁ ଘାତର ଶଲ୍ୟ ଚିକିତ୍ସା ସଫଳତାର ସହ ସିଧା ପ୍ରସାରଣ କରାଯାଇଥିଲା। ଉକ୍ତ ଶଲ୍ୟ ଚିକିତ୍ସା ଦେଶର ଜଣାଶୁଣା ଆର୍ଥୋସ୍କୋପି ଚିକିତ୍ସକ ମୁମ୍ବାଇର ଡା. ଅନନ୍ତ ଲକ୍ଷ୍ମଣ ଜୋଷୀ, ଡା.ସଂଜୟ ଦେଶାଇ, ଚେନ୍ନାଇର ଡା. ରାମ ଚିଦାମ୍ବରମ୍, ଦିଲ୍ଲୀର ଡା. ଆଟିକ୍ ଭାସଦେବ ଏବଂ ଓଆସ୍କନ୍ ୨୦୨୨ର ସେକ୍ରେଟାରି ତଥା କଳିଙ୍ଗ ହସ୍ପିଟାଲର ଡା. ରଣଜିତ ପାଣିଗ୍ରାହୀଙ୍କ ଅତି ସାବଧାନତାର ସହ ଉନ୍ନତିମାନର ଶଲ୍ୟ ଚିକିତ୍ସା କଳିଙ୍ଗ ହସ୍ପିଟାଲ ଅପରେଶନ ଥିଏଟରରେ କରାଯାଇଥିଲା। ଉକ୍ତ ଶଲ୍ୟ ଚିକିତ୍ସାର ସିଧା ପ୍ରସାରଣରେ ସମ୍ମିଳନୀର ସମସ୍ତ ପ୍ରତିନିଧି କଳିଙ୍ଗ ହସ୍ପିଟାଲର ଅପରେଶନ ଥିଏଟରର ଥିବା ଅତିଥି ଶଲ୍ୟ ଚିକିତ୍ସକମାନଙ୍କ ସହ ପଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ପ୍ରକାର କର୍ମଶାଳା ଦ୍ୱାରା ସମାଜର ଶଲ୍ୟ ଚିକିତ୍ସାର ଉକ୍ତ କୌଶଳର ପ୍ରସିଦ୍ଧ ହେବା ସହ ରୋଗୀମାନେ ଉକ୍ତ ଚିକିତ୍ସାରେ ଲାଭବାନ୍ ହେବେ। କଳିଙ୍ଗ ହସ୍ପିଟାଲ ଅପରେଶନ ଥିଏଟରର ସୁବିଧା ସୁଯୋଗ ଏବଂ ରୋଗୀସେବାର ମାନକୁ ଜଣାଶୁଣା ଆର୍ଥୋସ୍କୋପି ଚିକିତ୍ସକ ମୁମ୍ବାଇର ଡା. ଅନନ୍ତ ଲକ୍ଷ୍ମଣ ଜୋଷୀ, ଡା. ସଂଜୟ ଦେଶାଇଙ୍କ ସମେତ ସମସ୍ତ ପ୍ରତିନିଧ ଏବଂ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ।

# ଓପୋ ଫୋନରେ ଜିଓର ଟ୍ରୁ-୫ଜି ନେଟ୍‌ୱର୍କ

**ମୁମ୍ବାଇ,୧୭।୧୧**




ସ୍ମାର୍ଟଫୋନ୍ ନିର୍ମାତା ଓପୋ ଇଣ୍ଡିଆର ଅଧିକାଂଶ ୫ଜି ଡିଭାଇସ୍ ଜିଓର ଷ୍ଟାଣ୍ଡ ଏଲୋନ୍ ଟ୍ରୁ-୫ଜି ନେଟ୍‌ୱର୍କକୁ ସପୋର୍ଟ କରୁଥିବା ଜିଓ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ଓପୋ ସ୍ମାର୍ଟଫୋନ୍‌ଗୁଡ଼ିକରେ ଜିଓ ଟ୍ରୁ-୫ଜି ସେବା ହାସଲ କରାଯାଇପାରିବ ବୋଲି କମ୍ପାନୀ ମତପ୍ରକାଶ କରିଛି। ସେହିଭଳି ଓପୋ ପକ୍ଷରୁ କୁହାଯାଇଛି ଯେ ଜିଓ ସହଯୋଗରେ କମ୍ପାନୀ ଏଭଳି ଏକ ଉନ୍ନତ ଧରଣର ଡିଭାଇସ୍ ପ୍ରସ୍ତୁତ କରିଛି, ଯାହା ଅଲଟ୍ରା ହାଇ-ସ୍ପିଡ୍ ଏବଂ ଲୋ ଲାଟେନ୍ସିରେ କାର୍ଯ୍ୟ କରି ବ୍ୟବହାରକାରୀଙ୍କୁ ଉଲ୍ଲେଖନୀୟ ଟ୍ରୁ-୫ଜି ଅନୁଭୂତି ପ୍ରଦାନ କରିବ। ଅପରପକ୍ଷରେ ଓପୋ ଇଣ୍ଡିଆର ଯେକୌଣସି ନୂଆ ୫ଜି ସ୍ମାର୍ଟଫୋନ୍ ଷ୍ଟାଣ୍ଡଏଲୋନ୍ ୫ଜି ନେଟ୍‌ୱର୍କରେ କାମ କରିବ। ଭାରତରେ ରିଲାଏନ୍ସ ଜିଓ ହେଉଛି ଏକମାତ୍ର ଟେଲିକମ୍ ଅପରେଟର ଯାହା ଷ୍ଟାଣ୍ଡଏଲୋନ୍ ୫ଜି ନେଟ୍‌ୱର୍କର ପରିଚାଳନା କରୁଛି। ଷ୍ଟାଣ୍ଡଏଲୋନ୍ ୫ଜି ନେଟ୍‌ୱର୍କରେ ଚାଲୁଥିବା ଡିଭାଇସ୍ ପାଇଁ ଓପୋ ପକ୍ଷରୁ ସଫ୍ଟୱେର ଅପଡେଟ୍ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଓପୋର ରେନୋ ୮,ରେନୋ ୮ପ୍ରୋ, ରେନୋ ୭, ଏଫ୍୨୧ପ୍ରୋ ୫ଜି, ଏଫ୍୧୯ପ୍ରୋ+, କେ୧୦ ଏବଂ ଏ୫୨ଏସ୍ ଡିଭାଇସ ଆଦିରେ ପୂର୍ବରୁ ସଫ୍ଟୱେର ଅପଡେଟ୍ କରାଯାଇସାରିଛି। କମ୍ପାନୀର ଅନ୍ୟ ମଡେଲଗୁଡ଼ିକରେ ମଧ୍ୟ ଖୁବଶୀଘ୍ର ସଫ୍ଟୱେର ଅପ୍‌ଡେଟ୍ କରାଯିବ ବୋଲି ଜଣାପଡିଛି।

ଏ ସମ୍ପର୍କରେ ଓପୋ ଇଣ୍ଡିଆର ଉପାଧ୍ୟକ୍ଷ ଏବଂ ଆର୍ ଆଣ୍ଡ ଡି ମୁଖ୍ୟ ତସ୍‌ଲିମ୍ ଆରିଫ୍ କହିଛନ୍ତି,ଓପୋ ଇଣ୍ଡିଆ ଭାରତରେ ୫ଜି ଇକୋସିଷ୍ଟମ୍ ତିଆରି କରିବାକୁ ଉଦ୍ୟମ କରୁଛି। ଏହା ଦ୍ୱାରା ଆମର ଗ୍ରାହକମାନେ ଜିଓ ଟ୍ରୁ-୫ଜିର ଅନୁଭୂତି ହାସଲ କରିପାରିବେ। ଯେଉଁ ସହରଗୁଡ଼ିକରେ ୫ଜି ସେବା ଆରମ୍ଭ କରାଯାଇଛି, ସେଠାରେ ଗ୍ରାହକମାନେ ଓପୋ ସ୍ମାର୍ଟଫୋନ୍ ଜରିଆରେ ଟ୍ରୁ-୫ଜିର ଅନୁଭବ ହାସଲ କରିପାରିବେ।

# ଇଣ୍ଟଲଜ୍‌ର ୩ ନୂତନ ସାଲୁନ୍

**ଭୁବନେଶ୍ୱର,୧୭।୧୧**

ରାଜ୍ୟର ଅଗ୍ରଣୀ ସାଲୁନ ଚେନ୍ ଇଣ୍ଡଲଜ୍‌ର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଇଣ୍ଡଲଜ୍‌ର ଆଉ ୩ଟି ନୂତନ ସାଲୁନ୍‌ର ଶୁଭାରମ୍ଭ ହୋଇଯାଇଛି। ଭୁବନେଶ୍ୱରର ଉତ୍କଳ କନିକା ଗ୍ୟାଲେରିଆ ମଲ୍, ନୀଳାଦ୍ରି ବିହାର ଏବଂ ଜାଗମରାଠାରେ ଉକ୍ତ ସାଲୁନ୍ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତା ଅଫ୍‌ତାବ୍ ଶିବଦାସାନି, ଇଣ୍ଡଲଜ୍‌ର ପ୍ରତିଷ୍ଠାତା ସୁକୀର୍ତ୍ତି ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅପରପକ୍ଷରେ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ ଖୋଲାହୋଇଥିବା ସାଲୁନ୍‌ର ଫ୍ରାଞ୍ଚାଇଜ୍ ମାଲିକ ଲୀତା ପଟ୍ଟନାୟକ, ଜାଗମରା ସାଲୁନ୍‌ର ଅପର୍ଣ୍ଣା ସ୍ୱାଇଁ, ସ୍ୱପ୍ନା ସ୍ୱାଇଁ ଓ ନୀଳାଦ୍ରି ବିହାର ସାଲୁନ୍‌ର ଗାଭାସ୍କର ସ୍ୱାଇଁ ମଧ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଆଫ୍‌ତାବ୍ ସମସ୍ତ ଉପସ୍ଥିତ ଦର୍ଶକଙ୍କ ସହ ନିଜର ଅନୁଭୂତି ବାଣ୍ଟିବା ସହ ବିୟୁଟି ଇଣ୍ଡଷ୍ଟ୍ରିରେ ନୂତନ ଉଦ୍ୟୋଗୀଙ୍କ ଯୋଗଦାନ ସହ ଇଣ୍ଡଲଜ୍‌କୁ ପ୍ରଶଂସା କରିଥିଲେ। ଅନେକ ମହିଳା ଉଦ୍ୟୋଗୀଙ୍କ ପାଇଁ ପ୍ରେରଣା ହୋଇଥିବାରୁ ସେ ସୁକୀର୍ତ୍ତି ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଥିଲେ। ଆସନ୍ତା ୨ବର୍ଷରେ ୩୦ଟି ନୂତନ ଆଉଟ୍‌ଲେଟ୍ ଖୋଲିବା ସହ ସୁକୀର୍ତ୍ତି ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ସୂଚନା ଦେଇଛନ୍ତି। ଇଣ୍ଡଲଜ୍‌ରେ ଆରମ୍ଭ ହୋଇଥିବା ଅତ୍ୟାଧୁନିକ ଉତ୍ପାଦ ଓ ଉତ୍କୃଷ୍ଟ ସେବା ନିମନ୍ତେ ମିଳିଥିବା ଜବରଦସ୍ତ ପ୍ରତିକ୍ରିୟା ପାଇଁ ସେ ଗ୍ରାହକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# କାଲିଫର୍ନିଆ ଆଲମଣ୍ଡ ବୋର୍ଡ ପକ୍ଷରୁ ଦିନିକିଆ କର୍ମଶାଳା

**ଭୁବନେଶ୍ୱର,୧୭।୧୧**

କାଲିଫର୍ନିଆ ଆଲମଣ୍ଡ ବୋର୍ଡ ପକ୍ଷରୁ ଗୁରୁବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲରେ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା। ଏପରିକି 'ପ୍ରାୟୋରିଟାଇଜିଂ ମାଇଣ୍ଡଫୁଲ୍ ଇଟିଂ: ଦ ନ୍ୟୁ ମନ୍ତ୍ର ଫର୍ ହୋଲିଷ୍ଟିକ ଫ୍ୟାମିଲି ହେଲ୍‌ଥ' ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା ମଧ କରାଯାଇଥିଲା। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ନୈନା ଦାଶ ତିୱାରୀ ଏବଂ ଦିଲ୍ଲୀ ମ୍ୟାକ୍ସ ହେଲ୍‌ଥ କେୟାର ଡାଏଟେଟିକ୍ସର ଆଞ୍ଚଳିକ ମୁଖ୍ୟ ରିତିକା ସମାଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶେଷକରି ଆଲମଣ୍ଡ ଭଳି ଖାଦ୍ୟ ହଜାର ହଜାର ବର୍ଷ ଧରି ଭାରତୀୟ ପରମ୍ପରା ଏବଂ ଖାଦ୍ୟ ଅଭ୍ୟାସର ଏକ ଅଂଶ ହୋଇ ଆସିଛି। ସେହିଭଳି ଆୟୁର୍ବେଦ, ୟୁନାନି ଓ ସିଦ୍ଧ ଗ୍ରନ୍ଥରେ ମଧ ଏହାର ସ୍ୱାସ୍ଥ୍ୟ ଉପକାରିତା ସମ୍ପର୍କରେ ବିସ୍ତୃତ ଉଲ୍ଲେଖ କରାଯାଇଛି। ଆଲମଣ୍ଡ ସମ୍ପର୍କରେ କେତେକ ତଥ୍ୟ ମଧ ଗବେଷଣା ପେପରରେ ପ୍ରକାଶିତ ହୋଇଛି। ସେହିପରି ଏଥିରେ




ଭିଟାମିନ ଇ, ମ୍ୟାଗ୍ନେସିୟମ, ପ୍ରୋଟିନ, ରିବୋଫ୍ଲାଭିନ, ଜିଙ୍କ୍ ଇତ୍ୟାଦି ୧୫ଟି ପୁଷ୍ଟିକର ଉତ୍ସ ଥାଏ। ଏ ସମ୍ପର୍କରେ ଦିଲ୍ଲୀ ମ୍ୟାକ୍ସ ହେଲ୍‌ଥ କେୟାର ଡାଏଟେଟିକ୍ସର ଆଞ୍ଚଳିକ ମୁଖ୍ୟ ରିତିକା ସମାଦାର କହିଛନ୍ତି, ଭଲ ଖାଦ୍ୟ ଏବଂ ସ୍ନାକିଂ ଅଭ୍ୟାସ ବିଷୟରେ ସଚେତନତା ହେବା ଜରୁରୀ। ଏକ ସୁସ୍ଥ ଜୀବନଶୈଳୀ ହାସଲ କରିବା ପାଇଁ ଏହା ଏକ ପ୍ରମୁଖ ବିଷୟ। ସେହିଭଳି ନୈନା କହିଛନ୍ତି, ଆପଣଙ୍କ ପରିବାର ଏବଂ ନିଜ ସ୍ୱାସ୍ଥ୍ୟ ପାଇଁ ଜଣେ ଘରୋଇ ଜୀବନଶୈଳୀ ଏବଂ ଖାଇବା ଅଭ୍ୟାସ ବିଷୟରେ ଜାଣିବା ଆବଶ୍ୟକ। ଯେକୌଣସି ଅଭ୍ୟାସ ଯାହା ଆପଣଙ୍କର ସ୍ୱାସ୍ଥ୍ୟ ଲକ୍ଷ୍ୟକୁ ପୂରଣ କରେ ନାହିଁ,ଏହାକୁ ଏଡ଼ାଇବାକୁ ହେବ ଏବଂ ଆହୁରି ଭଲ କିଛି ସୁସ୍ଥ କିମ୍ବା ପୁଷ୍ଟିକର ଜିନିଷ ଦ୍ୱାରା ବଦଳାଯିବା ଜରୁରୀ।

# ଆଇଏମ୍ଏମ୍‌ଟି ଦ୍ୱାରା ଜିଜ୍ଞାସା-ଏଟିଏଲ୍ ପ୍ରୋଗ୍ରାମ

**ଭୁବନେଶ୍ୱର,୧୭।୧୧**

ନୀତି ଆୟୋଗର ଅଟଳ ଇନୋଭେସନ୍ ମିଶନ୍ (ଏଆଇଏମ୍) ଜରିଆରେ ଓଡ଼ିଶାର ଆଇଏମ୍ଏମ୍‌ଟି ଦ୍ୱାରା ଜିଜ୍ଞାସା-ଏଟିଏଲ୍ ପ୍ରୋଗ୍ରାମ ମାଧ୍ୟମରେ ୭ଟି ପ୍ରମୁଖ ବିଦ୍ୟାଳୟରେ ଏଟିଏଲ ଟିଙ୍କରିଂ ଦିବସର ଆୟୋଜନ କରାଯାଇଥିଲା। ବିଶେଷକରି ସମଗ୍ର ଦେଶରେ ୧୦,୦୦୦ ବିଦ୍ୟାଳୟରେ ଏଆଇଏମ୍ ଉପସ୍ଥିତ ଥିବା ଏଟିଏଲ୍ ଲାବ୍‌ରେ ଏଟିଏଲ ଟିଙ୍କରିଂ ଦିବସର ଆୟୋଜନ କରାଯାଇଛି, ଯେଉଁଠାରେ ବିଦ୍ୟାଳୟର ଛାତ୍ରୀଛାତ୍ରୀମାନେ ଏକ ଏଆଇଏମ୍ ନିର୍ଦ୍ଧାରିତ ପରୀକ୍ଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ(ପ୍ରୋଗ୍ରାମ)କୁ ସହାୟତା କରିବାକୁ କେନ୍ଦ୍ରୀୟ ସଂସ୍ଥା ସିଏସଆଇଆର୍-ଆଇଏମ୍ଏମ୍‌ଟିର ବୈଜ୍ଞାନିକମାନେ ଓଡ଼ିଶାର ୭ଟି ବିଦ୍ୟାଳୟକୁ ଯାଇଥିଲେ। ଏପରିକି ଉକ୍ତ ୭ବିଦ୍ୟାଳୟରେ ଏଟିଏଲ୍ ଟିଙ୍କରିଙ୍ଗ ଦିବସ-୨୦୨୨ ପରିଚାଳନା ମଧ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପାଇଁ ଆଇଏମ୍ଏମ୍‌ଟି ଦ୍ୱାରା ଗ୍ରହଣ କରାଯାଇଥିବା (ବି ବି ହାଇସ୍କୁଲ ଢେଙ୍କାନାଳ, ଭୁବନେଶ୍ୱରର ସୈନିକ ସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ୟୁନିଟ୍-୬, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୪, କେନ୍ଦ୍ରୀୟ ବିଦ୍ୟାଳୟ-୫, ସରକାରୀ ହାଇସ୍କୁଲ ଆଇଆରସି ଭିଲେଜ୍ ଏବଂ ଜବାହାର ବିଦ୍ୟାପୀଠ ପିପିଲି) ବିଦ୍ୟାଳୟଗୁଡିକ ପାଇଁ ପରୀକ୍ଷାମୂଳକ ସାମଗ୍ରୀର ବ୍ୟବସ୍ଥା ମଧ ଆଇଏମ୍ଏମ୍‌ଟି ପକ୍ଷରୁ କରାଯାଇଥିଲା। ସେହିଭଳି ବ୍ୟକ୍ତିଗତ ଭାବେ ସେମାନଙ୍କୁ (ବିଦ୍ୟାଳୟ ଛାତ୍ରୀଛାତ୍ର) ଉପରୋକ୍ତ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ମାର୍ଗଦର୍ଶନ କରାଯାଇଥିଲା। ଉପରୋକ୍ତ ୭ ବିଦ୍ୟାଳୟର ସମସ୍ତ ଛାତ୍ର ବିଭିନ୍ନ ସାମଗ୍ରୀକୁ ବ୍ୟବହାରକରି ଏକ ମୋଟରଫ୍ୟାନ୍ ମଡେଲ ତିଆରି କରିଥିଲେ। ସେହିପରି ବରିଷ୍ଠ ବୈଜ୍ଞାନିକ ଡ. ସନ୍ତୋଷ କୁମାର ବେହେରା, ଡ. ସୀମାନ୍ତିନୀ ନାୟକ,ଡ. ମମତା ମହାପାତ୍ର,ଡ. ସାହିଦ୍ ଅନ୍‌ୱାର,ଡ.ଆଶୁତୋଷ ରଥ,ଡ. ବିକାଶ କୁମାର ଜେନା,ଡ.ଉମାକାନ୍ତ ସୁବୁଦ୍ଧି ଏବଂ ଡ. ଦେବୀପ୍ରସାଦ ଦାସଙ୍କ ଦ୍ୱାରା ଏଭଳି ଏକ ଜାତୀୟସ୍ତରର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସିଏସ୍ଆଇଆର୍-ଜିଜ୍ଞାସା ଦଳ ବିଦ୍ୟାଳୟଗୁଡିକ ପାଇଁ ନିୟମିତ ଅନେକ ବୈଜ୍ଞାନିକ-ଛାତ୍ର ସଂଯୋଗ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ବୋଲି କାର୍ଯ୍ୟକ୍ରମର ସଂଯୋଜକ ଡ. ଦେବୀପ୍ରସାଦ ଦାସ ମତପ୍ରକାଶ କରିଛନ୍ତି।



# ପ୍ରଶାନ୍ତ କୁମାର 'ମିଷ୍ଟର ଇଷ୍ଟର୍ନ ଇଣ୍ଡିଆ'

## ପୂର୍ବଭାରତ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

### ଓଡ଼ିଶା ଦଳଗତ ଚାମ୍ପିୟନ

ଭୁବନେଶ୍ୱର, ୧୭।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

କୋଲକାତାସ୍ଥିତି ଖୁଦିରାମ ଅନୁଶୀଳନ କେନ୍ଦ୍ରରେ ଏକାଦଶ ପୂର୍ବାଞ୍ଚଳ (ପୂର୍ବ ଭାରତ) ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଦଳଗତ ଚାମ୍ପିୟନ ହୋଇଛି। ବାବୁଲି ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ୩୦ ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିଥିଲା। ଦଳ ସହିତ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଗୁରୁ ଏବଂ ବିନୋଦ କୁମାର ମହାରଣା ଅଫିସିଆଲ ଭାବେ ଦଳ ସହିତ ଯାଇଥିଲେ। ଓଡ଼ିଶା ସମସ୍ତ ୮ଟି ଓଜନ ବର୍ଗରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ୮ ପ୍ରତିଯୋଗୀ ମିଷ୍ଟର ଇଣ୍ଡିଆ-୨୦୨୨ ଟାଇଟଲ ହାସଲ କରିଥିଲେ। ଏଥିରେ ଓଡ଼ିଶାର ପ୍ରଶାନ୍ତ କୁମାର ଦାଶ ସର୍ବଶ୍ରେଷ୍ଠ ବିବେଚିତ ହୋଇ ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ ତଥା ମିଷ୍ଟର ଇଷ୍ଟର୍ନ ଇଣ୍ଡିଆ-୨୦୨୨ ଆଖ୍ୟା ଅର୍ଜନ କରିଥିଲେ। ଏହା ପୂର୍ବରୁ ଓଡ଼ିଶା ୨୦୧୮ ଓ ୨୦୨୦ରେ ଏହି ସଫଳତା ହାସଲ କରିଥିଲା। ଓଡ଼ିଶା ଦଳ ଡିସେମ୍ବର ୨୨ରୁ ୨୫ ପଞ୍ଜାବର ଲୁଧିଆନଠାରେ ହେବାକୁଥିବା ୧୪ତମ ଜାତୀୟ ସିନିୟର ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ମିଷ୍ଟର ଇଣ୍ଡିଆ-୨୦୨୨ରେ ଅଂଶଗ୍ରହଣ କରିବ।



କର୍ମକର୍ତ୍ତାଙ୍କ ଗହଣରେ ଟ୍ରଫି ସହ ପ୍ରଶାନ୍ତ କୁମାର ଦାଶ।

# ଇଂଲଣ୍ଡକୁ ୬ ଉଇକେଟରେ ହରାଇଲା ଅଷ୍ଟ୍ରେଲିଆ

## ପ୍ରଥମ ଦିନିକିଆ

ଆଡିଲେଡ୍, ୧୭।୧୧ (ଏପି)

ଅଷ୍ଟ୍ରେଲିଆର ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଅଧିନାୟକ ଭାବେ ପ୍ୟାଟ୍ କୁମିନ୍ସ ତାଙ୍କ ପ୍ରଥମ ମ୍ୟାଚରେ ସଫଳ ହୋଇଛନ୍ତି। ଆଡିଲେଡ୍ ଓଭାଲଠାରେ ତାଙ୍କ ଦଳ ଗୁରୁବାର ୬ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଗତ ମାସରେ ଆରୋନ ଫିଞ୍ଚ୍ ୫୦ ଓଭର ଫର୍ମାଟରୁ ତାଙ୍କର ଅବସର ଘୋଷଣା କରିବା ପରେ ଫିଞ୍ଚ୍ ଏଣିକି ଟେଷ୍ଟ ସହ ଦିନିକିଆ ଦାୟିତ୍ୱ ତୁଲାଉଛନ୍ତି। ଗୁରୁବାର ଏହି ବିଜୟ ଦ୍ୱାରା ଅଷ୍ଟ୍ରେଲିଆ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନେଇଥିବା ଅଷ୍ଟ୍ରେଲିଆ ଦାଉିଦ ମଲନଙ୍କ ଶତକ ସତ୍ତ୍ୱେ ଇଂଲଣ୍ଡ ୨୮୭/୯ ସ୍କୋର କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୯ ବଲ୍ ବାକିଥାଇ ୪ ଉଇକେଟ ବିନିମୟରେ ୨୯୧ରନ କରି ମ୍ୟାଚ ଜିତିଥିଲା। ଅଷ୍ଟ୍ରେଲୀୟ ଯୋଡ଼ି ଡେଭିଡ ୱାର୍ନର (୮୬) ଓ ଟ୍ରାଭିସ୍ ହେଡ୍ (୬୯) ଓପନିଂ ପାର୍ଟନରଶିପ୍‌ରେ ୧୪୭ରନ ଯୋଗ କରିଥିଲେ। ୮୦ରନ କରି ଅପରାଜିତ ରହିଥିବା ଷ୍ଟିଭ ସ୍ମିଥ୍ ମ୍ୟାଚର ଅନ୍ତ ଘଟାଇଥିଲେ। ପୂର୍ବରୁ ଇଂଲଣ୍ଡ ଇନିଂସରେ ଦଳ ଏକଦା ମାତ୍ର ୬୬ରନରେ ୪ ଉଇକେଟ ହରାଇ ସାରିଥିଲା। ମଲନଙ୍କ ଦାୟିତ୍ୱପୂର୍ଣ୍ଣ ଇନିଂସ ଯୋଗୁ ଦଳ ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୧୩୪ ରନ କରିଥିଲେ। ଏହାଥିଲା ତାଙ୍କର ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ଶତକ। ସୂଚନାଯୋଗ୍ୟ ଇଂଲଣ୍ଡ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଗତ ଟି୨୦ ବିଶ୍ୱକପ୍ ଫାଇନାଲ ବେଳକୁ ମଲନ ଗ୍ରୋଇନ୍ ଇଞ୍ଜୁରିରୁ ସଦ୍ୟ ମୁକ୍ତି ଲାଭ କରିଥିଲେ। ହେଲେ ଇଂଲଣ୍ଡ ସେତେବେଳକୁ ରିସ୍କ ନେବାକୁ ଚାହି ନ ଥିଲା। ହେଲେ ଏଠାରେ ନମ୍ବର ୩ରେ ବ୍ୟାଟିଂ କରିବାକୁ ଆସି ସେ ଏକାକୀ ଅଷ୍ଟ୍ରେଲିଆ ବୋଲିଂ ଆକ୍ରମଣର ସାମ୍ନା କରିଥିଲେ। ତାଙ୍କ ଦଳକୁ ସେ ଜିତାଇପାରି ନ ଥିଲେ ମଧ୍ୟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।




**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ:** ୫୦ ଓଭରରେ ୨୮୭/୯ (ଦାଉିଦ ମଲନ-୧୩୪, ଡେଭିଡ୍ ୱିଲି-୩୪*; ଆଡାମ ଜାମ୍ପା-୩/୫୫, ପ୍ୟାଟ କୁମିନ୍ସ-୩/୬୨)।

**ଅଷ୍ଟ୍ରେଲିଆ:** ୪୬.୫ ଓଭରରେ ୨୯୧/୪ (ଡେଭିଡ୍ ୱାର୍ନର-୮୬, ଟ୍ରାଭିସ୍ ହେଡ୍-୬୯, ଷ୍ଟିଭ ସ୍ମିଥ୍-୮୦*; ଡେଭିଡ୍ ୱିଲି-୨/୫୧)।

# ସ୍ୱର୍ଣ୍ଣପଦକ ଜିତିଲେ ସମରେନ୍ଦ୍ର

## ସର୍ବଭାରତୀୟ ପୋଲିସ କ୍ରୀଡ଼ା

ବେତନଟୀ, ୧୭।୧୧ (ସ୍ୱ.ପ୍ର.)

ମହାରାଷ୍ଟ୍ରର ପୁନେରେ ଚାଲିଥିବା ୭୧ତମ ସର୍ବଭାରତୀୟ ପୋଲିସ କ୍ରୀଡ଼ା ଶକ୍ତିଉତ୍ତୋଳନ (ପାୱାରଲିଫ୍ଟ) ପ୍ରତିଯୋଗିତାରେ ଗୁରୁବାର ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ମୟୂରଭଞ୍ଜ ପୋଲିସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କନଷ୍ଟେବଲ ସମରେନ୍ଦ୍ର ମହାନ୍ତ। ସମରେନ୍ଦ୍ରଙ୍କ ଘର ବେତନଟୀ ଥାନା ଅଧୀନ ଲଙ୍ଗଳକଟା ଗ୍ରାମରେ। ଲଙ୍ଗଳକଟାସ୍ଥିତ ଶକ୍ତିମାନ ଜିମ୍ନାସିୟମର ପ୍ରତିଷ୍ଠାତା ପରେଶଚନ୍ଦ୍ର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ଶକ୍ତିଉତ୍ତୋଳନର ପ୍ରଶିକ୍ଷଣ ନେଉଥିଲେ। ତେବେ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ସମରେନ୍ଦ୍ର ଉଲ୍ଲେଖନୀୟ ସଫଳତା ପାଇଁ ଓଡ଼ିଶା ସରକାରଙ୍କ ଗୃହବିଭାଗରେ କନଷ୍ଟେବଲ ଭାବରେ ଚାକିରି ପାଇଥିଲେ। ସେ ନିଜର ଅଭ୍ୟାସ ଜାରି ରଖିବା ସହ ସର୍ବଭାରତୀୟ ପୋଲିସ କ୍ରୀଡାରେ ଭାରତବର୍ଷର ବିଭିନ୍ନ ରାଜ୍ୟର ପ୍ରତିଯୋଗୀଙ୍କୁ ପଛରେ ପକାଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସମରେନ୍ଦ୍ର ସଫଳତାର ସହିତ ଉତ୍ତୋଳନ ୫୯କିଲୋଗ୍ରାମ ବର୍ଗରେ ସ୍କୁଟ ୧୭୫ କିଲୋ, ବେଞ୍ଚପ୍ରେସ ୯୫କିଲୋ ଏବଂ ଡେଡଲିଫ୍ଟ ୨୧୦ କିଲୋ ଏହିଭଳି ମୋଟ ୪୮୦ କିଲୋଗ୍ରାମ ଉତ୍ତୋଳନ କରିଥିଲେ।




# ବଦଳିଲା ୱିମ୍ବଲଡନ୍ ନିୟମ

ଲଣ୍ଡନ, ୧୭।୧୧ (ପି.ଟି)

ୱିମ୍ବଲଡନ୍ ଟେନିସ୍ ଟୁର୍ନାମେଣ୍ଟର ନିୟମରେ ଆସିଛି ବଡ ପରିବର୍ତ୍ତନ। ପୂର୍ବରୁ ଏହି ଟୁର୍ନାମେଣ୍ଟରେ କେବଳ ଧଳା ପୋଷାକରେ ଖେଳିବାର ନିୟମ ରହଥିବା ବେଳେ ଗୁରୁବାର ମହିଳା ଖେଳାଳିଙ୍କ ପାଇଁ ଏହି ନିୟମରେ ପରିବର୍ତ୍ତନ କରାଯାଇଛି। ଏହି ଗ୍ରାସକୋର୍ଟ ଗ୍ରାଣ୍ଡସ୍ଲାମ ଇଭେଣ୍ଟର ନିୟମକୁ ଅପଡେଟ୍ କରିବା ପାଇଁ ଅଲ ଇଂଲଣ୍ଡ କ୍ଲବ୍ ପକ୍ଷରୁ ଘୋଷଣା କରାଯାଇଛି। ଏଣିକି ମହିଳା ମାନେ ଭିନ୍ନ ରଙ୍ଗର ଅନ୍ତ ବସ୍ତ୍ର(ଅଣ୍ଡର ଶର୍ଟସ) ପିନ୍ଧି ମ୍ୟାଚ ଖେଳି ପାରିବେ। ଏହା ଦ୍ୱାରା ମାସିକ ଋତୁସ୍ରାବ ସମୟରେ ମହିଳା ଖେଳାଳିଙ୍କୁ ସହୟତା ହେବ। ଡବ୍ଲ୍ୟୁଟିଏର କପଡା ଉତ୍ପାଦକ ୟୁନିଟ ଏବଂ ମେଡିକାଲ ଟିମ୍ ସହିତ ଆଲୋଚନା ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ।

# ଜୁନିୟର ମହିଳା ପିସ୍ତଲ ଟିମ୍‌କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୧୭।୧୧ (ପି.ଟି.)

କୋରିଆର ଦାଏଗୁଠାରେ ଚାଲିଥିବା ୧୫ତମ ଏସିଆନ ଏୟାରଗନ୍ ଚାମ୍ପିୟନଶିପ୍‌ରେ ଭାରତର ଜୁନିୟର ମହିଳା ପିସ୍ତଲ ଟିମ୍ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଟାଇଟଲ ମୁକାବିଲାରେ ଅଲିମ୍ପିଆନ ମନୁ ଭାକର, ଇଶା ସିଂ ଓ ଶିକ୍ଷା ନରୱାଲଙ୍କୁ ନେଇ ଭାରତୀୟ ଦଳ ଆୟୋଜକ ଦେଶର କିମ୍ ମିନ୍‌ସିଓ, କିମ୍ ଜୁହି ଓ ୟାଙ୍ଗ୍ ଜିନ୍‌ଙ୍କୁ ୧୬-୧୨ରେ ହରାଇ ଦେଇଛନ୍ତି। ମହିଳା ୧୦ ମିଟର ଏୟାର ରାଇଫଲ ପିସ୍ତଲ ଟିମ୍ ଇଭେଣ୍ଟ ସ୍ୱର୍ଣ୍ଣପଦକ ମ୍ୟାଚରେ ଭାରତର ରିଦିମ ସାଙ୍ଗୱାନ, ପଲକ ଓ ୟୁବିକା ତୋମାର କୋରିଆର କିମ୍ ଜାଙ୍ଗମି, କିମ୍ ବୋମି ଓ ୟୋ ହ୍ୟୁନ୍‌ୟଙ୍ଗଙ୍କଠାରୁ ୧୨-୧୬ରେ ପରାଜିତ ହୋଇ ରୌପ୍ୟ ପଦକ ପାଇଛନ୍ତି।

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱ ବିଦ୍ୟାଳୟ ଫୁଟବଲ

# ଫାଇନାଲରେ ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୧୭।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ବିଆଇଟି ମେସ୍ରା, ରାଞ୍ଚି ଆନୁକୂଲ୍ୟରେ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାୟ ଫୁଟବଲ ଟୁର୍ନାମେଣ୍ଟରେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି। ଗୁରୁବାର ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟକୁ ୪-୨ରେ ହରାଇବା ସହିତ ଦଳ ଫାଇନାଲରେ ପ୍ରବେଶ କରି ପାରିବେ। ଉତ୍କଳ ପକ୍ଷରୁ ସେକ୍ ଫରିଜ୍, ପାରୋ ଟୁଡ୍ଡୁ, ଚନ୍ଦ୍ରକାନ୍ତ ଦାସ ଓ ମନୋଜ ସ୍ୱାଇଁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହାପୂର୍ବରୁ ମଧ୍ୟପ୍ରଦେଶର ଅବୋଧ ପ୍ରତାପ ସିଂ ବିଶ୍ୱବିଦ୍ୟାଳୟକୁ ୫-୧, ବିବିଏ ବିଶ୍ୱବିଦ୍ୟାଳୟ ମୁଜାଫରପୁରକୁ ୩-୦ ଓ ବିବିଏମକେ ଧାନବାଦକୁ ୨-୦ରେ ପରାସ୍ତ କରିଥିଲା ଉତ୍କଳ ବିଶ୍ୱବିଦ୍ୟାଳୟ।



# ଲାଶୁ ଯାଦବ କ୍ୱାର୍ଟରଫାଇନାଲରେ

## ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍

ନୂଆଦିଲ୍ଲୀ, ୧୭।୧୧ (ପି.ଟି.)

ସ୍ପେନର ଲା' ନୁସିଆଠାରେ ଚାଲିଥିବା ଯୁବ ପୁରୁଷ ଓ ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତୀୟ ବକ୍ସର ଲାଶୁ ଯାଦବ ମହିଳା ୭୦ କେଜି ଶ୍ରେଣୀରେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ପୋଲାଣ୍ଡର ମାର୍ଟା ସିଜେରଓ୍ୱିନସ୍କାଙ୍କ ବିପକ୍ଷ ମୁକାବିଲାରେ ସେ ଜଜ୍‌ଙ୍କ ସର୍ବସମ୍ମତି ନିଷ୍ପତ୍ତିରେ ବିଜୟ ଲାଭ କରିଛନ୍ତି। ଲାଶୁଙ୍କ ୫-୦ରେ ବିଜୟ ବ୍ୟତୀତ ପ୍ରୀତି ଦହିୟା ଏବଂ ଦୁଇଜଣ ପୁରୁଷ ବକ୍ସର ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ପ୍ରୀତି ମହିଳା ୫୭କେଜି ଶ୍ରେଣୀରେ କଲମ୍ବିଆର କ୍ଲାଉଡିଆ ଡାନିଏଲାଙ୍କୁ ୪-୦ ହରାଇ ଦେଇଛନ୍ତି। ପୁରୁଷ ବିଭାଗରେ ହର୍ଷ ପ୍ରଭାବୀ ପ୍ରଦର୍ଶନ ସହ ୬୦କେଜି ଓପନିଂ ରାଉଣ୍ଡରେ ହଙ୍ଗେରୀର ଲେଭେଣ୍ଟେ ଓଲାହଙ୍କୁ ୫-୦ରେ ପରାସ୍ତ କରିଛି। ଅନ୍ୟପକ୍ଷରେ ଇରାନର ନିମା ବାୟାତିଙ୍କ ବିପକ୍ଷରେ ଆଶିଷ ୫୪ କେଜି ରାଉଣ୍ଡ ଅଫ୍ ୩୨ରେ ୱାକ ଓଭର ପାଇଛନ୍ତି।

## ବିଜୟ ହଜାରେ ଟ୍ରଫି

# ଓଡ଼ିଶାର ଶୋଚନୀୟ ପରାଜୟ

ଭୁବନେଶ୍ୱର, ୧୭।୧୧ (କ୍ରୀଡ଼ା ପ୍ରତିନିଧି)

ମୁମ୍ବାଇର ଡିୱାଇ ପାଟିଲ ସ୍ପୋର୍ଟ୍ସ ଏକାଡେମୀରେ ଚାଲିଥିବା ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପ୍ରତିପକ୍ଷ ବରୋଦା ନିକଟରୁ ଶୋଚନୀୟ ଭାବେ ୧୪୮ ରନରେ ହାରିଯାଇଛି। ବରୋଦା ୫୦ ଓଭରରେ ୭ ଉଇକେଟ ହରାଇ ୨୮୪ ରନ କରିଥିବାବେଳେ ଓଡ଼ିଶା ଇନିଂସ ୩୫.୩ ଓଭର ଯାଏ ତିଷ୍ଠିଥିଲା ଏବଂ ଦଳ ମାତ୍ର ୧୩୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। କେବଳ ରାଜେଶ ଧୂପର (୪୯ ରନ) ଓ କାର୍ତ୍ତିକ ବିଶ୍ୱାଳ (୪୪)ଙ୍କୁ ବାଦ୍‌ଦେଲେ ଅନ୍ୟ କୌଣସି ଓଡ଼ିଶା ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଳମ୍ବରେ ଦଳରେ ସାମିଲ ହୋଇଥିବା ଦୁଇ ଅଭିଜ୍ଞ ଖେଳାଳି ବିପ୍ଲବ ସାମନ୍ତରାୟ ଖାତା ଖୋଲିପାରି ନ ଥିବାବେଳେ ଗୋବିନ୍ଦ ପୋଦ୍ଦାର ୬ ରନ କରିବାକୁ ସକ୍ଷମ ହୋଇଥିଲେ। ବରୋଦା ପକ୍ଷରୁ ଲୁକମାନ ମେରିୱାଲା ସର୍ବାଧିକ ୪ଟି, ବରୁଣ ଆରୋନ ଓ ଅତୀତ ସେଠ୍ ୨ଟି ଲେଖାଏ ଏବଂ ଅଭିମନ୍ୟୁ ରାଜପୁତ ଗୋଟିଏ ଉଇକେଟ ନେଇଥିଲେ। ପ୍ରତିଯୋଗିତାରେ ୪ ମ୍ୟାଚରୁ ଓଡ଼ିଶାର ଏହା ୩ୟ ପରାଜୟ। ଦଳ କେବଳ ନାଗାଲାଣ୍ଡକୁ ହରାଇବାକୁ ସକ୍ଷମ ହୋଇଥିବାବେଳେ ଉତ୍ତରାଖଣ୍ଡ ଏବଂ ମଧ୍ୟପ୍ରଦେଶଠାରୁ ପରାଜିତ ହୋଇଛି। ଫଳରେ ୭ ଦଳ ବିଶିଷ୍ଟ ଏଲିଟ ଗ୍ରୁପ୍ 'ଡି'ରେ ଓଡ଼ିଶା ୬ଷ୍ଠ ସ୍ଥାନରେ ରହିଛି। ପରବର୍ତ୍ତୀ ୨ଟି ମ୍ୟାଚରେ ଓଡ଼ିଶା ଦଳ ଯଥାକ୍ରମେ ଜମ୍ମୁ-କଶ୍ମୀର ଓ ପଞ୍ଜାବକୁ ଭେଟିବ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବରୋଦା ୩୨ ରନରେ ୨ଟି ଉଇକେଟ ହରାଇଥିଲେ ହେଁ ପ୍ରତ୍ୟୁଷ କୁମାର (୬୯ ରନ), ବିଷ୍ଣୁ ସୋଲାଙ୍କି (୬୯) ଓ ଭାନୁ ପନିଆ (୫୫)ଙ୍କ ଅର୍ଦ୍ଧଶତକ ବଳରେ ବଡ଼ ସ୍କୋର ଛିଡ଼ା କରିଥିଲା। ଅଧିନାୟକ ଅମ୍ବାତି ରାୟୁଡୁ ୩୩ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାଜେଶ ମହାନ୍ତି ୨ଟି ଏବଂ ଦେବବ୍ରତ ପ୍ରଧାନ, ତାରିଣୀ ସ', ବିପ୍ଲବ ସାମନ୍ତରାୟ, ଅଧିନାୟକ ଅଭିଷେକ ରାଉତ ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ବରୋଦା ୫୦ ଓଭରରେ ୨୮୪/୭ (ପ୍ରତ୍ୟୁଷ କୁମାର- ୬୯, ବିଷ୍ଣୁ ସୋଲାଙ୍କି -୬୯, ଭାନୁ ପନିଆ-୫୫, ରାଜେଶ ମହାନ୍ତି-୨/୩୨, ଦେବବ୍ରତ ପ୍ରଧାନ-୧/୫୯, ତାରିଣୀ ସ'-୧/୪୮, ବିପ୍ଲବ ସାମନ୍ତରାୟ-୧/୩୩, ଅଭିଷେକ ରାଉତ-୧/୩୭, ଗୋବିନ୍ଦ ପୋଦ୍ଦାର-୧/୪୩)। ଓଡ଼ିଶା ୩୫.୩ ଓଭରରେ ୧୩୬/ଅଲ୍‌ଆଉଟ (ରାଜେଶ ଧୂପର-୪୯, କାର୍ତ୍ତିକ ବିଶ୍ୱାଳ-୪୪, ଲୁକମାନ ମେରିୱାଲା-୪/୩୫, ବରୁଣ ଆରୋନ-୨/୩୧, ଅତୀତ ସେଠ୍-୨/୨୦, ଅଭିମନ୍ୟୁ ରାଜପୁତ-୧/୪୭)।

# ଗୁଣତିଲକାଙ୍କୁ ସର୍ତ୍ତମୂଳକ ଜାମିନ




ସିଡ୍‌ନୀ, ୧୭।୧୧ (ପି.ଟି.): ଶ୍ରୀଲଙ୍କା କ୍ରିକେଟର ଦନୁଷ୍କା ଗୁଣତିଲକାଙ୍କୁ ଗୁରୁବାର ଜାମିନ ମଞ୍ଜୁର ହୋଇଛି। କିନ୍ତୁ ତାଙ୍କୁ ସୋସିଆଲ ମିଡିଆ ଆକାଉଣ୍ଟ ବ୍ୟବହାର ପାଇଁ ବାରଣ କରାଯାଇଛି। ଶ୍ରୀଲଙ୍କା କ୍ରିକେଟ ଦଳ ଅଷ୍ଟ୍ରେଲିଆକୁ ଟି୨୦ ବିଶ୍ୱକପ୍ ଖେଳିବାକୁ ଆସିଥିବା ବେଳେ ନଭେମ୍ବର ୨ରେ ଜଣେ ମହିଳାଙ୍କୁ ସେ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ନଭେମ୍ବର ୬ ବିଳମ୍ବିତ ରାତିରେ ଗିରଫ ପରେ ଜାମିନ ନ ମିଳିବାରୁ ସେ ନଭେମ୍ବର ୭ରୁ ପାର୍କଲେଆ କରେକଶନାଲ ସେଣ୍ଟରରେ ଅଟକ ଅଛନ୍ତି। ଗୁରୁବାର ସେଠାରୁ ଭିଡିଓ ଲିଙ୍କ୍ ଜରିଆରେ ସେ ସିଡ୍‌ନୀସ୍ଥିତ ଡାଉନିଂ ସେଣ୍ଟର କୋର୍ଟରେ ହାଜର ହୋଇଥିଲେ। ଅଭିଯୋଗକୁ ନେଇ ତଦନ୍ତ ଚାଲିଛି। କୋର୍ଟରେ ପୋଲିସ ପ୍ରସିକ୍ୟୁଟର କେରି-ଅନ୍ ମ୍ୟାକ୍‌କିନନ ଜାମିନକୁ ବିରୋଧ କରିଥିଲେ। ଜାମିନ ମିଳିଲେ ଅଭିଯୋଗକାରିଣୀଙ୍କ ସୁରକ୍ଷା ପ୍ରତି ସେ ବିପଦ ସୃଷ୍ଟି କରିପାରନ୍ତି। ସୋସିଆଲ ମିଡିଆରେ ବାରଣ ବ୍ୟତୀତ କୋର୍ଟ ଗୁଣତିଲକାଙ୍କୁ ୧,୫୦,୦୦୦ ଅଷ୍ଟ୍ରେଲୀୟ ଡଲାର (୧,୦୦,୬୨୦ ଆମେରିକୀୟ ଡଲାର) ମୁଚାଲିକାରେ ସର୍ତ୍ତମୂଳକ ଜାମିନ ମିଳିଛି। ତାଙ୍କୁ ପାସ୍‌ପୋର୍ଟ ଦାଖଲ କରିବାକୁ ହେବ। ଦୈନିକ ଦୁଇଥର ପୋଲିସ ନିକଟରେ ହାଜର ହେବାକୁ ପଡ଼ିବ। ରାତି ୯ଟାରୁ ୬ଟା ପର୍ଯ୍ୟନ୍ତ ତାଙ୍କୁ ଘରେ ରହିବାକୁ ପଡ଼ିବ। ଅଭିଯୋଗକାରିଣୀଙ୍କ ସହ ସେ ଯୋଗାଯୋଗ କରିପାରିବେ ନାହିଁ।

# ବିକ୍ରମ, ଟୁକୁନା, ବିଶ୍ୱ, ରୋନାଲ୍ଡୁଙ୍କ ଦୃଢ଼ ବ୍ୟାଟିଂ

## କଳାହାଣ୍ଡି କପ୍

ଭୁବନେଶ୍ୱର, ୧୭।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

କଳାହାଣ୍ଡି କପ୍ ସୁପରଲିଗ୍ ପର୍ଯ୍ୟାୟରେ ୬ଟି ମ୍ୟାଚ ସମାପ୍ତ ହୋଇଛି। ଟୁକୁନା ସାହୁ (୧୧୨, ୨/୫୦) ଓ ବିଶ୍ୱଭୂଷଣ ବେହେରା(୧୨୧) ଚମତ୍କାର ଶତକ ହାସଲ କରିଥିବା ବେଳେ ରୋନାଲ୍ଡ ଆର.ବି. ସିଂ ୯୭ ଓ ସନ୍ଦୀପ କେ. ପଟ୍ଟନାୟକ ୯୫ ଦୃଢ ବ୍ୟାଟିଂ କରିଛନ୍ତି। ବୋଲରଙ୍କ ମଧ୍ୟରେ ଓଡ଼ିଶା ବି' ଦଳର ଉମା ଏସ୍. ସାହୁଙ୍କୁ ମିଳିଛି ୪ ଉଇକେଟ ସଫଳତା।

**କଟକ ଏ' ବନାମ ଝାରସୁଗୁଡା:** ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତଏହି ମ୍ୟାଚକୁ ଇନିଂସ ଅଗ୍ରଣୀ ଭିତ୍ତିରେ ଜିତି ନେଇଛି କଟକ ଏ'। ଟସ୍ ଜିତି ଝାରସୁଗୁଡା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦିନ ବିକ୍ରମ କିଶୋର ୯୫, ଅବିନାଶ ନାୟକ ୬୯ ଓ ଅନିଲ ପରିଡାଙ୍କ ୪୮ ରନ୍ ବଳରେ କଟକ ୯ ଉଇକେଟ ହରାଇ ୩୬୯ ରନ୍ କରିଥିବା ବେଳେ ଝାରସୁଗୁଡା ୧୫୪ ରନରେ ସମସ୍ତ ଉଇକେଟ ହରାଇଥିଲା। ଝାରସୁଗୁଡା ପକ୍ଷରୁ ପ୍ରତୀକ ଯାଦବ ଓ ଧନଞ୍ଜୟ ଯାଦବ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଝାରସୁଗୁଡା ସନ୍ତୋଷ ଯାଦବଙ୍କ ୬୫ ରନ୍ ସତ୍ତ୍ୱେ ୧୫୪ ରନରେ ଅଲଆଉଟ ହୋଇଥିଲା। କଟକ ପକ୍ଷରୁ ସିଦ୍ଧାର୍ଥ ସିହ୍ନା ୩ ଓ ଜାମଳା ମହାପାତ୍ର ୨ଉଇକେଟ ନେଇଥିଲେ।

**ବାଲେଶ୍ୱର ବନାମ ଅବଶିଷ୍ଟ ଓଡ଼ିଶା ଏ:** ରେଭେନ୍‌ଶା ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚକୁ ଟୁକୁନା ସାହୁଙ୍କ ଅଲରାଉଣ୍ଡ ସଫଳତା ବଳରେ ଜିତି ନେଇଛି ଅବଶିଷ୍ଟ ଓଡ଼ିଶା ଏ। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ଏ' ପକ୍ଷରୁ ରୋହିତ ସାଗର(୧୧୪) ଓ ଟୁକୁନା ସାହୁ (୧୧୨) ଶତକ ହାସଲ କରିଥିଲେ। ଉଭୟଙ୍କ ଶତକ ବଳରେ ଅବଶିଷ୍ଟ ଓଡ଼ିଶା ଏ' ୭୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୩୫୬ରନ୍ କରିଥିଲା। ବାଲେଶ୍ୱର ପକ୍ଷରୁ ନୌଉମ ଭଞ୍ଜ ଓ ମାନସ ଆର. ପାତ୍ର ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବାଲେଶ୍ୱର ୨୭୩ ରନରେ ଅଲଆଉଟ ହୋଇଥିଲା। ସର୍ବେଶ୍ୱର ମହାନ୍ତି ୭୩ ଓ ନୌଉମ ଭଞ୍ଜ ୪୯ ରନ୍ କରିଥିଲେ। ମିଳନ ସାମଲ ଓ ଟୁକୁନା ସାହୁ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।



ଟୁକୁନା ସାହୁ



ବିଶ୍ୱଭୂଷଣ ବିହାରୀ

**ଅବଶିଷ୍ଟ ଓଡ଼ିଶା ଇ ବନାମ ଅବଶିଷ୍ଟ ଓଡ଼ିଶା ସି:** ସନ୍‌ସାଇନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚକୁ ଜିତି ନେଇଛି ଓଡ଼ିଶା ସି। ଟସ୍ ହାରି ବ୍ୟାଟିଂ କରି ଓଡ଼ିଶା ଇ ଦଳ ୬୦.୩ ଓଭରରେ ୨୬୦ ରନରେ ଅଲଆଉଟ ହୋଇଥିଲା। ରାକେଶ ଗୋଚ୍ଛାୟତ ୬୫ ଓ ରଘୁନାଥ ମଲ୍ଲ ୫୫ ରନର ଇନିଂସ ଖେଳିଥିଲେ। ଓଡ଼ିଶା ସି ପକ୍ଷରୁ ୱାଲଟର ଟପ୍ପୋ ୪ ଓ ଅଙ୍କିତକାର ଜୟସ୍ୱାଲ ୩ ଉଇକେଟ ନେଇଥିଲେ। ଜବାବରେ ରୋନାଲ୍ଡୋ ଆର.ବି. ସିଂ ୯୭ ରନ ବଳରେ ଓଡ଼ିଶା ସି ୨୮୪ ରନରେ ଅଲଆଉଟ ହୋଇଥିଲା। ଦେବେନ୍ଦ୍ର ଏସ୍ କୁଅଁର ୪ ଉଇକେଟ ନେଇଛନ୍ତି।

**ଭୁବନେଶ୍ୱର ଏ' ବନାମ ଇକୋର୍ସା:** ଖୋର୍ଦ୍ଧା ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚରେ ଭୁବନେଶ୍ୱର ଏ'କୁ ପରାସ୍ତ କରିଛି ଇକୋର୍ସା। ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ଏ' କେ. ସନ୍ଦୀପଙ୍କ ୮୮ ଓ ଅନୁରାଗ ଷଡଙ୍ଗୀଙ୍କ ୭୭ ରନ ବଳରେ ୩୦୦ ରନରେ ଅଲଆଉଟ ହୋଇଥିଲା। ଇକୋର୍ସା ପକ୍ଷରୁ ଅଙ୍କିତ ଯାଦବ ୩ ଓ ସମୀର ମହାନ୍ତି ୨ ଉଇକେଟ ନେଇଥିଲେ। ଜବାବରେ ଇକୋର୍ସା ୨୦୨ ରନରେ ଅଲଆଉଟ ହୋଇଥିଲା। ଅଙ୍କିତ ଯାଦବ ୫୨ ଓ ସୂର୍ଯ୍ୟକାନ୍ତ ପ୍ରଧାନ ୪୯ ରନ କରିଥିଲେ। ଭୁବନେଶ୍ୱର ଏ' ପକ୍ଷରୁ ବସନ୍ତ ମହାନ୍ତି ଓ ବିଶ୍ୱଜିତ ମଲିକ୍ ୩ଟି ଲେଖାଏ ଉଇକେଟ ନେଇଥିଲେ।

**ଭଦ୍ରକ ବନାମ ଅବଶିଷ୍ଟ ଓଡ଼ିଶା ବି:** ସିଭି ରମଣ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବିଶ୍ୱଭୂଷଣଙ୍କ ଶତକ ବଳରେ ଓଡ଼ିଶା ବି' ବିଜୟୀ ହୋଇଛି। ପ୍ରଥମ ଦିନରେ ଭଦ୍ରକ ୬ ଉଇକେଟରେ ୨୬୦ ରନ୍ କରିଥିଲା। ଆକାଶ ମହାପାତ୍ର ଅପରାଜିତ ୧୦୮ ଓ ନିହାର ଭୂୟାଁ ଅପରାଜିତ ୬୪ ରନ କରିଥିଲେ। ଓଡ଼ିଶା ବି' ପକ୍ଷରୁ ପ୍ରତୀକ ଦାସ ଓ ଲେନିନ ବଳ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବିଶ୍ୱଭୂଷଣ ବେହେରାଙ୍କ ୧୨୧ ରନ୍ ବଳରେ ଓଡ଼ିଶା ବି' ୯ ଉଇକେଟରେ ୩୬୨ ରନ୍ କରିଥିଲା। କିଶାନ ମହାନ୍ତି ୩ ଓ କ୍ଷମା ବଳ ୨ ଉଇକେଟ ନେଇଥିଲେ।

**ଅବଶିଷ୍ଟ ଓଡ଼ିଶା ଡି ବନାମ ଅବଶିଷ୍ଟ ଓଡ଼ିଶା ଏଫ୍:** ସେଞ୍ଚୁରିଆନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚକୁ ଜିତି ନେଇଛି ଓଡ଼ିଶା ଡି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ଏଫ୍ ସରୋଜ ପଣ୍ଡାଙ୍କ ୯୭ ରନ ସହାୟତାରେ ୧୫୮ ରନରେ ଅଲଆଉଟ ହୋଇଥିଲା। ଉମା ଏସ୍ ସାହୁ ୪ ଓ ଅଂଶୁମାନ ମିଶ୍ର ୨ ଉଇକେଟ ନେଇଥିଲେ। ଜବାବରେ ଦେବବ୍ରତ ପ୍ରଧାନଙ୍କ ୧୧୪ ଓ ଲୀଳାଧରଙ୍କ ୬୯ ରନ ବଳରେ ଓଡ଼ିଶା ଡି ୨୮୮ ରନରେ ଅଲଆଉଟ ହୋଇଥିଲା। ବିକାଶ ରାଉତ ୪ ଓ ସୁମିତ ମହାରଣା ୬ ଉଇକେଟ ନେଇଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମୃତ୍ୟୁ ମୁଖରୁ ଜୀବନ

ବେର୍‌ନ



ଅନେକ ସମୟରେ ବହୁ ବ୍ୟକ୍ତି ମୃତ୍ୟୁ ମୁଖରୁ ବଞ୍ଚିଥିବା ଶୁଣିବାକୁ ମିଳିଛି। ତେବେ ନିକଟରେ ଜଣେ ବ୍ୟକ୍ତି ନିଜକୁ ମୃତ୍ୟୁ ମୁଖରୁ ବଞ୍ଚାଇଥିବା ଜଣାପଡିଛି। ଡେଲିମେଲ୍ ରିପୋର୍ଟ ଅନୁସାରେ, ଉତ୍ତର ପୂର୍ବ ସୁଜରଲାଣ୍ଡର ଏକ ଆଲୁମିନିୟମ୍ ଫ୍ୟାକ୍ଟ୍ରିରେ ନଭେମ୍ବର ୯ରେ ଏପରି ଏକ ଘଟଣା ଘଟିଛି। ୨୫ ବର୍ଷୀୟ ଜଣେ ଯୁବକ ତାଙ୍କ ସାଥୀଙ୍କ ସହ ସେହି ଫ୍ୟାକ୍ଟ୍ରିରେ କାମ କରୁଥିଲେ। ସେଠାରେ ଏକ ଟପରେ ୭୨୦ ଡିଗ୍ରୀ ସେଲ୍‌ସିୟସ୍‌ରେ ଆଲୁମିନିୟମ୍ ଫୁଟି ତରଳ ଅବସ୍ଥାରେ ଥିଲା। ସେହି ଟପରେ ଉକ୍ତ ଯୁବକଙ୍କ ଗୋଡ ଖସି ଯାଇଥିଲା। ସେ ବହୁ କଷ୍ଟରେ ସେଠାରୁ ବାହାରିଥିଲେ। ତାଙ୍କର ଗୋଡ ପୋଡିଯାଇଥିଲା। ସେଠାରେ ପାରାମେଡିକ୍ସ, ରେସ୍କୁ ଡାକ୍ତର ପହଞ୍ଚି ତାଙ୍କୁ ତୁରନ୍ତ ହେଲିକପ୍ଟରରେ ଡାକ୍ତରଖାନାକୁ ନେଇଥିଲେ। ରିପୋର୍ଟ ମୁତାବକ, ସେଠାକାର ପୋଲିସ ଏହି ଘଟଣାର ଯାଞ୍ଚ କରୁଛି। ତେବେ ଏହା ପୂର୍ବରୁ ଫ୍ୟାକ୍ଟ୍ରିରେ ଏପରି ଦୁର୍ଘଟଣା ଘଟିଛି। ୨୦୧୪ରେ ଫ୍ୟାକ୍ଟ୍ରିରେ ଏକ ବିସ୍ଫୋରଣ ହୋଇଥିଲା, ଯେଉଁଥିରେ କି ଜଣେ ବ୍ୟକ୍ତିଙ୍କ ମୁହଁ ଜଳିଯାଇଥିଲା।

# ଆଜି ବଡ଼ ପରଦାରେ 'ଦୃଶ୍ୟମ-୨'



ମୁମ୍ବାଇ: ବଲିଉଡ୍ ଅଭିନେତା ଅଜୟ ଦେବଗନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଦୃଶ୍ୟମ-୨' ଶୁକ୍ରବାର ବଡ ପରଦାରେ ରିଲିଜ୍ ହେବାକୁ ଯାଉଛି। ତେବେ ଫିଲ୍ମ ରିଲିଜ୍ ହେବା ପୂର୍ବରୁ ଆଡଭାନ୍ସ ଟିକେଟ୍ ବୁକିଂରେ ବକ୍ସ ଅଫିସ୍‌ରେ କୋଟି କୋଟି ଟଙ୍କା ରୋଜଗାର କରିଛି। ବର୍ତ୍ତମାନ ସୁଦ୍ଧା ଆଡଭାନ୍ସ ବୁକିଂରେ ୪. ୨୫ କୋଟି ଆୟ କରିସାରିଲାଣି। ଅଭିଶେଖ ପାଠକଙ୍କ ନିର୍ଦ୍ଦେଶିତ ଏହି ସିନେମା ମାଲାୟାଲମ୍ ଫିଲ୍ମ 'ଦୃଶ୍ୟମ୍'ର ରିମେକ୍। ପୂର୍ବରୁ ଏହି ଫିଲ୍ମର ପ୍ରଥମ ଭାଗ ୨୦୧୫ରେ ରିଲିଜ୍ ହୋଇଥିଲା। ତେବେ ଦର୍ଶକ ଏହାର ଦ୍ୱିତୀୟ ଭାଗକୁ ଦେଖିବାକୁ ଅପେକ୍ଷାରେ ରହିଥିଲେ। ଫିଲ୍ମର ଟ୍ରେଲର ରିଲିଜ୍‌ରୁ ଦର୍ଶକଙ୍କ କ୍ରେଜ୍ ଦେଖିବାକୁ ମିଳିଥିଲା। ଫିଲ୍ମ ରିଲିଜ୍ ହେବା ପୂର୍ବରୁ ଆଡଭାନ୍ସ ବୁକିଂ ଦେଖି ଦର୍ଶକଙ୍କ ଉତ୍ସାହ ଜଣାପଡୁଛି। ମୁଭିରେ ଅଜୟ ଦେବଗନଙ୍କ ସମେତ ଇସିତା ଦତ୍ତ, ଶ୍ରିୟା ସରନ୍, ମୃଣାଲ ଯାଦବ, ଅକ୍ଷୟ ଖାନ୍ନା, ତବୁ, ରଜତ୍ କପୁର, କମଲେଶ ସାୱନ୍ତ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଏହି ଫିଲ୍ମ ଅପରାଧ ଉପରେ ଆଧାରିତ ହୋଇଥିବାବେଳେ ଏଥିରେ ଅନେକ ସସ୍‌ପେନ୍ସ ଭରି ରହିଛି। ଏହା ପୂର୍ବରୁ ଚଳିତ ବର୍ଷ ଅଜୟ ଦେବଗନ ତାଙ୍କର ୩ଟି ବ୍ଲକବଷ୍ଟର ମୁଭି ଦର୍ଶକଙ୍କୁ ଭେଟି ଦେଇଛନ୍ତି।

# ପିଲାଙ୍କୁ ମୋବାଇଲ ମନା



**ମୁମ୍ବାଇ:** ବର୍ତ୍ତମାନ ସମୟରେ ଛୋଟ ପିଲାମାନଙ୍କର ମୋବାଇଲ ପ୍ରତି ଅଧିକ ଦୁର୍ବଳତା ଥିବା ଦେଖିବାକୁ ମିଳୁଛି। ଏଥିସହ ପିଲାଙ୍କ କ୍ଲାସ ଅନ୍‌ଲାଇନ୍ ମାଧ୍ୟମରେ ହେଉଥିବାରୁ ସେମାନେ ମଧ୍ୟ ଏହାର ଅଭ୍ୟସ୍ତ ହେଉଛନ୍ତି। ଛୋଟ ପିଲାଙ୍କ ଏପରି ଅଭ୍ୟାସକୁ ବଦଳାଇବା ପାଇଁ ମହାରାଷ୍ଟ୍ରର ଏକ ଗାଁରେ ଗୋଟିଏ ଉପାୟ ଅବଲମ୍ବନ କରାଯାଇଛି। ୟବତମାଲ୍ ଜିଲାର ବଂଶୀ ଗାଁରେ ୧୮ ବର୍ଷରୁ କମ୍ ପିଲାଙ୍କ ପାଇଁ ମୋବାଇଲ ଫୋନ ବ୍ୟାନ କରାଯାଇଛି। ଯଦି ସେଠାରେ ନିୟମ ଉଲ୍ଲଂଘନ ହୁଏ, ତେବେ ତାଙ୍କୁ ୨ଶହ ଟଙ୍କା ଜରିମାନା ଦେବାକୁ ପଡିବ। ଏକ ରିପୋର୍ଟ ଅନୁଯାୟୀ, ପିଲାମାନଙ୍କର ଛୋଟବେଳୁ ମୋବାଇଲ ନିଶା ନ ଲାଗିଯାଉ ସେଥିପାଇଁ ଏହିଭଳି ନିୟମ କରାଯାଇଛି। ପିଲାମାନେ ଗେମ୍ ଖେଳିବା ପାଇଁ ଫୋନର ବ୍ୟବହାର କରିବା ସହ ବିଭିନ୍ନ ସାଇଟ୍‌କୁ ଯାଇ ଖରାପ କଣ୍ଟେଣ୍ଟ ଦେଖିଥାନ୍ତି। ପିଲାଙ୍କୁ ଏସବୁ ଖରାପ ଅଭ୍ୟାସରୁ ବଞ୍ଚାଇବା ପାଇଁ ଏପରି ନିୟମ ହୋଇଛି।



# ଭେଣ୍ଟିଲେଟରରେ ଏଣ୍ଡ୍ରିଲା

**ମୁମ୍ବାଇ:** ବଙ୍ଗଳାର ଜଣାଶୁଣା ଅଭିନେତ୍ରୀ ଏଣ୍ଡ୍ରିଲା ଶର୍ମାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଛି। ଗତ ୧୫ ତାରିଖରେ ଏଣ୍ଡ୍ରିଲା ଏକା ସାଙ୍ଗରେ ହୃଦଘାତରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ତୁରନ୍ତ କୋଲକାତାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ତାଙ୍କୁ ଭେଣ୍ଟିଲେଟରରେ ଭର୍ତ୍ତି କରାଯାଇଛି। ତାଙ୍କର ଗୋଟିଏ ପରେ ଗୋଟିଏ ମଲ୍ଟିପଲ୍ କାର୍ଡିଆକ୍ ହୋଇଥିବା ଜଣାପଡିଛି। ସେ ଏବେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଏହା ପୂର୍ବରୁ ସେ କର୍କଟ ରୋଗରେ ପୀଡିତ ଥାଇ ତା'ସହ ଲଢି ଜିତିଥିଲେ। ଏହାପରେ ପୁଣି ଚଳିତ ମାସରେ ତାଙ୍କର ବ୍ରେନଷ୍ଟ୍ରୋକ୍ ହୋଇଥିଲା। ତାଙ୍କର ସିଟି ସ୍କାନ କରାଯିବା ପରେ ମସ୍ତିଷ୍କର ଏକ ଅଂଶ ରକ୍ତ ଜମାଟ ବାନ୍ଧିଥିବାର ଜଣାପଡିଥିଲା। ତେବେ ଏଣ୍ଡ୍ରିଲା ଟେଲିଭିଜନ୍ ଶୋ' ଝୁମରରୁ କ୍ୟାରିୟର ଆରମ୍ଭ କରିଥିଲେ। ସେ ଏପର୍ଯ୍ୟନ୍ତ ଅନେକ ପପୁଲାର ଶୋ' ଓ ୨ଟି ଓଟିଟି ପ୍ରୋଜେକ୍ଟରେ କାମ କରିସାରିଛନ୍ତି।

# ଡ୍ୟୁଟି ସମୟରେ ଡ୍ୟାନ୍ସ



**ନୂଆଦିଲ୍ଲୀ:** ନିକଟରେ ଟୁଇଟରରେ ଏକ ମଜାଳିଆ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କି ଜଣେ ଟ୍ରାଫିକ୍ ପୋଲିସ ଡ୍ୟୁଟି କରିବା ସମୟରେ ଡ୍ୟାନ୍ସ କରୁଥିବା ଦେଖିବାକୁ ମିଳିଛି। ସେ ତାଙ୍କ ଢଙ୍ଗରେ ଲୋକ ଏବଂ ଗାଡ଼ିଗୁଡ଼ିକୁ ଛାଡୁଛନ୍ତି। ଭିଡିଓରେ ଦେଖାଯାଉଥିବା କାନ୍ଥର ଲେଖାରୁ ଏହା ପୂର୍ବ ଏସିଆର ଏକ ଦେଶ ବୋଲି ଅନୁମାନ କରାଯାଉଛି। ଏଥିସହ ଅନେକେ ଏହି ଭିଡିଓକୁ ଜାପାନର ନାଗାସାକି ଅଞ୍ଚଳର ବୋଲି କହୁଛନ୍ତି। ତାଙ୍କର ଏପରି ଡ୍ୟାନ୍ସ ଦେଖି ଟ୍ରାଫିକ ନିୟମକୁ ସମସ୍ତେ ମାନୁଛନ୍ତି। ଏହି ଭିଡିଓକୁ ଏବେ ପର୍ଯ୍ୟନ୍ତ ୧୨ ଲକ୍ଷ ଲୋକ ଦେଖିସାରିଲେଣି। ଏଥିରେ ଅନେକ ଲୋକ ଭିନ୍ନ ପ୍ରତିକ୍ରିୟା ମଧ୍ୟ କରିଛନ୍ତି। ଜଣେ ବ୍ୟକ୍ତି ଏହାର ପ୍ରତିକ୍ରିୟାରେ ଭାରତର ଏପରି ଏକ ଭିଡିଓ ଶେୟାର କରିଥିବା ଦେଖିବାକୁ ମିଳିଛି। ତେବେ ସେ ତାଙ୍କ ଡ୍ୟୁଟିକୁ ଉପଭୋଗର କରୁଥିବା ଦେଖି ଖୁସି ହେଉଥିବା ଜଣେ ୟୁଜର ଲେଖିଛନ୍ତି।

# ବସ୍‌କୁ ପଛୁଆ ଚଳାଇ ହାତୀ ଆକ୍ରମଣରୁ ଯାତ୍ରୀଙ୍କ ଜୀବନ ବଞ୍ଚାଇଲେ ଡ୍ରାଇଭର

ଥ୍ରିଶୂର୍, ୧୭।୧୧

ଏକ ଘରୋଇ ଆନ୍ତଃରାଜ୍ୟ ବସ୍ ଡ୍ରାଇଭରଙ୍କ ନିର୍ଭୀକ ନିଷ୍ପତ୍ତି ଯୋଗୁ ଦନ୍ତାହାତୀ ଆକ୍ରମଣରୁ ଅନେକ ଯାତ୍ରୀଙ୍କ ଜୀବନ ରକ୍ଷା ହୋଇପାରିଛି। ମଙ୍ଗଳବାର ହାତୀ ପଲ ମାଡ଼ିଆସୁଥିବା ଦେଖି ଡ୍ରାଇଭର ଅମ୍ବୁଜକ୍ଷଣ ବସ୍‌କୁ ପଛୁଆ ଚଳାଇ ୮ କିଲୋମିଟର ପର୍ଯ୍ୟନ୍ତ ନେଇଯାଇଥିଲେ। ସଂକୀର୍ଣ୍ଣ ତଥା ଅଙ୍କାବଙ୍କା ଚାଲକୁଡ଼ି-ମାଲାକ୍କପରା ରୁଟ୍‌ରେ ବସ୍‌କୁ ଏତେବାଟ ପଛୁଆ ଚଳାଇବା ନିଶ୍ଚିତ ଭାବେ ଚ୍ୟାଲେଞ୍ଜିଂ ଥିଲା। ତେବେ ଅମ୍ବୁଜକ୍ଷଣ ୧୯୯୪ରୁ ଉକ୍ତ ରୁଟ୍‌ରେ ଗାଡ଼ି ଚଳାଉଥିବାବେଳେ ଅନେକ ସମୟରେ ହାତୀ, କଲରାପତରିଆ ବାଘର ସାମ୍ନା କରିଛନ୍ତି। ତେବେ ପୂର୍ବରୁ ସେ କେବେ ବସ୍‌କୁ ପଛୁଆ ଚଳାଇ ନ ଥିଲେ ବୋଲି କହିଛନ୍ତି।

# Classified Everyday
0674-2580101, 2549949


REAL ESTATE
**SALE**

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ (sqft.-370/699)ରେ ମିଳୁଛି। 9658891108, 8114994259. D-1916

**ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067.** D-74127

ଭୁବନେଶ୍ୱର ବାଲିଅନ୍ତା Police Station ପାଖରେ ଘରବାରି ପ୍ଲଟ୍ 30' Road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 9337922588. D-74152

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73659

କଟକ-ଭୁବନେଶ୍ୱର Twincityର Middle pointରେ ନିର୍ମିତ Grandbazar NH-16ରୁ ଅଳ୍ପଦୂରତାରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। 8249422604. D-74150

ଭୁବନେଶ୍ୱର ଗଙ୍ଗପଡ଼ା ପିତାପଲ୍ଲୀ ପାଖରେ ୩୦ ଫୁଟ୍ ରୋଡ୍ ଘରବାଡ଼ି ପ୍ଲଟ୍ sqft.-850/- (20 plot available). 9938016295. D-74149

**Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525452.** D-73996

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

BDA approved Duplex project at Retang Medical, Station, Near CV Raman University, Tamando, Bhubaneswar @44,00,000/-,. 7008459987. D-74143

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146




House at Nayapalli near DAV School backside PNB. 9438490107, 8455953901. D-73998




Newly open full body massage ladies and gents. 8327740003, 8093860513. D-73999

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Ayurvedic fullbody massage, refresh your mind with relaxed by expert lady therapist. Contact: 8480939100. D-2025

Newly open Spa positively health benefit with expert. Contact: 7749976301. D-73894

**Full body massage by smart/expert therapist @999 only. 9078484455.** D-73660

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73995

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshot କୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**
ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଶ୍ରୀମତୀ ଶକୁନ୍ତଳା ସାହୁ**
(କୁଡୁତାଇ ନିବାସୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ୰ଅର୍ଜୁନ ସାହୁଙ୍କର ଧର୍ମପତ୍ନୀ)
ଆବିର୍ଭାବ: ୧୫।୦୪।୧୯୧୫
ତିରୋଧାନ: ୦୮।୧୧।୨୦୨୨
ବିଶ୍ୱାସ ହେଉନାହିଁ କି ତୁମେ ଆମମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ପାଇଁ ସବୁଦିନ ମନେ ପଡ଼ିବ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ସୁଭାଷ ଚନ୍ଦ୍ର ସାହୁ (ବଡ଼ପୁଅ), କୁମୁଦିନୀ ସାହୁ (ବଡ଼ବୋହୂ), ସୁନିତ, ସସ୍ମିତା, ସୁମିତ, ଗାୟତ୍ରୀ, ସୁଜିତ, ରଶ୍ମିତା, ସୁରଜ, ସୁଭାଙ୍ଗ, ଶଂଶ୍ରୀତା, ଶ୍ରୁତି, ଶିଭାଂଶ
ଧ-୨୦୨୯

## LEGAL NOTICE

ଭୁବନେଶ୍ୱର ମୁକାମ, ସିଭିଲ୍ ଜଜ୍ ସିନିୟର୍ ଡିଭିଜନ୍, ଅଦାଲତ, ଭୁବନେଶ୍ୱର
ସିଏସ୍.ନଂ.-୨୪୮୭/୨୦୨୧
କ୍ୟାପ୍‌ଟେନ୍ ସୌମେନ୍ଦ୍ର ପଟ୍ଟନାୟକ ଓଗେର
....ବାଦୀ/ଦରଖାସ୍ତକାରୀ
ବନାମ
ମେସର୍ସ ପ୍ରାଇମ୍ ବିଲ୍‌ଡର୍ସ
....ପ୍ରତିବାଦୀ/ଅପରପକ୍ଷ
ନୋଟିସ୍
ଦେୱାନୀ କାର୍ଯ୍ୟବିଧି ଅର୍ଡର-୫, ରୁଲ୍-୨୦ ମତେ

ମେସର୍ସ ପ୍ରାଇମ୍ ବିଲ୍‌ଡର୍ସ, ପରିଚାଳନା ନିର୍ଦ୍ଦେଶକ, ଅର୍ଜ୍ଜୁନ କୁମାର ରାଉତ, ବୟସ-୬୯ବର୍ଷ, କାର୍ଯ୍ୟାଳୟ-୮୪/A, ବିଜେବି ନଗର, ପୋଷ୍ଟ- ବିଜେବି ନଗର, ଥାନା- ବଡ଼ଗଡ଼, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଉପରୋକ୍ତ ବାଦୀମାନେ ଆପଣଙ୍କ ବିରୁଦ୍ଧରେ ଏକ ଅବଶ୍ୟ ପାଳନୀୟ ନିଷେଧାଜ୍ଞା ମୋକଦ୍ଦମା ଆଗତ କରିଛନ୍ତି। ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ ଧାର୍ଯ୍ୟ ତା14-12-22ରିଖ ଦିବା-୧୦.୩୦ ସମୟେ ଆପଣ ସ୍ୱୟଂ କିମ୍ବା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଜବାବ ଦାଖଲ କରିବେ। ନଚେତ୍ ମକଦ୍ଦମା ଏକତରଫା ବିଚାର କରାଯିବ।

ଅଦାଲତଙ୍କ ସହିମୋହର କ୍ରମେ ଅଦ୍ୟ ତା୧୪।୧୧।୨୦୨୨

କ- ଅନ୍ତର୍ଭୁକ୍ତ ସମ୍ପତ୍ତି
ତଫସିଲ ବୃତ୍ତି, ତହସିଲ- ଭୁବନେଶ୍ୱର, ଥାନା- ବଡ଼ଗଡ଼, ମୌଜା-ବଡ଼ଗଡ଼, ଫ୍ଲାଟ୍ ନଂ.-୨୩, ଏରିଆ- ୧୨୯୫ ବର୍ଗଫୁଟ, ପ୍ଲାଟ୍ ନଂ.-୨୭, ଏରିଆ- ୧୩୩୬ ବର୍ଗଫୁଟ

ଖ- ଅନ୍ତର୍ଭୁକ୍ତ ସମ୍ପତ୍ତି
ଜିଲ୍ଲା-ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ମୌଜା- ବଡ଼ଗଡ଼, ଖାତା- ୧୫୪୯, ବର୍ତ୍ତମାନ ଖାତା- ୪୩୮୭

Sd./-Sr Civil Judge,
Bhubaneswar
Dt. 14.11.2022
D-2033

DRAFT NOTICE
In the Court of the Civil Judge, Senior Division, Bhubaneswar
C.S No.-147/2019
Manoj Ranjan Kar
Plaintiff
-Vrs-
Smt.Tilottama Dei & Another
Defendants
NOTICE
(Under Order-5, Rule-20 CPC)

M/s- Sibani Estate & Promoters (P) Ltd, Plot No-251, Sahid Nagar, PO/PS- Sahid Nagara, Bhubaneswar, Dist.- Khurda through its Managing Director Ratikanta Kanungo, aged 49 years, Son of Anil Kumar Kanungo

WHEREAS, the plaintiff filed the suit for declaration against you but despite best efforts notice could not served upon you.

You are hereby summoned to appear in this Court in person or by pleader duly instructed on 09.12.22 at 10.30 AM O' Clock to file Written Statement.

Take notice that in default of your appearance on the day mentioned above suit will be heard and determined in your absence.

Given under my hand and the seal of the Court on 3rd day of Nov. of the year 2022.

**SCHEDULE PROPERTY**
Dist.-Khurda, PS-Jatani, Mouza- Nilakanthapur, Khata No.-91, Plot No-148, Area-Ac0.055dec out of total Area of Ac1.070 dec corresponds to 1962 Settlement Khata No-25, Plot No-118, Area Ac1.070 dec Bounded By :- North & West-Part of Plot No-148, South- Plot No-363, East -Road

Sd./- Dr.Sanghamitra Das
Senior Civil Judge,
Bhubaneswar, 03.11.2022.
D-2012

DRAFT NOTICE
In the Court of the Civil Judge, Senior Division, Bhubaneswar
C.S. No-146/2019
Jyoti Ranjan Kar
Plaintiff
-Vrs
Smt. Tilottama Dei & another
Defendants
NOTICE
(Under Order-5, Rule-20 CPC)

M/s-Sibani Estate & Promoters (P) Ltd Plot No.-251, Sahid Nagar, PO/PS.- Sahid Nagara, Bhubaneswar, Dist.- Khurda, through its Managing, Director Ratikanta Kanungo aged 49 years, Son of Anil Kumar Kanungo

Whereas, the plaintiff filed the suit for declaration against you but despite best efforts notice could not served upon you.

You are hereby summoned to appear in this Court in person or by pleader duly instructed on 09th Dec-2022 at 10:30 AM O' Clock to file written statement.

Take notice that in default of your appearance on the day mentioned above the suit will be heard and determined in your absence.

Given under my hand and the seal of the Court on 3rd day of Nov. of the year 2022.

**Schedule Property**
Dist: Khurda, PS.-Jatani, Mouza- Nilakanthapur, Khata No.-91, Plot No.-148, Area- Ac0.027 dec out of total Area of Ac1.070dec. Corresponds to 1962 Settlement Khata No.-25, Plot No.-118, Area Ac1.070. dec Bounded By: North, South & West-part of Plot No.-148, East-Road.

Sd./- Dr. Sanghamitra Das, Senior Civil Judge, Bhubaneswar.
03.11.22. D-2011

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜନସାଧାରଣଙ୍କ ଆବେଗ ଓ ଫୁଟ୍‌ବଲ

ଫୁଟବଲ ଖେଳର ଆବେଗ ମାନବଜାତିକୁ କୈଶୋର ଅବସ୍ଥାରୁ ମୃତ୍ୟୁ ପର୍ଯ୍ୟନ୍ତ ଆବଦ୍ଧ କରି ରଖିବାରେ ସକ୍ଷମ ହୋଇଛି। ଊନବିଂଶ ଶତାବ୍ଦୀର ଷଷ୍ଠ ଦଶକରୁ ଆଜି ପର୍ଯ୍ୟନ୍ତ ଫୁଟବଲ ବିଶ୍ୱର ସର୍ବାଦୃତ ଆକର୍ଷଣୀୟ ଏବଂ ଲୋକପ୍ରିୟ ଖେଳ ଭାବେ ପ୍ରସିଦ୍ଧିଲାଭ କରିଛି। ବିଶ୍ୱର ସର୍ବାଧିକ ଲୋକପ୍ରିୟ ଖେଳ ଫୁଟବଲ ଏବଂ ଅଲିମ୍ପିକ୍ସ ପରେ ସବୁଠାରୁ ବଡ଼ କ୍ରୀଡ଼ା ସମାରୋହର ମାନ୍ୟତା ପାଉଥିବା ଫିଫା ବିଶ୍ୱକପ୍ ଉପରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...


ଅଶୋକ ମହାନ୍ତି

ନଭେମ୍ବର ୨୦ରୁ ଡିସେମ୍ବର ୧୮ ପର୍ଯ୍ୟନ୍ତ ପ୍ରଥମଥର ପାଇଁ ମଧ୍ୟ ପ୍ରାଚ୍ୟ ଦେଶ କାତାରରେ ହେବାକୁ ଯାଉଛି ଫିଫା ବିଶ୍ୱକପ୍ ଫୁଟବଲ୍‌ର ୨୨ତମ ସଂସ୍କରଣ। ୫ଟିସହର ଯଥା- ଲୁସେଲ, ଆଲଖୋର, ଆଲରାୟାନ, ଆଲୱାକରାହା ଏବଂ ଦୋହାରେ "ଆର୍କିଟେକ୍‌ଚରାଲ ମାର୍ଭେଲ' କୁହାଯାଉଥିବା ଅତ୍ୟାଧୁନିକ ଇଞ୍ଜିନିୟରିଂ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଦ୍ୱାରା ନିର୍ମିତ ୮ଟି ଷ୍ଟାଡିୟମରେ ବିଶ୍ୱର ଶ୍ରେଷ୍ଠ ୩୧ଟି ଜାତୀୟ ଦଳ ଏବଂ ଆୟୋଜକ ଦେଶ କାତାର ଭାଗ ନେବ। ଫିଫା ଦ୍ୱାରା ୬ଟି କନ୍‌ଫେଡେରେଶନ (କନ୍‌କାକାଫ, କନମେବଲ, ଓଏଫ୍‌ସି, ୟୁଏଫା, କାଫ୍, ଏଏଫ୍‌ସି) ଦ୍ୱାରା ଆୟୋଜିତ ପ୍ରାରମ୍ଭିକ ଯୋଗ୍ୟତା ପର୍ଯ୍ୟାୟର ଫଳାଫଳ ଅନୁସାରେ ୩୧ଟି ଦେଶ ବିଶ୍ୱକପ୍ ଫାଇନାଲ୍ସ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଆଶ୍ଚର୍ଯ୍ୟଜନକ ଭାବେ ପୂର୍ବରୁ ୪ଥର (୧୯୩୪, ୧୯୩୮, ୧୯୮୨ ଏବଂ ୨୦୦୬) ବିଶ୍ୱକପ୍ ବିଜେତା ଏବଂ ବିଶ୍ୱ ର୍‍ୟାଙ୍କରେ ୬ଷ୍ଠ ସ୍ଥାନରେ ଥିବା ଇଟାଲୀ ଫାଇନାଲ୍ସ ପର୍ଯ୍ୟାୟକୁ ଯୋଗ୍ୟତା ହାସଲ କରିପାରିନାହିଁ। ଅନ୍ୟ ଫୁଟବଲ ପ୍ରିୟ ଦେଶଗୁଡ଼ିକ ମଧ୍ୟରେ କଲମ୍ବିଆ, ପେରୁ, ଚିଲି, ନାଇଜେରିଆ ଓ ରୁଷିଆ ପ୍ରଭୃତି ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାରେ ସଫଳ ହୋଇପାରି ନାହାନ୍ତି। ମିଡିଆ ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ ବିଶ୍ୱ ଜନସଂଖ୍ୟାର ପ୍ରାୟ ୬୫ ପ୍ରତିଶତ ଜନସାଧାରଣ (୫୦୦ କୋଟି ଲୋକ) ଏହି ବିଶ୍ୱକପକୁ ପ୍ରତ୍ୟକ୍ଷ ଓ ଟେଲିଭିଜନ ମାଧ୍ୟମରେ ଉପଭୋଗ କରିବେ।

## ସର୍ବାଧିକ ଲୋକପ୍ରିୟ ଖେଳ

ପ୍ରସିଦ୍ଧ ଫରାସୀ ଦାର୍ଶନିକ ଓ ବିଦ୍ୱାନ ଆନ୍ଦ୍ରେମାରଲକ୍ସ ଥରେ ଫୁଟବଲ ଖେଳ ଉପରେ ଏକ ନିରୁତ୍ସାହଜନକ ମନ୍ତବ୍ୟ ଦେଇ କହିଥିଲେ "ମୁଁ ଦୁଃଖିତ ଯେ ଆଜିକାଲି ଅଧିକ ସଂଖ୍ୟାରେ ଲୋକମାନେ ସଂଗ୍ରହାଳୟ ଅପେକ୍ଷା ଫୁଟବଲ ଷ୍ଟାଡିୟମ ଯିବାକୁ ପସନ୍ଦ କରୁଛନ୍ତି"। ଏହି ମନ୍ତବ୍ୟର ପ୍ରତିକ୍ରିୟାରେ ଆନ୍ଦ୍ରେଙ୍କ ପରମବନ୍ଧୁ ୟୁନେସ୍କୋର ପୂର୍ବତନ ମହାନିର୍ଦ୍ଦେଶକ ରେନି ମାହେଉ କହିଥିଲେ, "ମୋ ମତରେ ଦୁଇଟିଯାକ କାର୍ଯ୍ୟ କୌଣସି ମତେ ପରସ୍ପରର ବିରୋଧାତ୍ମକ ନୁହନ୍ତି। ଗୋଟିଏ ଆଦର୍ଶ ସମାଜରେ ଜନସାଧାରଣ ଉଭୟ ଷ୍ଟାଡିୟମ ଓ ସଂଗ୍ରହାଳୟକୁ ଯିବା ପାଇଁ ସ୍ୱତଃପ୍ରବୃତ୍ତ ଆଗ୍ରହ ଦେଖାଇବେ। କାରଣ ଖେଳପଡ଼ିଆରେ ବଲ୍ ଚାଳନା ବେଳେ ଯେଉଁ କଳାତ୍ମକ ସୌନ୍ଦର୍ଯ୍ୟ ପରିସ୍ଫୁଟ ହୋଇଥାଏ ତାହା କୌଣସି ସୃଜନଶୀଳ କଳାକୃତି ସୃଷ୍ଟି କରିବାର ମୌଳିକ ପଦ୍ଧତିଠାରୁ ଭିନ୍ନ ନୁହେଁ।" ଦୁଃଖର ବିଷୟ ବର୍ତ୍ତମାନ ଏହି ଦୁଇଜଣ ବିଶିଷ୍ଟ ବ୍ୟକ୍ତି ଆମ ଗହଣରେ ଜୀବିତ ନାହାନ୍ତି। ଫ୍ରାନ୍ସର ଲସନେ ସହରରେ ସ୍ଥାପିତ ଅତ୍ୟାଧୁନିକ ଅଲିମ୍ପିକ ସଂଗ୍ରହାଳୟ ଦେଖି ନିଶ୍ଚିତ ଭାବେ ସେମାନେ ଖୁସି ହୋଇଥା'ନ୍ତେ।

ପ୍ରଖ୍ୟାତ ଲେଖକ ଜେ.ବି. ପ୍ରିସଲେଙ୍କ ଭାଷାରେ "ଯଦି ଲୋକମାନେ ଟଙ୍କା ଖର୍ଚ୍ଚକରି କେବଳ ୨୨ଜଣ ଭଡ଼ାଟିଆ ଖେଳାଳିଙ୍କ ବଲ୍ ଗଡ଼ାଇବା ଦେଖିବାକୁ 'ଫୁଟବଲ' କୁହାଯିବ ତେବେ 'ଭାଓଲିନ୍' ହେଉଛି ଖାଲି କାଠ ଓ ତାରର ମିଶ୍ରଣ ଏବଂ 'ହାମଲେଟ୍' (ସେକ୍ସପିୟରଙ୍କ ପ୍ରଖ୍ୟାତ ସାହିତ୍ୟକୃତି)କୁ କେବଳ କାଳି ଓ କାଗଜର ମିଶ୍ରଣ ବୋଲି କହିଲା ଭଳି ହେବ।

ଫରାସୀ ସାହିତ୍ୟ ନୋବେଲ ପୁରସ୍କାର ବିଜେତା ଆଲବର୍ଟ କାମୁ (୧୯୨୮-୩୦ରେ ବିଶ୍ୱବିଦ୍ୟାଳୟ ଜୁନିୟର ଟିମ୍‌ର ଗୋଲ୍‌କିପର ଭାବେ ଖେଳିଥିଲେ) ଫୁଟବଲ ଖେଳରୁ ହିଁ ଜୀବନର ସମସ୍ତ ମୂଲ୍ୟବୋଧର ପ୍ରେରଣା ପାଇଥିଲେ ବୋଲି ସ୍ୱୀକାର କରିଛନ୍ତି।

ଫୁଟବଲ ଖେଳର ଅସମ୍ଭବ ଲୋକପ୍ରିୟତା ଓ ଆକର୍ଷଣ ଉପରେ ମତଦେଇ ପ୍ରସିଦ୍ଧ ଆମେରିକୀୟ ଔପନ୍ୟାସିକ ଜର୍ଜ ଅରୱେଲ କହିଛନ୍ତି ଯେ, "ଦୁଇ ବିଶ୍ୱଯୁଦ୍ଧର ମଧ୍ୟବର୍ତ୍ତୀ ସମୟରେ ଅନେକ ବର୍ଷ ଧରି 'ଗ୍ରେଟ୍ ଡିପ୍ରେଶନ' ଦ୍ୱାରା ଆକ୍ରାନ୍ତ ନିଯୁକ୍ତି ବିହୀନ ୟୁରୋପ ମହାଦେଶର ଅସଂଖ୍ୟ ଜନସାଧାରଣ ଫୁଟବଲ ଖେଳରୁ ହିଁ ଜୀବନର ଅସହାୟତା ଓ ଦୁଃଖ ସହ୍ୟ କରିବା ପାଇଁ ଉତ୍ସାହ ପାଇଥିଲେ"। ଉପରୋକ୍ତ ପ୍ରସିଦ୍ଧ ବ୍ୟକ୍ତିମାନଙ୍କର ମନ୍ତବ୍ୟରୁ ଜଣାଯାଏ ଫୁଟବଲ ଖେଳର ମୋହ, ମହତ୍ତ୍ୱ ଏବଂ ଅସମ୍ଭବ ଲୋକପ୍ରିୟତା।

ବିଶ୍ୱର ସବୁଠାରୁ ସହଜ, ଲୋକପ୍ରିୟ ଖେଳ ଫୁଟବଲ- ଆର୍ଜେଣ୍ଟିନାରୁ ଆଲଜେରିଆ, ବ୍ରାଜିଲରୁ ବୋସନିଆ, ଇଂଲଣ୍ଡରୁ ଇଥିଓପିଆ, କୋଷ୍ଟାରିକାରୁ କାମେରୁନ, ଇଜିପ୍ଟରୁ ଇକ୍ୱେଡର, ଆର୍ଜେଣ୍ଟିନାରୁ ଆମେରିକା, ଭିଏଟ୍‌ନାମରୁ ଭାରତ ଏହିପରି ବିଶ୍ୱର ସମସ୍ତ ମହାଦେଶରେ ପରିବ୍ୟାପ୍ତ। ପ୍ରତ୍ୟେକ ସହର, ଗଳି, ବଜାର ରାସ୍ତା, ଗାଁଦାଣ୍ଡ, ସମୁଦ୍ରକୂଳ ବାଲି ଏବଂ ଖାଲି ପଡ଼ିଆଠାରୁ ଆରମ୍ଭ କରି ଅତ୍ୟାଧୁନିକ ଷ୍ଟାଡିୟମରେ ଜାତି, ଧର୍ମ, ବୟସ ଓ ସାମାଜିକ ପ୍ରତିଷ୍ଠା ନିର୍ବିଶେଷରେ ଅସଂଖ୍ୟ ଜନସାଧାରଣ ଫୁଟବଲ ଖେଳିଥା'ନ୍ତି ଏବଂ ଦର୍ଶକ ଭାବେ ଆନନ୍ଦ ଉପଭୋଗ କରିଥା'ନ୍ତି। ଫୁଟବଲ ଖେଳର ଜନ୍ମ ଇଂଲଣ୍ଡରୁ ହୋଇଥିଲେ ମଧ୍ୟ ଏହାର ଲୋକପ୍ରିୟତା କୌଣସି ଦେଶରେ ସୀମାବଦ୍ଧ ହୋଇ ନ ରହି ସାରା ବିଶ୍ୱରେ ସର୍ବବ୍ୟାପୀ ହୋଇପାରିଛି। ଫୁଟବଲ ଖେଳର ଆଶ୍ଚର୍ଯ୍ୟଜନକ ଲୋକପ୍ରିୟତା ଅନେକ ବିଶେଷଜ୍ଞଙ୍କ ବିଶ୍ଳେଷଣର ବିଷୟବସ୍ତୁ ରୂପେ ପର୍ଯ୍ୟାପ୍ତ ଭାବେ ପର୍ଯ୍ୟାଲୋଚିତ ହୋଇଥିଲେ ମଧ୍ୟ ସମଗ୍ର ମାନବ ଜାତିକୁ ଫୁଟବଲ ଭୂତାଣୁ କିପରି ଓ କେତେ ପରିମାଣରେ ଗ୍ରାସ କରୁଛି ତାହାର ଠିକ୍ ଉତ୍ତର ଦେବ। କୌଣସି ମନୋତତ୍ତ୍ୱବିତ ବା ସମାଜବିଜ୍ଞାନୀଙ୍କ ପକ୍ଷେ ସମ୍ଭବ ହୋଇନାହିଁ। ଫୁଟବଲ ଖେଳର ଆବେଗ ମାନବଜାତିକୁ ତା'ର କୈଶୋର ଅବସ୍ଥାରୁ ମୃତ୍ୟୁ ପର୍ଯ୍ୟନ୍ତ ଆବଦ୍ଧ କରି ରଖିବାରେ ସକ୍ଷମ ହୋଇଛି। ଊନବିଂଶ ଶତାବ୍ଦୀର ଷଷ୍ଠ ଦଶକରୁ ଆଜି ପର୍ଯ୍ୟନ୍ତ ଫୁଟବଲ ବିଶ୍ୱର ସର୍ବାଦୃତ ଆକର୍ଷଣୀୟ ଏବଂ ଲୋକପ୍ରିୟ ଖେଳ ଭାବେ ପ୍ରସିଦ୍ଧି ଲାଭ କରିଛି। ଫୁଟବଲ ବିଶ୍ୱ କପ୍ ଅଲିମ୍ପିକ୍ସ ପରେ ଶ୍ରେଷ୍ଠ କ୍ରୀଡ଼ା ସମାରୋହ ଭାବେ ପରିଚିତ।


ଲିଓନେଲ ମେସି

## ବିଶ୍ୱକପ୍‌ର ସଂକ୍ଷିପ୍ତ ଇତିହାସ

୧୮୬୩ରେ ଇଂଲଣ୍ଡଠାରେ ଫୁଟବଲ ଆସୋସିଏଶନ (ଏଫ୍‌ଏ) ପ୍ରତିଷ୍ଠା ହେଲା ପରେ ଏହି ଖେଳର ପ୍ରସାର ଧୀରେ ଧୀରେ ବ୍ୟାପକ ହେବାକୁ ଲାଗିଲା। ପେସାଦାର ଖେଳାଳିମାନଙ୍କର ସଂଖ୍ୟା ବୃଦ୍ଧି ହେବା ଏବଂ ସେମାନଙ୍କର ଅଲିମ୍ପିକ୍ସ (କେବଳ ସୌଖୀନ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ) ପ୍ରତିଯୋଗିତାରେ ଭାଗ ନେବାରୁ ବଞ୍ଚିତ ହେବା ଫଳରେ ଫ୍ରାନ୍ସ ଫୁଟବଲ ଆସୋସିଏଶନର ସମ୍ପାଦକ ହେନେରି ଡେଲନେଙ୍କ ଦୃଢ଼ ପ୍ରସ୍ତାବ ଅନୁସାରେ ୧୯୨୮ରେ ବିଶ୍ୱ ଫୁଟବଲ ସଂଘ (ଫିଫା)ର ଆମଷ୍ଟାରଡାମ୍ କଂଗ୍ରେସ ଅଧିବେଶନ ୧୯୩୦ରେ ପ୍ରଥମ ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଲେ। ବିଶ୍ୱକପ୍ ବିଜେତାଙ୍କୁ ଫିଫା (ବିଶ୍ୱ ଫୁଟବଲ ସଂଘ)ର ତୃତୀୟ ଅଧ୍ୟକ୍ଷ (୧୯୨୦-୪୫)ଜୁଲ୍ସ ରିମେଙ୍କ ନାମରେ ନାମିତ ଟ୍ରଫି ପ୍ରଦାନ କରାଯିବାର ସ୍ଥିର କରାଗଲା।


ନେମାର

ବିଶ୍ୱ କପ୍‌ର ପ୍ରଥମ ସଂସ୍କରଣକୁ ଇଟାଲୀ, ନେଦରଲାଣ୍ଡ୍ସ, ହଙ୍ଗେରି, ସ୍ୱିଡେନ୍, ସ୍ପେନ୍ ଏବଂ ଉରୁଗୁଏ ଏହିପରି ୬ଟି ଦେଶ ଆୟୋଜକ ହେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଶେଷରେ ୧୯୨୪ ଏବଂ ୧୯୨୮ ଅଲିମ୍ପିକ୍ସ ଫୁଟବଲ ସ୍ୱର୍ଣ୍ଣ ପଦକ ବିଜେତା ଉରୁଗୁଏକୁ ୧୯୩୦ରେ ପ୍ରଥମ ବିଶ୍ୱକପ୍ ଫୁଟବଲ ଆୟୋଜନ କରିବାର ସୁଯୋଗ ମିଳିଲା।

କାତାର ବିଶ୍ୱକପ୍‌ରେ ବିଶ୍ୱ ଫୁଟବଲ ର୍‍ୟାଙ୍କ୍‌ରେ ପ୍ରଥମ ସ୍ଥାନରେ ଥିବା ତାରକା ଖଚିତ ବ୍ରାଜିଲ ଦଳ (ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରୁ ଆଜିପର୍ଯ୍ୟନ୍ତ ସମସ୍ତ ୨୨ଟି ସଂସ୍କରଣରେ ଭାଗ ନେଇଥିବା ଏକମାତ୍ର ଦଳ) ସୁପରଷ୍ଟାର ନେମାର ଜୁନିୟରଙ୍କ ନେତୃତ୍ୱରେ ତା'ର ଷଷ୍ଠ ବିଶ୍ୱକପ୍ ଟ୍ରଫି ଜିତିବା ପାଇଁ ପ୍ରବଳ ଦାବିଦାର ରହିଛି। କେବଳ ଇଟାଲୀ (ଷଷ୍ଠ) ର୍‍ୟାଙ୍କ୍ ବ୍ୟତୀତ ଶ୍ରେଷ୍ଠ ଦଶଟି ସ୍ଥାନରେ ଥିବା ଦେଶ ବେଲ୍‌ଜିୟମ (ଦ୍ୱିତୀୟ), ଆର୍ଜେଣ୍ଟିନା (ତୃତୀୟ), ଫ୍ରାନ୍ସ (ଚତୁର୍ଥ), ଇଂଲଣ୍ଡ (୫ମ), ସ୍ପେନ୍ (୭ମ), ନେଦରଲାଣ୍ଡ୍ସ (୮ମ), ପର୍ତ୍ତୁଗାଲ (୯ମ), ଡେନ୍‌ମାର୍କ (୧୦ମ) ସହିତ ଜର୍ମାନୀ (୧୧ତମ) ମଧ୍ୟ ବିଶ୍ୱ ଫୁଟବଲର ଏହି ସର୍ବଶ୍ରେଷ୍ଠ ପୁରସ୍କାର ହାସଲ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବ।

ବିଶ୍ୱ ଫୁଟବଲ ଇତିହାସରେ ଏକାଧିକ କିମ୍ବଦନ୍ତୀ ଖେଳାଳି ଯଥା ଆଲ୍‌ଫ୍ରେଡ୍ ଡି. ଷ୍ଟିଫାନୋ, ପୁସକାସ, ଷ୍ଟାନ୍‌ଲେ ମାଥ୍ୟୁସ, ୟୁସୋବିଓ, ବବିମୁର, ବବି ଚାର୍ଲଟନ, ଜୋହାନ କ୍ରଫ୍, ପେଲେ, ମାରାଡୋନା, ମିଚେଲ ପ୍ଲାଟିନି, ଜିନାଡେନ୍ ଜିଡାନ, ରିଭା, ରିଭେରା, ରେଭିଲିନେ, ସକ୍ରେଟିସ୍, ଗାରିଞ୍ଚା, ବାର୍କେନବୁଅର, ରୋନାଲ୍ଡିନୋ ଏବଂ ଆହୁରି ଅନେକ ସେମାନଙ୍କର ଯାଦୁକରୀ କ୍ରୀଡ଼ା ପ୍ରଦର୍ଶନ ଦ୍ୱାରା ଅଗଣିତ ଦର୍ଶକଙ୍କୁ ବିଗତ ବର୍ଷଗୁଡ଼ିକରେ ମନୋରଞ୍ଜନ କରି ଆସିଛନ୍ତି।

ଏକବିଂଶ ଶତାବ୍ଦୀର ପ୍ରାରମ୍ଭିକ ଦୁଇ ଦଶକରେ ଯେଉଁ ଦୁଇଜଣ ଖେଳାଳି ବିଶ୍ୱ ଫୁଟବଲକୁ ଏକ ଭିନ୍ନ ଏବଂ ଉଚ୍ଚତର ସ୍ତରରେ ପହଞ୍ଚାଇବାରେ ସକ୍ଷମ ହୋଇଛନ୍ତି, ସେମାନେ ହେଲେ ଆର୍ଜେଣ୍ଟିନାର ଲିଓନେଲ ମେସି ଏବଂ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ। ଫୁଟବଲ ସମୀକ୍ଷକ, ବିଶେଷଜ୍ଞ, ଇତିହାସକାର ଏବଂ ସର୍ବୋପରି ଅଗଣିତ ଦର୍ଶକ ଏହି ଦୁଇଜଣ ଖେଳାଳିଙ୍କ ଅବିଶ୍ୱସନୀୟ ଫୁଟବଲ ଦକ୍ଷତାକୁ ଅନୁଶୀଳନ କରି ବିଶ୍ୱର ଶ୍ରେଷ୍ଠ ଖେଳାଳିର ମାନ୍ୟତା ଦେଇଛନ୍ତି।


କ୍ରିଷ୍ଟିଆନୋ ରୋନାଲ୍ଡୋ


ଡିଏଗୋ ମାରାଡୋନା


ପେଲେ

### ଫିଫା ବିଶ୍ୱକପ ରେକର୍ଡ

| ମସିହା | ଆୟୋଜକ ଦେଶ | ବିଜେତା | ଶ୍ରେଷ୍ଠ ଖେଳାଳି |
|---|---|---|---|
| ୧୯୩୦ | ଉରୁଗୁଏ | ଉରୁଗୁଏ | ଗୁଲେର୍‌ମୋ ସାବାଇଲ (ଆର୍ଜେଣ୍ଟିନା)-୮ ଗୋଲ |
| ୧୯୩୪ | ଇଟାଲୀ | ଇଟାଲୀ | ଓଲଡରିଚ ନେଜେଡଲି (ଚେକୋସ୍ଲୋଭାକିଆ)- ୪ ଗୋଲ |
| ୧୯୩୮ | ଫ୍ରାନ୍ସ | ଇଟାଲୀ | ଲିଓନିଡାସ୍ (ବ୍ରାଜିଲ)- ୮ ଗୋଲ |
| ୧୯୫୦ | ବ୍ରାଜିଲ | ଉରୁଗୁଏ | ଆଡେମିର (ବ୍ରାଜିଲ)- ୭ ଗୋଲ |
| ୧୯୫୪ | ସୁଇଜରଲାଣ୍ଡ | ଜର୍ମାନୀ | କୋସିସ୍ (ହଙ୍ଗେରି)-୧୧ ଗୋଲ |
| ୧୯୫୮ | ସ୍ୱିଡେନ୍ | ବ୍ରାଜିଲ | ଜଷ୍ଟଫୋଣ୍ଟେନ(ଫ୍ରାନ୍ସ)-୧୩ ଗୋଲ |
| ୧୯୬୨ | ଚିଲି | ବ୍ରାଜିଲ | ଡ୍ରାଜେନ ଜେର୍କୋଭିକ୍ (ଚେକୋସ୍ଲୋଭାକିଆ)-୫ ଗୋଲ |
| ୧୯୬୬ | ଇଂଲଣ୍ଡ | ଇଂଲଣ୍ଡ | ୟୁସୋବିଓ (ପର୍ତ୍ତୁଗାଲ)- ୯ ଗୋଲ |
| ୧୯୭୦ | ମେକ୍ସିକୋ | ବ୍ରାଜିଲ | ଗର୍ଡ ମୁଲର (ପ. ଜର୍ମାନୀ)-୧୦ ଗୋଲ |
| ୧୯୭୪ | ପ. ଜର୍ମାନୀ | ପ.ଜର୍ମାନୀ | ଲାଟୋ (ପୋଲାଣ୍ଡ)- ୭ ଗୋଲ |
| ୧୯୭୮ | ଆର୍ଜେଣ୍ଟିନା | ଆର୍ଜେଣ୍ଟିନା | ମାରିଓ କେମ୍ପେସ୍ (ଆର୍ଜେଣ୍ଟିନା)-୬ ଗୋଲ |
| ୧୯୮୨ | ସ୍ପେନ୍ | ଇଟାଲୀ | ପାଓଲୋ ରୋଜି (ଇଟାଲୀ)-୬ ଗୋଲ |
| ୧୯୮୬ | ମେକ୍ସିକୋ | ଆର୍ଜେଣ୍ଟିନା | ଗାରିଲିନେକର (ଇଂଲଣ୍ଡ)-୬ ଗୋଲ |
| ୧୯୯୦ | ଇଟାଲୀ | ଜର୍ମାନୀ | ସିଲାଚି (ଇଟାଲୀ)-୬ ଗୋଲ |
| ୧୯୯୪ | ଆମେରିକା | ବ୍ରାଜିଲ | ଷ୍ଟୋଇଚକୋଭ (ବୁଲ୍‌ଗେରିଆ)- ୬ ଗୋଲ<br>ସେଲେଙ୍କୋ (ରୁଷିଆ)- ୬ ଗୋଲ |
| ୧୯୯୮ | ଫ୍ରାନ୍ସ | ଫ୍ରାନ୍ସ | ଡାଭୋର ସୁକର (କ୍ରୋଏସିଆ)-୬ ଗୋଲ |
| ୨୦୦୨ | ଦ. କୋରିଆ/ଜାପାନ | ବ୍ରାଜିଲ | ରୋନାଲ୍ଡୋ (ବ୍ରାଜିଲ) - ୮ଗୋଲ |
| ୨୦୦୬ | ଜର୍ମାନୀ | ଇଟାଲୀ | ମିରୋସ୍ଲାଭ କ୍ଲୋଜ(ଜର୍ମାନୀ) /ଜିଡେନ(ଫ୍ରାନ୍ସ)-୬ ଗୋଲ |
| ୨୦୧୦ | ଦକ୍ଷିଣ ଆଫ୍ରିକା | ସ୍ପେନ | ଡିଏଗୋ ଫୋରଲାନ୍ (ଉରୁଗୁଏ)-୫ ଗୋଲ |
| ୨୦୧୪ | ବ୍ରାଜିଲ | ଜର୍ମାନୀ | ଲିଓନେଲ ମେସି (ଆର୍ଜେଣ୍ଟିନା)- ୪ ଗୋଲ |
| ୨୦୧୮ | ରୁଷିଆ | ଫ୍ରାନ୍ସ | ଲୁକା ମୋଡ୍ରିକ୍ (କ୍ରୋଏସିଆ)- ୨ ଗୋଲ |

# କ୍ରୀଡ଼ାରେ ପୁରାତନ ଏବଂ ନୂତନ ବିଚାରଧାରାର ଲଢ଼େଇ


ପ୍ରଫୁଲ୍ଲ କୁମାର ମିଶ୍ର

ଦେଖିବାକୁ ମିଳୁଛି କ୍ରୀଡ଼ା ଆସୋସିଏଶନଗୁଡ଼ିକରେ ରାଜନୈତିକ ଦଳ ପରି ଲଢ଼େଇ ଚାଲିଛି। ଆସୋସିଏଶନଗୁଡ଼ିକରେ ରାଜନୈତିକ ଦଳର ନେତାମାନେ ହସ୍ତକ୍ଷେପ କରୁଛନ୍ତି। କିନ୍ତୁ ଲୋଧା କମିଶନ କିଛି ନିୟମାବଳୀ କରିବାରୁ ବର୍ତ୍ତମାନ କେତେକ ଆସୋସିଏଶନରେ ପୁରାତନ ଖେଳାଳି ପଦାଧିକାରୀ ହେଲେଣି । ସୌରଭ ଗାଙ୍ଗୁଲିଙ୍କ ପରେ ଏବେ ରୋଜର ବିନ୍ନି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ହୋଇଛନ୍ତି। ଭାରତର ପୂର୍ବତନ ହକି ଖେଳାଳି ଦିଲୀପ ତିର୍କୀ ହକି ଇଣ୍ଡିଆ ସଭାପତି ପଦ ମଣ୍ଡନ କରିଛନ୍ତି। ଫୁଟବଲ ଖେଳର ଅନ୍ତର୍ଜାତୀୟ ଗୋଲ ରକ୍ଷକ କଲ୍ୟାଣ ଚୌବେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ସଭାପତି ମନୋନୀତ ହୋଇଛନ୍ତି। ଏହିପରି ଅନ୍ୟ କ୍ରୀଡ଼ା ଅନୁଷ୍ଠାନ ଲୋଧା କମିଶନର ନିୟାମବଳୀ ଅନୁସାରେ କାର୍ଯ୍ୟ କରିବା ଉଚିତ। ପୁରାତନ ଖେଳାଳିମାନେ ଅଗ୍ରାଧିକାର ପାଇଲେ ତାଙ୍କ ଖେଳ ଜୀବନର ଅଭିଜ୍ଞତା ଅନୁସାରେ ଖେଳର ପ୍ରସାର ପାଇଁ ଯୋଜନା କରିପାରିବେ। ଭାରତରେ ବର୍ତ୍ତମାନ ଅଧିକ ଲୋକ କ୍ରିକେଟ ଖେଳକୁ ପସନ୍ଦ କରୁଛନ୍ତି। ମାତ୍ର ଏହି ଖେଳ ପୃଥିବୀର ଅଳ୍ପ କେତେକ ଦେଶରେ ଲୋକପ୍ରିୟତା ପାଇଛି। କିନ୍ତୁ ଫୁଟବଲ ଖେଳ ପୃଥିବୀର ଅଧିକାଂଶ ଦେଶ ଖେଳିବା ପାଇଁ ଏବଂ ଏହାକୁ ଦର୍ଶକମାନେ ଦେଖିବା ପାଇଁ ଭଲ ପାଆନ୍ତି। ଭାରତରେ ଫୁଟବଲ୍‌ର ଚାହିଦା ଅତୀତରେ ଖୁବ୍ ଭଲ ଥିଲା। ୧୯୬୧ରୁ ୧୯୭୦ ପର୍ଯ୍ୟନ୍ତ ଏସିଆଡ୍‌ରେ ଭାରତ ୧ରୁ ୩ ମଧ୍ୟରେ ରହୁଥିଲା। ୧୯୬୧ରେ ଚୁନି ଗୋସ୍ୱାମୀ, ବଲରାମ ପ୍ରମୁଖ ଖେଳାଳି ଫୁଟବଲରେ ଲୋକପ୍ରିୟ ଥିଲେ। ଏସିଆଡ୍‌ରେ ଭାରତ ୧୯୬୧ରେ ସ୍ୱର୍ଣ୍ଣ, ୧୯୭୦ରେ ବ୍ରୋଞ୍ଜ ପଦକ ପାଇଥିଲା। ପ୍ରକାଶଯୋଗ୍ୟ ଯେ, ସେତେବେଳେ ବ୍ରୋଞ୍ଜ ପଦକ ମୁକାବିଲାରେ ଭାରତ ପ୍ରତିପକ୍ଷ ଚାଇନାକୁ ହରାଇ ଦେଇଥିଲା। ମାତ୍ର ଏବେ ଚାଇନା ଫୁଟବଲରେ ଭାରତଠୁ ଭଲ ପ୍ରଦର୍ଶନ କରୁଛି। ଭାରତ ଏସିଆଡ୍‌ରେ ୨୪ତମ ସ୍ଥାନରେ ପହଞ୍ଚିଲାଣି।



ଅନ୍ୟ ଦେଶଗୁଡ଼ିକରେ ନୂତନ ବିଚାର ସହିତ ଆଧୁନିକ ପଦ୍ଧତିରେ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ତେଣୁ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳିମାନେ ଅନୁଷ୍ଠାନଗୁଡ଼ିକ ସହିତ ଯୋଡ଼ିହେଲେ ଖେଳର ମାନରେ ନିଶ୍ଚିତ ଉନ୍ନତି ଘଟିବ। ସେମାନେ ଯେହେତୁ ବିଭିନ୍ନ ଦେଶରେ ଖେଳିଥା'ନ୍ତି, ନିଜ ଅଭିଜ୍ଞତାରୁ ଯୁବ ଖେଳାଳିମାନଙ୍କୁ ଉପାଦେୟ ପରାମର୍ଶ ଦେଇପାରିବେ। କ୍ରୀଡ଼ାର ଉନ୍ନତି ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ ହୋଇପାରିବ। କିଛିଦିନ ତଳେ କଲ୍ୟାଣ ଚୌବେ ଏଆଇଏଫ୍‌ଏଫ୍ ସଭାପତି ହେଲା ପରେ ଭାରତରେ ହେଉଥିବା ସନ୍ତୋଷ ଟ୍ରଫି ଫୁଟବଲ ମ୍ୟାଚ୍‌ଗୁଡିକ ବିଦେଶରେ ସୌଦି ଆରବରେ କରିବା ପାଇଁ ଯୋଜନା କଲେଣି। ଏହାଦ୍ୱାରା ଖେଳାଳିମାନଙ୍କର ଫୁଟବଲ ଖେଳ ପ୍ରତି ଉତ୍ସାହ ବଢ଼ିବ। ଆଗରୁ ଏଆଇଏଫ୍‌ଏଫ୍ ସଭାପତି ଥିବା ପ୍ରିୟରଞ୍ଜନ ଦାସମୁନ୍‌ସୀ ଓ ପ୍ରଫୁଲ୍ଲ ପଟେଲ ରାଜନୈତିକ ବ୍ୟସ୍ତତା କାରଣରୁ ବିଦେଶ ସମକକ୍ଷ ଆମ ଦେଶର ଫୁଟବଲକୁ କରିବା ପାଇଁ ସମୟ ପାଇ ନ ଥିଲେ। ଖେଳରେ ତାଙ୍କର ଅଭିଜ୍ଞତାର ଅଭାବ ରହୁଥିଲା। ଅଧିକାଂଶ ଆସୋସିଏଶନରେ ଏହା ଦେଖିବାକୁ ମିଳୁଛି। ଖେଳାଳିମାନଙ୍କ ବିକାଶ ଚିନ୍ତା ବିଶେଷ ହେଉନାହିଁ। ପୁରାତନ ବିଚାରାଧାରା ସଙ୍ଗଠକ ଓ କ୍ରୀଡ଼ାବିତ୍ ନୂତନ ବିଚାରଧାରା ସହିତ ଜଡ଼ିତ ନ ହେଲେ କ୍ରୀଡ଼ାର ମାନରେ ଉନ୍ନତି ହୋଇପାରିବନି।

## ଧୈର୍ଯ୍ୟ

ଆଇସିସି ୱାନ୍‌ଡେ କ୍ରିକେଟ ହିଷ୍ଟ୍ରିକୁ
ସର୍ଭେ କଲେ ଦେଇ ମୁଣ୍ଡ
ଚୌରାଳିଶ ବର୍ଷ ପରେ ଫର୍ମାଟରେ
ଚାମ୍ପିୟନ ଇଂଗ୍ଲଣ୍ଡ
ଧୈର୍ଯ୍ୟ ପାଇଁ ଷ୍ଟ୍ରୋକ୍ ଧଣ୍ଡ
ଦି ହଜାର ଦଶ ପରେ ବାଇଶିରେ
ଟିଟ୍ୱେଣ୍ଟିରେ ପୁଣି ଷଣ୍ଢ।
ବାଆସ୍ତରୀ ବର୍ଷରେ ଏକୋଇଶ ସଂସ୍କରଣ
ଇଏ ଫିଫା ଇତିହାସ
ଆୟୋଜକ ଉରୁଗୁଏ ଟାଇଟଲ
ନେଇଥିଲା ଫାଷ୍ଟ ଦେଶ
ମହକେ ବ୍ରାଜିଲ ବାସ
ପାଞ୍ଚ ଥର ଫିଫା ୱାର୍ଲ୍ଡକପ୍ ବିଜେତା
ଧୈର୍ଯ୍ୟ, ଶ୍ରମ ଟିମ୍ କଷ।
ଜର୍ମାନୀର ନିକଲାସ ଫୁଲକ୍ରଗ୍
ମାରିନେଲା ଏବେ ତାଳ
ଅଣତିରିଶ ବର୍ଷୀୟ ଫୁଟବଲ
ଖେଳାଳିଙ୍କୁ
ସିଲେକ୍ସନ କଲା ଦଳ
ୱେଟିଂ ଧୈର୍ଯ୍ୟର ଫଳ
ମିଠା ହୋଇଥାଏ, ଆଶା ଛାଡ଼ିଦେଲେ
ଲୋକ ହୁଏ ରସାତଳ।

-ସୁବାସ ଚନ୍ଦ୍ର ପ୍ରଧାନ

# ନୂତନ ଆରମ୍ଭ ଲକ୍ଷ୍ୟରେ ଭାରତ

ୱେଲିଂଟନ୍,୧୭।୧୧(ପି.ଟି)

ବିଶ୍ୱକପ୍ ବିଫଳତା ପରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ଟି ଲେଖାଏ ଟି୨୦ ଓ ଦିନିକିଆ ମ୍ୟାଚ ଖେଳିବ। ଏହି ସିରିଜରେ ନୂତନ ନେତୃତ୍ୱ ସହିତ ଏକ ନୂତନ ଆରମ୍ଭ ଲକ୍ଷ୍ୟରେ ରହିବ ଭାରତ। ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଶୁକ୍ରବାର ଆରମ୍ଭ ହେବ। ଦୀର୍ଘ ୯ ବର୍ଷ ଧରି ଆଇସିସି

## ଆଜି ପ୍ରଥମ ଟି୨୦

ଟୁର୍ନାମେଣ୍ଟଗୁଡିକର ବିଫଳତାକୁ ପଛରେ ପକାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆଗକୁ ବଢ଼ିବାକୁ ପ୍ରୟାସ କରିବ। ୟୁଏଇ ବିଫଳତା ପରେ ଚଳିତ ଟି୨୦ରେ ମଧ୍ୟ ଭାରତୀୟ ଦଳ ବିଫଳ ହୋଇଥିଲା। ବିରାଟ କୋହଲି ଏବଂ ସୂର୍ଯ୍ୟକୁମାର ଯାଦବ ସ୍କୋର କରିଥିବା ବେଳେ ଦୁଇ ଓପନର ରୋହିତ ଶର୍ମା ଓ ଲୋକେଶ ରାହୁଲ କିନ୍ତୁ ଫର୍ମ ପାଇଁ ସଂଘର୍ଷ କରିଥିଲେ। ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ହାର୍ଦ୍ଦିକ ପାଣ୍ଡ୍ୟା ଭାରତର ନେତୃତ୍ୱ ନେବେ। ଅନେକ ପୂର୍ବତନ ଖେଳାଳି ହାର୍ଦ୍ଦିକଙ୍କୁ ୨୦୨୪ ଟି୨୦ ବିଶ୍ୱକପ ଦଳର ଅଧିନାୟକ ଭାବରେ ବିବେଚନା କରୁଛନ୍ତି। ସେହିପରି ରାହୁଲ ଦ୍ରାବିଡ଼ଙ୍କ ଅନୁପସ୍ଥିତିରେ ଭିଭିଏସ୍ ଲକ୍ଷ୍ମଣ ଷ୍ଟାଣ୍ଡ ଇନ୍ କୋଚ୍ ଭାବରେ ଦାୟିତ୍ୱ ନିର୍ବାହ କରିବେ। ପ୍ରଥମ ମ୍ୟାଚ ପୂର୍ବରୁ ଭାରତୀୟ ଟିମ୍‌ରେ ଯୁବ ଖେଳାଳିଙ୍କ ସହିତ ଟି୨୦ ସ୍ପେଶାଲିଷ୍ଟମାନଙ୍କୁ ସାମିଲ କରାଯିବ ବୋଲି ଲକ୍ଷ୍ମଣ ସ୍ପଷ୍ଟ କରିଛନ୍ତି। ୨୦୨୩ ଦିନିକିଆ ବିଶ୍ୱକପ ପୂର୍ବରୁ ବର୍ତ୍ତମାନ ସମସ୍ତ ଧ୍ୟାନ ଏହା ଉପରେ ରହିଛି। ରୋହିତ ଶର୍ମା ଓ ରାହୁଲଙ୍କ ନିକଟରେ ଇଚ୍ଛାଶକ୍ତିର ଅଭାବ ପରିଲକ୍ଷିତ ହେଉଥିବାରୁ ଉଭୟ ଖେଳାଳି ୨୦୨୪ ଟି୨୦ ବିଶ୍ୱକପରୁ ବାଦ୍ ପଡିବାର ସମ୍ଭାବନା ସୃଷ୍ଟି ହୋଇଛି। ବିରାଟ କୋହଲି ଚମତ୍କାର ଫର୍ମରେ ଥିଲେ ମଧ୍ୟ ତାଙ୍କୁ ସାମିଲ କରାଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

ଇଶାନ କିଶନ୍ ଏବଂ ଶୁବମାନ ଗିଲ୍ ଓପନର ଭାବରେ ଖେଳିବେ। କିଶନ୍ ବିଗତ ଏକ ବର୍ଷ ମଧ୍ୟରେ ଟପ୍ ଅର୍ଡରରେ ଖେଳିଥିବା ବେଳେ ନିଜ ଉପସ୍ଥିତି ଜାହିର କରିବା ପାଇଁ ଏହା ସୁବର୍ଣ୍ଣ ସୁଯୋଗ। ଅନ୍ୟପକ୍ଷରେ ଦିନିକିଆ ଦଳରେ ନିଜ ଦକ୍ଷତା ପ୍ରତିପାଦନ କରିଥିବା ଗିଲ୍ ମଧ୍ୟ ଟି୨୦ରେ ସୁଯୋଗ ପାଇବେ। ସଞ୍ଜୁ ସାମସନ୍ ମଧ୍ୟ ମିଳିଥିବା ସୁଯୋଗର ସଦ୍‌ବ୍ୟବହାର କରିବା ସହିତ ଦଳରେ ନିଜ ସ୍ଥାନ ପକ୍କା କରିବାକୁ ପ୍ରୟାସ କରିବେ। ଆହତ ସମସ୍ୟାରୁ ଫେରୁଥିବା ଅଲରାଉଣ୍ଡର ୱାଶିଂଟନ୍ ସୁନ୍ଦର ମଧ୍ୟ ଉଭୟ ବଲ୍ ଓ ବ୍ୟାଟ ଜରିଆରେ ପ୍ରଦର୍ଶନ କରିବାକୁ ଚାହିଁବେ। ରିଷ୍ଟ ସ୍ପିନର ଯୋଡି ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ମଧ୍ୟ ପୁନର୍ବାର ଏକତ୍ର ବୋଲିଂ କରିବାର ସୁଯୋଗ ପାଇବେ। ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ଟି୨୦ ବିଶ୍ୱକପ ସେମିଫାଇନାଲରୁ ବିଦାୟ ନେଇଥିଲେ। ଏହି ସିରିଜ ପାଇଁ ଭାରତ ଦ୍ୱିତୀୟ ପସନ୍ଦର ଦଳ ରଖିଥିବା ବେଳେ ନ୍ୟୁଜିଲାଣ୍ଡକୁ ଏହା କଡା ଟକ୍କର ଦେବ ବୋଲି ଆଶା କରାଯାଉଛି। ବୁମରାଙ୍କ ଅନୁପସ୍ଥିତିରେ ଉମ୍ରାନ ମଲିକଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ। ଏହା ସହିତ ହର୍ଷଲ ପଟେଲ ଓ ମହମ୍ମଦ ସିରାଜଙ୍କୁ ମଧ୍ୟ ଦଳରେ ସାମିଲ କରାଯିବ।


ଅଭ୍ୟାସ ଅବସରରେ ଶୁବମନ୍ ଗିଲ୍ ଓ ମହମ୍ମଦ ସିରାଜ୍

**ମ୍ୟାଚ୍ ସ୍ଥାନ**
**ସ୍କାଏ ଷ୍ଟାଡିୟମ, ୱେଲିଙ୍ଗଟନ୍**
**ସମୟ: ମଧ୍ୟାହ୍ନ ୧୨.୦୦**

# ପଦ୍ମାଙ୍କୁ ହରାଇ ଜାହ୍ନବୀ ଚାମ୍ପିୟନ

ଭୁବନେଶ୍ୱର, ୧୭।୧୧ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଟେନିସ ଆସୋସିଏଶନ ସହଯୋଗରେ ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ନାମେଣ୍ଟର ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଆନ୍ଧ୍ର ପ୍ରଦେଶର ଟି. ଜାହ୍ନବୀ ଚାମ୍ପିୟନ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ଜାହ୍ନବୀ କର୍ନାଟକର ପଦ୍ମା ପ୍ରିୟା ରମେଶଙ୍କୁ ୬-୪, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ବାଳକ ବର୍ଗରେ ଓଡ଼ିଶାର ସାଇ ସ୍ୱସ୍ତିକ ମହାନ୍ତି ଓ ତାମିଲନାଡୁର ରୋନି ବିଜୟ କୁମାର ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସାଇ ସ୍ୱସ୍ତିକ ୬-୩, ୬-୧ରେ ଅନ୍ୟତମ ଓଡ଼ିଆ ଖେଳାଳି ଆହାନ ମିଶ୍ରଙ୍କୁ ଏବଂ ରୋନି ୬-୩, ୬-୩ ସେଟ୍‌ରେ ପଶ୍ଚିମବଙ୍ଗର ସ୍ୱପ୍ନିଲ ଘୋଷଙ୍କୁ ହରାଇ ଦେଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ପଶ୍ଚିମବଙ୍ଗର ଡି. ବିଶ୍ୱାସ ଓ ଟି. ଜାହ୍ନବୀ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେହିପରି ବାଳକ ବର୍ଗରେ ଦୁଇ ଓଡ଼ିଆ ଖେଳାଳି ମୟଙ୍କ ମୋଦି ଓ ସାଇ ସ୍ୱସ୍ତିକ ମହାନ୍ତି ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ମୟଙ୍କ ୨-୬, ୬-୩, ୭-୭ (୭/୩)ରେ କର୍ନାଟକର ଅଭିବଦ୍ୟ ମିଶ୍ରଙ୍କୁ ଏବଂ ସାଇ ସ୍ୱସ୍ତିକ ୭-୬ (୭/୪), ୬-୪ ସେଟ୍‌ରେ ଅନ୍ୟତମ ଓଡ଼ିଆ ଖେଳାଳି ଅନିକେତ ସାହୁଙ୍କୁ ହରାଇଛନ୍ତି।




**ସର୍ବଭାରତୀୟ ଚାମ୍ପିୟନଶିପ୍ ସିରିଜ ଟେନିସ**

# ଜୋକୋଭିଚଙ୍କୁ ମିଳିଲା ଅଷ୍ଟ୍ରେଲିଆ ଭିଜା

**କାନବେରା,୧୭।୧୧(ପି.ଟି):** ସର୍ବିଆର ନୋଭାକ୍ ଜୋକୋଭିଚଙ୍କୁ ମିଳିଛି ଅଷ୍ଟ୍ରେଲିଆ ଭିଜା। ଗୁରୁବାର ଏହି ସୂଚନା ମିଳିବା ସହିତ ସେ ଆସନ୍ତା ବର୍ଷର ଅଷ୍ଟ୍ରେଲିଆନ ଓପନରେ ଅଂଶଗ୍ରହଣ କରିବା ଆପାତତଃ ସ୍ପଷ୍ଟ ହୋଇଛି। ୨୦୨୨ ଜାନୁୟାରୀରେ କୋଭିଡ୍-୧୯ ଟିକାକରଣ ବିବାଦ କାରଣରୁ ତାଙ୍କୁ ଅଷ୍ଟ୍ରେଲିଆରୁ ପ୍ରତ୍ୟର୍ପଣ କରାଯାଇଥିଲା। ଏହା ବିରୋଧରେ ସେ କୋର୍ଟରେ ଅପିଲ କରିଥିଲେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡିଥିଲା। ୩ ବର୍ଷ ପାଇଁ ଜୋକୋଭିଚଙ୍କ ଭିଜାକୁ ମଧ୍ୟ ରଦ୍ଦ କରି ଦିଆଯାଇଥିଲା। ମାତ୍ର ଅଷ୍ଟ୍ରେଲୀୟ ଭିଜା ନିୟମରେ ସଂଶୋଧନ ହେବା ପରେ ଅଷ୍ଟ୍ରେଲିଆନ୍ ଓପନରେ ତାଙ୍କର ଅଂଶଗ୍ରହଣ ସମ୍ଭାବନା ସୃଷ୍ଟି ହୋଇଥିଲା। ଗୁରୁବାର ପ୍ରବାସ ବିଭାଗ(ଇମିଗ୍ରେସନ୍) ମନ୍ତ୍ରୀ ଆଣ୍ଡ୍ରୁ ଗାଇଲ୍ସ ଏନେଇ ସ୍ୱଷ୍ଟୋକ୍ତି ପ୍ରଦାନ କରିବା ସହିତ ଜୋକୋଭିଚ୍‌ଙ୍କ ଭିଜାକୁ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଏହି ନିଷ୍ପତ୍ତି ଆସିବା ପରେ ଖୁସି ଜାହିର କରିଛନ୍ତି ୩୫ ବର୍ଷୀୟ ଜୋକୋଭିଚ୍। ଇଟାଲୀର ଟ୍ୟୁରିନରେ ଥିବା ଜୋକୋଭିଚ୍ ଆଣ୍ଡି ରୁବଲେଭ୍‌ଙ୍କୁ ପରାସ୍ତ ସେମିରେ ପ୍ରବେଶ କରିଛନ୍ତି। ଏହି ଖବର ମୋ ପାଇଁ ଅତ୍ୟନ୍ତ ଖୁସିର ଖବର ବୋଲି କହିଛନ୍ତି ଜୋକୋଭିଚ୍। ଅଷ୍ଟ୍ରେଲିଆନ୍ ଓପନରେ ମୁଁ ମୋର ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥାଏ। ଏଠାରେ ଅନେକ ସ୍ମୃତି ମଧ୍ୟ ରହିଛି। ରେକର୍ଡ ୯ ଥର ଜୋକୋଭିଚ୍ ଏହି ଟୁର୍ନାମେଣ୍ଟ ଜିତିବାରେ ସମର୍ଥ ହୋଇଛନ୍ତି। ଆସନ୍ତା ଜାନୁୟାରୀ ୧୬-୨୯ ମଧ୍ୟରେ ଅଷ୍ଟ୍ରେଲିଆନ୍ ଓପନ ଅନୁଷ୍ଠିତ ହେବ।




# ୱାର୍ମ ଅପ୍‌ରେ ଆର୍ଜେଣ୍ଟିନାର ବୃହତ୍ ବିଜୟ

ଆବୁଧାବି,୧୭।୧୧(ପି.ଟି)

ଅଧିନାୟକ ତଥା ଷ୍ଟାର ଫୁଟବଲର ଲିଓନେଲ ମେସି ଗୋଲ ସ୍କୋର କରିବା ସହିତ ୱାର୍ମଅପ ମ୍ୟାଚରେ ୟୁଏଇକୁ ୫-୦ରେ ପରାସ୍ତ କରିଛି ଆର୍ଜେଣ୍ଟିନା। ଏହି ବିଜୟ ସହିତ ଆର୍ଜେଣ୍ଟିନା କ୍ରମାଗତ ୩୬ତମ ମ୍ୟାଚରେ ଅପରାଜେୟ ଧାରା ବଜାୟ ରଖିଛି। ଆର୍ଜେଣ୍ଟିନା ପକ୍ଷରୁ ଆଞ୍ଜେଲ ଡି ମାରିଆ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ମେସି, ଅଲଭାରେଜ ଓ କୋରେଆ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୧୭ ମିନିଟରେ ଜୁଲିଆନ୍ ଅଲଭାରେଜ୍ ପ୍ରଥମ ଗୋଲ ସ୍କୋର କରିଥିଲେ। ଆଞ୍ଜେଲ ଡି ମାରିଆ (୨୫ ଓ ୩୬ ମିନିଟ୍) ପରବର୍ତ୍ତୀ ଦୁଇ ଗୋଲ ସ୍କୋର କରିଥିଲେ। ହାଫ୍ ଟାଇମର ଠିକ୍ ପୂର୍ବରୁ ଲିଓନେଲ୍ ମେସି ଗୋଲ କରିଥିଲେ। ତାଙ୍କର ୪୪ତମ ମିନିଟ ଗୋଲ ସହିତ ଆର୍ଜେଣ୍ଟିନା ୪-୦ରେ ଅଗ୍ରଣୀ ହାସଲ କରିଥିଲା। ଏହି ଗୋଲକୁ ମିଶାଇ ସେ ଅନ୍ତିମ ୫ ମ୍ୟାଚରୁ ୧୦ ଗୋଲ ସ୍କୋର କରିଛନ୍ତି। ଏହା ସହିତ ମେସିଙ୍କ ଅନ୍ତର୍ଜାତୀୟ ଗୋଲ ସଂଖ୍ୟା ୯୧ରେ ପହଞ୍ଚିଛି। ଜୋକ୍ୱିନ କୋରେଆ ୬୦ ତମ ମିନିଟରେ ୫ମ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ। ଏହି ମ୍ୟାଚରେ ଆର୍ଜେଣ୍ଟିନା ପକ୍ଷରୁ ୪ ଜଣ ଖେଳାଳିଙ୍କୁ ସବ୍‌ଷ୍ଟିଚ୍ୟୁଟ କରାଯାଇଥିଲେ ହେଁ ମେସିଙ୍କୁ ସମ୍ପୂର୍ଣ୍ଣ ୯୦ ମିନିଟ ପଡିଆରେ ରଖିଥିଲେ କୋଚ୍।

**ଜର୍ମାନୀକୁ ଉଦ୍ଧାର କଲେ ଫୁଲକ୍ରଗ୍:** ଜର୍ମାନୀ ଦଳ ପକ୍ଷରୁ ପଦାର୍ପଣରେ ଗୋଲ ସ୍କୋର କରିବା ସହିତ ୱାର୍ମଅପ୍‌ରେ ବିଜୟୀ କରିଛନ୍ତି ନିକଲାସ ଫୁଲକ୍ରଗ। ମାସ୍କଟରେ ଖେଳା ଯାଇଥିବା ଓମାନ ବିପକ୍ଷ ମ୍ୟାଚକୁ ୧-୦ରେ ଜିତି ନେଇଛି ଜର୍ମାନୀ। ଏହି ମ୍ୟାଚରେ ୧୭ ବର୍ଷୀୟ ୟୁସୌଫା ମୌକୋକୋ ପଦାର୍ପଣ କରିଥିଲେ। ଜର୍ମାନୀକୁ ଏକାଧିକ ଗୋଲ ସ୍କୋର କରିବାର ସୁଯୋଗ ମିଳିଥିଲେ ହେଁ ଦଳ ସ୍କୋର କରିବାରେ ବିଫଳ ହୋଇଥିଲା। ପ୍ରଥମ ହାଫ୍‌ରେ ମୌକୋକୋ ଓମାନ ଗୋଲପୋଷ୍ଟ ନିକଟରେ ପହଞ୍ଚିଥିଲେ ହେଁ ସ୍କୋର କରି ପାରି ନ ଥିଲେ। ଦ୍ୱିତୀୟ ହାଫ୍‌ରେ ମୌକୋକୋଙ୍କ ସବ୍‌ଷ୍ଟିଚ୍ୟୁଟ ଭାବରେ ଆସିଥିଲେ ଫୁଲକ୍ରଗ। ମ୍ୟାଚର ୮୦ ତମ ମିନିଟରେ ଫୁଲକ୍ରଗ ଗୋଲ ସ୍କୋର କରି ଜର୍ମାନୀକୁ ଜିତାଇଥିଲେ।

**ବାହାରେ ବସିଲେ ଲେୱାଣ୍ଡୋସ୍କି :** ପୋଲାଣ୍ଡର ରବର୍ଟ ଲେୱାଣ୍ଡୋସ୍କିଙ୍କୁ ୱାର୍ମ ଅପ୍ ମ୍ୟାଚରେ ବେଞ୍ଚରେ ବସିବାକୁ ପଡିଥିଲା। ପୋଲାଣ୍ଡ ଓ ଚିଲି ମଧ୍ୟରେ ହୋଇଥିବା ମ୍ୟାଚକୁ ଦଳ ୧-୦ରେ ଜିତି ନେଇଛି। କ୍ରିଷ୍ଟୋଫ୍ ପିଆଟେକ୍‌ଙ୍କ ଅନ୍ତିମ ମିନିଟ ଗୋଲ ବଳରେ ୱାର୍ସଓ୍ୱରେ ଖେଳା ଯାଇଥିବା ମ୍ୟାଚକୁ ଦଳ ଜିତି ନେଇଥିଲା। ସେହିପରି ସ୍ପେନର ଗିରୋନାରେ ଖେଳା ଯାଇଥିବା ୱାର୍ମ ଅପ୍ ମ୍ୟାଚକୁ ୨-୧ରେ ହାରିଯାଇଛି ମେକ୍ସିକୋ।

**ଜିତିଲା କ୍ରୋଏସିଆ :** ଆଣ୍ଡ୍ରେଜ କ୍ରାମାରିକଙ୍କ ୮୨ ତମ ମିନିଟ ଗୋଲ ବଳରେ ସାଉଦି ଆରବକୁ ପରାସ୍ତ କରଛି କ୍ରୋଏସିଆ। ରିୟାଧରେ ଖେଳା ଯାଇଥିବା ମ୍ୟାଚରେ ଦଳର ଷ୍ଟାର ଖେଳାଳି ଲୁକା ମୋଡ୍ରିକ୍ ମାତ୍ର ଅନ୍ତିମ ୨୫ ମିନିଟ ପଡିଆରେ ରହିଥିଲେ। ତେବେ ୫ ଜଣ ସାଉଦି ଡିଫେଣ୍ଡରଙ୍କୁ ପରାସ୍ତ କରି ନିଜର ବିଂଶତମ ଅନ୍ତର୍ଜାତୀୟ ଗୋଲ ସ୍କୋର କରିଥିଲେ କ୍ରାମାରିକ। କ୍ରୋଏସିଆ କୋଚ୍ ଜ୍ଲାଟକୋ ଡାଲିକ୍ ନିଜର ସମସ୍ତ ଷ୍ଟାର ଖେଳାଳିଙ୍କୁ ଧରି ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ମଇଦାନକୁ ଓହ୍ଲାଇଥିଲେ।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଘରେ ଜୀବଜନ୍ତୁ ପାଳିବା ଉପରେ ଲାଗିବ କଟକଣା





**ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ମନଇଚ୍ଛା ଯେ କେହି ବି ଘରେ ପୋଷା କୁକୁର ଓ ଜୀବଜନ୍ତୁ ରଖିପାରିବେ ନାହିଁ। ଏଥିପାଇଁ ପଞ୍ଜୀକରଣ ସହ କେତେକ କଟକଣାକୁ ବାଧ୍ୟତାମୂଳକ କରାଯିବ। ରାଜଧାନୀରେ କୁକୁର କାମୁଡା କଳି କୋର୍ଟକୁ ଯିବାପରେ ଏନେଇ ତତ୍ପରତା ଦେଖାଇଛି ବିଏମ୍‌ସି। ଖୁବ୍‌ଶୀଘ୍ର ପେଟ୍ ଆନିମାଲ ଗାଇଡ୍‌ଲାଇନ୍ ଜାରି କରାଯିବ। ଦେଶର ଦିଲ୍ଲୀ, ବେଙ୍ଗାଲୁର, ବାଙ୍ଗାଲୋର ଭଳି ଅନ୍ୟ ମେଟ୍ରୋ ସିଟି ପରେ ଏବେ ଭୁବନେଶ୍ୱରରେ ଗାଇଡ୍‌ଲାଇନ୍ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଲୋକମାନେ ଗାଈ, କୁକୁରକୁ କେମିତି ପାଳିବେ, ବାହାରକୁ ନେବା ସମୟରେ କେଉଁଭଳି ସତର୍କତା ଅବଲମ୍ବନ କରିବେ, ତାହାର ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ପ୍ରସ୍ତୁତ ହେବ।

**ଖୁବ୍‌ଶୀଘ୍ର ବିଏମ୍‌ସି ଆଣିବ ପେଟ୍ ଆନିମଲ୍ ଗାଇଡ୍‌ଲାଇନ୍**

ନିଜ ସଉକ ପାଇଁ ଲୋକମାନେ କୁକୁର ପାଳିଥିବାବେଳେ ସେମାନଙ୍କର ଟିକିଏ ଅସାବଧାନତା ଲୋକଙ୍କ ଜୀବନ ନେଇପାରେ। ବୁଧବାର ଇନ୍‌ଫୋସିଟି ଥାନା ଅଞ୍ଚଳରେ ଘଟିଥିବା ଏଭଳି ଏକ ଘଟଣା ପରେ ଚେତିଛି ବିଏମ୍‌ସି। ଏ ସମ୍ପର୍କରେ କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଏମ୍‌ସି ଗାଇଡ୍‌ଲାଇନ୍ କରିବାକୁ ଯାଉଥିବାବେଳେ ଯେଉଁମାନେ ଏହାକୁ ନ ମାନିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଏନେଇ ବୈଠକ ହୋଇଛି ଓ ଗାଇଡ୍‌ଲାଇନ୍ ପ୍ରସ୍ତୁତି ଚାଲିଛି। ଯେଉଁମାନେ ଘରେ ଗୃହପାଳିତ ପଶୁ ରଖିବାକୁ ଚାହିଁବେ ସେମାନଙ୍କ ଘରେ ଆନିମଲ ରହିବା ସୁବିଧା ଅଛି ନା ନାହିଁ ଏବଂ ସେଥିପାଇଁ ଯେପରି ଅନ୍ୟ ଲୋକଙ୍କୁ ଅସୁବିଧା ନ ହେବ ସେ ନେଇ ଗାଇଡ୍‌ଲାଇନରେ ଗୁରୁତ୍ୱ ଦିଆଯିବ। ପ୍ରଥମେ କୌଣସି ଅଭିଯୋଗ ଆସିଲେ ତା'ର ବିଚାର କରାଯିବ। ବିଏମ୍‌ସି ମଧ୍ୟ ରେଗୁଲାର ମନିଟରିଂ କରିବ। ଯେଉଁମାନେ ପେଟ୍ ରଖିବେ ସେମାନେ ପ୍ରଥମେ ସେମାନଙ୍କ ତଥ୍ୟ ଦେବେ। ଅନ୍ୟ ସହରଗୁଡିକରେ ଥିବା ପେଟ୍ ଆନିମଲ୍ ଗାଇଡ୍‌ଲାଇନ୍‌କୁ ଅନୁଧ୍ୟାନ କରାଯାଉଛି। ଖୁବ୍‌ଶୀଘ୍ର ଏହା ଆସିଯିବ ବୋଲି କମିଶନର ସୂଚନା ଦେଇଛନ୍ତି। ଅପରପକ୍ଷେ ଯେଉଁମାନେ କୁକୁର ପାଳୁଛନ୍ତି ସେମାନେ ତାଙ୍କର ଠିକ ଯତ୍ନ ନିଅନ୍ତୁ ଓ ସେମାନେ କିଭଳି କାହାକୁ ଆଘାତ ନ କରିବେ ସେଥିପାଇଁ ମାଲିକମାନଙ୍କୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସତର୍କତା ଅବଲମ୍ବନ କରି ସଚେତନତା ସହ ସେମାନଙ୍କୁ ପାଳିବାକୁ କମିଶନର ପରାମର୍ଶ ଦେଇଛନ୍ତି।

## ଜବରଦଖଲ ପ୍ଲଟ୍‌ରେ ଚାଲିଥିଲା କୁକୁର ବେପାର

**ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)**

- ୫୬କୁକୁର ଓ ଅନ୍ୟ ଗୃହପାଳିତ ପ୍ରାଣୀ ଉଦ୍ଧାର
- ମାଟିରେ ମିଶିଲା ୫ ବଖରା ଘର

ରାଜଧାନୀ ଭୁବନେଶ୍ୱରରେ ସରକାରୀ ଜମି ଜବରଦଖଲ କରି ଅନେକ ଲୋକ ବେଆଇନ ଭାବେ ବାସଗୃହ ଓ ଦୋକାନ ଘର କରି ରହିବା ସହ ବ୍ୟବସାୟ ଓ ଭଡ଼ାରେ ଲଗାଉଛନ୍ତି। ଏପରିକି ନିଶା କାରବାର ସହ ଆପାରାଧିକ କାର୍ଯ୍ୟ ଚାଲୁଥିବା ନଜିର ରହିଛି। ବିଡିଏ ପକ୍ଷରୁ ଏସବୁ ଜବରଦଖଲ ଉଚ୍ଛେଦ ଜାରି ରହିଥିବାବେଳେ ଗୁରୁବାର କୁକୁର ପାଇଁ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଗୋବିନ୍ଦ ପ୍ରସାଦ ମୌଜାର ପ୍ଲଟ ନଂ. ୧୩୩୬/୩୧୬୩ରେ ବୁଲ୍‌ଡୋଜର ବୁଲିଛି। ବିଡିଏ ପକ୍ଷରୁ ସମ୍ପୃକ୍ତ ସ୍ଥାନରେ ଥିବା ବେଆଇନ ଘରକୁ ଭଙ୍ଗା ଯାଇଛି। ଜବରଦଖଲରେ ଥିବା ରମେଶ ଚନ୍ଦ୍ର ଦାସ ସମ୍ପୃକ୍ତ ପ୍ଲଟ୍‌ରେ କୁକୁର ବେପାର କରୁଥିଲେ। ତେବେ କୁକୁର ପାଇଁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ପୂର୍ବରୁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଏମସିରେ ଅଭିଯୋଗ କରାଯାଇଥିଲା। ବିଏମ୍‌ସି ତାଙ୍କୁ ଅନେକଥର ଉଚ୍ଛେଦ ନୋଟିସ କରିଥିଲେ ମଧ୍ୟ ସେ ଗୁରୁତ୍ୱ ଦେଉ ନ ଥିଲେ। ଜଣେ ନାବାଳକଙ୍କୁ ଏକ ପୋଷା କୁକୁର କାମୁଡିବା ଘଟଣାକୁ ନେଇ ବୁଧବାର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ତପସ୍ୱିନୀ କଲୋନୀରେ ଉତ୍ତେଜନା ସୃଷ୍ଟି



ହେବା ପରେ ବିଏମ୍‌ସିର ନିଦ ଭାଙ୍ଗିଥିଲା। ଗୁରୁବାର ବିଡିଏ, ବିଏମ୍‌ସି ଓ ପୋଲିସ ମିଳିତ ଭାବେ ଘଟଣାସ୍ଥଳରେ ଉପସ୍ଥିତ ରହି ଡଗ୍ କ୍ୟାଚରଙ୍କ ଦ୍ୱାରା ବେପାର ପାଇଁ ରହିଥିବା ୫୬ଟି କୁକୁର ସହ ରମେଶ ପାଳିଥିବା ଠେକୁଆ ଓ ବିଭିନ୍ନ ପଶୁପକ୍ଷୀଙ୍କୁ ଉଦ୍ଧାର କରାଯାଇଛି। ଏଥିସହ ସମ୍ପୃକ୍ତ ଘରକୁ ଖାଲି କରିବା ପରେ ସମ୍ପୂର୍ଣ୍ଣ ୫ ବଖରାକୁ ଭାଙ୍ଗି ଦିଆଯାଇଛି। ଏହି ଜମି ଜଳସେଚନ ବିଭାଗର ବୋଲି ଜଣାପଡିଛି। ଉଚ୍ଛେଦବେଳେ ବିଡ଼ିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ବିଡ଼ିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏ ସହକାରୀ ନିର୍ଦ୍ଦେଶକ ଅମୀୟ କୁମାର ଦାଶ ଓ ଲକ୍ଷ୍ମୀସାଗର ଆଇଆଇସି ଓମ୍ ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଜାଗା ମିଶନ୍ ଅଧୀନରେ ଡ୍ରୋନ୍ ସର୍ଭେ ଆରମ୍ଭ

**ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)**

ଓଡ଼ିଶା ସରକାରଙ୍କର ଫ୍ଲାଗ୍‌ସିପ୍ କାର୍ଯ୍ୟକ୍ରମ 'ଜାଗା ମିଶନ୍' ଅଧୀନରେ ହିତାଧିକାରୀମାନଙ୍କୁ ରାଜ୍ୟର ବିଭିନ୍ନ ମହାନଗର ନିଗମ ତଥା ସହରାଞ୍ଚଳରେ ଭୂମି ଅଧିକାର ପ୍ରମାଣପତ୍ର ଯୋଗାଇ ଦିଆଯିବ। ଏ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି )ପକ୍ଷରୁ ଏଥିପାଇଁ ତତ୍ପରତା ପ୍ରକାଶ ପାଇଛି। ଡ୍ରୋନ୍ ସର୍ଭେ ଜନିତ କ୍ଷେତ୍ରକର୍ମୀଙ୍କ ପ୍ରଶିକ୍ଷଣ ପରେ ସର୍ଭେ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ମହାନଗର ନିଗମର ୱାର୍ଡ ନଂ.୧ ଓ ୨୮ରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ସ୍ଥାନୀୟ କର୍ପୋରେଟର, ସମସ୍ତ ୱାର୍ଡ ଅଫିସର, କମ୍ୟୁନିଟି ଅର୍ଗାନାଇଜର୍, ଜୋନାଲ୍ କମ୍ୟୁନିଟି ଅର୍‌ଗାନାଇଜର୍, ଅମିନ, ଜାଗା କୋର୍ଡିନେଟର୍ ଆଦିଙ୍କ ଉପସ୍ଥିତିରେ ଏହି ସର୍ଭେ ଆରମ୍ଭ ହୋଇଛି। ସୂଚନା ଥାଉକି, ସହରାଞ୍ଚଳ ବସ୍ତିରେ 'ଉଷା' ସର୍ଭେ କରିବା ପୂର୍ବରୁ ପ୍ରତ୍ୟେକ ବସ୍ତିରେ ଡ୍ରୋନ୍ ସର୍ଭେ କରିବାର ବ୍ୟବସ୍ଥା କରାଯାଇଛି। ଏହାକୁ ଭିତ୍ତି କରି ଓଡ଼ିଶା ସରକାରଙ୍କ ତରଫରୁ ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍ ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଅଛି। ତେଣୁ ପ୍ରତ୍ୟେକ ବସ୍ତିରେ ଡ୍ରୋନ୍ ସର୍ଭେ ହୋଇ ଚୁକ୍ତିଗତ ଘରଗୁଡ଼ିକର ନକ୍ସା ଚିତ୍ର ଉତ୍ତୋଳନ କରାଯିବ। ନିୟମ ଅନୁଯାୟୀ, ଏହାକୁ ଭିତ୍ତି କରି ହିତାଧିକାରୀମାନଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ନିମନ୍ତେ ଉଷା ସର୍ଭେ କରାଯିବ। ଏହି ସର୍ଭେର ନିୟମ ଅନୁସାରେ ନିର୍ଦ୍ଦିଷ୍ଟ ବସ୍ତିର ସ୍ଲମ୍ ଡୁଏଲର୍ସ ଆସୋସିଏଶନ୍ (ଏସ୍‌ଡିଏ)ର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ଆଗକୁ ବଢ଼ିବ।

## ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚିତ



ଅତିଥିମାନେ ସମାଚାର ପତ୍ରିକା ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)**

କମିଶନରେଟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଗୁରୁବାର ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚିତ ହୋଇଯାଇଛି। ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ପତ୍ରିକାକୁ ଉନ୍ମୋଚନ କରି କହିଲେ, ପିଲାମାନଙ୍କୁ ଓଡିଆ ଭାଷାରେ ପୁସ୍ତକ ପଢାଇବା ପାଇଁ ଭିତ୍ତିଭୂମିର ଆବଶ୍ୟକତା ରହିଛି। ଶିଶୁ ସାହିତ୍ୟର ଉନ୍ନତି ନ ହେଲେ ସାହିତ୍ୟର ଉନ୍ନତି ଅସମ୍ଭବ। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ତଥା ସମାଚାର ପତ୍ରିକାର ମୁଖ୍ୟ ସମ୍ପାଦକ ଦିଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୋଲିସ କମିଶନରଙ୍କୁ ସମ୍ମିଳନୀର ଫଳକ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଉପଦେଷ୍ଟା ଡ. ଦ୍ୱାରୀକାନାଥ ମହାନ୍ତି ଓ ନିମାଇଁ ଚରଣ ଦାସ, ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୁକ୍ତ ବାପାଙ୍କୁ ୧୪ ବର୍ଷ ଜେଲଦଣ୍ଡାଦେଶ

**ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ):**

ନାବାଳିକା ଝିଅକୁ ବାପାଙ୍କ ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ଘଟଣାର ୨ ବର୍ଷ ପରେ ଭୁବନେଶ୍ୱର ପୋକ୍‌ସୋ ଫାଷ୍ଟ୍‌ଟ୍ରାକ୍ କୋର୍ଟ ଗୁରୁବାର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୧୩ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟକୁ ଆଧାର କରି ବିଚାରପତି ଭିକାରୀ ଚରଣ ରାଉତ ଅଭିଯୁକ୍ତ ୪୬ ବର୍ଷୀୟ ବାପାଙ୍କୁ ୧୪ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୧୧ ହଜାର ଟଙ୍କା ଜରିମାନା ଦେବାକୁ କୁହାଯାଇଛି। ଆଇପିସି ଦଫା ୩୭୬/୫୧୧ ଆଧାରରେ ପ୍ରଥମେ ୮ବର୍ଷ, ଦଫା ୩୫୪ ଓ ୫୦୬ରେ ତିନି ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ହୋଇଥିବାବେଳେ ସମସ୍ତ ଦଣ୍ଡ ଅଲଗା ଭୋଗିବାକୁ ପଡିବ। ସରକାରୀ ଓକିଲ ରାଜୀବ ସାସମଲ ଏହି ମାମଲାର ପରିଚାଳନ କରୁଥିଲେ। ଗତ ଜାନୁୟାରୀ ୧୭ରେ ଅଭିଯୁକ୍ତ ବାପା ଜାମିନରେ ଆସିଥିଲେ। ତେବେ ଗୁରୁବାର ଦଣ୍ଡାଦେଶ ପରେ ତାଙ୍କୁ ପୁଣି ଜେଲକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, କଟକ ଜିଲା ଲାଲବାଗ ଥାନା ଅଞ୍ଚଳର ଅଭିଯୁକ୍ତ ଜଣକ ଭୁବନେଶ୍ୱରର ଖଣ୍ଡଗିରି ଥାନା ଅନ୍ତର୍ଗତ ଯଦୁପୁରରେ ଏକ ଗ୍ୟାରେଜ କରି ପରିବାର ଚଳାନ୍ତି। ୨୦୨୦ ସେପ୍ଟେମ୍ବର ୧୭ରେ ସେ ନିଜ ନାବାଳିକା ଝିଅକୁ ରାତିରେ ଶୋଇଥିବା ସମୟରେ ବଳାତ୍କାର ଉଦ୍ୟମ କରିଥିଲେ। ଏହା ପୂର୍ବରୁ ମଧ୍ୟ ସେ ୨ଥର ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା।

## ଶିବିରରେ ୪୫୮ ଦିବ୍ୟାଙ୍ଗଙ୍କ ପଞ୍ଜୀକରଣ



ଜଣେ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ଜଟଣୀ, ୧୭।୧୧ (ଡି.ଏନ୍.ଏ.)**

ଜଟଣୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଗୁରୁବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓଡିଶା ପକ୍ଷରୁ ଆୟୋଜିତ ଏହି ଅଭିଯାନରେ ୪୫୮ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ଅସ୍ଥିଶଲ୍ୟରେ ୧୯୨, ଦୃଷ୍ଟିବାଧିତରେ ୩୨, ଶ୍ରବଣରେ ୫୮ ଏବଂ ୧୭୬ ମାନସିକ ବିକାରଗ୍ରସ୍ତ ରହିଛନ୍ତି। ଉପସ୍ଥିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ପରୀକ୍ଷା କରିଥିଲେ। ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ ଏବଂ ବିଡିଓ ସରୋଜ କୁମାର ରାଉତ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେଥିମଧ୍ୟରୁ ୧୦୫ ଜଣ ଆବେଦନକାରୀଙ୍କ ଆବେଦନକୁ ଜିଲାସ୍ତରକୁ ପ୍ରେରଣ କରାଯାଇଛି। ୩୦ଜଣଙ୍କ ଆବେଦନ ନାକଚ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ୯ଜଣଙ୍କୁ ତିନିଚକିଆ ସାଇକେଲ, ୧୨ ଜଣଙ୍କୁ ହୁଇଲ ଚେୟାର, ୩ଜଣଙ୍କୁ ୱାଲକିଙ୍ଗ ଷ୍ଟିକ, ୯ଜଣଙ୍କୁ ଅନ୍ଧ ବାଡ଼ି, ୧୬ ଜଣଙ୍କୁ ଶ୍ରବଣ ଯନ୍ତ୍ର ଏପରି ୮୦ଟି ଉପକରଣ ପ୍ରଦାନ କରାଯାଇଛି। ପ୍ରଶାସନ ପକ୍ଷରୁ ଆବଶ୍ୟକ ହୁଇଲ ଚେୟାରର ବ୍ୟବସ୍ଥା କରାଯାଇ ନ ଥିବାରୁ ଅନେକ ଦିବ୍ୟାଙ୍ଗଙ୍କୁ ନାମ ପଞ୍ଜୀକରଣ ଏବଂ ବିଶେଷଜ୍ଞଙ୍କ ସହିତ ସାକ୍ଷାତ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଏବଂ ପୌର ପ୍ରଶାସନର କର୍ମଚାରୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ସହଯୋଗ କରିଥିଲେ।

## 'ଗମନାଗମନ ଓ ଗତିଶୀଳତା' କ୍ଷେତ୍ରରେ କ୍ରୁଟ୍ ସମ୍ମାନିତ




**ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)**

ଭାରତରେ ଏକ ଅଭିନବ ବସ୍ ସେବା 'ମୋ ବସ୍'କୁ ପରିଚାଳନା କରୁଥିବା ଓଡ଼ିଶାର କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍)କୁ ପୁନଃ ସମ୍ମାନିତ କରାଯାଇଛି। ଅର୍ବାନ ଇନ୍‌ଫ୍ରା ଗ୍ରୁପ୍ ଦ୍ୱାରା ଆୟୋଜିତ ସେକେଣ୍ଡ୍ ଅର୍ବାନ୍ ଇନ୍‌ଫ୍ରା ବିଜ୍‌ନେସ୍ ସମ୍ମିଟ୍ ଆଣ୍ଡ୍ ଆୱାର୍ଡସରେ କ୍ରୁଟ୍ 'ଗମନାଗମନ ଓ ଗତିଶୀଳତା' ବିଭାଗରେ ଏହି ସମ୍ମାନ ଲାଭ କରିଛି। ସ୍ମାର୍ଟ ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପରେ କାର୍ଯ୍ୟ କରି ସକାରାତ୍ମକ ପରିବର୍ତ୍ତନ ଏବଂ ବିକାଶ ଆଣୁଥିବା ଅନୁଷ୍ଠାନମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟରେ 'ମୋ ବସ୍' ସେବା ପ୍ରଦାନ କରାଯାଉଛି। ସହରାଞ୍ଚଳ ପରିବହନ କ୍ଷେତ୍ରରେ ମୋ ବସ୍ ସେବା ଯୋଗାଉଥିବା କ୍ରୁଟ୍‌ର ସକାରାତ୍ମକ ପରିବର୍ତ୍ତନ ଓ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରୟାସ ଜାରି ରଖିଛି। ଏ ସମ୍ପର୍କରେ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ରାଜ୍ୟ ପାଇଁ ସମ୍ମାନ ଆଣିବା ଗର୍ବର ବିଷୟ। ଆମେ ଏହିଭଳି ଉତ୍ତମ ଧରଣର କାର୍ଯ୍ୟକୁ ବଜାୟ ରଖି ରାଜ୍ୟରେ ଗଣପରିବହନ କ୍ଷେତ୍ରରେ ନୂତନ ଉଦ୍ଭାବନ ଆଣିବୁ ବୋଲି ସେ ମତ ଦେଇଛନ୍ତି। କ୍ରୁଟ୍ ମହାପ୍ରବନ୍ଧକ ଦୀପ୍ତି ମହାପାତ୍ର କହିଛନ୍ତି, ଯାତ୍ରୀଙ୍କୁ ସର୍ବୋତ୍ତମ ଅଭିଜ୍ଞତା ପ୍ରଦାନ କରିବା ସହିତ ଉତ୍ତମ ସେବା ଯୋଗାଇଦେବାକୁ ଆମେ ପ୍ରଚେଷ୍ଟା ଜାରି ରଖିଛୁ। କ୍ରୁଟ୍ ଟିମ୍ ଦ୍ୱାରା କରାଯାଇଥିବା ଉତ୍ତମ କାର୍ଯ୍ୟ ଯୋଗୁ ମିଳିଥିବା ଏହି ସମ୍ମାନ ଆମକୁ ଏକ ନୂତନ ପଦକ୍ଷେପ ପାଇଁ ପ୍ରେରଣା ଯୋଗାଉଛି।

## ଫୁଲଚାଷ ବୁଲି ଦେଖିଲେ ଜିଲାପାଳ

**ବାଲିପାଟଣା, ୧୭।୧୧ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଗୁରୁବାର ପୂର୍ବାହ୍ନରେ ପଞ୍ଚାୟତ ବିଭାଗ, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ତଦାରଖ କରିବା ପାଇଁ ବାଲିପାଟଣାରେ ପହଞ୍ଚିଥିଲେ। ପ୍ରଥମେ ପମ୍ପାଲୋ ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘର ତରବୋଇ ଆଞ୍ଚଳିକ ମଞ୍ଚ ଦ୍ୱାରା କରାଯାଇଥିବା ଫୁଲ ଚାଷକୁ ବୁଲି ଦେଖିବା ସହ ଆଗକୁ ଆହୁରି ଅଧିକରୁ ଅଧିକ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଏହା ପରେ କତା ଶିଳ୍ପ, ମାଛ ଚାଷ ପ୍ରକଳ୍ପ ବୁଲି ଦେଖିବା ସହ ଉନ୍ନତମାନର ଓ ଉଚ୍ଚ କ୍ଷମତା ସମ୍ପନ୍ନ ମେଶିନ ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଥିଲେ। କୁରୁଞ୍ଜିପୁର ଠାରେ ଥିବା ମିଶନ ଶକ୍ତି ଘର ଦେଖିଥିଲେ। ରୂପାନ୍ତରିତ ହେବାକୁ ଥିବା ତିନୋଟି ସରକାରୀ ଉଚ୍ଚ ବିଦ୍ୟାଳୟ ନରିଶୋ, ପୁବାଗଡ ଓ କୁରୁଞ୍ଜିପୁର ପରିଦର୍ଶନ କରିଥିଲେ। ଖୁବ୍‌ଶୀଘ୍ର କାମ ଆରମ୍ଭ କରିବାକୁ ବିଡିଓ ଆଦିକନ୍ଦ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡିଡିଆରଡିଏ ଦିଗନ୍ତ ରାଉତରାୟ, ଡିପିସି ବିବେକ ବେହୁରିଆ, ବିପିଏମ୍ ରାଜଲକ୍ଷ୍ମୀ ପଣ୍ଡା, ଡିପିସି ଆଶାରାଣୀ ପଣ୍ଡା, ବିଜୟଲକ୍ଷ୍ମୀ ବେହେରା, ସାଗରିକା ମହାରଣା, ନିରୁପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦେବ ଦୀପାବଳିରେ ଜଳିବ ୨୦୦୦ ଦୀପ

**ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)**

ବିଶ୍ୱ କଲ୍ୟାଣ ଓ ବିଶ୍ୱଶାନ୍ତି ପାଇଁ ଆସନ୍ତା ୨୩ ତାରିଖ ପବିତ୍ର ଦେବ ଦୀପାବଳୀରେ ଶ୍ରୀରାମ ମନ୍ଦିରରେ ୨୦୦୦ ଘିଅଦୀପ ପ୍ରଜ୍ୱଳନ କରାଯିବ। ବୁଦ୍ଧ ମନ୍ଦିରଠାରେ ହାପି ଲିଭିଙ୍ଗ୍ ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଲେ, ଆମ ସଂସ୍କୃତି ଓ ପରମ୍ପରାରେ ଶ୍ରୀମନ୍ଦିର ଏବଂ ଶ୍ରୀ ଜଗନ୍ନାଥଙ୍କୁ ସମସ୍ତ କାର୍ଯ୍ୟରେ ସମ୍ପୃକ୍ତ କରାଯାଇଛି। ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିନିଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରାଦ୍ଧ ବେଶ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଚତୁର୍ଦ୍ଦଶୀ ଦିନ ମା, ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ କରାଯାଉଥିବାବେଳେ ଅମାବାସ୍ୟା ଦିନ ଦଶରଥ, କୌଶଲ୍ୟା ଓ ଶୁକ୍ଳ, ପ୍ରତିପଦାରେ ନନ୍ଦ, ଯଶୋଦା, ଦେବକୀ, ବାସୁଦେବ ଓ ଇନ୍ଦ୍ରଦ୍ୟୁମ୍ନ ଗୁଣ୍ଡିଚା ମା'ଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ କରାଯିବାର ପରମ୍ପରା ଚଳି ଆସୁଛି। ସେହି ପବିତ୍ର କାର୍ଯ୍ୟକ୍ରମକୁ ସ୍ମରଣ କରି ଗତ ୫ବର୍ଷ ହେବ ହାପି ଲିଭିଙ୍ଗ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱଶାନ୍ତି ପାଇଁ ଦୀପଦାନ କରାଯାଉଛି। ଅନୁଷ୍ଠାନ ଅଧକ୍ଷ ବାସ୍ତୁବିତ ଡ. ମନୋଜ ଲେଙ୍କା କହିଲେ,ଦେବଦିପାବଳୀରେ ପରିବାରର ମଙ୍ଗଳ ପାଇଁ ପ୍ରତ୍ୟେକ ଗୃହସ୍ଥ ଦୀପଟିଏ ଜାଳିଲେ ମାନସିକ ଶାନ୍ତି ପାଇବା ସହ ପରିବାରର ମଙ୍ଗଳ ହେବ। ପ୍ରୟାସର ସଭାପତି ଆଡ୍‌ଭୋକେଟ ବନ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥଙ୍କ ସହ ନାସାର ବୈଜ୍ଞାନିକ ଡ. ଓମ୍ ପ୍ରକାଶ ପାଣ୍ଡେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବୁଦ୍ଧ ମନ୍ଦିର ସମ୍ପାଦକ ଡ. ସୌରେନ୍ଦ୍ର କୁମାର ମହାପାତ୍ର ସୂଚନା ଦେଇଥିଲେ।




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ସଂକ୍ଷେପରେ

### ଶିଶୁ ଅଧିକାର ସମ୍ମିଳନୀ

**ବାରଙ୍ଗ, ୧୭।୧୧ (ଡି.ଏନ୍.ଏ):** ମିଳିତ ଜାତିସଂଘର ଶିଶୁ ଅଧିକାର ସମ୍ମିଳନୀ ସପ୍ତାହ ଅବସରରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ତରଫରୁ ଏକ ସଚେତନତା ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଡିବାରି, ଅନ୍ଧାରୁଆ, ଚନ୍ଦକା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସୁରକ୍ଷା ସମ୍ପର୍କିତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କର ଅଧିକାର ସାବ୍ୟସ୍ତ କରିବା ଓ ଏହାକୁ ଅକ୍ଷୁଣ୍ଣ ରଖିବା ପାଇଁ ମିଳିତ ଜାତିସଂଘ ରାଜିନାମା ଉପରେ ଆଲୋଚନା କରାଯାଇଥିଲା। ଶିଶୁ ଅଧିକାର ଦିବସର ଉଦ୍ଦେଶ୍ୟ ଏବଂ ପିଲାମାନଙ୍କ ପ୍ରତି ନାଗରିକମାନଙ୍କର କର୍ତ୍ତବ୍ୟବୋଧ ଉପରେ ଆଲୋକପାତ କରାଯାଇଥିଲା। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ମନ୍ଦାକିନୀ କର, ଉପଦେଷ୍ଟା ସୁମିତ୍ରା ଜେନା, ପ୍ରଭାତ କୁମାର ପରିଡା, ସ୍ୱର୍ଣ୍ଣଲତା ବଳିଆରସିଂହ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ କିପରି ଶିଶୁମିତ୍ର ଅନୁକୂଳ ପରିବେଶ ଓ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରିବ ଏହା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଚିବ ପ୍ରଭାତ କୁମାର ସାହୁ, ଧର୍ମାନନ୍ଦ ସୁନ୍ଦରରାୟ ଏବଂ ଅନ୍ୟ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସାମାଜିକ କର୍ମୀ ଦେବସ୍ମିତା ଦାସ ଧନ୍ୟବାଦ ଦେଇଥିଲେ।

### ପିସିଆର୍ ଗାଡ଼ିକୁ ଧକ୍କାଦେଲା ଅଟୋ

**ବାରଙ୍ଗ, ୧୭।୧୧ (ଡି.ଏନ୍.ଏ.):** ଗୁରୁବାର ରାତି ସାଢେ ୧୦ଟା ରାତିରେ ଏକ ଚଳନ୍ତା ପିସିଆର ଗାଡ଼ିକୁ ପଛପଟୁ ଧକ୍କାଦେଲା ଏକ ଅଟୋ। ଫଳରେ ଅଟୋ ଚାଳକ ଗୁରୁତର ହୋଇଥିବା ବେଳେ ନନ୍ଦନକାନନ ଥାନା ପୋଲିସ ୧୦୮ ଗାଡ଼ି ଯୋଗେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ପୋଲିସ ସୂଚନା ମୁତାବକ, ରାତିରେ ନନ୍ଦନକାନନ ଥାନା ପିସିଆର୍ ଗାଡି ପେଟ୍ରୋଲିଂ କରି ରଘୁନାଥପୁର ପଟୁ ନନ୍ଦନକାନନ ଆଡକୁ ଆସୁଥିଲେ। ହେଲେ ନନ୍ଦନକାନନ ପଟିଆ ମୁଖ୍ୟରାସ୍ତା ପୁରୁଣା ହିନ୍ଦୁସ୍ଥାନୀ ହୋଟେଲ ନିକଟରେ ପିସିଆର୍ ଗାଡିକୁ ପଛପଟୁ ପଟିଆ ପଟୁ ଦ୍ରୁତଗତିରେ ଆସୁଥିବା ଏକ ଓଡି ୦୫ ଏଆର୍ ୧୧୧୮ ନମ୍ବର ଅଟୋଟି ଧକ୍କା ଦେଇଥିଲା। ଫଳରେ ପିସିଆର୍ ଗାଡିର ପଛପଟେ ବସିଥିବା ପୋଲିସ କର୍ମଚାରୀମାନେ ସାମାନ୍ୟ ଆହତ ହୋଇଛନ୍ତି। ଅନ୍ୟପଟେ କଣ୍ଟିଲୋ ନୀଳମାଧବ ଅଞ୍ଚଳର ଅଟୋ ଚାଳକ ସନ୍ତୋଷ ମଲ୍ଲିକଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହିତ ରକ୍ତସ୍ରାବ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଅଟୋକୁ ଜବତ କରିବା ସହିତ ଗୁରୁତର ଅଟୋ ଚାଳକଙ୍କୁ ହସ୍ପିଟାଲ ପଠାଇଛନ୍ତି।

### ବାପୁଜୀ ନଗର ମାର୍କେଟ୍ ଆସୋସିଏଶନ - ବିଏମ୍‌ସି ଆଲୋଚନା

**ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟରେ ବାପୁଜୀ ନଗର ମାର୍କେଟ୍ ଆସୋସିଏଶନ୍‌ର ୩୦ଜଣ ପ୍ରତିନିଧିଙ୍କ ଉପସ୍ଥିତିରେ ଏକ ବର୍ଜ୍ୟ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରତ୍ୟେକ ଦିନ ବ୍ୟବସାୟ ପ୍ରତିଷ୍ଠାନରୁ ବାହାରୁ ଥିବା ବର୍ଜ୍ୟର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ବାପୁଜୀ ନଗର ସହରର ସବୁଠାରୁ ପୁରୁଣା ବ୍ୟବସାୟିକ ପେଣ୍ଠସ୍ଥଳି ଭାବେ ପରିଚିତ ଥିବାବେଳେ ଏହାକୁ ସ୍ୱଚ୍ଛ ରଖିବା ପ୍ରତ୍ୟେକ ବ୍ୟବସାୟୀଙ୍କ ଦାୟିତ୍ୱ ବୋଲି କମିଶନର କହିଥିଲେ। ଦୋକାନରୁ ବାହାରୁଥିବା ବର୍ଜ୍ୟକୁ ବାହାରେ ଏଣେତେଣେ ନ ପକାଇ ଡଷ୍ଟବିନ୍‌ରେ ନିଜ ନିଜ ଦୋକାନରେ ରଖି ସଫେଇ ଗାଡ଼ିକୁ ହସ୍ତାନ୍ତର କରିବା ପାଇଁ କମିଶନର ପରାମର୍ଶ ଦେଇଛନ୍ତି। ବିଏମ୍‌ସି ପକ୍ଷରୁ ଦିନକୁ ଦୁଇଥର ଆବର୍ଜନା ସଂଗ୍ରହ ସେବା ପ୍ରଦାନ କରାଯିବ।

### ଶତାୟୁ ବୃଦ୍ଧଙ୍କ ପରଲୋକ

**ବୋଲଗଡ଼, ୧୭।୧୧ (ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଲସିଂହ ଗ୍ରାମର ମଧୁ ପ୍ରଧାନଙ୍କ ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୧୦୯ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜଣେ ସଫଳ ଚାଷୀ ଭାବେ ସେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ୨୬ନଂ. ଜୋନ ଜିଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ସରପଞ୍ଚ ରମାମଣୀ ବେହେରା, ସାମାଜିକ କର୍ମୀ କ୍ଷିତିଶ ମହାପାତ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି।




୧୭।୧୧।୨୦୨୨

| | |
|---|---|
| ୩,୫୨,୧୫୧ ଟଙ୍କା | |
| ସୁନା | ୨୧ ଗ୍ରାମ |
| ରୁପା | ୩୩.୫୦୦ ଗ୍ରାମ |

# ୪ ବେଆଇନ କରତକଲ ଉପରେ ଚଢ଼ାଉ

## ୮ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଜବତ, ୪ ମାମଲା ରୁଜୁ

ନିମାପଡ଼ା,୧୭।୧୧(ଡି.ଏନ୍.ଏ.)

ପୁରୀ ବନ୍ୟ ପ୍ରାଣୀ ବନଖଣ୍ଡ, ଅସ୍ତରଙ୍ଗ ଓ ଗୋପ ବନ୍ୟପ୍ରାଣୀ ବନାଞ୍ଚଳ ଏବଂ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ଗୁରୁବାର ୪ଟି ବେଆଇନ କରତକଲ ଉପରେ ଚଢାଉ କରାଯାଇଛି। ଚଢାଉରୁ ୮ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର କରତକଲର ଯନ୍ତ୍ରାଂଶ, ଲକ୍ଷାଧିକ ଟଙ୍କାମୂଲ୍ୟର ଆକାଶି, ଶାଳ, ଆମ୍ବ, ପଣସ ଚିରାପଟା, ସେଣି, କାଠ ଆଦି ଜବତ ହୋଇଛି। ଏନେଇ ୪ କରତକଲ ମାଲିକଙ୍କ ବିରୋଧରେ ପୃଥକ୍ ପୃଥକ୍ ୪ଟି ମାମଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ବିଭାଗ ପକ୍ଷରୁ ରୁଜୁ କରାଯାଇଛି। ନିମାପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ବଜାର ଦଣ୍ଡିରେକା, ଅଇଁଶିମୂଳ ଗ୍ରାମରେ ଏହି ଚଢାଉ ହୋଇଥିଲା। ପୁରୀ ଡିଏଫ୍ଓ ପି. ରାମସ୍ୱାମୀଙ୍କ ନିର୍ଦ୍ଦେଶକ୍ରମେ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସିଏଫ୍ ଉତ୍ତମ ଗଡ଼ନାୟକ, ଅସ୍ତରଙ୍ଗ ବନାଞ୍ଚଳ ରେଞ୍ଜ ଅଧିକାରୀ ବିଚିତ୍ରାନନ୍ଦ ବେହେରା, ଗୋପ ବନାଞ୍ଚଳ ରେଞ୍ଜ ଅଧିକାରୀ ରମେଶଚନ୍ଦ୍ର ଜାନୀ, ନିମାପଡ଼ା ଫରେଷ୍ଟର ପ୍ରଦୀପ ପାଣିଗ୍ରାହୀ, ଅସ୍ତରଙ୍ଗ ଫରେଷ୍ଟର ବିରଜା ମହାପାତ୍ର, ବ୍ରହ୍ମଗିରି ଫରେଷ୍ଟର ମାନସ ବେହେରା, କଟକ ଭିଜିଲାନ୍ସ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ସଦଳବଳ ଚଢାଉ କରିଥିଲେ। ଚଢାଉରେ ଚାରିଛକ ଫାଣ୍ଡି ଅଧିକାରୀ ଶିଶିର ମହାନ୍ତି ସହାୟତା କରିଥିଲେ। ଏଥିରେ ୧ପ୍ଲାଟୁନ ସଶସ୍ତ୍ର ପୋଲିସବାହିନୀ ମୁତୟନ ହୋଇଥିଲେ। ସୂଚନାଯୋଗ୍ୟ, ତୁଳସୀପୁର ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ ଭାବେ ଚାଲୁଥିବା ୧୦/୧୨ଟି କରତକଲର ମାଲିକମାନେ ଚଢାଉ ପୂର୍ବରୁ ଖବରପାଇ କଳରୁ ମୂଲ୍ୟବାନ ଯନ୍ତ୍ରାଂଶ ଅନ୍ୟତ୍ର ଲୁଚାଇ ଦେଇଥିଲେ। ଚାରିଛକ, ତୁଳସୀପୁର ଅଞ୍ଚଳରେ ବେଧଡ଼କ ଭାବେ କରତକଲ ଚାଲୁଥିବାବେଳେ ବନ ବିଭାଗର ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାବେଳେ ଏ ଅଞ୍ଚଳରେ ବେଆଇନ କରତକଲ କୁଟୀର ଶିଳ୍ପରେ ପରିଣତ ହୋଇଥିବା ଦେଖାଯାଉଛି। ବନବିଭାଗର ଏହି ଚଢାଉ କେବଳ ଲୋକଦେଖାଣିଆ, ନାମକୁମାତ୍ର ବୋଲି ବହୁ ସ୍ଥାନୀୟ ଅଧିବାସୀ କହିଛନ୍ତି। ଏ ଦିଗରେ ବନବିଭାଗ ମନ୍ତ୍ରୀ, ସଚିବ, ବନବିଭାଗ ଭିଜିଲାନ୍ସ ଅଧିକାରୀମାନେ ଦୃଢ ଦୃଷ୍ଟି ଦେବାକୁ ଦାବି ହେଉଛି।


ବେଆଇନ କରତକଲ ଉପରେ ଚଢ଼ାଉ କରାଯାଉଛି।


ଶ୍ରୀମନ୍ଦିର ଐତିହ୍ୟ କରିଡର ପରିସରରେ ଥିବା ଏକ କୋଠାକୁ ଗୁରୁବାର ଭଙ୍ଗାଯାଉଛି।

## ଐତିହ୍ୟ କରିଡର ପରିସରରେ କୋଠା ଉଚ୍ଛେଦ

ପୁରୀ ଅଫିସ, ୧୭।୧୧

ଶ୍ରୀମନ୍ଦିର ଐତିହ୍ୟ କରିଡର ପରିସରରେ ଥିବା ଏକ କୋଠାକୁ ଗୁରୁବାର ଉଚ୍ଛେଦ କରାଯାଇଛି। ଶ୍ରୀମନ୍ଦିରର ଉତ୍ତର-ପଶ୍ଚିମ କୋଣରେ ଥିବା ଗଡ଼ନ୍ତି ଛକ ନିକଟରେ ଥିବା ଏହି ବିବାଦୀୟ କୋଠାକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ କାର୍ଯ୍ୟରେ ୨ଟି ଜେସିବି ଏବଂ ଅଗ୍ନିଶମ ବିଭାଗର ୨ଟି ଗାଡ଼ି ନିୟୋଜିତ ଥିଲା। ଏହି ସମୟରେ କୌଣସି ଅଘଟଣକୁ ଏଡ଼ାଇବା ପାଇଁ ସମ୍ପୃକ୍ତ ଅଞ୍ଚଳରେ ସର୍ବସାଧାରଣ ଓ ଯାନବାହନ ଯାତାୟାତକୁ ବନ୍ଦ କରାଯାଇ ଯାତାୟତ ଦିଗକୁ ପରିବର୍ତ୍ତନ କରାଯାଇଥିଲା। ସେହିପରି ଘଟଣାସ୍ଥଳରେ ପୋଲିସ ନିୟୋଜିତ ରହିଥିଲେ।

## ସଂକ୍ଷେପରେ

### ଜିଲାପାଳଙ୍କୁ ଦାବିପତ୍ର ଦେଲା ଇପିଏଫ୍ ପେନ୍‌ସନର ଆସୋସିଏଶନ୍

**ପୁରୀ ଅଫିସ, ୧୭।୧୧:** ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର ଆସୋସିଏଶନ୍ ପୁରୀ ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଇପିଏଫ୍ ପେନ୍‌ସନରଙ୍କୁ ୯ ହଜାର ଟଙ୍କା ପେନସନ ସହିତ ମହଙ୍ଗା ଭତ୍ତା ଏବଂ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରାଯିବାକୁ ଆସୋସିଏଶନ୍ ଦାବି କରିଛି। ଧାରଣାରେ ଆସୋସିଏଶନର ପୁରୀ ଜିଲା ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ କସ୍ତୁରୀ ଚରଣ ସୁବୁଦ୍ଧି, ବୃନ୍ଦାବନ ନାୟକ, ବିମ୍ବାଧର ସାହୁ, କମଳ ଲୋଚନ ମହାନ୍ତି, ରଘୁନାଥ ଜେନା, ବିଜୟ ସୁବୁଦ୍ଧି, ବିଜୟ ଦାସ, ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

### ଜରା ରୋଗୀ ୱାର୍ଡ ଉଦ୍‌ଘାଟିତ

**ପୁରୀ ଅଫିସ, ୧୭।୧୧:** ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୁରୁଷ ବିଭାଗରେ ବୟସ୍କ ଲୋକଙ୍କ ଚିକିତ୍ସା ପାଇଁ ୬ ଶଯ୍ୟା ବିଶିଷ୍ଟ ଜରା ରୋଗୀ ୱାର୍ଡକୁ ଗୁରୁବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର ଉଦ୍‌ଘାଟନ କରିଛନ୍ତି। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ବିରଜା ଶଙ୍କର ରଥ, ହସ୍ପିଟାଲ ମ୍ୟାନେଜର ଅନମୋଲ ମହାନ୍ତି, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ନିକ୍ଷୟ ମିତ୍ର ଅଭିଯାନ ଉଦ୍‌ଘାଟିତ

**ପୁରୀ ଅଫିସ, ୧୭।୧୧:** ଆସନ୍ତା ୨୦୨୪ ଶେଷ ସୁଦ୍ଧା ଭାରତ ଯକ୍ଷ୍ମାମୁକ୍ତ ହେବ। ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ସାକାର କରିବା ପାଇଁ ପୁରୀ ଜିଲା ସ୍ୱାସ୍ଥ୍ୟ ସମିତି (ଯକ୍ଷ୍ମା) ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ନିକ୍ଷୟ ମିତ୍ର ଅଭିଯାନକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ମିଶ୍ର ଉଦ୍‌ଘାଟନ କରିଛନ୍ତି। ଜିଲାର ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଲକ୍ଷ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୦ଜଣ ରୋଗୀଙ୍କୁ ଏହି ଯୋଜନା ଅନ୍ତର୍ଭୁକ୍ତ କରାଯାଇ ଆର୍ଥିକ ସହଯୋଗ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡା. ପ୍ରଣବ ଶଙ୍କର ଦାଶ, ଡା. ବିରଜା ରଥ, ଡା. ନିମାଇଁ ଚରଣ ଜେନା, ଡା. ସୁଦର୍ଶନ ପୋଥାଳ, ଡା. ଲଲାଟେନ୍ଦୁ ମିଶ୍ର, ଟି.ଏନ୍. ରାଓ, ଦୈତାରୀ ପଟ୍ଟନାୟକ, ସଦସ୍ୟ ବଦ୍ରି ମିଶ୍ର, ଜିଲା ଯକ୍ଷ୍ମା ନିୟନ୍ତ୍ରଣ ବିଭାଗର ସ୍ୱାସ୍ଥ୍ୟକର୍ମୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ରୋଟାରୀ କ୍ଲବ କର୍ମକର୍ତ୍ତା ଓ ହୋଟେଲିୟର ଦେବାଶିଷ କୁମାରଙ୍କ ପକ୍ଷରୁ ଏହି ସହଯୋଗ ପ୍ରଦାନ କରାଯାଇଥିଲା।

### ପୁସ୍ତକ ଉନ୍ମୋଚିତ

**ସାକ୍ଷୀଗୋପାଳ,୧୭।୧୧ (ସ୍ୱ.ପ୍ର./ ଡି.ଏନ୍.ଏ):** ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଭାଗୃହରେ ଗୁରୁବାର ପୂର୍ବାହ୍ନରେ ପ୍ରଫେସର ରବୀନ୍ଦ୍ରନାଥ ରଥ ଏବଂ ପ୍ରଫେସର ନିରୁପମା ରଥଙ୍କ ଦ୍ୱାରା ରଚିତ 'ଆଣ୍ଡାମାନ -ନିକୋବର ଦ୍ୱୀପପୁଞ୍ଜ ଇତିହାସର ପୁର୍ନରଚନା' ସମ୍ବନ୍ଧିତ ୪ଟି ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏହି ଲେଖିକା ଲେଖକ ଦ୍ୱୟ ପ୍ରଥମେ ସାକ୍ଷୀଗୋପାଳରୁ ଅଧ୍ୟାପନା ଆରମ୍ଭ କରିଥିଲେ। ପରେ ସେମାନେ ଆଣ୍ଡାମାନରେ ଦୀର୍ଘ ୪୦ ବର୍ଷର ଅଧ୍ୟାପନା ସମୟରେ ସେଠାକାର ଜନଜାତୀୟ ସଂସ୍କୃତି, ପରମ୍ପରା, ଇତିହାସ ପ୍ରତି ଆକୃଷ୍ଟ ହୋଇ ଚାରିଖଣ୍ଡ ପୁସ୍ତକ ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ରତିକାନ୍ତ ପରିଡ଼ା ସଭାପତିତ୍ୱ କରିଥିଲେ। ମୁଖ୍ୟ କିରାଣି ରାଜକିଶୋର ପତି ସ୍ୱାଗତ ଭାଷଣ ଏବଂ ପ୍ରାଧାପକ ପ୍ରଫେସର ମନୋଜ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଘୋଡ଼ାବଜାର ଶିଶୁ ବିଦ୍ୟା ମନ୍ଦିରର ରୁଦ୍ର ଦାଶ ପ୍ରଥମ


ସଂସ୍କୃତି ମହୋତ୍ସବରେ ପ୍ରଥମ ହୋଇଥିବା ରୁଦ୍ରପ୍ରସାଦ ଦାଶଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା କୃତୀ ପ୍ରତିଯୋଗୀମାନେ।

ପୁରୀ ଅଫିସ, ୧୭।୧୧

### ଜାତୀୟସ୍ତରୀୟ ଅଖିଳ ଭାରତୀୟ ସଂସ୍କୃତି ମହୋତ୍ସବ

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଗତ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଅଖିଳ ଭାରତୀୟ ସଂସ୍କୃତି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋର ବର୍ଗରେ ତତ୍କାଳ ଭାଷଣରେ ପୁରୀ ଘୋଡ଼ାବଜାର କଲେଜ ଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦଶମ ଶ୍ରେଣୀ ଛାତ୍ର ରୁଦ୍ରପ୍ରସାଦ ଦାଶ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେ ଦେଶର ୧୧ଟି କ୍ଷେତ୍ରର ଅନ୍ୟ ଛାତ୍ରୀଛାତ୍ରଙ୍କୁ ପଛରେ ପକାଇ ଏହି ସଫଳତା ପାଇଛନ୍ତି। ଏଥିସହ କିଶୋର ବର୍ଗ ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚରେ ଦଶମ ଶ୍ରେଣୀ ଛାତ୍ର ମନୋଜ କୁମାର ଆଚାର୍ଯ୍ୟ, ଛାତ୍ରୀ ପ୍ରୀତିପ୍ରଜ୍ଞା ପ୍ରିୟଦର୍ଶିନୀ ଓ ନବମ ଶ୍ରେଣୀ ଛାତ୍ରୀ ସୁଚିତ୍ରା ମହାପାତ୍ର ଦଳଗତ ଭାବେ ୩ୟ ସ୍ଥାନ ଅଧିକାର କରିଛନ୍ତି। ବାଲ୍‌ବର୍ଗ ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ ଅଷ୍ଟମ ଶ୍ରେଣୀର ଅନନ୍ୟା ଜେନା, ଆଶିଷ କୁମାର ମହାପାତ୍ର ଏବଂ ସ୍ମିତିରଞ୍ଜନ ସାହୁ ଦଳଗତ ଭାବେ ୩ୟ ସ୍ଥାନ ପାଇଛନ୍ତି। ସେହିପରି ମଧ୍ୟପ୍ରଦେଶର ଭୋପାଳରେ ୨ରୁ ୬ତାରିଖ ପର୍ଯ୍ୟନ୍ତ ଆୟୋଜିତ ଅଖିଳ ଭାରତୀୟ ବିଜ୍ଞାନ ମେଳାରେ କିଶୋର ବର୍ଗ ବିଜ୍ଞାନ ପ୍ରକଳ୍ପରେ ଦଶମ ଶ୍ରେଣୀ ଛାତ୍ର ସୀତାଂଶୁ ମହାପାତ୍ର ଭାଗନେଇ ଇସ୍ରୋ ଦ୍ୱାରା ଆଦୃତ ହୋଇଛନ୍ତି। ଏସବୁ ସଫଳତା ପାଇଁ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ଦାସ, ପରିଚାଳନା ସମିତିର କର୍ମକର୍ତ୍ତା, ଆଚାର୍ଯ୍ୟା ଆଚାର୍ଯ୍ୟ ଏବଂ ଅଭିଭାବକମାନେ ଶୁଭେଚ୍ଛା ଜଣାଇଛନ୍ତି।

## ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଶୋକସଭା

ନିମାପଡ଼ା,୧୭।୧୧(ଡି.ଏନ୍.ଏ.)

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ନୂଆକରି ଗ୍ରାମର ବରିଷ୍ଠ ଆଇନଜୀବୀ ଅମିତ କୁମାର ଭୋଇ(୫୭)ଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛି। ମୃତ୍ୟୁ ଖବର ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଅବସରରେ ଏକ ଶୋକସଭା ସ୍ଥାନୀୟ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ଲୋକନାଥ ସାହୁ, ସବ୍‌ଜଜ୍ ନୀଲିମା ପଣ୍ଡା, ମୁନ୍‌ସିଫ୍ ସୁରକ୍ଷିତ ମିଶ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଜେଏମ୍ଏଫ୍‌ସି(୧)) ମିଲନ ତାଣ୍ଡି, ଜେଏମ୍ଏଫ୍‌ସି (୨) ବ୍ରଜେଶ ମଣ୍ଡ, ନିମାପଡ଼ା ବାରଆସୋସିଏଶନ୍‌ର ସଭାପତି ଆଇନଜୀବୀ ରଣଜିତ୍ ସାହୁ, ଉପସଭାପତି ପ୍ରଭାତ ନାୟକ, ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସାହୁ, ନିମାପଡ଼ା ଜୁଡିସିଆଲ ବାର୍ ଆସୋସିଏଶନର ସଭାପତି ଗଙ୍ଗାଧର ନାୟକ, ସମ୍ପାଦକ ପ୍ରଶାନ୍ତ ରାଉତରାୟ, ବରିଷ୍ଠ ଆଇନଜୀବୀ ପ୍ରଭାତ ବେହେରା, ବ୍ରହ୍ମାନନ୍ଦ ପ୍ରଧାନଙ୍କ ସମେତ ଉଭୟ ବାର୍‌ର ଶତାଧିକ ଆଇନଜୀବୀ ଯୋଗଦେଇ ଆଇନଜୀବୀ ଭୋଇଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ଭୋଇ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟରେ ଆଇନ ପରାମର୍ଶଦାତା ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ। ସେ ଜଣେ ଶାନ୍ତ, ସରଳ, ମେଳାପି ବ୍ୟକ୍ତି ଭାବେ ପରିଚିତ ଥିଲେ।

## ୱାର୍ଡସଭ୍ୟଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ

କଣାସ,୧୭।୧୧(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନରେ ଗତ ୧୪ ତାରିଖଠାରୁ ଆରମ୍ଭ ହୋଇଥିବା କଣାସ ବ୍ଲକର ବଡାସ, କାଦୁଆ, ଗୋପୀନାଥପୁର, ଦୋଛିଆଁ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାଣି ଲୋକଙ୍କୁ ଜଣାଇବା ସହ ତା'ର ଉପଯୋଗ କିଭଳି କରିପାରିବେ ସେନେଇ ୱାର୍ଡ ସଭ୍ୟାସଭ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶିକ୍ଷାବିତ୍ କସ୍ତୁରୀ ଚମ୍ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ଅତିରିକ୍ତ ବିଡିଓ ମଙ୍ଗଳସିଂହ ହେମ୍ବ୍ରମ, ଶିକ୍ଷାବିତ୍ ସୁଦର୍ଶନ ପରିଡ଼ା ଅତିଥିଭାବେ ଯୋଗଦେଇ ୱାର୍ଡ ସଭ୍ୟାସଭ୍ୟାମାନେ ପଞ୍ଚାୟତର ଉନ୍ନତି ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିବା ଦରକାର ବୋଲି ସୂଚନା ଦେଇଥିଲେ। ପ୍ରଶିକ୍ଷକ ଭାବେ ବଂଶୀଧର ବାରିକ ଯୋଗ ଦେଇଥିବାବେଳେ ଅନୁଷ୍ଠାନର କର୍ମଚାରୀ ଲଲାଟେନ୍ଦୁ ବଡଜେନା, ସୁମିତ୍ରା ପ୍ରଧାନ, ରମାକାନ୍ତ ବଳିୟାରସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ୱାର୍ଡ ସଭ୍ୟାସଭ୍ୟଙ୍କୁ ଅତିଥି ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ କାରଣ ଦର୍ଶାଅ ନୋଟିସ

ପୁରୀ ଅଫିସ ୧୭।୧୧

### ମୁକୁଳା ଡ୍ରେନରେ ପଡ଼ି ରିକ୍ସାଚାଳକଙ୍କ ମୃତ୍ୟୁ ଘଟଣା

କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ମାର୍କେଟ ଛକ ନିକଟ ଏକ ମୁକୁଳା ଡ୍ରେନରେ ଜଣେ ରିକ୍ସାଚାଳକ ପଡ଼ି ମୃତ୍ୟୁବରଣ କରିବା ଘଟଣାରେ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ମୁଖ୍ୟ ଶାସନ ସଚିବଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ପୌର ପ୍ରଶାସନର ଅବହେଳା ଯୋଗୁ ଜଣେ ନିରୀହ ବ୍ୟକ୍ତିଙ୍କ ମୃତ୍ୟୁବରଣ ହୋଇଛି। ମୃତକଙ୍କ ପରିବାରକୁ କାହିଁକି ୭ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯିବନାହିଁ, ୬ ସପ୍ତାହ ମଧ୍ୟରେ ତା'ର ଜବାବ ଦେବାକୁ ଜାତୀୟ ମାନବ ଅଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁଯାୟୀ, ଚନ୍ଦନପୁର ଥାନା ଅନ୍ତର୍ଗତ ବୀରହରେକୃଷ୍ଣପୁର ଗ୍ରାମର ନିଧି ଭୋଇ (୪୧) ରିକ୍ସା ଟାଣି ପରିବାର ପ୍ରତିପୋଷଣ କରନ୍ତି। ଗତ ମେ ୧୮ ତାରିଖରେ ସେ ଅସାବଧାନତାବଶତଃ ମାର୍କେଟଛକସ୍ଥିତ ଏକ ମୁକୁଳା ଡ୍ରେନରେ ପଡି ମୃତ୍ୟୁବରଣ କରିଥିଲେ। ଏନେଇ କୁମ୍ଭାରପଡ଼ା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୨) ରୁଜୁ କରି ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଥିଲା। ଏ ସମ୍ପର୍କରେ ମାନବ ଅଧିକାର କର୍ମୀ ଜୟନ୍ତ କୁମାର ଦାଶ ଜାତୀୟ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ଜଣେ ଦିନ ମଜୁରିଆଙ୍କ ମୃତ୍ୟୁ ଘଟିଥିବା ଓ ତାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସେ ନିବେଦନ କରିଛନ୍ତି। ଜାତୀୟ ମାନବ ଅଧିକାର କମିଶନ ଅଭିଯୋଗ ଗ୍ରହଣ କରିବା ସହ ପୁରୀ ଜିଲାପାଳ ଏବଂ ଏସ୍‌ପିଙ୍କୁ ଏହାର ଜବାବ ମାଗିଥିଲେ। ନଳାରେ ପଡ଼ି ନିଧିଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହେବା ପରେ ଜାତୀୟ ମାନବ ଅଧିକାର କମିଶନ ପୌରପାଳିକା ଅବହେଳାକୁ ଦାୟୀ କରିବା ସହ ମାନବ ଅଧିକାର ଆଇନ ୧୯୯୩, ଧାରା ୧୮ର ଉଲ୍ଲଂଘନ ବୋଲି ଦର୍ଶାଇଛନ୍ତି। ଏହି ଆଧାରରେ ମୃତକଙ୍କ ପରିବାରକୁ କାହିଁକି ୭ଲକ୍ଷ ଟଙ୍କା କ୍ଷତିପୂରଣ ଦିଆ ନ ଯିବ ବୋଲି କମିଶନ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଜବାବ ମାଗିଛନ୍ତି।

## ଜାନୁୟାରୀ ୨୫ରୁ ମିନି ପଲ୍ଲିଶ୍ରୀ ମେଳା

ପୁରୀ ଅଫିସ, ୧୭।୧୧

ପୁରୀ ଜିଲା ପ୍ରଶାସନ ସହଯୋଗରେ ଓର୍‌ମାସ୍ ପକ୍ଷରୁ ୨୦୨୩ ଜାନୁୟାରୀ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲାଇଟ ହାଉସ ସମ୍ମୁଖରେ ମିନି ପଲ୍ଲିଶ୍ରୀ ମେଳା ହେବ। ମେଳାକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଜିଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ଏକ ବୈଠକ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ବର୍ମା ବିଭିନ୍ନ କାର୍ଯ୍ୟର ପରିଚାଳନା ଯେଉଁ ଯେଉଁ ବିଭାଗକୁ ଦାୟିତ୍ୱ ଦିଆଯାଉଛି ତାହା ନିର୍ଦ୍ଧାରିତ ସମୟ ମଧ୍ୟରେ ପାରସ୍ପରିକ ସମନ୍ୱୟ ରଖି ପୂର୍ଣ୍ଣାଙ୍ଗ କରିବାକୁ ପରାମର୍ଶ ଦେଇଥିଲେ। ଗ୍ରାଉଣ୍ଡ ବିକାଶ, ବିଦ୍ୟୁତ ଓ ପାନୀୟଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଅଗ୍ନି ନିର୍ବାପକ, ସୁରକ୍ଷା, ବ୍ୟାଙ୍କ ଏବଂ ଏଟିଏମ୍ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଷ୍ଟଲ ଖୋଲିବା ବ୍ୟକ୍ତିଙ୍କ ସୁବିଧାରେ ରହିବା ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ବିଭାଗୀୟ ଅଧିକାରୀମାନଙ୍କୁ କାର୍ଯ୍ୟ ପରିଚାଳନା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଓର୍‌ମାସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଶାନ୍ତ କୁମାର ଦାସ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।



### ସହରରେ ହେଟାବାଘ ନେଇ ଗୁଜବ

ଖୋର୍ଦ୍ଧା ଅଫିସ,୧୭।୧୧

ଖୋର୍ଦ୍ଧା ଭାଲିଆବାଡ଼ି ପମ୍ପ ହାଉସ ନିକଟରେ ଏକ ହେଟା ବାଘ ବୁଲୁଥିବା ନେଇ ଗୁଜବ ସୃଷ୍ଟି ହୋଇଛି। ଏହା ହେଟାବାଘ ନା' ଅନ୍ୟ କୌଣସି ଜନ୍ତୁ ତାହା ସ୍ପଷ୍ଟ ଜଣାପଡ଼ି ନାହିଁ। ଅନ୍ୟପଟେ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏନେଇ ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଣ୍ଡା କୁହନ୍ତି, ସହରରେ ହେଟା ବାଘ ବୁଲଥିବା ନେଇ କୌଣସି ସୂଚନା ନାହିଁ। ତଥାପି ସହରର ବିଭିନ୍ନ ଛକରେ ଏକ ଟିମ୍ ପଇଁତରା ମାରୁଛି।

## ସାମାଜିକ କର୍ମୀ ହାଡ଼ିବନ୍ଧୁ ସମ୍ମାନିତ


ସାମାଜିକ କର୍ମୀ ହାଡ଼ିବନ୍ଧୁ ପାଢ଼ୀଙ୍କୁ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ସମ୍ମାନିତ କରୁଛନ୍ତି।

କଣାସ,୧୭।୧୧(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ବଡ଼ାସ ପଞ୍ଚାୟତର ପଲ୍ଲୀଗ୍ରାମ ବୈଦ୍ୟନାଥପାଟଣାରେ ଜନ୍ମ ଗ୍ରହଣ କରିଥିବା ହାଡ଼ିବନ୍ଧୁ ପାଢୀ ସମାଜସେବାରେ ନିଜକୁ ୩୦ ବର୍ଷଧରି ଅର୍ପଣ କରିଥିବାରୁ ଭୁବନେଶ୍ୱରରେ ତାଙ୍କୁ ସମ୍ମାନିତ କରାଯାଇଛି। ଓଡ଼ିଶା କର୍ମଜୀବୀ ସାମ୍ବାଦିକ ମହାସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଭୁବନେଶ୍ୱରର ଏକ ହୋଟେଲରେ ସଭା ଆୟୋଜନ ହୋଇଥିଲା। ଏଥିରେ ପ୍ରମୁଖ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ରାଜ୍ୟ ଖାଉଟି ବିବାଦର ସମାଧାନ ଆୟୋଗର ସଭାପତି ଡ. ଦୁର୍ଗାପ୍ରସାଦ ଚୌଧୁରୀ, ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ, ପୂର୍ବତନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ ଯୋଗଦେଇଥିଲେ। ତେବେ ଅଞ୍ଚଳ ତଥା ରାଜ୍ୟରେ ହାଡ଼ିବନ୍ଧୁ ସମାଜସେବା କରି ଅନ୍ୟ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ଅତିଥିମାନେ କହିଥିଲେ। ତେଣୁ ହାଡିବନ୍ଧୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ହାଡିବନ୍ଧୁ ୩୦ ବର୍ଷଧରି ନିରବଚ୍ଛିନ୍ନ ଭାବେ ସମାଜ ସେବା କରିବା ସହ ବିଭିନ୍ନ ମାମଲାର ସମାଧାନ କରିଥିବାରୁ ସେ ସମାଜସେବୀ ଭାବେ ସମ୍ମାନିତ ହୋଇଥିଲେ ।

### ପଥର ଉତ୍ତୋଳନ ବନ୍ଦ ଦାବି

ଖୋର୍ଦ୍ଧା ଅଫିସ,୧୭।୧୧

ଖୋର୍ଦ୍ଧା ତହସିଲ ଅଧୀନ ଶଙ୍ଖାରୀ ପାହାଡ଼ ଖାତା ନଂ. ୮୪୯, ପ୍ଲଟ ନଂ.୩୫୦୨ (ପି) ଏରିଆ-ଏ୧୧.୯୦୦ଡିସିମିଲ ଜମିକୁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର ନୋଟିସ୍ ନମ୍ବର ୮୫୧୫ ତାରିଖ ୨୦୧୭ଅଗଷ୍ଟ ୮ରେ ରାଜେନ୍ଦ୍ର ପ୍ରସାଦ ସିଂ ଲିଜ୍ ନେଇଛନ୍ତି। ଟେଣ୍ଡର ନୋଟିସରେ ପ୍ରକାଶିତ ୪-ନମ୍ବର ନିୟମ ଅନୁଯାୟୀ ଉକ୍ତ ଜମିକୁ ଲିଜ୍ ନେଇଥିବା ବକ୍ତି ସେହି ଜମି ନିକଟରେ ଥିବା ଜମି ମାଲିକଙ୍କ ନିକଟରୁ ପଥର ଖନନ ନିମନ୍ତେ ସ୍ୱୀକୃତି ନେବା ଆବଶ୍ୟକ। ତେବେ ଟେଣ୍ଡରରେ ଦର୍ଶାଯାଇଥିବା ନିୟମକୁ ଉଲ୍ଲଂଘନ କରାଯାଇଛି। ରାଜେନ୍ଦ୍ରଙ୍କ ଉତ୍ତରାଧିକାରୀ ମିଲନ ସିଂ ଉକ୍ତ ଜମିର ନିକଟବର୍ତ୍ତୀ ଜମି ମାଲିକଙ୍କ ବିନା ସ୍ୱୀକୃତିରେ ପଥର ଖନନ କରୁଛନ୍ତି। ଫଳରେ ପଥର ଉତ୍ତୋଳନ ସମୟରେ ପଥର ଖଣ୍ଡ ଚାଷ ଜମିରେ ପଡ଼ି ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏ ନେଇ ସେ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପୁରୀ, ଖୋର୍ଦ୍ଧା ଉପଜିଲାପାଳ, ରାଜ୍ୟ ପ୍ରଦୂଷଣ ନିୟମନ୍ତ୍ରଣ ବୋର୍ଡ, ବନଖଣ୍ଡ ଅଧିକାରୀ ଖୋରଧାଙ୍କ ନିକଟରେ ଲିଖିତ ଭାବରେ ଅଭିଯୋଗ କରିବା ସହିତ କ୍ଷତିପୂରଣ ଦାବି କରିଛନ୍ତି।

## ଗଣମାଧ୍ୟମ ଚାପମୁକ୍ତ ହେବା ଜରୁରୀ

ପିପିଲି,୧୭।୧୧(ସ୍ୱ.ପ୍ର./ଡି.ଏନ୍.ଏ)

ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ପିପିଲିର ଖଣ୍ଡିଆଗିରିସ୍ଥିତ ମାଣିକ ଗାର୍ଡେନରେ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବାବେଳେ ଉପସଭାପତି ରାଜକିଶୋର ସ୍ୱାଇଁ ଅଧକ୍ଷତା କରିଥିଲେ। ସଭାରେ ପ୍ରମୁଖ ଅତିଥି ଭାବେ ବିଧାୟକ ସୁରେଶ ରାଉତରାୟ, ଅମର ପ୍ରସାଦ ଶତପଥୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଚେନ୍ନାଇର ଶିଳ୍ପପତି ଜି. ରଙ୍ଗନାଥନ,ଫୁଲବାଣୀ ପୌର ଅଧକ୍ଷା ସ୍ମିତାରାଣୀ ମହାନ୍ତି, ଭାଜପା ନେତା ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଚାରୀ ବିଭୂତି ଦାସ ମହାରାଜ, ଜାତୀୟ ସଫ୍ଟ ଟେନିସ କୋଚ ବିକାଶ ପଟ୍ଟନାୟକ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ, ମୁମ୍ବାଇର ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ପାଣ୍ଡେ ପ୍ରମୁଖ ଯୋଗଦେଇ ପରିବର୍ତ୍ତିତ ପରିସ୍ଥିତିରେ ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଉପରେ ଗୁରୁତ୍ୱାରୋପ କରିବା ସହ ଗଣମାଧ୍ୟମ ଚାପ ମୁକ୍ତ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିମାନେ ଜଣେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ରାଜ୍ୟରେ ସାମ୍ବାଦିକ ସୁରକ୍ଷା ବିଲ୍ କାର୍ଯ୍ୟକାରୀ କରିବା ଓ ସ୍ୱାସ୍ଥ୍ୟ ବୀମାକୁ ୨ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିବାକୁ ସଭାରେ ଦାବି ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ପିପିଲି ଶାନ୍ତି କମିଟି ଅଧକ୍ଷ ବିକ୍ରମ କେଶରୀ ସିଂହ, ବ୍ଲକ ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ବିଜେଡି ରାଜ୍ୟ ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ, ନଗରପାଳ ସେକ ବାବୁ, ଉପନଗରପାଳ ଭାଗ୍ୟବତୀ ମହାରାଣା, ଧୀରେନ୍ଦ୍ର ନାଥ ଦାସ, ଭୁବନେଶ୍ୱର ସାମ୍ବାଦିକ ସଂଘ ସଭାପତି ପ୍ରତାପ ପ୍ରଧାନ, ଉତ୍କଳ ସାମ୍ବାଦିକ ସଂଘର କୋଷାଧକ୍ଷ ରାଜେନ ଚୌଧୁରୀ, ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ମିହିର ରାୟ, ପିପିଲି ବ୍ଲକ ଅଧକ୍ଷା ଦେବସ୍ମିନୀ ନନ୍ଦ, ସୁନୀଲ ପଣ୍ଡା, ରମାକାନ୍ତ ସାହୁ, ରମେଶ ଶତପଥୀ, ନିରୁପମା ପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୧୩ ଜିଲାର ବରିଷ୍ଠ ସାମ୍ବାଦିକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୨୦୦ରୁ ଅଧିକ ପ୍ରତିଭାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରେସ୍ କ୍ଲବର କୋଷାଧକ୍ଷ ହେମନ୍ତ ସେଠୀ ଧନ୍ୟବାଦ ଦେଇଥିଲେ।

**ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ମୁଗ ବିହନ ମିଳିଲା**

ଟିଗିରିଆ, (ଡି.ଏନ.ଏ): ଚଳିତ ବନ୍ୟାରେ ଟିଗିରିଆ ବ୍ଲକରେ କ୍ଷତିଗ୍ରସ୍ତ ହୋଇଥିବା ୩ ପଞ୍ଚାୟତର ଚାଷୀଙ୍କୁ ମୁଗ ବିହନ ପ୍ରଦାନ କରାଯାଇଛି। ଟିଗିରିଆ ବ୍ଲକ ଆତ୍ମା କମିଟି ଅଧକ୍ଷ ହରେନ୍ଦ୍ର ଦଳେଇ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଟିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ ବଡ଼ନାଉପୁଟ, ହାଟମାଳ ଓ ଗଦାଧରପୁର ପଞ୍ଚାୟତରେ ଏହି ବଣ୍ଟନ କାର୍ଯ୍ୟ କରିଥିଲେ। ଏହି ଅବସରରେ ବଡ଼ନାଉପୁଟରେ ୬୦୦, ହାଟମାଳରେ ୫୦୦ ଓ ଗଦାଧରପୁର ପଞ୍ଚାୟତରେ ୬୦୦ ମୁଗବିହନ କିଟ୍ ମୁଗ ଚାଷୀଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଟିଗିରିଆ ବ୍ଲକ ସହକାରୀ କୃଷି ଅଧିକାରୀ ଦେବୀପ୍ରସାଦ ପୃଷ୍ଟି, ପୂର୍ବତନ ସମିତି ଅଧକ୍ଷ ଗୌରହରୀ ପରିଡା, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାରସାମ୍ୟ ହରାଇ କେନାଲକୁ ଖସିଲା କାର୍

**ଗାଡ଼ି ଚାଳନା ଶିଖୁଥିବାବେଳେ ଦୁର୍ଘଟଣା**



**ସାଲେପୁର,୧୭।୧୧(ଡି.ଏନ୍.ଏ.):** ସାଲେପୁର ଥାନା ଅନ୍ତର୍ଗତ ରୋଧପୁର ଗ୍ରାମରେ ଗୁରୁବାର ଏକ କାର ୬ ନଂ.କେନାଲକୁ ଖସିପଡ଼ିଛି। ସୌଭାଗ୍ୟବଶତଃ ଗାଡ଼ି ଚାଳକ ରକ୍ଷା ପାଇଯାଇଛନ୍ତି। ସେ ହେଲେ ବଟେଶ୍ୱର ଗ୍ରାମର ବିଚିତ୍ରାନନ୍ଦ ପଣ୍ଡାଙ୍କ ପୁଅ ତାରିଣୀ ପଣ୍ଡା। ସେ ଏକ ନୂତନ କାର ନେଇ ଉକ୍ତ କେନାଲ ପୋଲ ଦେଇ ବ୍ୟାରେଜ ପଡ଼ିଆକୁ ଶିଖିବାକୁ ଯାଉଥିଲେ। ଏହି ସମୟରେ ଭାରସାମ୍ୟ ହରାଇ କାର୍‌ଟି କେନାଲ ତଳକୁ ଖସିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ କାର୍‌ଟିକୁ ହାଇଡ୍ରା ସାହାଯ୍ୟରେ କେନାଲ ମଧ୍ୟରୁ ଉଦ୍ଧାର କରାଯାଇଛି।

### ଫାର୍ମାସି ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

**ସାଲେପୁର,୧୭।୧୧(ଡି.ଏନ୍.ଏ.):** ସାଲେପୁର ଥାନା ଅନ୍ତର୍ଗତ କଲେଜରୋଡସ୍ଥିତ ଶ୍ରୀକ୍ଷେତ୍ର ହଷ୍ଟେଲରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଗୁରୁବାର ସନ୍ଧ୍ୟାରେ ଜବତ ହୋଇଛି। ସେ ହେଲେ ସାଲେପୁର ଫାର୍ମାସୀ କଲେଜ ବି.ଫାର୍ମା ଶେଷବର୍ଷ ଛାତ୍ରୀ ବିଷ୍ଣୁପ୍ରିୟା ଦାଶ(୨୧)। ସେ ନିଜ କୋଠରିରେ ଫ୍ୟାନରେ ଓଢ଼ଣି ବାନ୍ଧି ଝୁଲୁଥିବା ଦେଖି ସହପାଠୀମାନେ ପୋଲିସରେ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### ଛାତ୍ରୀଙ୍କୁ କମେଣ୍ଟ, ଯୁବକ ଗିରଫ

**ମଙ୍ଗୁଳି/ଜଗତପୁର,୧୭।୧୧(ଡି.ଏନ୍.ଏ.):** ଛାତ୍ରୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ମଠସାହିର ସିପୁନ ଓରଫ ଗୁରୁଚରଣ ସାହୁ(୨୧)। ପ୍ରତିଦିନ ଛାତ୍ରୀ ଜଣକ ଜଗତ୍‌ପୁରସ୍ଥିତ ନିମପୁର ଛକ ଦେଇ ସ୍କୁଲ ଯାଉଥିବାବେଳେ ସିପୁନ ତାଙ୍କୁ ବାଟରେ ଅଟକାଇ କମେଣ୍ଟ କରିଥାଏ। ଏଥିରେ ଛାତ୍ରୀ ଜଣକ ଅତିଷ୍ଠ ହୋଇ ତାଙ୍କ ମାଆଙ୍କୁ ଜଣାଇଥିଲେ। ପରେ ସମ୍ପୃକ୍ତା ଛାତ୍ରୀ ବୁଧବାର ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା(ନଂ.୪୮୫/୨୨) ରୁଜୁ କରିଛି।

### ସିଆର୍‌ସିସିଙ୍କୁ ଦୁର୍ବ୍ୟବହାର

**କଣ୍ଟାପଡା,୧୭।୧୧(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ଜଣେ ସିଆରସିସିଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଓଲଟପୁର ଥାନାରେ ବୁଧବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୨୨/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ପୂର୍ଣ୍ଣାନନ୍ଦ ବେହେରା କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀ(ବିଇଓ) ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଅଧୀନରେ ରାଧାମୋହନ ଯୁଜି ହାଇସ୍କୁଲ କ୍ଲଷ୍ଟରରେ ପ୍ରାଥମିକ ଶିକ୍ଷକତା ସହିତ ସିଆରସିସି ଭାବେ କାର୍ଯ୍ୟ କରନ୍ତି। ଗତ ଅଗଷ୍ଟ ୩ ତାରିଖରେ ଶୃଙ୍ଖଳାଭଙ୍ଗ ଅଭିଯୋଗରେ ବ୍ଲକ ଶିକ୍ଷାଧିକାରୀ ପୂର୍ଣ୍ଣାନନ୍ଦଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଥିଲେ। ୮ ତାରିଖରେ ପୂର୍ଣ୍ଣାନନ୍ଦ ଏହାର ଉତ୍ତର ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଦାଖଲ କରିଥିଲେ। ହେଲେ ଏଥିରେ ସେ ସନ୍ତୁଷ୍ଟ ନ ହୋଇ ବିଭିନ୍ନ ଉପାୟରେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇଥିଲେ। ଗତ ଅକ୍ଟୋବର ୨୨ରେ ସେ ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ବ୍ଲକ ଶିକ୍ଷାଧିକାରୀ ତାଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ଗାଳିଗୁଲଜ କରିଥିଲେ ବୋଲି ପୂର୍ଣ୍ଣାନନ୍ଦ ଏତଲାରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ପ୍ରଧାନ କହିଛନ୍ତି, ପୂର୍ଣ୍ଣାନନ୍ଦଙ୍କ ବିରୋଧରେ କେତେକ ଅଭିଯୋଗ ଆସିଥିଲା। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବାରୁ ସେ ଏପରି କରିଛନ୍ତି।

# ରାସ୍ତା ଉପରେ ଚାଷୀଙ୍କ ଧାରଣା

**ବାଙ୍କୀ,୧୭।୧୧(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଅନ୍ତର୍ଗତ ଗୋଳାଗଣ୍ଡ ପଞ୍ଚାୟତକୁ ଆସିଥିବା ୫୫୦ପ୍ୟାକେଟ ମୁଗ ବିହନରେ ହେରଫେର ହୋଇଥିବା ଅଭିଯୋଗ କରି ରଜୀବ ଗ୍ରାମର କେତେଜଣ ଚାଷୀ ବୈଦେଶ୍ୱର-ବାଙ୍କୀ ଚାଷୀ ରାସ୍ତା ଉପରେ ଧାରଣା ଦେଇଥିଲେ। ଫଳରେ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ସରକାରଙ୍କ ପକ୍ଷରୁ ରବିଫସଲ ପାଇଁ ସେମାନଙ୍କୁ ୪ କିଲୋ ଗ୍ରାମର ଏକ ମୁଗ ବିହନ ପ୍ୟାକେଟ ଯୋଗାଇ ଦିଆଯାଉଛି। ମାତ୍ର ସ୍ଥାନୀୟ ଅଞ୍ଚଳର ଲୋକପ୍ରତିନିଧିଙ୍କ ହାତବାରୀସି ସାଜି କିଛି ନେତା ଏସବୁ ମୁଗ ବିହନ ପ୍ୟାକେଟ୍ ଦଳୀୟ କର୍ମୀଙ୍କୁ ବଣ୍ଟନ



ବୈଦେଶ୍ୱର-ବାଙ୍କୀ ରାସ୍ତାରେ ଚାଷୀମାନେ ଧାରଣାରେ ବସିଛନ୍ତି।

କରୁଛନ୍ତି। ଏନେଇ ଭି.ଏ.ଡବ୍ଲ୍ୟୁ ଭରତ ଚନ୍ଦ୍ର ବେହେରାଙ୍କୁ କେତେଜଣ ଚାଷୀ ଅଟକ ରଖି ପଚରାଉଚୁରା କରୁଥିବା ବେଳେ ସମ୍ପୃକ୍ତ ଲୋକପ୍ରତିନିଧିଙ୍କ

**ମୁଗ ବିହନରେ ହେରଫେର ଅଭିଯୋଗ**

ସମର୍ଥକ ଆସି ଗଣ୍ଡଗୋଳ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବୈଦ୍ୟେଶ୍ୱର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଚାଷୀମାନେ ରାସ୍ତାରେ ଧାରଣା ଦେଇ ପ୍ରତିବାଦ କରିଥିଲେ। ଏହି ଧାରଣାରେ ଚାଷୀ ସିଦ୍ଧେଶ୍ୱର ପାଇକ ରାୟ, ସୁଧୀର ଚନ୍ଦ୍ର ନାୟକ, ବିଜୟ ବରାଡ, ରାଜୀବ ବରାଡ, ବ୍ରଜବନ୍ଧୁ ବରାଡ, ଗଣେଶ ପାଇକରାୟ, ପ୍ରମୋଦ ବାରିକ, ରମେଶ ସେନାପତି, ମଧୁସୂଦନ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

# ୧୨୭ ପ୍ୟାକେଟ ନକଲି ଚା' ପତି ଜବତ

**ନିଶ୍ଚିନ୍ତକୋଇଲି,୧୭।୧୧(ସ୍ୱ.ପ୍ର.)**

କଟକ ଜିଲା ବିଭିନ୍ନ ପ୍ରକାର ନକଲି ସାମଗ୍ରୀ ଓ ଅପମିଶ୍ରଣର ପେଣ୍ଠସ୍ଥଳ ପାଲଟିଛି। ଏହାସତ୍ତ୍ୱେ ପୋଲିସ ପକ୍ଷରୁ କେବଳ ନାମକୁ ମାତ୍ର ଚଢ଼ାଉ କରାଯାଉଥିବାରୁ ଏହି କାରବାର ଦିନ ଦିନକୁ ବଢ଼ିଚାଲିଛି। ଗୁରୁବାର ଏହି ଜିଲାର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟିକଟା ବଜାରରୁ ୧୨୭ ପ୍ୟାକେଟ୍ ନକଲି ଚା' ପତି ଜବତ ହୋଇଛି। ଏକ ବଡ ବ୍ରାଣ୍ଡ ନାଁରେ ଏସବୁ ଚା'ପତି ବିକ୍ରି କରାଯାଉଥିବା ଜଣାପଡ଼ିଛି। ଏସବୁ ଚା'ପତି ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା ବଜାରର ସେକ ରିଜୁଆନଙ୍କ ଗ୍ରୋସେରି ଦୋକାନୀରୁ

**କମ୍ପାନୀ ଅଭିଯୋଗ ପରେ ପୋଲିସର ପଦକ୍ଷେପ**

ମିଳିଛି। ଏନେଇ ଥାନାରେ ମାମଲା (ନଂ. ୧୯୬/୨୨) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚାରଉଚୁରା କରାଯାଉଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ କହିଛନ୍ତି। ସମ୍ପୃକ୍ତ ବ୍ରାଣ୍ଡ ନାଁରେ ନକଲି ସାମଗ୍ରୀ ବିକ୍ରି କରାଯାଉଥିବା ନେଇ କମ୍ପାନୀ ପକ୍ଷରୁ ପ୍ରଦୀପ୍ତ ଘୋଷ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନିଶ୍ଚିନ୍ତକୋଇଲି ଓ କଟିକଟା ବଜାରର କିଛି ଦୋକାନ ଉପରେ ଚଢ଼ାଉ କରି ଉପରୋକ୍ତ ନକଲି ସାମଗ୍ରୀ ଜବତ କରିଛି।

# ୯୦ ଭୂମିହୀନ ଚାଷୀଙ୍କୁ ଆର୍ଥିକ ସହାୟତା



ଭୂମିହୀନ ଚାଷୀଙ୍କୁ ଆର୍ଥିକ ସହାୟତା ଦିଆଯାଉଛି।

**ବାଙ୍କୀ,୧୭।୧୧(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଅନ୍ତର୍ଗତ ରତାଗଡ (ଗୋବିନ୍ଦପୁର) ପଞ୍ଚାୟତର ଅସ୍ଥାୟୀ କାର୍ଯ୍ୟାଳୟରେ ସରପଞ୍ଚ ଭାଗ୍ୟଲକ୍ଷ୍ମୀ ମହାପାତ୍ରଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭୂମିହୀନ ଚାଷୀଙ୍କ ଜୀବିକା ନିର୍ବାହ ନିମନ୍ତେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ୯୦ ଜଣଙ୍କୁ ଛେଳି, କୁକୁଡା, ଗୁହାଳ ଓ ବତକ ଚାଷ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଉଦ୍ୟାନ ବିଭାଗ କର୍ମଚାରୀ ଦୋଳଗୋବିନ୍ଦ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ମାନସ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସେହିପରି ରତାଗଡ଼ ପଞ୍ଚାୟତର ବନ୍ୟା କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମୁଗ ବିହନ ବଣ୍ଟନ କରାଯାଇଥିଲା। ଏହି ଅବସରରେ ସରପଞ୍ଚ ଭାଗ୍ୟଲକ୍ଷ୍ମୀ ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ମାନସ ମହାପାତ୍ର, ନାଏବ ସରପଞ୍ଚ ସୁରସେନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ଅକ୍ଷୟ ମହାନ୍ତି ଥିଲେ ମୁକୁଟବିହୀନ ସମ୍ରାଟ'



କନିକା ଛକଠାରେ ଥିବା ଅକ୍ଷୟ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ଉତ୍କଳ ସାହିତ୍ୟ କଳା ପରିଷଦର ସଦସ୍ୟମାନେ।

**କଟକ ଅଫିସ, ୧୭।୧୧**

**ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ**

ପ୍ରଖ୍ୟାତ କଣ୍ଠଶିଳ୍ପୀ ତଥା ସାହିତ୍ୟିକ ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ କଟକ କନିକାଛକସ୍ଥିତ ଅକ୍ଷୟ ମହାନ୍ତି ପାର୍କଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଷଦର ସାଧାରଣ ସମ୍ପାଦକ ତଥା ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ। ଏଥିରେ ପୂର୍ବତନ ପ୍ରଶାସକ ବଂଶୀଧର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ସାଧନା ଓଡ଼ିଆ ଜାତି ପାଇଁ ଗୌରବ ଆଣିଛି। ଜଣେ ପ୍ରସିଦ୍ଧ ସଙ୍ଗୀତ ସାଧକ, କଣ୍ଠଶିଳ୍ପୀ, ଗୀତିକାର ଭାବେ ସେ ସୁବିଦିତ ଥିଲେ। ଯଥାର୍ଥରେ ସେ ଓଡ଼ିଆ ସଙ୍ଗୀତ ଜଗତର ମୁକୁଟବିହୀନ ସମ୍ରାଟ ଥିଲେ ବୋଲି ରାଉତ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସଙ୍ଗୀତ ସଂଯୋଜକ କୈଳାସ ଚନ୍ଦ୍ର ଶତପଥୀ, ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ଗୋପୀନାଥ ପଣ୍ଡା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୌତମ କର, ଅଜିତ୍ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ଦିଲ୍ଲୀପ କୁମାର ଦାସ, ଦୀନବନ୍ଧୁ ସାହୁ, ଭୁବନାନନ୍ଦ ମହାନ୍ତି, ବିଚିତ୍ରାନନ୍ଦ ଦାଶ, ମୁରଲୀଧର ଶତପଥୀ, ପ୍ରଭାକର ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶ୍ରୀନିବାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ

**ଚୌଦ୍ୱାର,୧୭।୧୧(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅଧୀନ କୋଟିଳାନୂଆଗାଁରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆମ୍ବିଳିଝରୀସ୍ଥିତ ଓଡ଼ିଶା ଆଦିବାସୀ ଫାଉଣ୍ଡେଶନ ଓ କୋଟିଳାନୂଆଗାଁ ଶହୀଦ ବିର୍ସା ମୁଣ୍ଡା ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ୍ ପ୍ରଧାନ, ସରପଞ୍ଚ ଦେବେନ୍ଦ୍ର ପାଣ୍ଡବ, ସମିତି ସଭ୍ୟା ମମତା ସାମାଡ଼, କଣ୍ଠଶିଳ୍ପୀ ସଞ୍ଜୟ କୁମାର ପୂର୍ତ୍ତି, ରାମସିଂ ହେମ୍ବ୍ରମ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଜୀବନ ଉପରେ ଆଲୋକପାତ କରିଥିଲେ। ଗମନ କଳାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହସମ୍ପାଦକ କୃଷ୍ଣଚନ୍ଦ୍ର ସାଣ୍ଡିଲ ସ୍ୱାଗତ ଭାଷଣ ଓ ରମାକାନ୍ତ ଜାରିକା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୩୨ଟି ଆଦିବାସୀ ଟିମ୍‌କୁ ନେଇ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଚାମ୍ପିୟନ୍ ଓ ରନର୍ସ ଅପ୍ ଟିମ୍‌କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶ୍ରୀରାମ ହାଇବ୍ରୁ, ନିରଞ୍ଜନ ମହାନ୍ତ, ସନାତନ ହେସା, ବାସନ୍ତୀ ତିୟୁ, ଶୁଭଶ୍ରୀ ସୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରିଲିଫ ଅର୍ଥ ନ ମିଳିବାରୁ ବନ୍ୟାବିପନ୍ନଙ୍କ ଧାରଣା



ବିଡିଓ ଶ୍ୟାମଳ କୁମାର ରାୟ ଧାରଣାକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ବାଙ୍କୀ,୧୭।୧୧(ସ୍ୱ.ପ୍ର.)**

ବାଙ୍କୀ ଓ ଡମପଡ଼ା ବ୍ଲକରେ ଗତ ବନ୍ୟାରେ ବହୁ ଅଞ୍ଚଳ ୧୦ରୁ ଊର୍ଦ୍ଧ୍ୱ ଦିନ ପାଣି ଘେରରେ ଥିଲା। ସରକାରଙ୍କ ପକ୍ଷରୁ ବନ୍ୟା ବିପନ୍ନମାନଙ୍କୁ ରିଲିଫ ଅର୍ଥ ସେମାନଙ୍କ ବ୍ୟାଙ୍କ ଖାତାକୁ ପଠାଯିବ ବୋଲ କୁହାଯାଇଥିଲା । ମାତ୍ର ଡମପଡ଼ା ବ୍ଲକ ହରିରାଜପୁର ପଞ୍ଚାୟତ ଅନ୍ତର୍ଗତ ହରିଜନ ସାହିର ୫୦ରୁ ଊର୍ଦ୍ଧ୍ୱ ପରିବାର ଏହି ଅର୍ଥ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରି ଗୁରୁବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଖବରପାଇ ବିଡିଓ ଶ୍ୟାମଳ କୁମାର ରାୟ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ସେ କହିଥିଲେ ସମସ୍ତ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ନାମରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଚେକ୍ ଇସ୍ୟୁ କରାଯାଇଛି। ମାତ୍ର କେତେଜଣ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଆଇଏଫ୍‌ଏସସି କୋଡ୍ ଭୁଲ ଥିବାରୁ ସେମାନଙ୍କ ଖାତାକୁ ଟଙ୍କା ଯାଇପାରୁନାହିଁ ବୋଲି ବୁଝାଇଥିଲେ। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ କରାଯାଇ ରିଲିଫ ଟଙ୍କା ପଠାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ମହାନଦୀ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

**ସାଲେପୁର,୧୭।୧୧(ଡି.ଏନ୍.ଏ.)**

ଦ୍ୱୀପାଞ୍ଚଳର ଶାସ୍ତ୍ରିଜୀ କଲ୍‌ଚରାଲ୍ ଆସୋସିଏଶନ୍ ପକ୍ଷରୁ ୨ଦିନ ବ୍ୟାପୀ ମହାନଦୀ ନାଟ୍ୟ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଗୁରୁବାର ଏହି ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ. ସଙ୍ଗୀତା ମିଶ୍ର ଯୋଗଦେଇ ଅନୁଷ୍ଠାନର ଏତାଦୃଶ କାର୍ଯ୍ୟ ମଧୁମାଟି ସାଲେପୁର ପାଇଁ ଏକ ସାଂସ୍କୃତିକ ଭାଇଚାରା ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅରୁଣାଚଳ ପ୍ରଦେଶ



ମହୋତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କେନ୍ଦ୍ରୀୟ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ମୁରଲୀଧର ରାୟଗୁରୁଙ୍କ ସମେତ ସ୍ଥାନୀୟ ସରପଞ୍ଚ ମନମୋହନ ସ୍ୱାଇଁ, ସମିତିସଭ୍ୟା ଗୀତାଞ୍ଜଳି ଆଚାର୍ଯ୍ୟ, ଶିକ୍ଷାବିତ୍ ହେମନ୍ତ ନନ୍ଦ, ବିଷ୍ଣୁଚରଣ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ ସ୍ୱାଇଁ, ତିଳକଣା ସରପଞ୍ଚ ବିଶ୍ୱନାଥ ପଣ୍ଡା, ଅତିରିକ୍ତ ଶିକ୍ଷାମଣ୍ଡଳ ଅଧିକାରୀ ଅଶୋକ ପତି ଯୋଗଦେଇଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ରଞ୍ଜନ ପରିଡ଼ା ସଭାପତିତ୍ୱ କରିଥିଲେ। ଏହି ଅବସରରେ ବହୁ ବ୍ୟକ୍ତି ବିଶେଷଙ୍କୁ ଶାସ୍ତ୍ରିଜୀ ନବରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ପତ୍ରିକା ସମ୍ପାଦକ ଅକ୍ଷୟ ସ୍ୱାଇଁ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ପୁରୁଷୋତ୍ତମ ଆଦର୍ଶ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଣଶିକ୍ଷକମାନେ ଏଥିରେ ସହଯୋଗ କରିଥିଲେ।

# ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର

**ଆଠଗଡ଼,୧୭।୧୧(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ ମହାକାଳବସ୍ତ ପଞ୍ଚାୟତର ଦହିସରା ଗ୍ରାମ ବନ୍ୟା ଆଶ୍ରୟସ୍ଥଳଠାରେ ଗୁରୁବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଜରୁରିକାଳୀନ ବିଭାଗ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଆୟୁକ୍ତଙ୍କ ମିଳିତ ଆନୁକୂଲ୍ୟରେ ତଥା ଆଠଗଡ଼ ପଞ୍ଚାୟତ ସମିତି ସଂଯୋଜନାରେ ଏହି ଶିବିର ଆୟୋଜିତ ହୋଇଯାଇଛି। ଏହା ୨୩ତାରିଖ ଯାଏଁ ଚାଲିବ। ଶିବିରରେ ବିଭିନ୍ନ ଗ୍ରାମର ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ସଦସ୍ୟା, ସଦସ୍ୟ, ସନ୍ଧାନୀ, ଉଦ୍ଧାରକାରୀ ସଦସ୍ୟା, ସଦସ୍ୟ ଓ ଆଶୁ ଚିକିତ୍ସା ବିଭାଗର ସଦସ୍ୟଙ୍କୁ ମିଶାଇ ମୋଟ ୭୫ ଜଣଙ୍କୁ ତାଲିମ ଦିଆଯିବ। ବନ୍ୟା, ବାତ୍ୟା ସମୟରେ ଲୋକଙ୍କୁ କ'ଣ କରିବାକୁ ହେବ ସେନେଇ ଜ୍ଞାନ କୌଶଳ ସମ୍ବନ୍ଧରେ ତାଲିମ ଦିଆଯିବ। ଆଠଗଡ ତହସିଲଦାର ପ୍ରିୟବ୍ରତ ଦାସ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଆଠଗଡ଼ ବ୍ଲକ ଉପାଧକ୍ଷ ସୁବାସ ମଲ୍ଲିକ, ନାଏବ ସରପଞ୍ଚ ଅଶୋକ ରାଉଳ ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ପ୍ରଶିକ୍ଷକଭାବେ ମୃଗାଙ୍କ ଶେଖର ଛୋଟରାୟ ଓ ପ୍ରମୋଦ ରାଉତ ପ୍ରମୁଖ ତାଲିମ ପ୍ରଦାନ କରିବେ। ଆଠଗଡ଼ ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଗନ ବିହାରୀ ଷଡ଼ଙ୍ଗୀ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଲେଖ ବିହାରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।



ଶିବିରରେ ଯୋଗଦେଇଥିବା ବିପର୍ଯ୍ୟୟ ପରିଚାଳନା ସଦସ୍ୟା, ସଦସ୍ୟ ଓ ଅନ୍ୟମାନେ।

# ଶ୍ୱଶୁରଘର ଆଗରେ ବୋହୂଙ୍କ ଧାରଣା

**ନରସିଂହପୁର,୧୭।୧୧**

**୧୯ ଦିନ ପରେ ବି ପ୍ରଶାସନ ନୀରବ**

ପ୍ରେମ ପରେ ବିବାହ କରିବାକୁ ମନା କରିବାରୁ ପୋଲିସ ଉପସ୍ଥିତିରେ ବିବାହ ହୋଇଥିଲା। ସ୍ତ୍ରୀଙ୍କୁ ଘରକୁ ଆଣୁ ନ ଥିଲେ। ଅପରପକ୍ଷେ ଚାକିରି କରିବା ନାଁରେ ସ୍ତ୍ରୀଙ୍କଠାରୁ ୨ ଲକ୍ଷ ଟଙ୍କା ନେଇଯିବା ପରେ ଆଉ ଧରା ଦେଉ ନ ଥିଲେ। ସମ୍ପୃକ୍ତ ମହିଳା ସ୍ତ୍ରୀ ଅଧିକାର ଦାବି କରି ଶେଷରେ ଶ୍ୱଶୁର ଘର ଆଗରେ ଧାରଣା ଦେଇଛନ୍ତି। ଧାରଣାକୁ ଇତିମଧ୍ୟରେ ୧୯ ଦିନ ବିତିଯାଇଥିଲେ ମଧ୍ୟ ଶ୍ୱଶୁରଘର ଲୋକେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଅପରପକ୍ଷେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏଭଳି ଘଟଣା କଟକ ଜିଲା କାନପୁର ଥାନା ଅଧୀନ ଏକଡାଳ ଗ୍ରାମରେ ଦେଖିବାକୁ ମିଳିଛି। ବଡ଼ମ୍ବା ଥାନା ଅଧୀନ ମୁଗଗହୀର ଗ୍ରାମର ଲକ୍ଷ୍ମୀପ୍ରଭା ଚୌଧୁରୀ ଶୀତ କାକରରେ ଏଠାରେ ଦିନରାତି ବସି ରହିଛନ୍ତି। ମାତ୍ର ତାଙ୍କୁ ଏପର୍ଯ୍ୟନ୍ତ ପୋଲିସ ଅବା ପ୍ରଶାସନ ପକ୍ଷରୁ କୌଣସି ସୁରକ୍ଷା ମିଳି ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଲକ୍ଷ୍ମୀପ୍ରଭାଙ୍କ ଅଭିଯୋଗ ଅନୁଯାୟୀ, ସେ ଏକଡାଳସ୍ଥିତ ମାମୁଘରେ ରହି ପାଠ ପଢୁଥିବା ବେଳେ ଉକ୍ତ ଗ୍ରାମର ଅନ୍ତର୍ଯାମୀ



ଶ୍ୱଶୁରଘର ସମ୍ମୁଖରେ ଧାରଣାରେ ବସିଥିବା ଲକ୍ଷ୍ମୀପ୍ରଭା ଚୌଧୁରୀ।

ରାଉତ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପାଠପଢ଼ା ସରିବା ପରେ ଲକ୍ଷ୍ମୀପ୍ରଭା ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ଅନ୍ତର୍ଯାମୀ ଏଡ଼ାଇ ଚାଲିଥିଲେ। ଦିନେ ଉଭୟଙ୍କୁ ଗୋଟିଏ ଘରେ ଥିବା ଦେଖି ପରିବାର ଲୋକେ ବଡ଼ମ୍ବା ଥାନାରେ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଥାନା ନେଇଥିଲା। ପରେ ୧୧।୭।୨୦୧୮ରେ ପୋଲିସ ଓ ଉଭୟ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ବଡମ୍ବା ବ୍ଲକ ହାଟସ୍ଥିତ ହାଡ଼ିଆ ମହାଦେବ ମନ୍ଦିରରେ ହିନ୍ଦୁ ରୀତିନୀତିରେ ଲକ୍ଷ୍ମୀପ୍ରଭା ଓ ଅନ୍ତର୍ଯାମୀଙ୍କ ବିବାହ ହୋଇଥିଲା। ତେବେ ବଡ଼ ଭାଇଙ୍କ ବିବାହ ନ ହେବା ପର୍ଯ୍ୟନ୍ତ ଘରୁ ନେଇ ହେବ ନାହିଁ ବୋଲି କହି ଅନ୍ତର୍ଯାମୀ ତାଙ୍କୁ ସାଙ୍ଗରେ ଆଣି ନ ଥିଲେ। ମାତ୍ର ନିୟମିତଭାବେ ମୁଗଗହୀରସ୍ଥିତ ଶ୍ୱଶୁର ଘରକୁ ଯିବା ଆସିବା କରୁଥିଲେ। ଗତ ମାସରେ ଅନ୍ତର୍ଯାମୀ ସିଆର୍‌ପିଏଫ୍‌ରେ ଚାକିରି ପାଇଁ ୨ ଲକ୍ଷ ଆବଶ୍ୟକ ବୋଲି କହି ଟଙ୍କା ନେଇଥିଲେ। ଏହାପରଠୁ ତାଙ୍କର ଦେଖା ନ ଥିଲା। ଏନେଇ ଲକ୍ଷ୍ମୀପ୍ରଭା ଶ୍ୱଶୁର ଘରକୁ ଯିବାରୁ ସେମାନେ ମାଡ଼ ମାରି ତାଙ୍କୁ ଘରୁ ବାହାର କରିଦେଇଥିଲେ।

ସମ୍ପୃକ୍ତ ମହିଳା କାନପୁର ଥାନାରେ ଓ ରାଜ୍ୟ ମହିଳା କମିଶନ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଅନ୍ତର୍ଯାମୀଙ୍କୁ ହାଜିର ହେବା ପାଇଁ ମହିଳା କମିଶନ ପକ୍ଷରୁ ନୋଟିସ କରାଯାଇଥିଲା। ମାତ୍ର ସେ କମିଶନ ନିକଟରେ ହାଜରି ହୋଇ ନ ଥିଲେ। ଶେଷରେ ଲକ୍ଷ୍ମୀପ୍ରଭା ନିରାଶ ହୋଇ ଶ୍ୱଶୁର ଆଗରେ ଧାରଣା ଦେଇଥିବା କହିଛନ୍ତି। ଏ ସମ୍ପର୍କରେ କାନପୁର ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳଙ୍କୁ ପଚାରିବାରେ କୋର୍ଟରେ ମାମଲା ଥିବାରୁ କିଛି କରିପାରିବେ ନାହିଁ ବୋଲି କହିଛନ୍ତି। ଲକ୍ଷ୍ମୀପ୍ରଭାଙ୍କ ସୁରକ୍ଷା ପାଇଁ ଘଟଣାସ୍ଥଳରେ ପୋଲିସ ନିୟୋଜିତ କରିବାକୁ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ବହୁ ସାମାଜିକ କର୍ମୀ ଦାବି କରିଛନ୍ତି।

## ସଂକ୍ଷେପରେ

### ସହରରେ ହେଟା ବାଘକୁ ନେଇ ଗୁଜବ

**ଖୋର୍ଦ୍ଧା ଅଫିସ,୧୭।୧୧:** ଖୋର୍ଦ୍ଧା ଭାଲିଆବାଡ଼ି ପମ୍ପ ହାଉସ ନିକଟରେ ଏକ ହେଟା ବାଘ ବୁଲୁଥିବା ନେଇ ଗୁଜବ ସୃଷ୍ଟି ହୋଇଛି। ତେବେ ଏହା ହେଟାବାଘ ନା' ଅନ୍ୟ କୌଣସି ଜନ୍ତୁ ତାହା ସ୍ପଷ୍ଟ ଜଣାପଡ଼ି ନାହିଁ। ଅନ୍ୟପଟେ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏନେଇ ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଣ୍ଡା କୁହନ୍ତି, ସହରରେ ହେଟା ବାଘ ବୁଲୁଥିବା ନେଇ କୌଣସି ସୂଚନା ନାହିଁ। ତଥାପି ସହରର ବିଭିନ୍ନ ଛକରେ ଏକ ଟିମ୍ ପଇଁତରା ମାରୁଛି।

### ଟାଟା ଏସିଇ ସହ ସାମଗ୍ରୀ ଜବତ

**ଖୋର୍ଦ୍ଧା ଅଫିସ,୧୭।୧୧:** ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ନୂଆବସଷ୍ଟାଣ୍ଡ ରୋଡରେ ଥିବା ଏକ ଘରୋଇ ହାର୍ଡୱେର ଦୋକାନରୁ ଟାଟା ଏସିଇ ବୋଝେଇ ସହ ବିଭିନ୍ନ କମ୍ପାନୀର ଚୋରା ସାମଗ୍ରୀ ପୋଲିସ ଜବତ କରିଛି। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ସମ୍ପୃକ୍ତ ଦୋକାନ ମାଲିକ ଏବଂ ସମ୍ପର୍କୀୟଙ୍କ ଏଥିରେ ସମ୍ପୃକ୍ତି ରହିଥିବା ଜଣାପଡିଛି। ଗୋଟିଏ ପରିବାର ୩ ଜଣଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚୁରା ଚଳାଇଥିବା ଜଣାପଡିଛି।

### ଓଷ୍ଟାର ବୈଠକ

ଖୋର୍ଦ୍ଧା ଅଫିସ,୧୭।୧୧: ଖୋର୍ଦ୍ଧା ବ୍ଲକ ଓଷ୍ଟା କାର୍ଯ୍ୟକାରୀ କମିଟିର ଏକ ବୈଠକ ଜିଲା କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୧୯୪ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ, ସପ୍ତମ ବେତନ କମିଶନ ଆଧାରରେ ବେତନ, ବିଦ୍ୟାଳୟ ଶୂନ୍ୟ ପଦବୀ ପୂରଣ, ହିନ୍ଦୀ, ସଂସ୍କୃତ ଓ କ୍ରୀଡା ଶିକ୍ଷକଙ୍କୁ ଯୋଗ୍ୟତା ଭିତ୍ତିକ ବେତନ, ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପଡି ରହିଥିବା ସମସ୍ତ ସମସ୍ୟା ତ୍ୱରିତ ସମାଧାନ, ଛାତ୍ରୀଛାତ୍ରଙ୍କୁ ଚଳିତବର୍ଷ ସାଇକେଲ ଟଙ୍କା ପ୍ରଦାନ ଉପରେ ଆଲୋଚନା ହୋଇଥିଲା। ରବୀନ୍ଦ୍ର କୁମାର ବଳିଆରସିଂଙ୍କ ବିୟୋଗରେ ନୀରବ ପ୍ରାର୍ଥନା ସହ ସ୍ମୃତିସଭା କରାଯାଇଥିଲା। ବ୍ଲକ ସଭାପତି ଗଣେଶ ପୃଷ୍ଟି, ସମ୍ପାଦକ ଶରତ ଚନ୍ଦ୍ର ରାଉତ, ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ଚମ୍ପତି, ଜିଲା ସମ୍ପାଦକ ସୁଧାକର ମହାପାତ୍ର, ଜିଲା ଉପସଭାପତି ପ୍ରକାଶ ପଲାଇ, ରମେଶ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

### ଭେଟେରାନ ଫୁଟ୍‌ବଲ ଖେଳାଳିଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ, ୧୭।୧୧:** ଭେଟେରାନ ଫୁଟ୍‌ବଲ ଖେଳାଳି ଏବଂ ରେଫରି ଭାବେ ପରିଚିତ କମଳା ପ୍ରସାଦ ରାଉତରାୟଙ୍କ ଗୁରୁଜଙ୍ଗ ଦେବାନ ସାହି ସ୍ଥିତ ବାସ ଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୬୮ ବର୍ଷ ହୋଇଥିଲା। ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ରାଉତରାୟ ଖୋର୍ଦ୍ଧା ପୌରପରିଷଦର କର୍ମଚାରୀ ଥିଲେ। ତାଙ୍କ ବିୟୋଗରେ ଖୋର୍ଦ୍ଧା କ୍ରୀଡା ଜଗତରେ ଅପୂରଣୀୟ କ୍ଷତି ଘଟିଛି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଜିଲା କ୍ରୀଡ଼ା ସାଂସଦ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ପଥର ଉତ୍ତୋଳନ ବନ୍ଦ ଦାବି

**ଖୋର୍ଦ୍ଧା ଅଫିସ,୧୭।୧୧:** ଖୋର୍ଦ୍ଧା ତହସିଲ ଅଧୀନ ଶଙ୍ଖାରୀ ପାହାଡ଼ ଖାତା ନଂ. ୮୪୯, ପ୍ଲଟ ନଂ.୩୫୦୨ (ପି) ଏରିଆ-ଏ୧୧.୯୦୦ଡିସିମିଲ ଜମିକୁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର ନୋଟିସ୍ ନମ୍ବର ୮୫୧୫ ତାରିଖ ୨୦୧୭ଅଗଷ୍ଟ ୮ରେ ରାଜେନ୍ଦ୍ର ପ୍ରସାଦ ସିଂ ଲିଜ୍ ନେଇଛନ୍ତି। ଟେଣ୍ଡର ନୋଟିସରେ ପ୍ରକାଶିତ ୪-ନମ୍ବର ନିୟମ ଅନୁଯାୟୀ ଉକ୍ତ ଜମିକୁ ଲିଜ୍ ନେଇଥିବା ବ୍ୟକ୍ତି ସେହି ଜମି ନିକଟରେ ଥିବା ଜମି ମାଲିକଙ୍କ ନିକଟରୁ ପଥର ଖନନ ନିମନ୍ତେ ସ୍ୱୀକୃତି ନେବା ଆବଶ୍ୟକ। ତେବେ ଟେଣ୍ଡରରେ ଦର୍ଶାଯାଇଥିବା ନିୟମକୁ ଉଲ୍ଲଂଘନ କରାଯାଇଛି। ରାଜେନ୍ଦ୍ରଙ୍କ ଉତ୍ତରାଧିକାରୀ ମିଲନ ସିଂ ଉକ୍ତ ଜମିର ନିକଟବର୍ତ୍ତୀ ଜମି ମାଲିକଙ୍କ ବିନା ସ୍ୱୀକୃତିରେ ପଥର ଖନନ କରୁଛନ୍ତି। ଫଳରେ ନିକଟ ଚାଷଜମିରେ ଏହାର ପ୍ରଭାବ ପଡୁଛି। ପଥର ଉତ୍ତୋଳନ ସମୟରେ ପଥର ଖଣ୍ଡ ଚାଷ ଜମିରେ ପଡ଼ି ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଚାଷ ଜମିର ଉର୍ବରତା ହ୍ରାସ ପାଉଛି। ଉପର ଲିଖିତ ଜମି ନିକଟରେ ଆଶିଷ ବିଭୁରେନ୍ଦ୍ର ଛୋଟରାୟଙ୍କ ପ୍ଲଟ ନଂ.୩୧୨୫, ଖାତା ନଂ.୧୨୪୭/୪୭୦, ଏ୦.୫୦୦ଡିସମିଲ ଜମି ରହିଛି। ପଥର ଉତ୍ତୋଳନ ଯୋଗୁ ସେ କ୍ଷତିଗ୍ରସ୍ତ ହେଉଥିବା ଏବଂ ଜମିର ସୁରକ୍ଷା ନେଇ ଛୋଟରାୟ ଲିଖିତ ଭାବେ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପୁରୀ, ଖୋର୍ଦ୍ଧା ଉପଜିଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବନଖଣ୍ଡ ଅଧିକାରୀ ଖୋରଧାଙ୍କ ନିକଟରେ ଲିଖିତ ଭାବରେ ଅଭିଯୋଗ କରିବା ସହିତ ତାଙ୍କୁ କ୍ଷତିପୂରଣ ଦେବା ଏବଂ ପଥର ଖନନ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବାକୁ ସେ ଦାବି କରିଛନ୍ତି।

# କର୍ମଚାରୀ ଲାଞ୍ଚ ମାଗୁଥିବା ଅଭିଯୋଗ

**ଖୋର୍ଦ୍ଧା ଅଫିସ,୧୭।୧୧**

ଖୋର୍ଦ୍ଧା ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷକଙ୍କ ବଦଳି, ଡେପୁଟେସନ, ପେନସନ ବାବଦ କାଗଜପତ୍ର କରାଇବା ପାଇଁ ଟଙ୍କା ଲାଞ୍ଚ ମଗାଯାଉଛି। ଟଙ୍କା ନ ଦେଲେ ବିଭିନ୍ନ ଆଳ ଦେଖାଇ ସମୟ ଗଡାଉଛନ୍ତି। ଜିଲାପାଳଙ୍କ ନିକଟରେ ଏଭଳି ଅଭିଯୋଗ ଆଣିଛନ୍ତି ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବାସନ୍ତୀଲତା ପଟ୍ଟନାୟକଙ୍କ ସ୍ୱାମୀ ପ୍ରଦୀପ୍ତ କୁମାର ଦାସ।

ଅଭିଯୋଗ ମୁତାବକ, ପାନବରଜ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାସନ୍ତୀଲତା ଶାରୀରିକ ଅସୁସ୍ଥତା ନେଇ ଛୁଟିରେ ଥିବାରୁ ତାଙ୍କର ସେବା ପୁସ୍ତିକା ନିୟମିତ ହୋଇ ନ ଥିଲା। ଏନେଇ ତତ୍କାଳୀନ ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ ସହ ବାରମ୍ବାର ଯୋଗାଯୋଗ କରି ବିଫଳ ହୋଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ପରେ ତାହା ମଞ୍ଜୁର କରିଥିଲେ। ଗତ ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ପ୍ରାପ୍ୟ ଟ୍ରେଜେରିକୁ ପଠାଇବାକୁ ବର୍ତ୍ତମାନର ଶିକ୍ଷାଧିକାରୀଙ୍କୁ ଅନୁରୋଧ ସତ୍ତ୍ୱେ ପଠାଇଲେ ନାହିଁ। ତେବେ ୫ହଜାର ଟଙ୍କା ଦେଲେ କାଗଜପତ୍ର କାମ ହୋଇଯିବ ବୋଲି ଜଣେ କର୍ମଚାରୀ କହିଥିଲେ। ସମ୍ପୃକ୍ତ କର୍ମଚାରୀଙ୍କ କହିବା ମୁତାବକ ୫ହଜାର ଟଙ୍କା ଦେବା ପରେ ବିଲ୍‌ରେ ଦସ୍ତଖତ ହୋଇଥିଲା ବୋଲି ପ୍ରଦୀପ୍ତ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସପ୍ତମ ବେତନ କମିଶନ ନିର୍ଦ୍ଧାରଣ ନିମନ୍ତେ ବାରମ୍ବାର ଦୌଡି ବିଫଳ ହେବା ପରେ ବିଧାୟକଙ୍କ ଦୃଷ୍ଟିଗୋଚର ସତ୍ତ୍ୱେ କଲେ ନାହିଁ। ବିଳମ୍ବ ନେଇ ଆରଟିଆଇରେ ତଥ୍ୟ ମାଗିବା ପରେ ଆରଟିଆଇ ପ୍ରତ୍ୟାହାର କଲେ, କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ପ୍ରତିଶ୍ରୁତି ଅନୁଯାୟୀ ଆରଟିଆଇ ପ୍ରତ୍ୟାହାର ସତ୍ତ୍ୱେ ଦୁଇ ମାସ ଧରି ନ କରିବାରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ପେ ଫିକ୍ସେନ କରିଲେ, ଇନକ୍ରିମେଣ୍ଟ କଲେ ନାହିଁ। ପୁଣି ଅଗଷ୍ଟ ୨୨ରେ କାର୍ଯ୍ୟକାରୀ କରିଥିଲେ। ଉକ୍ତ ସମସ୍ତ ବିଲ୍ ୧୯ଲକ୍ଷ ଟଙ୍କା ହେବ। ଜାଣିଶୁଣି ମଞ୍ଜୁର କରିବାରେ ବିଳମ୍ବ ଯୋଗୁ ମାସିକ ୧୦ହଜାର ଟଙ୍କା ଲେଖାଏ ସୁଧରୁ ବଞ୍ଚିତ ହେବାକୁ ପଡିଲା। ଉକ୍ତ ପ୍ରାପ୍ୟ ଠିକ୍ ସମୟରେ ନ ମିଳିବାରୁ ଝିଅର ବାହାଘର ଧାରକରଜ କରିବାକୁ ବାଧ ହୋଇଥିଲି। ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ବାରମ୍ବାର ଅବହେଳା ଯୋଗୁ ସ୍ତ୍ରୀ ମାନସିକ ଚାପରେ ସେ ସ୍ୱେଚ୍ଛାକୃତ ଭାବେ ଚାକିରିରୁ ଅବସର ନେଇଥିଲେ ବୋଲି ଜିଲାପାଳଙ୍କୁ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାର ସବିଶେଷ ତଦନ୍ତ ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏହାର ନକଲ ସେ ଗଣଶିକ୍ଷାବିଭାଗ ଶାସନ ସଚିବ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏନେଇ ଜିଲା ଶିକ୍ଷାଧିକାରୀ, ଖୋର୍ଦ୍ଧା ବ୍ଲକ ବିଇଓଙ୍କୁ ଯୋଗାଯୋଗ ସତ୍ତ୍ୱେ ପ୍ରତିକ୍ରିୟା ମିଳିପାରି ନାହିଁ।

## ଷ୍ଟେଶନ ଫାଟକ ଆଗରୁ ହଟିଲା ଜବରଦଖଲ



ଡୋଜର ମାଧ୍ୟମରେ ଜବରଦଖଲ ଉଚ୍ଛେଦ କରାଯାଉଛି।

**ନିରାକାରପୁର,୧୭।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁର ରେଳ ଷ୍ଟେଶନ ଫାଟକ ସମ୍ମୁଖରେ ଦୀର୍ଘଦିନ ଧରି ଥିବା ଦୋକନଗୁଡିକୁ ଗୁରୁବାର ରେଳୱେ ବିଭାଗ ପକ୍ଷରୁ ଜେସିବି ମାଧ୍ୟମରେ ଉଚ୍ଛେଦ କରାଯାଇଛି। ଦୁଇ ଦିନ ପୂର୍ବରୁ ରେଳବାଇ ଡିଭିଜନାଲ ଯନ୍ତ୍ରୀ ବାଲୁଗାଁ ପକ୍ଷରୁ ଉଚ୍ଛେଦ ହେବା ନେଇ ନୋଟିସ ଜାରି ହୋଇଥିଲା। ଉଚ୍ଛେଦ ବେଳେ ରେଳ ବିଭାଗର ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ପୋଲିସ ଉପସ୍ଥିତ ଥିଲେ। ତେବେ ଉଚ୍ଛେଦ ଯୋଗୁ ଏଠାରେ ଦୀର୍ଘଦିନ ଧରି ଦୋକାନ କରି ପରିବାର ଚଳାଇଆସୁଥିବା ବ୍ୟବସାୟୀମାନେ ଜୀବିକା ହରାଇ ମୁଣ୍ଡରେ ହାତଦେଇଛନ୍ତି। ଅନ୍ୟପଟେ ଦୋକାନ ଉଚ୍ଛେଦ ଯୋଗୁ ଖାଦ୍ୟ ସାମଗ୍ରୀ ମିଳୁ ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏନେଇ ଯାତ୍ରୀ ରଘୁନାଥ ପଣ୍ଡା କୁହନ୍ତି, ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପରିବାର ସହିତ ପୁରୀ ଯାଇଥିଲୁ। ସେଠାରୁ ଫେରି ଉକ୍ତ ଷ୍ଟେଶନରେ ପହଞ୍ଚିବା ପରେ ଏଠାରେ ଖାଦ୍ୟ ମିଳୁ ନ ଥିବାରୁ ହଇରାଣ ହେଲୁ। ଷ୍ଟେଶନ ପରିସରରେ କ୍ୟାଣ୍ଟିନର ବ୍ୟବସ୍ଥା କରିବା ଲାଗି ସେ ରେଳ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି।



କୃଷ୍ଣପ୍ରସାଦ: କହ୍ନେଇପୁରସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ତାଲିମ ପ୍ରଦାନ କରାଯାଉଛି।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିର

**କୃଷ୍ଣପ୍ରସାଦ,୧୭।୧୧(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଳ ପଞ୍ଚାୟତର କହ୍ନେଇପୁରସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ସିଆଳ ସରପଞ୍ଚ ରବି ନାରାୟଣ ମାଝୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଦୀର୍ଘ ୧୧ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ୨୫ଜଣ ପରିଚାଳନା କମିଟି ସଦସ୍ୟ ଓ ୨୫ ଜଣ ସନ୍ଧାନ ଉଦ୍ଧାରକାରୀ ଦଳ ଓ ୨୫ ଜଣ ପ୍ରାଥମିକ ସେବାର ସଦସ୍ୟଙ୍କୁ ତାଲିମ ଦିଆଯିବ। ନୋଡାଲ ଏନ୍‌ଜିଓ ସମ୍ପାଦକ ପ୍ରବୀର କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ଏନ୍.ସମୀର କୁମାର, ପୂର୍ଣ୍ଣଚନ୍ଦ୍ର ସାହୁ, ନୃସିଂହ ବିଶ୍ୱାଳ, ଗୀତାଞ୍ଜଳି ସାହୁ ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି। ବାତ୍ୟା, ବନ୍ୟା ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ଏହାର ମୁକାବିଲା କରାଯିବ ଏବଂ କିଭଳି କମ ଧନଜୀବନ ପ୍ରଭାବିତ ହେବ ସେ ନେଇ ତାଲିମ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ଭୀମସେନ ସେଠୀ, କହ୍ନେଇପୁର ଗ୍ରାମ୍ୟ କମିଟି ସଭାପତି ଅଭିମନ୍ୟୁ ଦଳେଇ, ବାତ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ଲକ୍ଷ୍ମୀକାନ୍ତ ପ୍ରଧାନ, କହ୍ନେଇପୁର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଭୋଇ, ହରପ୍ରିୟା ସାହୁ, ସାବିତ୍ରୀ ପ୍ରଧାନ, ସୁକାନ୍ତି ଦାସ, ସତିନୀ ପ୍ରଧାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟ: ଫାଇନାଲରେ ତଳଖେତା

**ବେଗୁନିଆ,୧୭।୧୧(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ କଣ୍ଟାମଳିମ ଗ୍ରାମସ୍ଥିତ ଖେଳପଡିଆରେ ଚାଲିଥିବା ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତଳଖେତାର ଶବରପଲ୍ଲୀ ସ୍ପୋର୍ଟିଂ କ୍ଲବ ଟାଇ ବ୍ରେକରରେ ୬-୫ ଘାଟିକିଆ ଜେବି ସ୍ପୋର୍ଟିଂ କ୍ଲବକୁ ପରାଜିତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଘାଟିକିଆ ଦଳ ୨ଟି ଗୋଲ ଦେଇଥିଲେ। ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ତଳଖେତା ଟିମ୍ ଦୁଇଟି ଗୋଲ ଦେଇ ମ୍ୟାଚକୁ ସମାନସ୍ତରକୁ ଆଣିଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ଆଉ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇ ବ୍ରେକରର ସହାୟତା ନିଆଯାଇଥିଲା। ସକାବତ ଅଲ୍ଲୀ ଖାଁ ମ୍ୟାଚ ପରିଚାଳନା କରିଥିଲେ। ପ୍ରଫୁଲ୍ଲ ବେହେରା, ମନୋରଞ୍ଜନ ଖୁଣ୍ଟିଆ ଲାଇନରେ ସହାୟତା କରିଥିବା ବେଳେ ବିଦେଶୀ ନାୟକ ସହଯୋଗୀ ରେଫରି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ଥାନୀୟ ବିଜେଡି ନେତା ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ହାଡ଼ିବନ୍ଧୁ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ପରିବେଶ ସୁରକ୍ଷା ପାଇଁ ସଚେତନତା



ସଚେତନତା ସଭାରେ ଯୋଗଦେଇଥିବା ଅତିଥିମାନେ।

**ବେଗୁନିଆ,୧୭।୧୧(ଡି.ଏନ୍.ଏ.)**

ଦିନକୁ ଦିନ ବାୟୁମଣ୍ଡଳ ଦୂଷିତ ହେବାରେ ଲାଗିଛି। ପୃଥିବୀ ପୃଷ୍ଠରେ ବାସ କରୁଥିବା ଜୀବଜଗତ ଉପରେ ଏହାର ପ୍ରଭାବ ପଡିଛି। ଏଥିଯୋଗୁ ବର୍ଷାର ପରିମାଣ ହ୍ରାସ ପାଉଛି। ଏହାର ପ୍ରମୁଖ କାରଣ ମାତ୍ରାଧିକ ଗଛ କାଟ। ଏବେ ସଚେତନ ହେବାର ସମୟ ଆସିଛି। ଆସନ୍ତୁ ସଭିଏଁ ମିଳିତଭାବେ ଚାରା ଲଗାଇ ଯତ୍ନ ନେବା। ପୁଣି ପୂର୍ବ ଭଳି ଜଙ୍ଗଲ ସୃଷ୍ଟି ହେବା ସହ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇପାରିବ। ଏଭଳି ସଚେତନ ବାର୍ତ୍ତା ନେଇ ଭୁବନେଶ୍ୱରସ୍ଥିତ ଓଡ଼ିଶା ପରିବେଶ ସମିତି ଆଗେଇ ଆସିଛି। ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ରମାମଣି ମହାବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଗଙ୍ଗାଧର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶା ପରିବେଶ ସମିତିର ଉପସଭାପତି ଲାଲା ଅଶ୍ୱୀନ କୁମାର ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିଥି ଭାବେ ପରିବେଶ ସମିତିର ଯୁଗ୍ମ ସମ୍ପାଦକ ମନୋରଞ୍ଜନ ମିଶ୍ର, ସଭ୍ୟ ବିଶ୍ୱନାଥ ପୁହାଣ ଓ ନିରୋଦ ଚରଣ ଖୁଣ୍ଟିଆ, ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ଭୂପଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗୋଟିଏ ଗଛର ଉପକାରିତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପ୍ରାଧ୍ୟାପକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପକ ଇନ୍ଦୁ ଭୂଷଣ ହରିଚନ୍ଦନ, ଅଧ୍ୟାପକ ଦିଲୀପ କୁମାର ସାଥୁଆ, କଳିଙ୍ଗ ରଞ୍ଜନ ପ୍ରଧାନ, ହୃଷୀକେଶ ମାର୍ଥା, ଶ୍ରୀନିବାସ ସାହୁ, ଅଧ୍ୟାପିକା ବିଦୁ ମହାନ୍ତି, ଶୁଭସ୍ମିତା ସେଠୀ, ଭାଗ୍ୟଶ୍ରୀ ପରିଡା, ସ୍ୱେମାଲିନ ରାଉତ, ସ୍ୱର୍ଣ୍ଣପ୍ରଭା ମହାରଣା, ସୌମ୍ୟା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା।

## 'କଠିନ ପରିଶ୍ରମ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବ'

**ଖୋର୍ଦ୍ଧା ଅଫିସ,୧୭।୧୧**




କଣ୍ଠଶିଳ୍ପୀ ଅଭିଜିତ ମଜୁମ୍‌ଦାର ଅତିଥିଙ୍କଠାରୁ ପ୍ରାଣନାଥ ସଙ୍ଗୀତ ସମ୍ମାନ ଗ୍ରହଣ କରୁଛନ୍ତି।

**ପ୍ରାଣନାଥ ଜୟନ୍ତୀ ଓ ସମ୍ମାନ ଉତ୍ସବ**

■ କଣ୍ଠଶିଳ୍ପୀ ଅଭିଜିତ ପାଇଲେ ପ୍ରାଣନାଥ ସଙ୍ଗୀତ ସମ୍ମାନ

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ କ୍ୟାମ୍ପସ ପରିସରରେ ପ୍ରାଣନାଥଙ୍କ ୧୧୭ତମ ଜୟନ୍ତୀ ଓ ସମ୍ମାନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ସଭାପତି ତଥା ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟ ବକ୍ତାଭାବେ ଯୋଗଦେଇ ପ୍ରାଣନାଥଙ୍କ ତ୍ୟାଗମୟ ଜୀବନ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଜ୍ଞାନର ପରିସୀମା ବିକାଶିତ କର। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ କଠିନ ପରିଶ୍ରମ କର। ନିଜ ମାତୃଭୂମି, ମାତୃଭାଷାକୁ ଭଲପାଅ। ମହାପୁରୁଷଙ୍କ ଆତ୍ମକାହାଣୀ ପଠନ କର, ଜୀବନରେ ଅନେକ ପ୍ରେରଣା ମିଳିବ ବୋଲି କହିଥିଲେ। ବରିଷ୍ଠ ସ୍ତମ୍ଭକାର ତଥା ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିକ୍ଷା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ପ୍ରାଣନାଥ କଲେଜର ସୁନାମ ରହିଛି ବୋଲି କହିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କୁ ଚଳିତ ବର୍ଷ ପ୍ରାଣନାଥ ସଙ୍ଗୀତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅର୍ଥ, ଉପଢୌକନ ଓ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମଜୁମଦାର କହିଥିଲେ, ପିଲାମାନେ ଭଲ ପାଠ ପଢି ନିଜ କଲେଜ ଏବଂ ଅଞ୍ଚଳର ଗୌରବ ବୃଦ୍ଧି କର। ଯିଏ ସ୍ୱପ୍ନ ଦେଖିବ, ସେ ସଫଳ ହେବ। କର୍ତ୍ତବ୍ୟ ପଥରେ ଅନେକ ଝଡଝଞ୍ଜା ଆସିପାରେ, ତାହାକୁ ଖାତିର ନ କରି ଆଗକୁ ବଢିଚାଲିଲେ ସଫଳତା ହାସଲ କରିପାରିବ। ଏହି ପୁରସ୍କାର ମୋ ପାଇଁ ଆଶୀର୍ବାଦ। ପିଲାଦିନେ ଖୋର୍ଦ୍ଧା ମାଟିରେ କଟାଇଥିବା ଅତୀତ ସ୍ମୃତି ସାଉଁଟିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଚୌଧୁରୀ ପି.କେ.ଦାସ ମୋ କଲେଜ ଅଭିଯାନକୁ ୧ଲକ୍ଷ ଟଙ୍କା ଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ଅଜନ୍ତା ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପିଇଓ ସଂଘର ନୂତନ କର୍ମକର୍ତ୍ତା ମନୋନୀତ

**କୃଷ୍ଣପ୍ରସାଦ,୧୭।୧୧(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନିଖିଳ ଉତ୍କଳ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଘର ଏକ ସାଧାରଣ ବୈଠକ ରାଜ୍ୟ ସଙ୍ଗଠକ ଭାସ୍କର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମାଣିକା ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପଦେଷ୍ଟା ପଞ୍ଚାନନ ପୂଜାରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲା ସମ୍ପାଦକ ଭାସ୍କର ଚନ୍ଦ୍ର ସାହୁ, ଉପସଭାପତି ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ବ୍ଲକ ପିଇଓ ସଂଘର ସଭାପତି ଦିଲ୍ଲୀପ କୁମାର ତରେଇ, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ସାହୁ, ଉପସଭାପତି ପଙ୍କଜ ଲୋଚନ ବିଶ୍ୱାଳ, ସାଧାରଣ ସମ୍ପାଦକ ଅଶୋକ କୁମାର ନାୟକ, କୋଷାଧ୍ୟକ୍ଷ ବିକାଶ ଚନ୍ଦ୍ର ମାଝୀ, ସଙ୍ଗଠକ ରବୀନ୍ଦ୍ର କୁମାର ସାହୁ ଏବଂ ଉପଦେଷ୍ଟା ଭାବେ ପଞ୍ଚାନନ ପୂଜାରୀ ମନୋନୀତ ହୋଇଛନ୍ତି।

## ମାଣିକାଗୋଡା ରେଳ ଷ୍ଟେଶନ ରାସ୍ତା ଶୋଚନୀୟ



**ବୋଲଗଡ଼,୧୭।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ମଣିକାଗୋଡ଼ା ରେଳ ଷ୍ଟେଶନ (ବୋଲଗଡ ରୋଡ୍) ପଶ୍ଚିମ ପାର୍ଶ୍ୱ ରାସ୍ତା ଶୋଚନୀୟ ହୋଇପଡ଼ିଛି। ରେଳୱେ ବିଭାଗ ପକ୍ଷରୁ ମାଟି ରାସ୍ତା ନିର୍ମାଣ ଯୋଗୁ ବର୍ଷା ଋତୁ ପରେ ରାସ୍ତାରେ ମେଣ୍ଟାଲ ଉଠି ଖାଲଖମା ସୃଷ୍ଟି ହୋଇଛି। ଫଳରେ ଷ୍ଟେଶନକୁ ଯାତାୟାତ କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋର୍ଦ୍ଧାରୋଡ୍‌ଠାରୁ ନୟାଗଡ ଜିଲାସ୍ଥିତ ନୂଆଗାଁ ରେଳ ଷ୍ଟେଶନକୁ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ରେଳ ଯାତାୟାତ କରୁଛି। ଏହି ଷ୍ଟେସନକୁ ମାଣିକାଗୋଡ଼ା, ଦିଘିରି, ମଣ୍ଡଳସିଂହ, ଭୀମପଡା, ଦିବ୍ୟସିଂହପୁର, କଳାଙ୍ଗ ଓ ନୟାଗଡ ଜିଲାର ବାଉଁଶିଆପଡ଼ା, ହରେକୃଷ୍ଣପୁର, ଜଗନ୍ନାଥପ୍ରସାଦ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଶତାଧିକ ଯାତ୍ରୀ ନିର୍ଭର କରୁଛନ୍ତି। ଏହି ରାସ୍ତାବସ୍ଥା ଶୋଚନୀୟ ଯୋଗୁ ଯାତାୟାତରେ ବାଧକ ସାଜିଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ଛଟେଇ ପ୍ରତ୍ୟାହାର ନ ହେଲେ ୨୨ରୁ ଅନିର୍ଦ୍ଦିଷ୍ଟ ଧାରଣା

**ଖୋର୍ଦ୍ଧା ଅଫିସ,୧୭।୧୧**




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ରାଜଧାନୀ ଭୁବନେଶ୍ୱରରେ ଘରୋଇ ରାଷ୍ଟ୍ରଦ୍ୟୋଗ ଅଧୀନରେ ଦୀର୍ଘ ୧୪ବର୍ଷ ଧରି ଟେକ୍ନିସିଆନ ଭାବେ କାର୍ଯ୍ୟରତ କର୍ମଚାରୀଙ୍କୁ ଛଟେଇ ପ୍ରତିବାଦରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସହଅନୁବନ୍ଧିତ ଅଲ ଓଡ଼ିଶା ଭାରତୀ ଇନଫାଟେଲ୍ ଟେକ୍‌ନିସିଆନ୍ ୟୁନିୟନ ପକ୍ଷରୁ ଆସନ୍ତା ୨୧ ଓ ୨୨ତାରିଖରେ କମ୍ପାନୀ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଶୁକ୍ରବାର ୟୁନିୟନ ପକ୍ଷରୁ ଖୋର୍ଦ୍ଧାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ବର୍ଷ ବର୍ଷ ଧରି କମ୍ପାନୀ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କୁ ଛଟେଇ କରାଗଲେ ପରିବାର ହଇରାଣ ହେବେ। ବର୍ତ୍ତମାନ ସମୟରେ ଖାଦ୍ୟ, ବାସଗୃହ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସହ ଟେଲିକମ୍ ମଧ୍ୟ ଏକ ଜରୁରିକାଳୀନ ସେବା ବୋଲି କମ୍ପାନୀ କହୁଥିବା ବେଳେ କର୍ମଚାରୀଙ୍କୁ ଅଗଣତାନ୍ତ୍ରିକ ଭାବେ ଛଟେଇ କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛନ୍ତି। ଏହି କମ୍ପାନୀ ଅଧୀନରେ ୪୨୪ ଜଣ ଟେକ୍ନିସିଆନ ପ୍ରାକୃତିକ ବିପର୍ଯ୍ୟୟ, ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ସେବା ଯୋଗାଇ ଆସୁଛନ୍ତି। ନେଟୱର୍କ ସମସ୍ୟା ନେଇ ବିଭିନ୍ନ ସମୟରେ ଗ୍ରାହକ କର୍ମଚାରୀଙ୍କୁ ଗାଳିଗୁଲଜ କରୁଥିବା ବେଳେ ଏମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି ;ଯାହା ଲୋକଲୋଚନକୁ ଆସି ନ ଥାଏ। କମ୍ପାନୀ ଅଧୀନରେ କାର୍ଯ୍ୟରତ ଟେକ୍ନିସିଆନଙ୍କୁ ସ୍ଥାୟୀ ନିଯୁକ୍ତି, କାମ ଅନୁସାରେ ଦରମା, ବିନା କାରଣରେ ଦିଆଯାଉଥିବା କାରଣ ଦର୍ଶାଅ ନୋଟିସ, ବଦଳି, ବହିଷ୍କୃତ ଆଦି ଆଦେଶକୁ ପ୍ରତ୍ୟାହାର କରାଯାଉ। କିଛି ମାସ ପୂର୍ବେ ଚାକିରିରୁ ବିଦା କରାଯାଇଥିବା ଦୁଇ ଜଣ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଲାଗି ଦାବି କରିଛନ୍ତି। ଏହି ସମ୍ମିଳନୀରେ ସଙ୍ଗଠନର ରାଜ୍ୟ ସଭାପତି ଡ.ପୂର୍ଣ୍ଣଚନ୍ଦ୍ର ବେହେରା, କାର୍ଯ୍ୟକାରୀ ସଭାପତି ପ୍ରଦେଶ ନାୟକ, ଉପସଭାପତି ଅଶୋକ କୁମାର, ସାଧାରଣ ସମ୍ପାଦକ ବୁଗୁରୁ ତ୍ରିନାଥ ଓ ସମ୍ପାଦକ ନୀଳେନ୍ଦ୍ରକାନ୍ତ ଆଚାର୍ଯ୍ୟ, ସିଟୁ ସମ୍ପାଦକ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସାଇଡ୍ ମାରିବାକୁ କେନ୍ଦ୍ରକରି ଗଣ୍ଡଗୋଳ, ୩ ଆହତ

ଡେଲାଙ୍ଗ,୧୭।୧୧(ଡି.ଏନ୍.ଏ.): ଚାଇଁପୁର ପଞ୍ଚାୟତର ମାର୍ଥା ଗ୍ରାମରେ ସାଇଡ୍ ମରାକୁ କେନ୍ଦ୍ର କରି ତୁମୁଳକାଣ୍ଡ ଘଟିବା ସହିତ ଉଭୟ ପକ୍ଷଙ୍କ ମଧ୍ୟରେ ମାରପିଟ୍ ହୋଇଛି । ଏଥିରେ ୨ ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ମାର୍ଥା ଗ୍ରାମର ସୁଶାନ୍ତ ପଲେଇ (୩୨) ପିପିଲିରୁ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିଲେ। ସେହି ସମୟରେ ଗ୍ରାମର କଂଗ୍ରେସ ମହାପାତ୍ର ଏକ କାରରେ ଘରକୁ ଫେରୁଥିଲେ। ରାସ୍ତାଟି ଅଣଓସାରିଆ ଥିବାରୁ କଂଗ୍ରେସ ସାଇଡ୍ ମାରିବାରୁ ସୁଶାନ୍ତ ରାସ୍ତା ତଳକୁ ପଡିଯାଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସେଠାରୁ କଂଗ୍ରେସ ରାଗିଯାଇ ସୁଶାନ୍ତଙ୍କ ମୋବାଇଲକୁ ଛଡାଇ ନେଇଥିଲେ। ପରେ ସନ୍ଧ୍ୟା ସମୟରେ ସୁଶାନ୍ତଙ୍କ ଦାଣ୍ଡଦୁଆରେ ଅପରପକ୍ଷରୁ ୧୦/୧୨ଜଣ ଆସି ଗଣ୍ଡଗୋଳ କରିବା ସମୟରେ ଉଭୟ ପକ୍ଷଙ୍କ ମଧ୍ୟରେ ମାଡଗୋଳ ଲାଗିଥିଲା। ଏଥିରେ ସୁଶାନ୍ତ ଓ ତାଙ୍କ ସାନଭାଇ ସୂର୍ଯ୍ୟକାନ୍ତ ଆହତ ହୋଇଥିବାବେଳେ କଂଗ୍ରେସଙ୍କ ପୁତୁରା ଜ୍ଞାନ ମହାପାତ୍ର ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡିଛି।

### ଜିଲା ପ୍ଲମ୍ବର ୟୁନିୟନର ଦ୍ୱାଦଶ ବାର୍ଷିକ ସମ୍ମିଳନୀ

ପୁରୀ ଅଫିସ, ୧୭।୧୧: ପୁରୀ ଜିଲା ପ୍ଲମ୍ବର ୟୁନୟନର ଦ୍ୱାଦଶ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଶୀଳ କୁମାର ସାହୁ ସଭାପତିତ୍ୱ କରିଥିଲେ। ନିର୍ମାଣ କ୍ଷେତ୍ରରେ ପ୍ଲମ୍ବରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ସେମାନେ ନିର୍ମାଣ ଶ୍ରମିକ ଭାବେ ପଞ୍ଜୀକୃତ ହୋଇଥିଲେ ବି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରୁ ସହାୟତା ରାଶି ପାଇବା ପାଇଁ ହଇରାଣ ହେଉଛନ୍ତି। ସେମାନଙ୍କ କଲ୍ୟାଣ ପାଇଁ ଆଦାୟ ହେଉଥିବା ଅର୍ଥ ବାଟମାରଣା ହେଉଛି। ଜିଲାରେ ୮୫ ହଜାର ନିର୍ମାଣ ଶ୍ରମିକ କ୍ଷତିଗ୍ରସ୍ତ ହେଉଛନ୍ତି। ଅନ୍‌ଲାଇନ୍ ବ୍ୟବସ୍ଥା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ୟୁନିୟନ କହିଛି। ତେଣୁ ସରକାର ଏହି ବ୍ୟବସ୍ଥାକୁ ସରଳୀକରଣ କରିବାକୁ ୟୁନିଅନ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଆନ୍ଦୋଳନ ହେବା ଆବଶ୍ୟକ ବୋଲି ଶ୍ରମିକ ନେତା ଶରତ କୁମାର ରାୟଗୁରୁ କହିଛନ୍ତି। ଉକ୍ତ ସମ୍ମିଳନୀରେ ପୂର୍ବତନ ନଗରପାଳ ସୁରେନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମିକମାନେ ଐକ୍ୟବଦ୍ଧ ହେବା ଲାଗି ପରାମର୍ଶ ଦେଇଥିଲେ। ୟୁନିଅନର ସମ୍ପାଦକ ରବି ନାରାୟଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ଲମ୍ବିଙ୍ଗ କ୍ଷେତ୍ରରେ ପ୍ରତିଷ୍ଠିତ କେତେକ କମ୍ପାନୀ ଓ ଦୋକାନୀମାନଙ୍କ ପ୍ରତିନିଧି ସଭାକୁ ସମ୍ବୋଧିତ କରିଥିଲେ। ସମ୍ମିଳନୀରେ ୟୁନିଅନର ସଦସ୍ୟ ଉମେଶ ଜେନା, ନୀଳାମ୍ବର ପଲେଇ ଏବଂ ଚକ୍ରଧର ମାଣିକଙ୍କ ସମେତ ବହୁ ପ୍ଲମ୍ବର ଉପସ୍ଥିତ ଥିଲେ।

# ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରତି ଅଣଦେଖା

- ନାହାନ୍ତି ସ୍ଥାୟୀ ପ୍ରଧାନ ଶିକ୍ଷକ, ପାଠପଢ଼ା ପ୍ରଭାବିତ
- ପ୍ରଶାସନ ନିଦାବିଷ୍ଟ, ଅଭିଭାବକଙ୍କ ଅସନ୍ତୋଷ

ପୁରୀ ଅଫିସ, ୧୭।୧୧




ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ଉନ୍ନତମାନର କରିବା ପାଇଁ ୫-ଟି ଯୋଜନାରେ ସରକାରୀ ବିଦ୍ୟାଳୟଗୁଡ଼ିକର ରୂପାନ୍ତରକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହାସତ୍ତ୍ୱେ ବିଭିନ୍ନ ସରକାରୀ ବିଦ୍ୟାଳୟରେ ଶିକ୍ଷକ ଅଭାବ, ଶ୍ରେଣୀଗୃହ ସମସ୍ୟା ପ୍ରଭୃତି ଲାଗିରହିଛି। ପୁରୀ ଜିଲାର ପ୍ରମୁଖ ତଥା ୭୫ବର୍ଷର ପୁରାତନ ଶିକ୍ଷାନୁଷ୍ଠାନ ବିଶ୍ୱମ୍ଭର ବିଦ୍ୟାପୀଠରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଗତ ସେପ୍ଟେମ୍ବରରୁ ବିଶ୍ୱମ୍ଭର ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ପୁରୀ ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ଏହାର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ବିଶ୍ୱମ୍ଭର ବିଦ୍ୟାପୀଠ ଓ ଜିଲା ସ୍କୁଲର ଦୂରତା ପ୍ରାୟ ୨ କି.ମି. ହେବ। ଏହି ଦୁଇଟି ପ୍ରମୁଖ ଶିକ୍ଷାନୁଷ୍ଠାନରେ ପ୍ରାୟ ୪ହଜାର ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି। ତେବେ ପୂର୍ଣ୍ଣକାଳୀନ ପ୍ରଧାନ ଶିକ୍ଷକ ନ ଥିବାରୁ ବିଦ୍ୟାଳୟର ପରିଚାଳନା ନେଇ ସମସ୍ୟା ଉପୁଜୁଛି। ବିଶ୍ୱମ୍ଭର ବିଦ୍ୟାପୀଠକୁ ଜିଲାପାଳ ପୌଷ୍ୟ ସ୍କୁଲ ଭାବେ ଗ୍ରହଣ କରିଛନ୍ତି। ଦୀର୍ଘ ଅଢେଇ ମାସ ହେବ ଏହି ବିଦ୍ୟାପୀଠ ଅସ୍ଥାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଚାଲୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଏଥିଯୋଗୁ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ସ୍କୁଲର ପୂର୍ବତନ ଛାତ୍ର ବିଜୟ ବେହେରା କହିଛନ୍ତି, ପୁରୀର ପ୍ରମୁଖ ଶିକ୍ଷାନୁଷ୍ଠାନରେ ପ୍ରଧାନ ଶିକ୍ଷକ ପଦ ଖାଲିପଡ଼ିବା ନିନ୍ଦନୀୟ ଘଟଣା। ସରକାର ୫-ଟି ଯୋଜନାରେ ବିଦ୍ୟାଳୟ ଗୁଡ଼ିକର ବିକାଶ କରୁଥିଲେ ମଧ୍ୟ ବହୁ ପୁରାତନ ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରତି ଦୃଷ୍ଟି ନ ଦେବା ଦୁଃଖର କଥା। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ସରକାର ଖେଳ ଖେଳିବା ଉଚିତ୍ ନୁହେଁ। ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ଯଦି ଶିକ୍ଷାଦାନରେ କୌଣସି ତ୍ରୁଟି ଦେଖାଯିବ ତେବେ ଶିକ୍ଷା ବିଭାଗ ଦାୟୀ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ବିଶ୍ୱମ୍ଭର ବିଦ୍ୟାପୀଠର ପୂର୍ବତନ ଛାତ୍ର ଗୋପାଳ ଚନ୍ଦ୍ର ବରାଳ କହିଛନ୍ତି, ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଘରୋଇ ସ୍କୁଲର ଛାତ୍ରୀଛାତ୍ରୀଙ୍କ ଶିକ୍ଷାରେ ଉନ୍ନତି ଘଟୁଥିବାବେଳେ ସରକାରୀ ବିଦ୍ୟାଳୟର ପିଲାମାନେ ନିମ୍ନଗାମୀ ହେଉଛନ୍ତି। ଅତୀତରେ ଏହି ଦୁଇଟି ସ୍କୁଲର ଛାତ୍ରୀଛାତ୍ର ରାଜ୍ୟରେ ଟପ୍‌ଟେନ୍ ତାଲିକାରେ ସ୍ଥାନ ପାଉଥିଲେ। ମାତ୍ର ବର୍ତ୍ତମାନ ସେପରି ଫଳାଫଳ ଦେଖିବାକୁ ମିଳୁନାହିଁ। ୫-ଟି ଯୋଜନାରେ ବିଶ୍ୱମ୍ଭର ବିଦ୍ୟାପୀଠକୁ ସରକାର ଗୁରୁତ୍ୱ ଦେଉଥିବା ଭଳି ମନେ ହେଉନାହିଁ। ଅବସରପ୍ରାପ୍ତ ଶିକ୍ଷକ-କର୍ମଚାରୀ ସଂଘର ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି, ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରତି ସରକାର ଅବହେଳା କରୁଛନ୍ତି। ଏଠାରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନ ଥିବାରୁ ବିଦ୍ୟାଳୟ ପରିଚାଳନା ସହ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ତେଣ ସରକାର ତୁରନ୍ତ ପଦକ୍ଷେପ ନେବା ଉଚିତ। ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥା ପାଇଁ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଲାଣି। ଅନ୍ୟପକ୍ଷରେ ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର କହିଛନ୍ତି, ମୁଁ ୩ ମାସରୁ ଉର୍ଦ୍ଧ୍ୱ ହେଲା ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛି। ଦୁଇଟି ସ୍କୁଲକୁ ଠିକ୍ ଭାବେ ପରିଚାଳନା କରିବାରେ କୌଣସି ଅସୁବିଧା ହେଉନାହିଁ। ଆବଶ୍ୟକତା ଅନୁସାରେ ଉଭୟ ସ୍କୁଲକୁ ସମପରିମାଣର ସମୟ ଦେଉଛି। ଦୁଇଟି ଯାକ ସ୍କୁଲର ଉନ୍ନତିମୂଳକ କାର୍ଯ୍ୟ ସହ ଶିକ୍ଷାଦାନ ଠିକ ଭାବେ ଚାଲିଛି। ମୁଁ ଦାୟିତ୍ୱ ନେବା ପରେ ସରକାରଙ୍କୁ ଚିଠି ଲେଖି ବିଶ୍ୱମ୍ଭର ସ୍କୁଲରେ ୧୨ଟି ସ୍ମାର୍ଟ ରୁମ୍ ଓ ଖେଳପଡ଼ିଆର ଉନ୍ନତୀକରଣ କାର୍ଯ୍ୟ ଜାରି ରଖିଛି। ବିଶ୍ୱମ୍ଭର ବିଦ୍ୟାପୀଠ ଜିଲାପାଳଙ୍କ ପୋଷ୍ୟ ସ୍କୁଲ ହୋଇଥିବାରୁ ସେ ଏହାର ଉନ୍ନତି ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ସେହିପରି ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷ କହିଛନ୍ତି, ବିଶ୍ୱମ୍ଭର ବିଦ୍ୟାପୀଠରେ ଥିବା ପ୍ରଧାନ ଶିକ୍ଷକ ସୁଶିଲ କୁମାର ବ୍ରହ୍ମା ବଦଳି ହୋଇ ଗୋପ ବ୍ଲକ ଶିକ୍ଷାଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ଫଳରେ ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଗତ କିଛି ମାସ ହେବ ବିଶ୍ୱମ୍ଭର ବିଦ୍ୟାପୀଠର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଦୁଇଟିଯାକ ସ୍କୁଲ ପରିଚାଳନାରେ କିଛି ସମସ୍ୟା ହେଉନାହିଁ। ତେବେ ଡିସେମ୍ବର ୧୫ ସୁଦ୍ଧା ବିଶ୍ୱମ୍ଭର ବିଦ୍ୟାପୀଠରେ ନୂତନ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ।

## ବାଲିଚାଲାଣବେଳେ ୨ ହାଇୱା ଜବତ, ୨ ଡ୍ରାଇଭର ଅଟକ

- ନକଲି ଫର୍ମ ଦେଖାଇ ଖସିବାକୁ ଉଦ୍ୟମ

ଅସ୍ତରଙ୍ଗ,୧୭।୧୧(ଡି.ଏନ୍.ଏ.)

ରାତ୍ର ପାଟ୍ରୋଲିଂ ସମୟରେ ବୁଧବାର କାକଟପୁର ପୋଲିସ ୨ଟି ଚୋରା ବାଲି ବୋଝେଇ ହାଇୱାକୁ ଜବତ କରିଛି। ଏଥିସହ ୨ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ମୁତାବକ, ଦୈନନ୍ଦିନ ଶିଖର, ହରିପୁର, ଅଡ଼ଶପୁର, କଟକରୁ ଚାରିଛକ, ନୟାହାଟ ଦେଇ ଅସ୍ତରଙ୍ଗ, କାକଟପୁର ଅଞ୍ଚଳର ଆଖପାଖ ଗ୍ରାମକୁ ଶହ ଶହ ସଂଖ୍ୟାରେ ବାଲି ବୋଝେଇ ହାଇୱା ବାଲି ଚୋରାଚାଲାଣ କରୁଥିବାବେଳେ ପୋଲିସ ହାବୁଡ଼ରେ ପଡ଼ିଥାନ୍ତି। ଅନେକ ଗାଡି ଚାଳକ ଓ ମାଲିକ ନକଲି ଫର୍ମ ପାଖରେ ରଖି ଖସି ଯାଆନ୍ତି। ପୋଲିସର ରାତ୍ର ପାଟ୍ରୋଲିଂ ସମୟରେ ବୁଧବାର କାକଟପୁର ବଲରା ଛକ ନିକଟରେ ୨ ବାଲି ବୋଝଇ ହାଇୱା କାକଟପୁର ଅଭିମୁଖେ ଦ୍ରୁତ ଗତିରେ ଆସୁଥିଲେ। ପୋଲିସ ଉକ୍ତ ଗାଡିକୁ ଅଟକାଇ ଚାଳକଙ୍କୁ ବାଲି ଚାଲାଣ ଫର୍ମ ମାଗିବାରୁ ଏହା ନକଲି ବୋଲି ଜଣାପଡିଥିଲା। ସୂଚନାଯୋଗ୍ୟ, ରାତ୍ର ପାଟ୍ରୋଲିଂ କଡାକଡି କରା ଗଲେ ବହୁ ଚୋରା ଗାଡି ଚୋରା ବାଲି ସହ ଅନ୍ୟ ଚୋରା ସାମଗ୍ରୀ ଜବତ ହୋଇପାରିବ ବୋଲି ସାଧାରଣରେ ଦାବି ହୋଇଛି ।

# ଓଡ଼ିଆ ଜାତିର ମୁରବି ମହାପ୍ରଭୁ ଶ୍ରୀଜଗନ୍ନାଥ




ଶ୍ରୀଜଗନ୍ନାଥ ସଂସ୍କୃତି ଓ ମହିମା ସମ୍ପର୍କିତ ବ୍ୟାଖ୍ୟାନମାଳା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପୁରୀ ଅଫିସ, ୧୭।୧୧

**ଶ୍ରୀଜଗନ୍ନାଥ ସଂସ୍କୃତି ଓ ମହିମା ସମ୍ପର୍କିତ ବ୍ୟାଖ୍ୟାନମାଳା ଉଦ୍‌ଘାଟିତ**

ବ୍ରହ୍ମାଣ୍ଡ ନାୟକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ତତ୍ତ୍ୱ, ତଥ୍ୟ, ମହିମାର ପ୍ରଚାର ପାଇଁ ଉତ୍କଳ ବିଦ୍ୱତ୍ ପରିଷଦ ଏବଂ ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର କିଛିମାସ ତଳେ ସ୍ୱାକ୍ଷରିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରସ୍ତାବିତ ବ୍ୟାଖ୍ୟାନମାଳାର ଶୁଭ ଉଦ୍‌ଘାଟନ କୁଳପତି ଡ. ରବିନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଜି କାଉନ୍‌ସିଲ ଚେୟାରମ୍ୟାନ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଡ. ଅଜୟ ପାଣ୍ଡେ ଅତିଥି ପରିଚୟ ଓ ପରିଷଦର ଅଧ୍ୟକ୍ଷ ମନୋଜ ରଥ ସ୍ୱାଗତ ଭାଷଣ ଦେଇଥିଲେ। ରଥ କହିଥିଲେ ଯେ, ଓଡ଼ିଆ ଜାତି ଶ୍ରୀଜଗନ୍ନାଥଙ୍କୁ ନିଜର ମୁରବି ବୋଲି ସ୍ୱୀକାର କରିଛି। ଗଜପତିମାନେ ଶ୍ରୀଜଗନ୍ନାଥଙ୍କୁ ସମ୍ମାନ ଜଣାଇ ରାଜମୁକୁଟ ତ୍ୟାଗ କରିଥିବାର ନଜିର ରହିଛି। ତେଣୁ ଯୁବପିଢ଼ି ଶ୍ରୀଜଗନ୍ନାଥଙ୍କ ବିଷୟରେ ଠିକ ତଥ୍ୟ ଓ ତତ୍ତ୍ୱ ଜାଣି ସମର୍ପଣ ଭାବ ରଖିଲେ ବିଶ୍ୱବିଜୟୀ ହୋଇପାରିବେ। ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତ୍ରା ପଟ୍ଟନାୟକ କହିଥିଲେ, ଶ୍ରୀଜଗନ୍ନାଥଙ୍କ ମହିମା ଓ ଅନୁଭୂତି କହିଲେ ସରିବନି, ଲେଖିଲେ ଆକାଶକୁ କାଗଜ ସମ ମାନିଲେ ମଧ୍ୟ ନିଅଣ୍ଟ ପଡ଼ିବ। କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ନେବଳ ଦାସ ମଠର ମହନ୍ତ ଡ. ରାମ ଚରଣ ଦାସ ସ୍କନ୍ଦ ପୁରାଣରେ ଶ୍ରୀଜଗନ୍ନାଥଙ୍କ ଆଗମନ ବିଷୟରେ କଳ୍ପନା କରିଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ଶ୍ରୀମନ୍ଦିର ସୁଆରବଡୁ ନିଯୋଗ ସଭାପତି ବିଶ୍ୱନାଥ ସାମନ୍ତରାୟ ଶ୍ରୀମନ୍ଦିର ରୋଷଘରେ ମହାପ୍ରସାଦ ପ୍ରସ୍ତୁତିର ପ୍ରତ୍ୟେକ ସୋପାନ କିପରି ମହାପ୍ରଭୁ ଏବଂ ମା' ଲକ୍ଷ୍ମୀ ଅଦୃଶ୍ୟରେ କରାନ୍ତି ତାହା ବର୍ଣ୍ଣନା କରିଥିଲେ। ପ୍ରଫେସର ପ୍ରଦୀପ୍ତ ନନ୍ଦ ମଞ୍ଚ ସଞ୍ଚାଳନ କରିଥିଲେ। ଉତ୍କଳ ବିଦ୍ୱତ୍ ପରିଷଦର ବିଜୟକୃଷ୍ଣ ବ୍ରହ୍ମା, ସୁକାନ୍ତ ପଣ୍ଡା, କମଳକାନ୍ତ ଆଚାର୍ଯ୍ୟ, ଦିବ୍ୟ ରଞ୍ଜନ ଦାଶ, ବିରଞ୍ଚି ନାରାୟଣ ମିଶ୍ର, ଭବାନୀ ସାମନ୍ତରାୟ, ଚିତ୍ତରଞ୍ଜନ ବିଶ୍ୱାଳ ଏବଂ ସତ୍ୟବ୍ରତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଡ. ଚନ୍ଦନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିର

କୃଷ୍ଣପ୍ରସାଦ,୧୭।୧୧(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଳ ପଞ୍ଚାୟତର କହ୍ନେଇପୁରସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ସିଆଳ ସରପଞ୍ଚ ରବି ନାରାୟଣ ମାଝୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଦୀର୍ଘ ୧୧ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ୨୫ଜଣ ପରିଚାଳନା କମିଟି ସଦସ୍ୟ ଓ ୨୫ ଜଣ ସନ୍ଧାନ ଉଦ୍ଧାରକାରୀ ଦଳ ଓ ୨୫ ଜଣ ପ୍ରାଥମିକ ସେବାର ସଦସ୍ୟଙ୍କୁ ତାଲିମ ଦିଆଯିବ। ନୋଡାଲ ଏନ୍‌ଜିଓ ସମ୍ପାଦକ ପ୍ରବୀର କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ଏନ୍.ସମୀର କୁମାର, ପୂର୍ଣ୍ଣଚନ୍ଦ୍ର ସାହୁ, ନୃସିଂହ ବିଶ୍ୱାଳ, ଗୀତାଞ୍ଜଳି ସାହୁ ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ଏହାର ମୁକାବିଲା କରାଯିବ ଏବଂ କିଭଳି କମ ଧନଜୀବନ ପ୍ରଭାବିତ ହେବ ସେ ନେଇ ତାଲିମ ପ୍ରଦାନ କରାଯାଇଛି। ସମିତିସଭ୍ୟ ଭୀମସେନ ସେଠୀ, କହ୍ନେଇପୁର ଗ୍ରାମ୍ୟ କମିଟି ସଭାପତି ଅଭିମନ୍ୟୁ ଦଳେଇ, ବାତ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ଲକ୍ଷ୍ମୀକାନ୍ତ ପ୍ରଧାନ, କହ୍ନେଇପୁର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଭୋଇ, ହରପ୍ରିୟା ସାହୁ, ସାବିତ୍ରୀ ପ୍ରଧାନ, ସୁକାନ୍ତି ଦାସ, ସତିନୀ ପ୍ରଧାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ମାଡ଼ ମାରିବା, ହତ୍ୟା ଧମକ ଘଟଣାରେ ଯୁବକ ଗିରଫ

ପୁରୀ ଅଫିସ, ୧୭।୧୧

ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିନୋଳିଆ ସାହିର ବି.ତ୍ରିନାଥ ବେହେରା (୩୯)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଜିଆଇ ପାଇପ୍ ଜବତ କରିଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୨୬୧/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ବାଲିନୋଳିଆ ସାହିର ଜେ. ଜଗନ୍ନାଥ ବୁଧବାର ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ସାନଭାଇ ଜେ.ଲିଙ୍ଗୁ ସ୍କୁଟି ଯୋଗେ ସମୁଦ୍ରକୂଳ ରାସ୍ତାଦେଇ ଯାଉଥିବା ବେଳେ ପୁରୀ ହୋଟେଲ ନିକଟରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଅଟକାଇ ମାଡ଼ ମାରିବା ସହ ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ ଦେଇଥିଲେ। ତ୍ରିନାଥଙ୍କ ମାଡ଼ରେ ତାଙ୍କ ଭାଇଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରି ତ୍ରିନାଥଙ୍କୁ ଗିରଫ କରିଥିଲା।

## ଘର ଆଗରେ ବାଇକ୍ ଜଳିଗଲା

ବଳଙ୍ଗା,୧୭।୧୧(ଡି.ଏନ୍.ଏ)



ବଳଙ୍ଗା ଥାନା ଅନ୍ତର୍ଗତ ସମ୍ଭୁଭାରତୀ ପାଟଣା ଗ୍ରାମର ସନ୍ତୋଷ କୁମାର ସାହୁଙ୍କ ବାଇକ୍‌କୁ ବୁଧବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡି ଦେଇଥିବା ଗୁରୁବାର ଅଭିଯୋଗ ହୋଇଛି। ସନ୍ତୋଷଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ବୁଧବାର ରାତିରେ ସବୁଦିନ ଭଳି ସେ ନିଜର ହିରୋ ଗ୍ଲାମର ଗାଡ଼ି (ନଂ. ଓଡି ୧୩ ସି ୮୦୬୭)କୁ ଘର ବାରଣ୍ଡାରେ ରଖିଥିଲେ। ରାତି ପ୍ରାୟ ସାଢ଼େ ୧ଟା ସମୟରେ ହଠାତ୍ ଗାଡ଼ିଟି ଜଳିଯାଇଥିଲା। ସ୍ଥାନୀୟ ଲୋକ ଦେଖି ଲୋକମାନଙ୍କୁ ଡାକ ପକାଇଥିଲେ। ଫଳରେ ପାଟି ଶୁଣି ସନ୍ତୋଷ ଓ ତାଙ୍କର ପଡୋଶୀ ବାହାରକୁ ଆସି ଜଳୁଥିବା ଗାଡ଼ିରେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଜଳି ନଷ୍ଟ ହୋଇଯାଇଥିଲା। ଏନେଇ ସନ୍ତୋଷ ପରଦିନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ କେହି ଦୁର୍ବୃତ୍ତ ଏଭଳି ଘଟଣା ଘଟାଇଥିବା ନେଇ ସନ୍ଦେହ କରାଯାଉଛି।

# ସୂର୍ଯ୍ୟମନ୍ଦିରକୁ ଶନିବାର ପ୍ରବେଶ ଶୁଳ୍କ ଛାଡ଼ ଦାବିରେ ଧାରଣା

କୋଣାର୍କ,୧୭।୧୧(ଡି.ଏନ୍.ଏ)

ପ୍ରତି ଶନିବାର ସୂର୍ଯ୍ୟ ମନ୍ଦିର ପ୍ରବେଶ ଶୁଳ୍କ ଛାଡ଼, ସୂର୍ଯ୍ୟ ମନ୍ଦିର ସୁରକ୍ଷା ଓ ସଂରକ୍ଷଣ ଆଦି ଦାବି ନେଇ କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଗୁରୁବାର ଗଣଧାରଣା, ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦୀର୍ଘ ୨୬ ବର୍ଷ ଧରି ସୁରକ୍ଷା ସମିତି ଏହି ଆନ୍ଦୋଳନ କରିଆସୁଛି। ପୂର୍ବାହ୍ନ ୧୧ଟାରେ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ସମିତି ସଦସ୍ୟ, ଯୁବଗୋଷ୍ଠୀ ପ୍ରମୁଖ ସାମିଲ ହୋଇ ବସି ରହିଥିଲେ। ସୁରକ୍ଷା ସମିତି ଆବାହକ ଭାଗୀରଥି ସ୍ୱାଇଁଙ୍କ ସଭାପତିତ୍ୱରେ ଏହି ଗଣଧାରଣାରେ ସମ୍ପାଦକ ରାମକୃଷ୍ଣ ମହାନ୍ତି, ରଘୁନାଥ ମହାପାତ୍ର, ବାବା ଶକ୍ତିଦେବ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତି ଶନିବାର ସୂର୍ଯ୍ୟ ମନ୍ଦିର ପ୍ରବେଶ ଶୁଳ୍କ ଛାଡ଼, ଭବ୍ୟ ନବଗ୍ରହ ମନ୍ଦିର ନିର୍ମାଣ, ସୂର୍ଯ୍ୟ ମନ୍ଦିର ସଂରକ୍ଷଣରେ ଅବହେଳା ପ୍ରଦର୍ଶନ ହେଉଥିବା ସମ୍ପର୍କରେ ଏକ ଦାବିପତ୍ର କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଓ ଏଏସ୍‌ଆଇ ଡିଜିଙ୍କ ଉଦ୍ଦେଶ୍ୟରେ ତହସିଲଦାର ଏସ୍.କେ. ସାଗିର, ସହାୟକ ଅଧୀକ୍ଷକ ପ୍ରତ୍ନତତ୍ତ୍ୱବିତ ପ୍ରତାପ କୁମାର ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମିତି ସଦସ୍ୟ ପ୍ରିୟରଞ୍ଜନ ରଥ, ନିରଞ୍ଜନ ତ୍ରିପାଠୀ, ବିରଞ୍ଚି ନାରାୟଣ ରଥ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଧାରଣା ଦିଆଯାଇଛି।



ନିମାପଡ଼ା ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୮ମ ପଦ୍ମଚରଣ ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତାର ଗୁରୁବାର ୫ମ ଦିନ ମ୍ୟାଚ୍ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

# ନିମାପଡ଼ାକୁ ହରାଇ ଫାଇନାଲରେ ଭୁବନେଶ୍ୱର

ନିମାପଡ଼ା,୧୭।୧୧(ଡି.ଏନ୍.ଏ.)

**ରାଜ୍ୟସ୍ତରୀୟ ୮ମ ପଦ୍ମଚରଣ ସ୍ମାରକୀ ଫୁଟବଲ୍**

ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ୍ (ଏନ୍‌ଏଏ) ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୮ମ ପଦ୍ମଚରଣ ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା ଗୁରୁବାର ୫ମ ଦିନରେ ପହଞ୍ଚିଛି। ପ୍ରଥମ ସେମିଫାଇନାଲରେ ଆୟୋଜକ ଏନ୍‌ଏଏକୁ ୩-୦ ଗୋଲରେ ପରାସ୍ତ କରି ଭୁବନେଶ୍ୱର ଜଗା ୟୁନାଇଟେଡ୍ ଫୁଟବଲ୍ କ୍ଲବ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କୌଣସି ଗୋଲ ସ୍କୋର କରିପାରି ନ ଥିଲେ। ୨ୟାର୍ଦ୍ଧରେ ଭୁବନେଶ୍ୱରର ଖେଳାଳି ଅନ୍ତର୍ଯ୍ୟାମୀ ନାୟକ ଗୋଟିଏ ଗୋଲ , ଶୁଭ୍ରଜିତ୍ ସ୍ୱାଇଁ ଗୋଟିଏ ଗୋଲ, ଅଭିନାଶ କୁମାର ଗୋଟିଏ ଗୋଲ ସ୍କୋର କରି ଦଳକୁ ୩-୦ ରେ ବିଜୟୀ କରିଥିଲେ। ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ବିଜୟୀ ଭୁବନେଶ୍ୱରର ଖେଳାଳି ଶୁଭ୍ରଜିତ୍ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ରେଫରି ଭାବେ କୀର୍ତ୍ତିରଞ୍ଜନ ସ୍ୱାଇଁ, ସୁଦୀପ ଦାସ, ପ୍ରିୟବ୍ରତ ବାହିନୀପତି, ସମର ବରାଳ, ପଦ୍ମଚରଣ ପାଣିଗ୍ରାହୀ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଯୁବ କ୍ରୀଡାବିତ୍ ବିଶ୍ୱଜିତ୍ କାନୁନ୍‌ଗୋ, ଜ୍ୟୋତିରଞ୍ଜନ ସାହୁ, ଅଖିଳ ମହାପାତ୍ର, ଅକ୍ଷୟ ପାତ୍ର ପ୍ରମୁଖ ମ୍ୟାଚ୍ ସଂଯୋଜନା ଓ ସହାୟତା କରିଥିଲେ। ଅତିଥି ଭାବେ ସ୍ୱାଧୀନ ଆବାସିକ ମହାବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ସ୍ୱାଧୀନ ସାହୁ, ରିଜିଓନାଲ କଲେଜର ପରିଚାଳନା ନିର୍ଦ୍ଦେଶକ ଶ୍ରୀକାନ୍ତ ସାମନ୍ତରାୟ, ନିମାପଡ଼ା ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା. କ୍ଷମାନିଧି ସେଠୀ, କ୍ରୀଡାବିତ୍ ମହେନ୍ଦ୍ର ସିଂ ଭାଟିଆ, ଦୋଳଗୋବିନ୍ଦ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଶୁକ୍ରବାର ୨ୟ ସେମିଫାଇନାଲରେ ୟୁଏଫ୍‌ସି ଭଦ୍ରକ ଏବଂ ୟୁଏଫ୍‌ସି ଗଣ୍ଡରପୁର-ଭୁବନେଶ୍ୱର ମଧ୍ୟରେ ମୁକାବିଲା ହେବ।


ବାଲିଯାତ୍ର ପଡିଆରେ ମହାନଦୀ ଆଳତି କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।


ବାଲିଯାତ୍ରା ପଡ଼ିଆର କଟକ ଇନ୍ କଟକ ଏନ୍‌କ୍ଲୋଜରରେ ଜଣେ ମହିଳା ରଙ୍ଗ ତୂଳୀରେ ରୂପରେଖ ଦେଉଛନ୍ତି।

# 'ସଂସ୍କୃତି, ପ୍ରଗତିର ମିଳନ ସ୍ଥଳ ବାଲିଯାତ୍ରା'


ବାଲିଯାତ୍ରା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟ ଅତିଥିବୃନ୍ଦ।

**କଟକ ଅଫିସ,୧୭।୧୧**

## ବାଲିଯାତ୍ରା ଉଦ୍‌ଯାପିତ

ବାଲିଯାତ୍ରାର ଐତିହ୍ୟ ଓ ପରମ୍ପରା ଅତ୍ୟନ୍ତ ଗୌରବମୟ। ଓଡ଼ିଶାର ସମୃଦ୍ଧ ଅତୀତ ଓ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନର ପ୍ରେରଣା ରହିଛି ଏହି ଯାତ୍ରା ପଛରେ। ବାଲିଯାତ୍ରା ହେଉଛି ସଂସ୍କୃତି ଓ ପ୍ରଗତିର ଅନନ୍ୟ ମିଳନ ସ୍ଥଳ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ବାଲିଯାତ୍ରା ତଳପଡ଼ିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ବାଲିଯାତ୍ରା ଉଦ୍‌ଯାପନୀ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ କହିଥିଲେ, ଯେତେବେଳେ ମଣିଷ ସମୁଦ୍ରକୁ ଡରୁଥିଲା, ସେତେବେଳେ ଓଡ଼ିଶାର ଅଧିବାସୀ ସମୁଦ୍ରକୁ ନିଜ ବାଣିଜ୍ୟ ବିସ୍ତାରର ମାଧ୍ୟମ କରିଥିଲେ। ଏଥିପାଇଁ ଅନେକ କାବ୍ୟରେ କଳିଙ୍ଗ ଅଧିବାସୀଙ୍କୁ ସାହାସୀ ବୋଲି କୁହାଯାଇଛି। ବାଲିଯାତ୍ରା ହେଉଛି ହୃଦୟର ଯାତ୍ରା। ଏହି ମାଟିର କନ୍ୟା ଏବେ ରାଷ୍ଟ୍ରର ସର୍ବୋଚ୍ଚ ପଦବୀରେ ଅବସ୍ଥାପିତ। ଦେଶର ଅନେକ ସର୍ବୋଚ୍ଚ ପଦବୀରେ ଓଡ଼ିଆମାନେ ରହିଛନ୍ତି। ଆଗାମୀ ଦିନରେ ଭାରତବର୍ଷ ବିଶ୍ୱର ନେତୃତ୍ୱ ନେବ। ଏଣୁ ଓଡ଼ିଶା ହିଁ ବିଶ୍ୱର ନେତୃତ୍ୱ ନେବାକୁ ଯାଉଛି ବୋଲି ସେ କହିଥିଲେ। ସେହିପରି ମୁଖ୍ୟବକ୍ତା ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ମୁକୁନ୍ଦାନନ୍ଦ ଜୀ କହିଥିଲେ, ଭାରତବର୍ଷର ସବୁଠାରୁ ବଡ଼ ବାଣିଜ୍ୟ ମେଳା ହେଉଛି ବାଲିଯାତ୍ରା। ଏହି ଯାତ୍ରାର ସମ୍ବନ୍ଧ କଟକ ଓ ଓଡ଼ିଶା ପ୍ରାନ୍ତର ଇତିହାସରେ ରହିଛି। ଇତିହାସକୁ ବୁଝିବା ଆମମାନଙ୍କ ପାଇଁ ଲାଭଦାୟକ ହୋଇଥାଏ। ଆମ ପୂର୍ବଜମାନଙ୍କର ଚିନ୍ତାଧାରା କ'ଣ ଥିଲା, ସେମାନେ କେଉଁଠାରୁ ପ୍ରେରଣା ଓ ଶକ୍ତି ହାସଲ କରୁଥିଲେ, ବର୍ତ୍ତମାନର ଓଡ଼ିଶା କିପରି ନିର୍ମାଣ ହୋଇଛି ଏସବୁ ଜାଣିବା ପାଇଁ ହେଲେ ଇତିହାସକୁ ଚିହ୍ନିକି କରି ଖୋଜିବାକୁ ପଡ଼ିବ। ଆମକୁ ଜାଗ୍ରତ ନାଗରିକ ହେବାକୁ ପଡ଼ିବ ବୋଲି ସ୍ୱାମୀଜୀ କହିଥିଲେ। ଏହି ଅବସରରେ ବାଲିଯାତ୍ରାର ମୁଖ୍ୟ ପୃଷ୍ଠପୋଷକ ତଥା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଡାଇଅନ ଗ୍ରୁପର ମନୋଜ କୁମାର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ, କମିଶନର ନିଖିଳ ପଓନ କଲ୍ୟାଣ, ଡିସିପି ପିନାକ ମିଶ୍ର, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ ମଞ୍ଚାସୀନ ଥିଲେ।


ବାଲିଯାତ୍ରା ପଡ଼ିଆରେ ଛାତ୍ରମାନେ ଗୁଡ଼ି ଉଡ଼ାଉଛନ୍ତି।


ମହାନଦୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟ ଅତିଥିମାନେ ନୌବିହାରର ମଜା ନେଉଛନ୍ତି।


ବାଲିଯାତ୍ରା ଷ୍ଟଲ୍‌ରେ ବିକ୍ରି ହେଉଥିବା ସାମଗ୍ରୀ।


ଜଣେ ମହିଳା ହାତରେ ଚିତା କୁଟାଉଛନ୍ତି।


ବାଲିଯାତ୍ରା ପଡ଼ିଆରେ ବୁଲା ବ୍ୟବସାୟୀଙ୍କ ପସରା।

# ବାଲିଯାତ୍ରାରେ ଗ୍ରାମୀଣ ଉତ୍ପାଦ ବିକ୍ରି ବୃଦ୍ଧି ପାଇଛି

**କଟକ ଅଫିସ, ୧୭।୧୧**

କଟକ ବାଲିଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ବାଲିଯାତ୍ରାକୁ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ବ୍ୟବସାୟୀ ଆସି ବ୍ୟବସାୟ କରିବା ସହ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଫଳରେ ପ୍ରତିଦିନ ଲକ୍ଷାଧିକ ଲୋକ ଆକର୍ଷିତ ହୋଇ ବାଲିଯାତ୍ରା ଆସିଥିଲେ। ବାଲିଯାତ୍ରାରେ ଓର୍‌ମାସ (ଓଡ଼ିଶା ରୁରାଲ ଡେଭଲପମେଣ୍ଟ ଆଣ୍ଡ ମାର୍କେଟିଂ ସୋସାଇଟି) ପକ୍ଷରୁ ଗ୍ରାମାଞ୍ଚଳର କାରିଗର, ଶିଳ୍ପୀ ଓ ମହିଳା ଉଦ୍ୟୋଗୀମାନଙ୍କୁ ସହରୀ କ୍ରେତାମାନଙ୍କ ସହ ଯୋଗାଯୋଗ କରିବା ପାଇଁ ଏକ ମଞ୍ଚ ଯୋଗାଇ ଦିଆଯାଇଥିଲା। ଏହା ମାଧ୍ୟମରେ ସେମାନେ ନିଜର ଉତ୍ପାଦ ବିକ୍ରୟ ପରିସରକୁ ବୃଦ୍ଧି କରିପାରିଛନ୍ତି। ଚଳିତବର୍ଷ ବାଲିଯାତ୍ରାର ଓର୍‌ମାସ


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

ପରିସରରେ ୩୦ ପ୍ରକାର ଖାଦ୍ୟ ଓ ୧୨ଟି ଗ୍ରାଉଣ୍ଡ ଡିସ୍‌ପ୍ଲେ ସାମିଲ ହୋଇଥିଲା। ସେଥିରେ ନିତ୍ୟ ବ୍ୟବହାର୍ଯ୍ୟ ହସ୍ତତନ୍ତ, ହାତବୁଣା ସାମଗ୍ରୀ, ମସଲା ଏବଂ ଅନ୍ୟାନ୍ୟ ବସ୍ତୁ ପ୍ରଦର୍ଶିତ କରାଯାଇଥିଲା। ସେହିପରି ଫୁଡ୍ ଫେଷ୍ଟରେ ଓଡ଼ିଆ, ରାଜସ୍ଥାନୀ, ପଞ୍ଜାବୀ ଏବଂ ଗୁଜରାଟି ଖାଦ୍ୟ ବ୍ୟବସ୍ଥା ହୋଇଥିଲା। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ପକ୍ଷରୁ ୩ଟି ଡେମୋନଷ୍ଟ୍ରେଶନ ଷ୍ଟଲ୍ କରାଯାଇଥିଲା। ମାଣିଆବନ୍ଧ ପାଟ, ବାଉଁଶ ଉତ୍ପାଦ ଓ ଡିଜିୟୁଜିକେୱାଇରେ ଯୁବକଙ୍କୁ ସଶକ୍ତୀକରଣ ପାଇଁ ଗ୍ରାମୀଣ ଥିମ୍‌ରେ ୩ଟି ପାଭିଲିୟନ୍ କରାଯାଇଥିଲା। ଗ୍ରାମୀଣ ମହିଳାମାନଙ୍କୁ ପାରମ୍ପରିକ ଖାଦ୍ୟ ମାଧ୍ୟମରେ ମୁଖ୍ୟସ୍ରୋତ ଖାଦ୍ୟ ବଜାରରେ ଅନ୍ତର୍ଭୁକ୍ତ କରିବା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବେତ ଓ ବାଉଁଶ ଉତ୍ପାଦକୁ ଅଧିକ ଆକର୍ଷଣୀୟ କରିବା ପାଇଁ କର୍ମଶାଳାରେ କାରିଗରମାନଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ୧୮ଟି ରାଜ୍ୟର କାରିଗର ଅଂଶଗ୍ରହଣ କରି ସେମାନଙ୍କ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ବାଲିଯାତ୍ରା ଉଦ୍‌ଯାପନୀ ଦିନ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଓର୍‌ମାସ କଟକର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ବିପିନ ବିହାରି ରାଉତ ଯୋଗଦେଇ କହିଥିଲେ, ଗ୍ରାମୀଣ କାରିଗରଙ୍କ ଉତ୍ପାଦ ବିକ୍ରି ବୃଦ୍ଧି କରିଛି ବାଲିଯାତ୍ରା। ଏହି ଅବସରରେ ଗୁଜରାଟର କବିତା ଗୋରସ୍ୱାଙ୍କୁ ଅଭିନବ ଉପାୟରେ ନିଜ ଉତ୍ପାଦ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିଲା। ଏଥିସହ ଗ୍ରାହକଙ୍କୁ ମାଗଣା ତୁଳସୀ ବିତରଣର ଏକ ନିଆରା ପଦକ୍ଷେପ ପାଇଁ ରୟାଲ୍ ପ୍ରଡ୍ୟୁସର ଗ୍ରୁପ୍‌କୁ ସବୁଜ ବିପ୍ଳବ ପୁରସ୍କାର ଦିଆଯାଇଥିଲା। ବାଉଁଶ ନିର୍ମିତ ହସ୍ତତନ୍ତ ଉତ୍ପାଦ ପାଇଁ ମା' ଚର୍ଚ୍ଚିକା ଗ୍ରୁପ୍‌କୁ ଶ୍ରେଷ୍ଠ ଅଭିନବ ଉତ୍ପାଦ ପୁରସ୍କାର ଦିଆଯାଇଥିଲା।

# ସ୍ଥାୟୀ ନିଯୁକ୍ତି ଦାବିରେ ବିକ୍ଷୋଭ

**କଟକ ଅଫିସ, ୧୭।୧୧**

ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ସଂଘ ପକ୍ଷରୁ ଉକ୍ତ ଦାବି ସମ୍ପର୍କିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ମାଧ୍ୟମରେ ଦିଆଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି, ଦୀର୍ଘ ୨୨ ବର୍ଷ ଧରି କର୍ମଚାରୀମାନେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି। ସ୍ଥାୟୀ ନିଯୁକ୍ତି ନେଇ ବିଭିନ୍ନ ସମୟରେ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ହେଲେ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରା ନ ଗଲେ ଆଗାମୀ ଦିନରେ ବୃହତ୍ତର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଉକ୍ତ ବିକ୍ଷୋଭରେ ହିନ୍ଦ୍ ମଜଦୁର ସଭା ଯୁବ ସଭାପତି ବିଜୟ ଭୂଷଣ ପତି, ଉମାକାନ୍ତ ନନ୍ଦ, ଶରତ ଚନ୍ଦ୍ର ରାଉତରାୟ, ଯଯାତି କେଶରୀ ନାୟକ, କ୍ଷୀରେନ୍ଦ୍ର ପୁହାଣ, ଗଣେଶ୍ୱର ରାଓ, କମଳାକାନ୍ତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।



ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ୧୮ ନଭେମ୍ବର, ୨୦୨୨ Bhubaneswar, Friday, November 18/2022


# ନୂତନ ଆରମ୍ଭ ଲକ୍ଷ୍ୟରେ ଭାରତ

ୱେଲିଂଟନ୍,୧୭।୧୧(ପି.ଟି)

ବିଶ୍ୱକପ୍ ବିଫଳତା ପରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ଟି ଲେଖାଏ ଟି୨୦ ଓ ଦିନିକିଆ ମ୍ୟାଚ ଖେଳିବ। ଏହି ସିରିଜରେ ନୂତନ ନେତୃତ୍ୱ ସହିତ ଏକ ନୂତନ ଆରମ୍ଭ ଲକ୍ଷ୍ୟରେ ରହିବ ଭାରତ। ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଶୁକ୍ରବାର ଆରମ୍ଭ ହେବ। ଦୀର୍ଘ ୯ ବର୍ଷ ଧରି ଆଇସିସି

## ଆଜି ପ୍ରଥମ ଟି୨୦

ଟୁର୍ନାମେଣ୍ଟଗୁଡ଼ିକର ବିଫଳତାକୁ ପଛରେ ପକାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆଗକୁ ବଢ଼ିବାକୁ ପ୍ରୟାସ କରିବ। ୟୁଏଇ ବିଫଳତା ପରେ ଚଳିତ ଟି୨୦ରେ ମଧ୍ୟ ଭାରତୀୟ ଦଳ ବିଫଳ ହୋଇଥିଲା। ବିରାଟ କୋହଲି ଏବଂ ସୂର୍ଯ୍ୟକୁମାର ଯାଦବ ସ୍କୋର କରିଥିବା ବେଳେ ଦୁଇ ଓପନର ରୋହିତ ଶର୍ମା ଓ ଲୋକେଶ ରାହୁଲ କିନ୍ତୁ ଫର୍ମ ପାଇଁ ସଂଘର୍ଷ କରିଥିଲେ। ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ହାର୍ଦ୍ଦିକ ପାଣ୍ଡ୍ୟା ଭାରତର ନେତୃତ୍ୱ ନେବେ। ଅନେକ ପୂର୍ବତନ ଖେଳାଳି ହାର୍ଦ୍ଦିକଙ୍କୁ ୨୦୨୪ ଟି୨୦ ବିଶ୍ୱକପ ଦଳର ଅଧିନାୟକ ଭାବରେ ବିବେଚନା କରୁଛନ୍ତି। ସେହିପରି ରାହୁଲ ଦ୍ରାବିଡ଼ଙ୍କ ଅନୁପସ୍ଥିତିରେ ଭିଭିଏସ୍ ଲକ୍ଷ୍ମଣ ଷ୍ଟାଣ୍ଡ ଇନ୍ କୋଚ୍ ଭାବରେ ଦାୟିତ୍ୱ ନିର୍ବାହ କରିବେ। ପ୍ରଥମ ମ୍ୟାଚ ପୂର୍ବରୁ ଭାରତୀୟ ଟିମ୍‌ରେ ଯୁବ ଖେଳାଳିଙ୍କ ସହିତ ଟି୨୦ ସ୍ପେଶାଲିଷ୍ଟମାନଙ୍କୁ ସାମିଲ କରାଯିବ ବୋଲି ଲକ୍ଷ୍ମଣ ସ୍ପଷ୍ଟ କରିଛନ୍ତି। ୨୦୨୩ ଦିନିକିଆ ବିଶ୍ୱକପ ପୂର୍ବରୁ ବର୍ତ୍ତମାନ ସମସ୍ତ ଧ୍ୟାନ ଏହା ଉପରେ ରହିଛି। ରୋହିତ ଶର୍ମା ଓ ରାହୁଲଙ୍କ ନିକଟରେ ଇଚ୍ଛାଶକ୍ତିର ଅଭାବ ପରିଲକ୍ଷିତ ହେଉଥିବାରୁ ଉଭୟ ଖେଳାଳି ୨୦୨୪ ଟି୨୦ ବିଶ୍ୱକପରୁ ବାଦ୍ ପଡିବାର ସମ୍ଭାବନା ସୃଷ୍ଟି ହୋଇଛି। ବିରାଟ କୋହଲି ଚମତ୍କାର ଫର୍ମରେ ଥିଲେ ମଧ୍ୟ ତାଙ୍କୁ ସାମିଲ କରାଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

ଇଶାନ କିଶନ୍ ଏବଂ ଶୁବମାନ ଗିଲ୍ ଓପନର ଭାବରେ ଖେଳିବେ। କିଶନ୍ ବିଗତ ଏକ ବର୍ଷ ମଧ୍ୟରେ ଟପ୍ ଅର୍ଡରରେ ଖେଳିଥିବା ବେଳେ ନିଜ ଉପସ୍ଥିତି ଜାହିର କରିବା ପାଇଁ ଏହା ସୁବର୍ଣ୍ଣ ସୁଯୋଗ। ଅନ୍ୟପକ୍ଷରେ ଦିନିକିଆ ଦଳରେ ନିଜ ଦକ୍ଷତା ପ୍ରତିପାଦନ କରିଥିବା ଗିଲ୍ ମଧ୍ୟ ଟି୨୦ରେ ସୁଯୋଗ ପାଇବେ। ସଞ୍ଜୁ ସାମସନ୍ ମଧ୍ୟ ମିଳିଥିବା ସୁଯୋଗର ସଦ୍‌ବ୍ୟବହାର କରିବା ସହିତ ଦଳରେ ନିଜ ସ୍ଥାନ ପକ୍କା କରିବାକୁ ପ୍ରୟାସ କରିବେ। ଆହତ ସମସ୍ୟାରୁ ଫେରୁଥିବା ଅଲରାଉଣ୍ଡର ୱାଶିଂଟନ୍ ସୁନ୍ଦର ମଧ୍ୟ ଉଭୟ ବଲ୍ ଓ ବ୍ୟାଟ ଜରିଆରେ ପ୍ରଦର୍ଶନ କରିବାକୁ ଚାହିଁବେ। ରିଷ୍ଟ ସ୍ପିନର ଯୋଡି ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ମଧ୍ୟ ପୁନର୍ବାର ଏକତ୍ର ବୋଲିଂ କରିବାର ସୁଯୋଗ ପାଇବେ। ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ଟି୨୦ ବିଶ୍ୱକପ ସେମିଫାଇନାଲରୁ ବିଦାୟ ନେଇଥିଲେ। ଏହି ସିରିଜ ପାଇଁ ଭାରତ ଦ୍ୱିତୀୟ ପସନ୍ଦର ଦଳ ରଖିଥିବା ବେଳେ ନ୍ୟୁଜିଲାଣ୍ଡକୁ ଏହା କଡା ଟକ୍କର ଦେବ ବୋଲି ଆଶା କରାଯାଉଛି। ବୁମରାଙ୍କ ଅନୁପସ୍ଥିତିରେ ଉମ୍ରାନ ମଲିକଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ। ଏହା ସହିତ ହର୍ଷଲ ପଟେଲ ଓ ମହମ୍ମଦ ସିରାଜଙ୍କୁ ମଧ୍ୟ ଦଳରେ ସାମିଲ କରାଯିବ।



ଅଭ୍ୟାସ ଅବସରରେ ଶୁବମନ୍ ଗିଲ୍ ଓ ମହମ୍ମଦ ସିରାଜ୍

**ମ୍ୟାଚ୍ ସ୍ଥାନ**
**ସ୍କାଏ ଷ୍ଟାଡିୟମ, ୱେଲିଙ୍ଗଟନ୍**
**ସମୟ: ମଧ୍ୟାହ୍ନ ୧୨.୦୦**






# ପଦ୍ମାଙ୍କୁ ହରାଇ ଜାହ୍ନବୀ ଚାମ୍ପିୟନ

ଭୁବନେଶ୍ୱର, ୧୭।୧୧ (କ୍ରୀଡ଼ା ପ୍ରତିନିଧି)

## ସର୍ବଭାରତୀୟ ଚାମ୍ପିୟନଶିପ୍ ସିରିଜ ଟେନିସ

ଓଡ଼ିଶା ଟେନିସ ଆସୋସିଏଶନ ସହଯୋଗରେ ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ନାମେଣ୍ଟର ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଆନ୍ଧ୍ର ପ୍ରଦେଶର ଟି. ଜାହ୍ନବୀ ଚାମ୍ପିୟନ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ଜାହ୍ନବୀ କର୍ଣ୍ଣାଟକର ପଦ୍ମା ପ୍ରିୟା ରମେଶଙ୍କୁ ୬-୪, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ବାଳକ ବର୍ଗରେ ଓଡ଼ିଶାର ସାଇ ସ୍ୱସ୍ତିକ ମହାନ୍ତି ଓ ତାମିଲନାଡୁର ରୋନି ବିଜୟ କୁମାର ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସାଇ ସ୍ୱସ୍ତିକ ୬-୩, ୬-୧ରେ ଅନ୍ୟତମ ଓଡ଼ିଆ ଖେଳାଳି ଆହାନ ମିଶ୍ରଙ୍କୁ ଏବଂ ରୋନି ୬-୩, ୬-୩ ସେଟ୍‌ରେ ପଶ୍ଚିମବଙ୍ଗର ସ୍ୱପ୍ନିଲ ଘୋଷଙ୍କୁ ହରାଇ ଦେଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ପଶ୍ଚିମବଙ୍ଗର ଡି. ବିଶ୍ୱାସ ଓ ଟି. ଜାହ୍ନବୀ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେହିପରି ବାଳକ ବର୍ଗରେ ଦୁଇ ଓଡ଼ିଆ ଖେଳାଳି ମୟଙ୍କ ମୋଦି ଓ ସାଇ ସ୍ୱସ୍ତିକ ମହାନ୍ତି ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ମୟଙ୍କ ୨-୬, ୬-୩, ୭-୭ (୭/୩)ରେ କର୍ଣ୍ଣାଟକର ଅଭିବଦ୍ୟ ମିଶ୍ରଙ୍କୁ ଏବଂ ସାଇ ସ୍ୱସ୍ତିକ ୭-୬ (୭/୪), ୬-୪ ସେଟ୍‌ରେ ଅନ୍ୟତମ ଓଡ଼ିଆ ଖେଳାଳି ଅନିକେତ ସାହୁଙ୍କୁ ହରାଇଛନ୍ତି।



# ଜୋକୋଭିଚଙ୍କୁ ମିଳିଲା ଅଷ୍ଟ୍ରେଲିଆ ଭିଜା

**କାନବେରା,୧୭।୧୧(ପି.ଟି):** ସର୍ବିଆର ନୋଭାକ୍ ଜୋକୋଭିଚଙ୍କୁ ମିଳିଛି ଅଷ୍ଟ୍ରେଲିଆ ଭିଜା। ଗୁରୁବାର ଏହି ସୂଚନା ମିଳିବା ସହିତ ସେ ଆସନ୍ତା ବର୍ଷର ଅଷ୍ଟ୍ରେଲିଆନ ଓପନରେ ଅଂଶଗ୍ରହଣ କରିବା ଆପାତତଃ ସ୍ପଷ୍ଟ ହୋଇଛି। ୨୦୨୨ ଜାନୁୟାରୀରେ କୋଭିଡ୍-୧୯ ଟିକାକରଣ ବିବାଦ କାରଣରୁ ତାଙ୍କୁ ଅଷ୍ଟ୍ରେଲିଆରୁ ପ୍ରତ୍ୟର୍ପଣ କରାଯାଇଥିଲା। ଏହା ବିରୋଧରେ ସେ କୋର୍ଟରେ ଅପିଲ କରିଥିଲେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡିଥିଲା। ୩ ବର୍ଷ ପାଇଁ ଜୋକୋଭିଚଙ୍କ ଭିଜାକୁ ମଧ୍ୟ ରଦ୍ଦ କରି ଦିଆଯାଇଥିଲା। ମାତ୍ର ଅଷ୍ଟ୍ରେଲୀୟ ଭିଜା ନିୟମରେ ସଂଶୋଧନ ହେବା ପରେ ଅଷ୍ଟ୍ରେଲିଆନ୍ ଓପନରେ ତାଙ୍କର ଅଂଶଗ୍ରହଣ ସମ୍ଭାବନା ସୃଷ୍ଟି ହୋଇଥିଲା। ଗୁରୁବାର ପ୍ରବାସ ବିଭାଗ(ଇମିଗ୍ରେସନ୍) ମନ୍ତ୍ରୀ ଆଣ୍ଡ୍ର୍ୟୁ ଗାଇଲ୍ସ ଏନେଇ ସ୍ପଷ୍ଟୋକ୍ତି ପ୍ରଦାନ କରିବା ସହିତ ଜୋକୋଭିଚ୍‌ଙ୍କ ଭିଜାକୁ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଏହି ନିଷ୍ପତ୍ତି ଆସିବା ପରେ ଖୁସି ଜାହିର କରିଛନ୍ତି ୩୫ ବର୍ଷୀୟ ଜୋକୋଭିଚ୍। ଇଟାଲୀର ଟ୍ୟୁରିନରେ ଥିବା ଜୋକୋଭିଚ୍ ଆଣ୍ଡି ରୁବଲେଭ୍‌ଙ୍କୁ ପରାସ୍ତ ସେମିରେ ପ୍ରବେଶ କରିଛନ୍ତି। ଏହି ଖବର ମୋ ପାଇଁ ଅତ୍ୟନ୍ତ ଖୁସିର ଖବର ବୋଲି କହିଛନ୍ତି ଜୋକୋଭିଚ୍। ଅଷ୍ଟ୍ରେଲିଆନ୍ ଓପନରେ ମୁଁ ମୋର ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥାଏ। ଏଠାରେ ଅନେକ ସ୍ମୃତି ମଧ୍ୟ ରହିଛି। ରେକର୍ଡ ୯ ଥର ଜୋକୋଭିଚ୍ ଏହି ଟୁର୍ନାମେଣ୍ଟ ଜିତିବାରେ ସମର୍ଥ ହୋଇଛନ୍ତି। ଆସନ୍ତା ଜାନୁୟାରୀ ୧୬-୨୯ ମଧ୍ୟରେ ଅଷ୍ଟ୍ରେଲିଆନ୍ ଓପନ ଅନୁଷ୍ଠିତ ହେବ।

# ୱାର୍ମ ଅପ୍‌ରେ ଆର୍ଜେଣ୍ଟିନାର ବୃହତ୍ ବିଜୟ

ଆବୁଧାବି,୧୭।୧୧(ପି.ଟି)

ଅଧିନାୟକ ତଥା ଷ୍ଟାର ଫୁଟବଲର ଲିଓନେଲ ମେସି ଗୋଲ ସ୍କୋର କରିବା ସହିତ ୱାର୍ମଅପ ମ୍ୟାଚରେ ୟୁଏଇକୁ ୫-୦ରେ ପରାସ୍ତ କରିଛି ଆର୍ଜେଣ୍ଟିନା। ଏହି ବିଜୟ ସହିତ ଆର୍ଜେଣ୍ଟିନା କ୍ରମାଗତ ୩୬ତମ ମ୍ୟାଚରେ ଅପରାଜେୟ ଧାରା ବଜାୟ ରଖିଛି। ଆର୍ଜେଣ୍ଟିନା ପକ୍ଷରୁ ଆଞ୍ଜେଲ ଡି ମାରିଆ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ମେସି, ଅଲଭାରେଜ ଓ କୋରେଆ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୧୭ ମିନିଟରେ ଜୁଲିଆନ୍ ଅଲଭାରେଜ୍ ପ୍ରଥମ ଗୋଲ ସ୍କୋର କରିଥିଲେ। ଆଞ୍ଜେଲ ଡି ମାରିଆ (୨୫ ଓ ୩୬ ମିନିଟ୍) ପରବର୍ତ୍ତୀ ଦୁଇ ଗୋଲ ସ୍କୋର କରିଥିଲେ। ହାଫ୍ ଟାଇମର ଠିକ୍ ପୂର୍ବରୁ ଲିଓନେଲ୍ ମେସି ଗୋଲ କରିଥିଲେ। ତାଙ୍କର ୪୪ତମ ମିନିଟ ଗୋଲ ସହିତ ଆର୍ଜେଣ୍ଟିନା ୪-୦ରେ ଅଗ୍ରଣୀ ହାସଲ କରିଥିଲା। ଏହି ଗୋଲକୁ ମିଶାଇ ସେ ଅନ୍ତିମ ୫ ମ୍ୟାଚରୁ ୧୦ ଗୋଲ ସ୍କୋର କରିଛନ୍ତି। ଏହା ସହିତ ମେସିଙ୍କ ଅନ୍ତର୍ଜାତୀୟ ଗୋଲ ସଂଖ୍ୟା ୯୧ରେ ପହଞ୍ଚିଛି। ଜୋକ୍ୱିନ କୋରେଆ ୬୦ ତମ ମିନିଟରେ ୫ମ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ। ଏହି ମ୍ୟାଚରେ ଆର୍ଜେଣ୍ଟିନା ପକ୍ଷରୁ ୪ ଜଣ ଖେଳାଳିଙ୍କୁ ସବ୍‌ଷ୍ଟିଚ୍ୟୁଟ କରାଯାଇଥିଲେ ହେଁ ମେସିଙ୍କୁ ସମ୍ପୂର୍ଣ୍ଣ ୯୦ ମିନିଟ ପଡିଆରେ ରଖିଥିଲେ କୋଚ୍।

ଜର୍ମାନୀକୁ ଉଦ୍ଧାର କଲେ ଫୁଲକ୍ରଗ୍: ଜର୍ମାନୀ ଦଳ ପକ୍ଷରୁ ପଦାର୍ପଣରେ ଗୋଲ ସ୍କୋର କରିବା ସହିତ ୱାର୍ମଅପ୍‌ରେ ବିଜୟୀ କରିଛନ୍ତି ନିକଲାସ ଫୁଲକ୍ରଗ। ମାସ୍କଟରେ ଖେଳା ଯାଇଥିବା ଓମାନ ବିପକ୍ଷ ମ୍ୟାଚକୁ ୧-୦ରେ ଜିତି ନେଇଛି ଜର୍ମାନୀ। ଏହି ମ୍ୟାଚରେ ୧୭ ବର୍ଷୀୟ ୟୁସୌଫା ମୌକୋକୋ ପଦାର୍ପଣ କରିଥିଲେ। ଜର୍ମାନୀକୁ ଏକାଧିକ ଗୋଲ ସ୍କୋର କରିବାର ସୁଯୋଗ ମିଳିଥିଲେ ହେଁ ଦଳ ସ୍କୋର କରିବାରେ ବିଫଳ ହୋଇଥିଲା। ପ୍ରଥମ ହାଫ୍‌ରେ ମୌକୋକୋ ଓମାନ ଗୋଲପୋଷ୍ଟ ନିକଟରେ ପହଞ୍ଚିଥିଲେ ହେଁ ସ୍କୋର କରି ପାରି ନ ଥିଲେ। ଦ୍ୱିତୀୟ ହାଫ୍‌ରେ ମୌକୋକୋଙ୍କ ସବ୍‌ଷ୍ଟିଚ୍ୟୁଟ ଭାବରେ ଆସିଥିଲେ ଫୁଲକ୍ରଗ। ମ୍ୟାଚର ୮୦ ତମ ମିନିଟରେ ଫୁଲକ୍ରଗ ଗୋଲ ସ୍କୋର କରି ଜର୍ମାନୀକୁ ଜିତାଇଥିଲେ।

**ବାହାରେ ବସିଲେ ଲେୱାଣ୍ଡୋସ୍କି :** ପୋଲାଣ୍ଡର ରବର୍ଟ ଲେୱାଣ୍ଡୋସ୍କିଙ୍କୁ ୱାର୍ମ ଅପ୍ ମ୍ୟାଚରେ ବେଞ୍ଚରେ ବସିବାକୁ ପଡିଥିଲା। ପୋଲାଣ୍ଡ ଓ ଚିଲି ମଧ୍ୟରେ ହୋଇଥିବା ମ୍ୟାଚକୁ ଦଳ ୧-୦ରେ ଜିତି ନେଇଛି। କ୍ରିଷ୍ଟୋଫ୍ ପିଆଟେକ୍‌ଙ୍କ ଅନ୍ତିମ ମିନିଟ ଗୋଲ ବଳରେ ୱାର୍ସଓ୍ୱରେ ଖେଳା ଯାଇଥିବା ମ୍ୟାଚକୁ ଦଳ ଜିତି ନେଇଥିଲା। ସେହିପରି ସ୍ପେନର ଗିରୋନାରେ ଖେଳା ଯାଇଥିବା ୱାର୍ମ ଅପ୍ ମ୍ୟାଚକୁ ୨-୧ରେ ହାରିଯାଇଛି ମେକ୍ସିକୋ।

**ଜିତିଲା କ୍ରୋଏସିଆ :** ଆଣ୍ଡ୍ରେଜ କ୍ରାମାରିକଙ୍କ ୮୨ ତମ ମିନିଟ ଗୋଲ ବଳରେ ସାଉଦି ଆରବକୁ ପରାସ୍ତ କରଛି କ୍ରୋଏସିଆ। ରିୟାଧରେ ଖେଳା ଯାଇଥିବା ମ୍ୟାଚରେ ଦଳର ଷ୍ଟାର ଖେଳାଳି ଲୁକା ମୋଡ୍ରିକ୍ ମାତ୍ର ଅନ୍ତିମ ୨୫ ମିନିଟ ପଡିଆରେ ରହିଥିଲେ। ତେବେ ୫ ଜଣ ସାଉଦି ଡିଫେଣ୍ଡରଙ୍କୁ ପରାସ୍ତ କରି ନିଜର ବିଂଶତମ ଅନ୍ତର୍ଜାତୀୟ ଗୋଲ ସ୍କୋର କରିଥିଲେ କ୍ରାମାରିକ। କ୍ରୋଏସିଆ କୋଚ୍ ଜ୍ଲାଟକୋ ଡାଲିକ୍ ନିଜର ସମସ୍ତ ଷ୍ଟାର ଖେଳାଳିଙ୍କୁ ଧରି ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ମଇଦାନକୁ ଓହ୍ଲାଇଥିଲେ।




ଆଉ ୨ ଦିନ











4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ